# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୧/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 11/2020 | ★★★★★★

୪୬ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ମାର୍କେଟ ବିଲ୍ଡିଂରେ ଆତଙ୍କ

## ଯାହାକୁ ଦେଖିଲେ ପିଟିଲେ କଳାମୁଖା ପିନ୍ଧା ଦୁର୍ବୃତ୍ତ

- ୩୦ରୁ ଊର୍ଦ୍ଧ୍ୱ ଦୋକାନ ଚୂରମାର
- ୧୦ ମିନିଟ୍‌ରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ
- ୨ ଦୋକାନୀ ଗୁରୁତର, ୨ ଅଟକ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟା। ପ୍ରାୟ ୭୦ ଦୁର୍ବୃତ୍ତ ମୁହଁରେ କଳାମୁଖା ପିନ୍ଧି ଖଣ୍ଡା, ଭୁଜାଲି, ଠେଙ୍ଗା ଧରି ପଶିଆସିଥିଲେ ଜନଗହଳିପୂର୍ଣ୍ଣ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂକୁ। ଦେଖୁ ଦେଖୁ ଖେଳିଯାଇଥିଲା ଆତଙ୍କ। ଦୁର୍ବୃତ୍ତମାନେ କେଶରୀ ମଲ ସମ୍ମୁଖ ୩୦ରୁ ଊର୍ଦ୍ଧ୍ୱ ଦୋକାନକୁ ଭଙ୍ଗାରୁଜା କରିବା ସହ ଦୋକାନୀ, ଗ୍ରାହକ ଯାହାକୁ ଦେଖିଲେ ମରଣାନ୍ତକ ଆକ୍ରମଣ କଲେ। ଲୋକେ ପ୍ରାଣ ଭୟରେ ଏଣେ ତେଣେ ଦୌଡ଼ିଥିଲେ। ଅନେକେ କେଶରୀ ମଲ୍ ଭିତରକୁ ପଶି ସୁରକ୍ଷିତ ରହିବାକୁ ଚେଷ୍ଟା କରିଥିଲେ। ପ୍ରାୟ ୧୦ ମିନିଟ ଧରି ଆତଙ୍କ ଖେଳାଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ମାତ୍ର ଆକ୍ରମଣର ଶିକାର ୨ ଦୋକାନୀ ୨ ଆକ୍ରମଣକାରୀଙ୍କ ସହ ସାହସିକତାର ସହ ଲଢ଼ି ସେମାନଙ୍କୁ କାବୁ କରିନେଇଥିଲେ। ସେମାନଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଗୁରୁବାର ରାତିରେ ହାତଘଣ୍ଟା ଦୋକାନୀଙ୍କ ସହ ଜଣେ ଯୁବତୀଙ୍କ ମୂଲଚାଲକୁ ନେଇ ହୋଇଥିବା ବଚସା ଓ ମାରପିଟ୍‌ରୁ ଶୁକ୍ରବାର ଏଭଳି ହିଂସାକାଣ୍ଡ ☞ପୃଷ୍ଠା–୪



ଦୁର୍ବୃତ୍ତମାନେ କରିଥିବା ଭଙ୍ଗାରୁଜା।



ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକ ୩

**ଆଜିର ସମ୍ପାଦକୀୟ**

ଆଇପିଏସ୍ ଲଢ଼େଇ

# ଓଡ଼ିଶା ହରାଇବ ୩୦ ହଜାର କୋଟି

**ବର୍ଷେ ଘୁଞ୍ଚିଲା ପଞ୍ଚଦଶ ଅର୍ଥ କମିଶନ କାର୍ଯ୍ୟକାଳ**

- ୨୦୨୧-୨୨ରୁ ହେବ ୫ ବର୍ଷିଆ ଯୋଜନା
- ଅକ୍ଟୋବର ୩୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ କମିଶନଙ୍କୁ ନିର୍ଦ୍ଦେଶ
- ମାର୍ଚ୍ଚ ୩୧ ପୂର୍ବରୁ ସଂଶୋଧିତ ସ୍ମାରକପତ୍ର ଦାଖଲ ପରାମର୍ଶ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପଞ୍ଚଦଶ ଅର୍ଥ କମିଶନରେ ଓଡ଼ିଶାକୁ କେନ୍ଦ୍ରୀୟ ଟିକସ ବାବଦ ଅଂଶଧନ କମିବ। କମିଶନ ୨୦୧୧ ଜନସଂଖ୍ୟାକୁ ସଂଶୋଧିତ ମାନଦଣ୍ଡ ଭାବେ ଗ୍ରହଣ କରିଥିବାରୁ ରାଜ୍ୟ ପାଇଁ ବଡ ଆର୍ଥିକ କ୍ଷତି ହେବ। ଜନସଂଖ୍ୟା ନିୟନ୍ତ୍ରଣ ଏବଂ ଦାରିଦ୍ର୍ୟ ହ୍ରାସ ଯୋଗୁ ରାଜ୍ୟକୁ ବାର୍ଷିକ ପ୍ରାୟ ୫ରୁ ୬ ହଜାର କୋଟି ହିସାବରେ ୫ ବର୍ଷରେ ପ୍ରାୟ ୩୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି।

ଗତ ଦୁଇ ଦଶନ୍ଧି ଧରି ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯୋଗୁ ଦାରିଦ୍ର୍ୟ ହ୍ରାସ ପାଇବା ସହ ଜନସଂଖ୍ୟାକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ☞ପୃଷ୍ଠା–୪












"ହିଂସାକାଣ୍ଡରୁ କୌଣସି ସମାଧାନର ସୂତ୍ର ବାହାରି ନ ଥାଏ। ବିକାଶ ହାସଲ କରିବାକୁ ହେଲେ ଶାନ୍ତି ଅପରିହାର୍ଯ୍ୟ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ଅନ୍ତର୍ଜାତୀୟ ଗଣମାଧ୍ୟମ ହାତରେ ଦୁର୍ଘଟଣା ବେଳର ଭିଡିଓ

# ଇରାନ ଖସାଇଛି ୟୁକ୍ରେନ ବିମାନ

**ନ୍ୟୁୟର୍କ,୧୦।୧**



ଇରାନରେ ୟୁକ୍ରେନର ବିମାନ ଦୁର୍ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ନୁହେଁ, ବରଂ ମିଶାଇଲ ମାଡ଼ରେ ଏହା ଖସିପଡ଼ିଥିବା ଦାବି କରାଯାଉଛି। ଇରାନ ରାଜଧାନୀ ତେହେରାନସ୍ଥିତ ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ବୋଇଙ୍ଗ୍ ୭୩୭-୮୦୦ ବୁଧବାର ସକାଳ ୬ଟା ୧୨ ମିନିଟରେ ଉଡ଼ାଣ ଆରମ୍ଭ କରିଥିଲା। ହେଲେ ଏହାର ମାତ୍ର ୨ ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସମସ୍ତ ୧୭୬ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଇରାନ ଭୁଲବଶତଃ ଏହାକୁ ଟାର୍ଗେଟ କରି ଖସାଇଦେଇଛି ବୋଲି ଆମେରିକା ଦାବି କରୁଥିବାବେଳେ ନ୍ୟୁୟର୍କ ଟାଇମ୍ସ ଏବଂ ସିଏନ୍ଏନ୍ ସମେତ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ହାତରେ ଦୁର୍ଘଟଣା ବେଳର ଦୃଶ୍ୟ ଥିବା ୧୦ ସେକେଣ୍ଡ ଅବଧିର ଏକ ଭିଡିଓ ଲାଗିଛି। ବିମାନବନ୍ଦର ନିକଟରେ ଏକ କ୍ଷେପଣାସ୍ତ୍ର ବିମାନକୁ ମାଡ଼ କରିବା ପରେ ଏହା ତଳକୁ ଖସିପଡ଼ିଥିବା ଏଥିରେ ଦେଖିବାକୁ ମିଳିଛି। ତେଣୁ ଇରାନ ଭୁଲରେ ଏହାକୁ ଆମେରିକାର ବିମାନ ଭାବି ଖସାଇ ଦେଇଥାଇପାରେ ବୋଲି ଆଶଙ୍କା କରାଯାଉଛି।

ଜାନୁୟାରୀ ୩ରେ ଇରାକ ରାଜଧାନୀ ବାଗଦାଦସ୍ଥିତ ବିମାନବନ୍ଦରରେ ଆମେରିକା ସେନାର ରକେଟ ମାଡ଼ରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ଓ ଅନ୍ୟ କେତେଜଣ ଅଧିକାରୀ ନିହତ ହୋଇଥିଲେ। ଇରାନ ଏହାର ପ୍ରତିଶୋଧ ନେବାକୁ ଯାଇ ୮ ତାରିଖରେ ଇରାକର ଅଲ-ଅସାଦ୍ ଓ ଇର୍ବିଲ୍ସ୍ଥିତ ଆମେରିକାର ଦୁଇଟି ସେନାଘାଟିକୁ ଟାର୍ଗେଟ କରିଥିଲା। ଏହାର କିଛି ସମୟ ପରେ ୟୁକ୍ରେନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ଆସିଲା। ପ୍ରଥମେ ଏହାକୁ ଯାନ୍ତ୍ରିକ ତ୍ରୁଟିଜନିତ ବୋଲି କୁହାଯାଉଥିଲା। କିନ୍ତୁ ଇରାନର ମିଶାଇଲ ଆକ୍ରମଣ ପରେ ଏହି ଦୁର୍ଘଟଣା ଘଟିଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଲା। ଇତିମଧ୍ୟରେ ଦୁର୍ଘଟଣାସ୍ଥଳ ନିକଟରୁ ରୁଷିଆ ନିର୍ମିତ ଏକ ମିଶାଇଲର ଯନ୍ତ୍ରାଂଶ ମିଳିବା ପରେ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ତେଣୁ ୟୁକ୍ରେନର ୪୫ ଜଣିଆ ତଦନ୍ତକାରୀ ଦଳ ତେହେରାନରେ ପହଞ୍ଚି ଖୋଳତାଡ଼ କରୁଛନ୍ତି। ସେମାନେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବା ଲାଗି ଉଦ୍ୟମ ଜାରି ରଖିଥିବାବେଳେ ଏକ ଭିଡିଓ ସାମ୍ନାକୁ ଆସିଛି। ଉଡ଼ାଣ କରିବାର କିଛି ସମୟ ପରେ ପାରାଣ୍ଡ ସହର ଆକାଶରେ ବିମାନକୁ ଏକ କ୍ଷେପଣାସ୍ତ୍ର ଧକ୍କା ଦେଇଥିଲା। ଫଳରେ ଏହା ସିଗ୍ନାଲ ପ୍ରେରଣ କରିବା ବନ୍ଦ କରିଦେଇଥିଲା। କିନ୍ତୁ ଏଥିରେ ବିମାନ ବିସ୍ଫୋରଣ ହୋଇ ନ ଥିଲା। ଆଉ କିଛି ସମୟ ଉଡ଼ାଣ କରିବା ପରେ ବିମାନବନ୍ଦର ଆଡ଼କୁ ଏହା ଘୁଞ୍ଚି ଆସିଥିଲା। ତଳେ ଖସିପଡ଼ିବା ପୂର୍ବରୁ ଏଥିରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଭିବା ପରେ ଏହାର ଭଗ୍ନାବଶେଷ ଚତୁର୍ଦ୍ଦିଗରେ ବିଛାଡ଼ି ହୋଇ ପଡ଼ିଥିଲା। ଜିଓଲୋକେଶନ (ଭୂଅବସ୍ଥିତି) ଟେକ୍ନୋଲୋଜି ବ୍ୟବହାର କରି ଓ ଅନ୍ୟ କେତେକ ଜ୍ଞାନକୌଶଳ ପ୍ରୟୋଗ କରି ବେଲିଙ୍ଗ୍କେଟ ନାମକ ଏକ ନିରପେକ୍ଷ ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସ୍ପଷ୍ଟ କରିଛି ଯେ ଏହି ଭିଡିଓ ପାରାଣ୍ଡରେ ହିଁ ଶୁଟ୍ କରାଯାଇଛି। ସେହିପରି ମହାକାଶ ଜ୍ଞାନକୌଶଳ କମ୍ପାନୀ ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଗୁରୁବାର ଉପଗ୍ରହ ଜରିଆରେ ଦୁର୍ଘଟଣାସ୍ଥଳ ଆଖପାଖ ଅଞ୍ଚଳର ଚିତ୍ର ଉତ୍ତୋଳନ କରାଯାଇଛି। ଭିଡିଓ ଫୁଟେଜ୍ ଓ ଉପଗ୍ରହ ଫଟୋରେ ତାଳମେଳ ଖାଉଥିବା ନ୍ୟୁୟର୍କ ଟାଇମ୍ସ କହିଛି। ବେଲିଙ୍ଗକେଟ କହିଛି ଯେ, ଦୁଇଟି କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଥିବାବେଳେ ଏହାକୁ କେହି ରେକର୍ଡିଂ କରିବା ଆରମ୍ଭ କରିଥିଲେ। ନ୍ୟୁୟର୍କ ଟାଇମ୍ସ ମଧ୍ୟ କହିଛି, ପ୍ରଥମ ମିଶାଇଲ ଛଡ଼ାଯିବା ପରେ ଶବ୍ଦ ଶୁଣି ସମ୍ପୃକ୍ତ ବ୍ୟକ୍ତି ସେତେବେଳର ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ୍ କରିଥିଲେ।

## 'ଉଡ଼ାଣ ପରେ ଆପେ ଆପେ ଖସିପଡ଼େନି ବିମାନ'




ଇରାନ, ୟୁକ୍ରେନ ଓ ଆମେରିକାର ସରକାର ଏବେ ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିଛନ୍ତି। କେତେଜଣ ବିଶ୍ଳେଷକ ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଯୋଗୁ ବିମାନ ଖସିପଡ଼ିଥିବା ନେଇ ସାମ୍ନାକୁ ଆସିଥିବା ତଥ୍ୟ ସହ ଏକମତ ହୋଇଛନ୍ତି। ଆମେରିକାର ଟିଏଲ୍ ଗ୍ରୁପ୍ ଭାଇସ୍ ପ୍ରେସିଡେଣ୍ଟ ତଥା ଏରୋସ୍ପେସ୍ ଆନାଲିଷ୍ଟ ରିଚାର୍ଡ ଅବୋଉଲାଫିଆ କହିଛନ୍ତି, ବିମାନ ଉଡ଼ାଣ ଆରମ୍ଭ କରିବା ପରେ ଆପେ ଆପେ ଖସିପଡ଼େ ନାହିଁ। ୟୁକ୍ରେନ୍ ବିମାନକୁ ଏକ ଗ୍ରେନେଡ ମାଡ଼ ହୋଇଛି। ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଆକ୍ରମଣରେ ଏହା ଖସିପଡ଼ିଥିବା ଜଣାପଡୁଛି। ଏହା କୌଣସି ଯାନ୍ତ୍ରିକ ତ୍ରୁଟିଜନିତ ଦୁର୍ଘଟଣା ନୁହେଁ।

## ମିଶାଇଲ ମାଡ଼ ହୋଇଛି



ଇରାନର ମିଶାଇଲ ମାଡ଼ରେ ୟୁକ୍ରେନ ବିମାନ ଖସିପଡ଼ିଥିବା ଡଚ୍ ସାମରିକ ଗୋଇନ୍ଦା ସଂସ୍ଥା ଏମ୍ଆଇଭିଡି କହିଛି। କ୍ୟାବିନେଟ ବୈଠକ ପରେ ପ୍ରତିରକ୍ଷାମନ୍ତ୍ରୀ ଆଙ୍କ ବିଜ୍ଲେଭେଲ୍ଡ କହିଛନ୍ତି, ଏମ୍ଆଇଭିଡିଠାରୁ ମିଳିଥିବା ତଥ୍ୟାନୁସାରେ ଇରାନର ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଏହି ବିମାନ ସହ ମାଡ଼ ହୋଇଥିଲା। ଏଥିଯୋଗୁ ବିମାନ ଖସିପଡ଼ିଥିଲା। ସେହିପରି ଡଚ୍ ବହିର୍ବ୍ୟାପାର ମନ୍ତ୍ରୀ ଷ୍ଟେଫ୍ ବ୍ଲକ୍ ମଧ୍ୟ ବ୍ରସେଲ୍ସରେ ସମାନ କଥା କହିଛନ୍ତି।

## ତଦନ୍ତ ବିଶ୍ୱସନୀୟ ହେଉ: ଟ୍ରୁଡୋ



ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୭୬ ଯାତ୍ରୀଙ୍କ ମଧ୍ୟରୁ ୬୩ ଜଣ ଥିଲେ କାନାଡା ନାଗରିକ। ତେଣୁ ଦୁର୍ଘଟଣାର ବିଶ୍ୱସନୀୟ ଓ ସମ୍ପୂର୍ଣ୍ଣ ତଦନ୍ତ କରାଯାଉ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଦାବି କରିଛନ୍ତି। ଏହା ସହ ସେ ଦୁର୍ଘଟଣାସ୍ଥଳକୁ କାନାଡା ଓ ଅନ୍ତର୍ଜାତୀୟ ତଦନ୍ତକାରୀଙ୍କୁ ଯାଞ୍ଚ ପାଇଁ ଯିବାକୁ ଅନୁମତି ଦିଆଯାଉ ବୋଲି ଇରାନକୁ ଅନୁରୋଧ କରିଛନ୍ତି।

## ଖଣ୍ଡନ କଲା ଇରାନ

ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଇରାନ ଖଣ୍ଡନ କରିଛି। ଇରାନ ସରକାରଙ୍କ ମୁଖପାତ୍ର ଅଲି ରାବିଏଇ ଏକ ବିବୃତିରେ କହିଛନ୍ତି, ସମସ୍ତ ରିପୋର୍ଟ ଇରାନ ବିରୋଧରେ ଏକ ମାନସିକ ଯୁଦ୍ଧ। ଯେଉଁ ଦେଶର ନାଗରିକମାନେ ବିମାନରେ ଥିଲେ ସେହି ଦେଶଗୁଡ଼ିକ ନିଜ ପ୍ରତିନିଧିମାନଙ୍କୁ ପଠାଇପାରନ୍ତି। ବିମାନ କମ୍ପାନୀ ବୋଇଙ୍ଗ୍ ମଧ୍ୟ ତା'ର ପ୍ରତିନିଧି ଦଳକୁ ପଠାଉ। ବ୍ଲାକ୍ବକ୍ସକୁ ନେଇ ମିଳିତ ଭାବେ ତଦନ୍ତ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ଇରାନର ବେସାମରିକ ବିମାନ ଚଳାଚଳ ମୁଖ୍ୟ ଅଲି ଅବେଦ୍ଜାଦେ କହିଛନ୍ତି, ଆମ ଦେଶର କୌଣସି ମିଶାଇଲ ୟୁକ୍ରେନ ବିମାନକୁ ଧକ୍କା ଦେଇନାହିଁ। ବ୍ଲାକ୍ବକ୍ସକୁ ନେଇ ବିଭିନ୍ନ ପରୀକ୍ଷାନିରୀକ୍ଷା ଚାଲିଛି। ତଦନ୍ତ ପରେ ସତ ପଦାକୁ ଆସିବ।

## ଦେଶରେ ଲାଗୁହେଲା ସିଏଏ

**ନୂଆଦିଲ୍ଲୀ,୧୦।୧(ପି.ଟି.)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଶୁକ୍ରବାରଠାରୁ ଦେଶରେ ଲାଗୁ କରାଯାଇଥିବା କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଗେଜେଟ ବିଜ୍ଞପ୍ତି ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଆଶ୍ରୟ ନେଇଥିବା ଅଣମୁସଲମାନ ଶରଣାର୍ଥୀମାନଙ୍କୁ ଏହି ଆଇନରେ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହି ବିଲ୍ ଡିସେମ୍ବର ୧୧ରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ସିଏଏ ଅନୁଯାୟୀ ପଡୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପଳାଇ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନଙ୍କୁ ଆଉ ବେଆଇନ ଶରଣାର୍ଥୀ ବିବେଚିତ କରା ନ ଯାଇ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ପର୍ଯ୍ୟନ୍ତ ଏହି ଆଇନ ପାଇଁ ନିୟମାବଳୀ ଧାର୍ଯ୍ୟ କରିନାହାନ୍ତି।

## ଦୁର୍ଘଟଣାରେ ୨୦ ଯାତ୍ରୀ ଜଳିଗଲେ



**କନୌଜ,୧୦।୧:** ଉତ୍ତରପ୍ରଦେଶର କନୌଜ ଜିଲାରେ ଶୁକ୍ରବାର ଏକ ଘରୋଇ ଡବଲ ଡେକର ବସ୍ ସହ ଟ୍ରକ ମୁହାଁମୁହିଁ ଧକ୍କାଖାଇବା ପରେ ଗାଡ଼ି ଦୁଇଟିରେ ନିଆଁ ଲାଗିଯିବାରୁ ପ୍ରାୟ ୨୦ ଯାତ୍ରୀ ଜିଅନ୍ତା ଜଳି ଯାଇଥିବା ଜଣାପଡ଼ିଛି। ବସ୍‌ରେ ଥିବା ୫୦ ଯାତ୍ରୀଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ କେତେକ ଆହତ ହୋଇଥିବା ପ୍ରକାଶ। ସଙ୍ଗେ ସଙ୍ଗେ ଦମକଳ ବାହିନୀର କର୍ମଚାରୀମାନେ ସେଠାରେ ପହଞ୍ଚି ଘଣ୍ଟାକ ମଧ୍ୟରେ ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲାପାଳ ଓ ଏସ୍‌ପିଙ୍କୁ ଦୁର୍ଘଟଣାସ୍ଥଳକୁ ଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ୯ ଆକ୍ରମଣକାରୀ ଚିହ୍ନଟ

**ନୂଆଦିଲ୍ଲୀ,୧୦।୧(ପି.ଟି.)**



ଜେଏନ୍ୟୁ ହିଂସା

ଜେଏନ୍ୟୁ ହିଂସାକାଣ୍ଡ ଘଟଣାରେ ପୋଲିସ ୯ ଆକ୍ରମଣକାରୀଙ୍କୁ ଚିହ୍ନଟ କରି ଶୁକ୍ରବାର ସେମାନଙ୍କ ଫଟୋ ଜାରିକରିଛି। ସେମାନଙ୍କ ମଧ୍ୟରେ ଜେଏନ୍ୟୁ ଛାତ୍ର ସଂସଦ ସଭାନେତ୍ରୀ ଆଇଶେ ଘୋଷଙ୍କ ସମେତ ୭ ବାମପନ୍ଥୀ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ଅଛନ୍ତି। ୨ଜଣ ଭାଜପା ସହଯୋଗୀ ଏବିଭିପିର ଛାତ୍ରଙ୍କୁ ମଧ୍ୟ ପୋଲିସ ଚିହ୍ନଟ କରିଛି। ଘୋଷଙ୍କ ସମେତ ଚୁନ୍‌ଚୁନ୍ କୁମାର, ପଙ୍କଜ ମିଶ୍ର, ୱସ୍କର ବିଜୟ, ସୁଚେତା ତାଲୁକ୍‌ଦାର, ପ୍ରିୟରଞ୍ଜନ, ଦୋଲନ୍ ସାୱନ୍ତ, ଯୋଗେନ୍ଦ୍ର ଭରଦ୍ୱାଜ୍, ବିକାଶ ପଟେଲ୍‌ଙ୍କ ଫଟୋ ଜାରି କରାଯାଇଛି। ମାମଲାର ତଦନ୍ତ କରୁଥିବା ଡିସିପି(କ୍ରାଇମ ବ୍ରାଞ୍ଚ) ଜୟ ତିର୍କୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଧିକାଂଶ ଛାତ୍ରୀଛାତ୍ର ଜାନୁୟାରୀ ୧ରୁ ସେମିଷ୍ଟର ଲାଗି ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବାବେଳେ ବାମପନ୍ଥୀ ସମର୍ଥିତ ଛାତ୍ରୀଛାତ୍ରମାନେ ସେମାନଙ୍କୁ ବାରଣ କରିଥିଲେ। ବିଶ୍ୱବିଦ୍ୟାଳୟର ପେରିୟାର ହଷ୍ଟେଲରେ ସେମାନେ ପ୍ରଥମ ଆକ୍ରମଣ କରିଥିଲେ। ସଭାନେତ୍ରୀ ଘୋଷଙ୍କ ସମେତ କେତେକ ଛାତ୍ର ହଷ୍ଟେଲ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ ବୋଲି ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ସେପଟେ ଆକ୍ରମଣରେ ଆହତ ଘୋଷ ପୋଲିସର ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ କ'ଣ ପ୍ରମାଣ ରହିଛି ତାହା ସର୍ବସାଧାରଣରେ ପ୍ରକାଶ କରିବା ଜରୁରୀ ବୋଲି କହିଛନ୍ତି।

## ସହଯୋଗ କରିଥିଲା ପୋଲିସ

**ନୂଆଦିଲ୍ଲୀ,୧୦।୧**

### ଆକ୍ରମଣକାରୀ ଏବିଭିପି କର୍ମୀଙ୍କ ସ୍ୱୀକାରୋକ୍ତି

ଏବିଭିପି କର୍ମୀ ଅକ୍ଷତ ଅୱସ୍ତି ରବିବାର ଜେଏନ୍ୟୁ କ୍ୟାମ୍ପସ୍ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି କ୍ୟାମେରା ଆଗରେ ସ୍ୱୀକାର କରିଛନ୍ତି। ସେଠାରେ କର୍ତ୍ତବ୍ୟରେ ଥିବା ଜଣେ ପୋଲିସ ଅଫିସର ବାମଦଳ ସମର୍ଥିତ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ପାଇଁ ଆକ୍ରମଣକାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ହିଂସାକାଣ୍ଡ ବେଳେ କ୍ୟାମ୍ପସ୍‌ରେ ଥିବା ପୋଲିସ ଲାଇଟ ବନ୍ଦ କରିଦେଇଥିଲା ବୋଲି ଅୱସ୍ତି ଅଭିଯୋଗ କରିଛନ୍ତି। ଅକ୍ଷତ ଜେଏନ୍ୟୁରେ ଫ୍ରେଞ୍ଚ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ପ୍ରଥମ ବର୍ଷ ଛାତ୍ର। ରବିବାର ଆକ୍ରମଣ ସମୟର ଫଟୋରୁ ସେ ନିଜକୁ ଚିହ୍ନାଇବା ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଜଣେ କର୍ମୀ ବୋଲି ପରିଚୟ ଦେଇଛନ୍ତି।

## ଇରାନ ଉପରେ ନୂଆ କଟକଣା

**ୱାଶିଂଟନ,୧୦।୧ (ପି.ଟି.)**

### ଜାରି କଲା ଆମେରିକା



ଇରାକସ୍ଥିତ ଆମେରିକାର ସେନା ଶିବିରକୁ ମିଶାଇଲ ମାଡ଼ ପରେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଇରାନ ଉପରେ ନୂଆ କଟକଣା ଲଗାଯାଇଛି। ଆମେରକା ପରରାଷ୍ଟ୍ର ସଚିବ ମାଇକ ପମ୍ପିଓ ଏବଂ ଟ୍ରେଜେରି ସେକ୍ରେଟାରି ଷ୍ଟିଭେନ ମଚିନ ୱାଶିଂଟନରେ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଏହି ନୂଆ କଟକଣା ଇରାନର ୮ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଜାରି କରାଯାଇଛି। ଏମାନେ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟି ସହ ମଙ୍ଗଳବାର ଏୟାର ଷ୍ଟ୍ରାଇକ୍ କରାଇଥିଲେ। ଇରାନର ବୟନ, ନିର୍ମାଣ, ଉତ୍ପାଦନ କିମ୍ବା ଖଣି କ୍ଷେତ୍ରରେ ସମ୍ପୃକ୍ତ ଥିବା ଯେକୌଣସି ବ୍ୟକ୍ତିଙ୍କ ଉପରେ କଟକଣା ଲାଗୁ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଜାରି କରିବେ। ସେହିପରି ଇସ୍ପାତ ଓ ଲୌହ କ୍ଷେତ୍ର ବିରୋଧରେ ମଧ୍ୟ ପୃଥକ୍ କଟକଣା ଜାରି କରାଯିବ। ଏହି କାର୍ଯ୍ୟାନୁଷ୍ଠାନ ଫଳରେ ଆମେ ଇରାନକୁ ମିଳୁଥିବା କୋଟି କୋଟି ଡଲାର ସହାୟତା ବନ୍ଦ କରିଦେବୁ ବୋଲି ଷ୍ଟିଭେନ ମଚିନ କହିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ ଇରାନର ରିଭୋଲ୍ୟୁଶନାରି ଗାର୍ଡ ଜେନେରାଲ କାସିମ ସୋଲେମାନୀଙ୍କୁ ଡ୍ରୋନ୍ ଆକ୍ରମଣରେ ଆମେରିକା ହତ୍ୟା କରିଥିଲା। ଏହାର ସପ୍ତାହେ ନ ପୂରୁଣୁ ଇରାନ ଆମେରିକା ସେନାଘାଟିକୁ ଟାର୍ଗେଟ କରିଥିଲା।

## କଶ୍ମୀର: ୨୬ ଗୃହବନ୍ଦୀଙ୍କ ଉପରୁ ପିଏସ୍ଏ ହଟିଲା

**ଶ୍ରୀନଗର,୧୦।୧(ପି.ଟି.):** ଇଣ୍ଟରନେଟ ବନ୍ଦ ଏବଂ ଉପତ୍ୟକାରେ କଟକଣାକୁ ନେଇ ସୁପ୍ରିମକୋର୍ଟ ସରକାରଙ୍କୁ ସମାଲୋଚନା କରିବା ପରେ ଜମ୍ମୁ-କଶ୍ମୀର ପ୍ରଶାସନ ଅଟକ ଥିବା ୨୬ ଜଣଙ୍କ ଉପରୁ ସର୍ବସାଧାରଣ ନିରାପତ୍ତା ଆଇନ (ପିଏସ୍ଏ) ପ୍ରତ୍ୟାହାର କରିନେଇଛନ୍ତି। ସେମାନଙ୍କ ମଧ୍ୟରେ କଶ୍ମୀର ବାର୍ କାଉନସିଲ୍‌ର ପୂର୍ବତନ ଅଧ୍ୟକ୍ଷ ନାଜିର ଅହମଦ ରୋଙ୍ଗା ଅଛନ୍ତି। ୩୭୦ ଉଚ୍ଛେଦ ପରେ ସେମାନଙ୍କ ବିରୋଧରେ ପିଏସ୍ଏରେ ମାମଲା ଦାଏର କରାଯିବା ସହ ଅଟକ ରଖାଯାଇଥିଲା। ସେମାନଙ୍କୁ ଶନିବାର ମୁକ୍ତ କରାଯାଇପାରେ ବୋଲି ଜଣାପଡିଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଇଣ୍ଟରନେଟ ସେବା ମୌଳିକ ଅଧିକାର

**ନୂଆଦିଲ୍ଲୀ,୧୦।୧(ଆଇଏଏନ୍ଏସ୍)**



- ୭ଦିନ ମଧ୍ୟରେ ନିଷ୍ପତ୍ତିର ସମୀକ୍ଷା ପାଇଁ ସରକାରଙ୍କୁ ନିର୍ଦ୍ଦେଶ
- ରାୟକୁ ବିଭିନ୍ନ ମହଲରେ ସ୍ୱାଗତ

ସମ୍ବିଧାନର ଅନୁଚ୍ଛେଦ ୧୯ ଅନୁଯାୟୀ ଇଣ୍ଟରନେଟ ସେବା ପାଇବା ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ସ୍ପଷ୍ଟ କରିଦେଇଛନ୍ତି। ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ସରକାରୀ ୱେବସାଇଟ, ଇ-ବ୍ୟାଙ୍କିଙ୍ଗ୍ ସୁବିଧା, ହସ୍ପିଟାଲ ସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ପାଇବା ଲାଗି ତୁରନ୍ତ ଇଣ୍ଟରନେଟ ସେବା ଯୋଗାଇଦେବା ପାଇଁ ସର୍ବୋଚ୍ଚ ଅଦାଲତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅନ୍ୟାନ୍ୟ ସେକ୍ଟର ଏବଂ ଉକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଇଣ୍ଟରନେଟ ସେବା ଯୋଗାଇଦେବା ଲାଗି ରାୟରେ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ।

ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ସହ ସେଠାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ଆର୍. ସୁଭାଷ ରେଡ୍ଡୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସରକାର ତାଙ୍କର ନିଷ୍ପତ୍ତିର ସମୀକ୍ଷା କରିବାକୁ ଅଦାଲତ କହିଛନ୍ତି। ବିନା କାରଣରେ ଦୀର୍ଘଦିନ ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇପାରିବ ନାହିଁ। କାରଣ ମତବ୍ୟକ୍ତ କରିବା ଅଧିକାର ଭଳି ଇଣ୍ଟରନେଟ ସେବା ସ୍ୱାଭାବିକ ଭାବେ ମୌଳିକ ଅଧିକାର। ତେଣୁ ସରକାର ଏହି ସେବା ବନ୍ଦ କରିବା ନିର୍ଦ୍ଦେଶନାମା ସମେତ ଅନ୍ୟ ସମସ୍ତ ନିର୍ଦ୍ଦେଶର ସମୀକ୍ଷା ୭ ଦିନ ମଧ୍ୟରେ କରିବାକୁ ଖଣ୍ଡପୀଠ କହିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କିମ୍ବା ଭିନ୍ନମତକୁ ଇଣ୍ଟରନେଟ ସେବା ବନ୍ଦର କାରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଯେତେବେଳେ ସରକାର ଏହି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଲେ ସେତେବେଳେ ଏହାର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦେବାର ଥିଲା ବୋଲି କୋର୍ଟ କହିଛନ୍ତି।

ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ କଶ୍ମୀର ଉପତ୍ୟକାର ଜନସାଧାରଣ ସ୍ୱାଗତ କରିଛନ୍ତି। ଗତ ୫ ମାସ ହେଲା ଉପତ୍ୟକାରେ ଇଣ୍ଟରନେଟ ସେବା ବନ୍ଦ ରହିଥିବାବେଳେ ଶୁକ୍ରବାରର ରାୟ ଏକ ଖୁସି ଖବର ବୋଲି ସେମାନେ କହିଛନ୍ତି। ରାୟରେ କୁହାଯାଇଛି, ସିଆର୍‌ପିସିର ଧାରା ୧୪୪ ବାକ୍ ସ୍ୱାଧୀନତା ଏବଂ ଭିନ୍ନ ମତପୋଷଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାପିଦେଇପାରିବ ନାହିଁ। ଅଦାଲତଙ୍କ ରାୟକୁ ସ୍ୱାଗତ କରି କଂଗ୍ରେସ କହିଛି, ୨୦୨୦ରେ ଏହା ସରକାରଙ୍କୁ ପ୍ରଥମ ବଡ଼ ଝଟ୍‌କା। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନଙ୍କ ପାଇଁ ମାମଲା ଲଢୁଥିବା ବ୍ରିନ୍ଦା ଗ୍ରୋଭର କହିଛନ୍ତି। ସେହିପରି କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଐତିହାସିକ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ଅଦାଲତ ଜମ୍ମୁ-କଶ୍ମୀରବାସୀଙ୍କ ଅନୁଭବକୁ ବିଚାରକୁ ନେଇଥିବାରୁ ଆଜାଦ ଧନ୍ୟବାଦ ଜଣାଇଛନ୍ତି। ଏଭଳି ରାୟକୁ ସାରା ଦେଶ ଅପେକ୍ଷା କରିଥିଲା ବୋଲି ସେ କହିଛନ୍ତି। ଅଦାଲତଙ୍କ ରାୟ ଆସିବା ପରେ କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମଧ୍ୟ ରାୟକୁ ସ୍ୱାଗତ କରିଛି। ତୁରନ୍ତ ଇଣ୍ଟରନେଟ ସଂଯୋଗ ଦେବା ପାଇଁ ନ୍ୟାଶନାଲ କନ୍‌ଫରେନ୍ସ ନେତା ଦେବେନ୍ଦର ସିଂ ରାଣା ଦାବି କରିଛନ୍ତି।

## ଇତିହାସର ଆଇନାରେ — ଜାନୁୟାରୀ ୧୧ର ପ୍ରମୁଖ ଘଟଣା

୧୯୯୮ ଜାନୁୟାରୀ ୧୧ରେ ଆଲଜେରିଆର ସିଦ୍ଦି ହାମେଦ ସହରରେ ଗଣହତ୍ୟା କରାଯାଇଥିଲା। ଫିଲ୍ମ ଚାଲୁଥିବା ବେଳେ ଏକ କାଫେରେ ୫୦ ବନ୍ଧୁକଧାରୀ ପଶି ଆଖିବୁଜା ଗୁଳିମାଡ଼ କରିବାରୁ ପ୍ରାୟ ୧୦୦ ଜଣ ପ୍ରାଣ ହରାଇଥିଲେ।

୨୦୧୩ ଜାନୁୟାରୀ ୧୧ରେ ସୋମାଲିଆର ବୁଲୋ ମାରେର୍‌ଠାରେ ଅଲ୍ ସବାବ୍ ଆତଙ୍କବାଦୀଙ୍କ କବଳରୁ ଫ୍ରାନ୍ସର ଯବାନ ଡେନିସ ଆଲେକ୍ସଙ୍କୁ ଉଦ୍ଧାରକରିବା ଲାଗି ସେନା ଅପରେଶନ ବେଳେ ୧୭ ଆତଙ୍କବାଦୀ ପ୍ରାଣ ହରାଇଥିଲେ।

ଦୁବାଇ ଓ ଉତ୍ତର ଏମିରେଟ୍ସରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ଏଣିକି ତତ୍କାଳ ପାସ୍‌ପୋର୍ଟ ମିଳିବ। ଦୁବାଇରେ ଥିବା ଭାରତର କନ୍‌ସଲ ଜେନେରାଲ ବିପୁଲ ଏହା ଘୋଷଣା କରିଛନ୍ତି। ଦୁବାଇସ୍ଥିତ ବାଣିଜ୍ୟିକ ଦୂତାବାସରେ ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ସେ ଏହା କହିଛନ୍ତି।




# ‘ମୋ ସରକାର’ ଅଧୀନ ହେଲା ଗୃହନିର୍ମାଣ, ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶୁକ୍ରବାର ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ବିଭାଗରେ ଅଧିକ ପେସାଗତ ଦକ୍ଷତା ବୃଦ୍ଧି ସହ କର୍ମଚାରୀଙ୍କ ବ୍ୟବହାରିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଅଧୀନ ହେବାକୁ ଯାଉଛି। ସେହିକ୍ରମରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନ ହୋଇଛି। ବଢୁଥିବା ନଗରୀକରଣ ଏବଂ ବଢୁଥିବା ଆଧୁନିକ ଜୀବନଚର୍ଯ୍ୟାର ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି ସରକାରଙ୍କ ପ୍ରାଥମିକତା। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ମାନବିକ ଦୃଷ୍ଟିଭଙ୍ଗୀ ରଖି ଆଧୁନିକ ସୁଖସୁବିଧା ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତା ହିଁ ପ୍ରକୃତ ମାଲିକ। ଏହା ପ୍ରତ୍ୟେକ ସରକାରୀ କର୍ମଚାରୀ ମନେରଖିବା ଉଚିତ। ତେଣୁ ସାଧାରଣ ଜନତାଙ୍କ ସମ୍ମାନ ପାଇଁ ପ୍ରତି କର୍ମଚାରୀ କାର୍ଯ୍ୟ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିଭଳି ଗରିବ ସହରାଞ୍ଚଳ ଅଧିବାସୀଙ୍କୁ ଜାଗା ମିଶନ ଜରିଆରେ ଜମି ମଧ୍ୟ ଯୋଗାଇ ଦିଆଯାଇଛି। କେବଳ ଜମି ନୁହେଁ, ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୫୦,୦୦୦ ସହରୀ ପରିବାରଙ୍କୁ ଉତ୍ତମ ଜୀବନଧାରଣ ଭେଟି ଦିଆଯାଇଛି। ଏହି ପଦକ୍ଷେପ ପାଇଁ ନିକଟରେ ରାଜ୍ୟ ସରକାର ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ମଧ୍ୟ ଲାଭ କରିଛନ୍ତି। ସେହିପରି ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନରେ ଆହୁରି ଅଧିକ ସୁଦୃଢ଼ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏଥିପାଇଁ ଆବଶ୍ୟକ ଦକ୍ଷତା ବୃଦ୍ଧି, ବୈଷୟିକ ସହାୟତା, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏହା ନିଶ୍ଚୟ ମୋ ସରକାର କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

- ଅଧିକ ପେସାଗତ ଦକ୍ଷତା ବୃଦ୍ଧି, ବ୍ୟବହାରିକ ପରିବର୍ତ୍ତନକୁ ଗୁରୁତ୍ୱ
- ଜାଗା ମିଶନ୍ ପାଇଁ ସମ୍ମାନିତ ହୋଇଥିଲେ ରାଜ୍ୟ ସରକାର
- ଜନତା ହିଁ ବ୍ୟବସ୍ଥାରେ ପ୍ରକୃତ ମାଲିକ
- ୩୧ ସୁଦ୍ଧା ଆସିବ ସବୁ ବିଭାଗ

### ବାର୍ କାଉନସିଲକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ
## ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

ନୂଆଦିଲ୍ଲୀ,୧୦।୧: କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଓକିଲମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଥିବାରୁ ସୁପ୍ରିମକୋର୍ଟ ଏନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନ୍ୟାୟପାଳିକା କାର୍ଯ୍ୟରେ ବାଧା ସୃଷ୍ଟିକରୁଥିବା ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ବାର୍ କାଉନସିଲ ଅଫ୍ ଇଣ୍ଡିଆ ଓ ଓଡ଼ିଶା ବାର୍ କାଉନସିଲକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ସଞ୍ଜୟ୍ କିଶାନ କୌଲ ଓ ବିଚାରପତି କେ.ଏମ୍. ଯୋଶେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟଙ୍କୁ ମଧ୍ୟ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ର ଓକିଲ ଆନ୍ଦୋଳନ ନେଇ ମତ ରଖିଥିଲେ। ଆନ୍ଦୋଳନରତ ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ଓ ବାର୍ କାଉନସିଲ ଏନେଇ ପଦକ୍ଷେପ ନେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

Taste the difference! Vencobb FRESH CHICKEN
10.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 80 | 132 | 142 |
| DKL | 82 | 135 | 145 |
| BDK | 77 | 128 | 138 |
| BLS | 75 | 126 | 136 |
| ANG | 82 | 135 | 145 |
| BHM | 82 | 136 | 146 |

*Conditions Apply
Issued in the Interest of Consumers

# ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକ

## ପାରଳାଖେମୁଣ୍ଡି ରାଜସମାଧିସ୍ଥଳରେ ଶେଷକୃତ୍ୟ ସମ୍ପନ୍ନ

**ପାରଳାଖେମୁଣ୍ଡି, ୧୦।୧(ସ୍ୱ.ପ୍ର.)**
ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ଶୁକ୍ରବାର ସକାଳେ ୭୭ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବାବେଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭୋର୍ ୪ଟା ୨୦ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ୨୦୧୬ରେ ମହାରାଜା ଅସୁସ୍ଥ ହେବା ପରେ ପ୍ରଥମେ ତାଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ପରେ ପୁଣି ଅସୁସ୍ଥ ହେବା ଯୋଗୁ ୨୦୧୭ ଜାନୁୟାରୀରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ସେ କ୍ରମାଗତ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ।

୧୯୪୩ ମାର୍ଚ୍ଚ ୬ରେ ସେ ପାରଳା ରାଜପରିବାରରେ ଜନ୍ମ ନେଇଥିଲେ। ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପୁତ୍ର ରାମଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପୁତ୍ର। ୧୯୬୭ ମାର୍ଚ୍ଚ ୧୪ରେ ସେ ଧରମପୁରର ରାଜଜେମା ପୂର୍ଣ୍ଣଦେବୀଙ୍କୁ ବିବାହ କରି ଏକ କନ୍ୟା ଓ ପୁତ୍ର ସନ୍ତାନର ଜନକ ହୋଇଥିଲେ। ପୂର୍ବରୁ ରାମଚନ୍ଦ୍ର ଗଜପତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କ ଜ୍ୟେଷ୍ଠପୁତ୍ର ଗୋପୀନାଥଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପରଲୋକ ପରେ ୧୯୭୪ ମେ ୨୬ରେ ରାଜାଭିଷେକ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦାୟାଦ ଗୋପୀନାଥ ରାଜନୀତିରେ ପ୍ରବେଶ କରି ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ଥିଲେ। ୧୯୮୯ରେ ସେ ବ୍ରହ୍ମପୁର ଲୋକ ସଭା ଆସନରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ୨ଲକ୍ଷ ୩୨ ହଜାର ୦୮୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେହିପରି ୧୯୯୧ ଲୋକ ସଭା ନିର୍ବାଚନରେ ପୁଣି କଂଗ୍ରେସରୁ ପ୍ରାର୍ଥୀ ହୋଇ ୨ଲକ୍ଷ ୩୫ହଜାର ୨୬୦ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ପରେ ସେ ଭାଜପାରେ ଯୋଗଦେଇଥିଲେ। ୧୯୯୮ରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୦୯ରେ ସେ ବିଜେଡିରେ ଯୋଗଦେଇଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଗୋପୀନାଥଙ୍କ କନ୍ୟା ରାଜକୁମାରୀ କଲ୍ୟାଣୀ ଦେବୀ ବିଜେଡିରେ ଯୋଗଦେଇଥିଲେ। ଏପରିକି ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

ଅନ୍ୟପକ୍ଷରେ ଅପରାହ୍ଣ ୪ଟାରେ ଗୋପୀନାଥଙ୍କ ପାର୍ଥିବ ଶରୀର ପାରଳାଖେମୁଣ୍ଡିରେ ପହଞ୍ଚିଥିଲା। ତାଙ୍କ ମରଶରୀରକୁ ପାରଳା ରାଜପ୍ରାସାଦର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରାଯାଇଥିଲା ଏବଂ ଜନସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ରଖାଯାଇଥିଲା। ପୂର୍ବରୁ କଲ୍ୟାଣୀ ଦେବୀଙ୍କ ଭାଇ ଦିଗ୍‌ବିଜୟଙ୍କ ମୃତ୍ୟୁ ଘଟିସାରିଛି। ତେଣୁ ରାଜ ପରମ୍ପରା ଅନୁଯାୟୀ ଶୁକ୍ରବାର କଲ୍ୟାଣୀ ଦେବୀଙ୍କ ରାଜାଭିଷେକ କରାଯାଇଥିଲା। ତାଙ୍କୁ ରାଜପ୍ରାସାଦର ସିଂହାସନରେ ବସାଯାଇଥିଲା। ସେଠାରେ ସେ ଖଣ୍ଡା, ମୁକୁଟ ଆଦି ଧାରଣ କରିଥିଲେ। ତାଙ୍କର ଆଜ୍ଞା ମିଳିବାପରେ ଗୋପୀନାଥଙ୍କ ଶେଷକୃତ୍ୟ ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମରଶରୀରକୁ ରାଜପ୍ରାସାଦର ଦକ୍ଷିଣ ଦ୍ୱାର ଦେଇ ଜଙ୍ଗମ ସାହି ନିକଟ ରାଜସମାଧିସ୍ଥଳକୁ ନିଆଯାଇଥିଲା। ଏହି ଅନ୍ତିମ ଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସହ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ପ୍ରମୁଖ ସାମିଲ ହୋଇଥିଲେ। ସମାଧିସ୍ଥଳରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ସହ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୋପୀନାଥ ଗଜପତିଙ୍କ ପରଲୋକରେ କେବଳ ଗଜପତି ଜିଲା ନୁହେଁ, ସମଗ୍ର ରାଜ୍ୟରେ ଶୋକପ୍ରକାଶ ପାଇଛି।

### କଲ୍ୟାଣୀ ଦେବୀଙ୍କ ରାଜାଭିଷେକ





ODISHA ONE

୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ
୧୧ ଜାନୁଆରୀ - ୧୭ ଜାନୁଆରୀ, ୨୦୨୦

ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ଆମ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ମାସର ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳନ କରାଯାଉଥିବା ଆନନ୍ଦର କଥା।

ବେପରୁଆ ଗାଡ଼ି ଚାଳନା, ସଡ଼କ ସୁରକ୍ଷା ନିୟମ ଉଲଙ୍ଘନ ଏବଂ ସଡ଼କ ବ୍ୟବହାରକାରୀ ମାନଙ୍କ ଅସାବଧାନତା ଦୁର୍ଘଟଣାର ମୁଖ୍ୟ କାରଣ। ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ଜନ ସଚେତନତାର ବିଶେଷ ଭୂମିକା ରହିଛି।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କ ସହଯୋଗ କାମନା କରିବା ସହ ସଡ଼କ ସୁରକ୍ଷା ନିୟମକୁ ଆନ୍ତରିକତାର ସହ ପାଳନ କରିବା ନିମନ୍ତେ ଆହ୍ୱାନ ଜଣାଉଛି।

ଜୀବନ ଅମୂଲ୍ୟ। ଏହା ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।



“ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ”
ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଟ୍ରାଫିକ୍ ନିୟମ ମାନନ୍ତୁ, ଓଡ଼ିଶାକୁ ଦୁର୍ଘଟଣା ମୁକ୍ତ କରନ୍ତୁ

**ଆଜିର ମନ୍ତବ୍ୟ**

ସିପିଆଇ, ସିପିଏମ୍, ଏଏପି ଭଳି ଦଳ ନିଜ ସ୍ୱାର୍ଥ ପାଇଁ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରୁଛନ୍ତି। –ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩.୬୮ ବିଲିୟନ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୬୧.୧୬ ବିଲିୟନ ଡଲାର ସ୍ତର ଛୁଇଁଛି। – ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଓଡ଼ିଶା ହରାଇବ ...

ରାଜ୍ୟଗୁଡ଼ିକୁ ଅଧିକ କ୍ଷତି ସହିବାକୁ ପଡ଼ିଛି। ଏହାକୁ ଓଡ଼ିଶା, ପଶ୍ଚିମବଙ୍ଗ, କେରଳ ସମେତ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି। ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ୧୯୭୧ ଜନଗଣନାକୁ ମାନଦଣ୍ଡ ରୂପେ ଧରି ଟିକସକୁ ଭାଗ କରିବାକୁ କେନ୍ଦ୍ର ସରକାରଙ୍କୁ ଉକ୍ତ ରାଜ୍ୟଗୁଡ଼ିକ ସ୍ମାରକପତ୍ର ଦେଇଛନ୍ତି। ଏଥିଯୋଗୁ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅର୍ଥ କମିଶନ କାଳରେ ରାଜ୍ୟକୁ କେନ୍ଦ୍ରୀୟ ଟିକସ ଭାଗ ୪.୭୮ ପ୍ରତିଶତରୁ ୪.୬୬ ପ୍ରତିଶତକୁ ଖସି ଯାଇଥିଲା। ପଞ୍ଚଦଶ ଅର୍ଥ କମିଶନରେ ଏହା ଆହୁରି ହ୍ରାସ ପାଇବ। ୧୯୭୧ ଜନସଂଖ୍ୟାକୁ ମାନଦଣ୍ଡଭାବେ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏ ନେଇ ଏକ ଚିଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଛନ୍ତି। ୨୦୧୧ ଜନସଂଖ୍ୟା ଅନୁଯାୟୀ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଭଳି ଜନବହୁଳ ରାଜ୍ୟକୁ ଅଧିକ ଫାଇଦା ମିଳିବ।

ଅନ୍ୟପକ୍ଷରେ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅବଧିକୁ ୧ ବର୍ଷ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କମିଶନ ଏକ ବର୍ଷିକିଆ ସ୍ୱତନ୍ତ୍ର ରିପୋର୍ଟ ପ୍ରଦାନ କରିବେ। ୨୦୨୧-୨୨ରୁ ୨୦୨୫-୨୬ ଯାଏ ଆଉ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମଥର ଲାଗି ବର୍ଷିକିଆ ରିପୋର୍ଟ ଦେବାକୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏ ନେଇ ଅର୍ଥ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରଥମ ବୃତାନ୍ତ ରିପୋର୍ଟ ଚଳିତବର୍ଷ ଅକ୍ଟୋବର ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ୨୦୨୧ ଏପ୍ରିଲ ପହିଲାରୁ ୫ ବର୍ଷିଆ ରିପୋର୍ଟ ପ୍ରସ୍ତୁତ କରିବାକୁ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକ ପାଇଁ କମିଶନଙ୍କ କାର୍ଯ୍ୟକାଳ ଘୁଞ୍ଚିଯାଉଥିବାରୁ ପୁଣି ଥରେ ରାଜ୍ୟ ସରକାରଙ୍କୁ ସଂଶୋଧିତ ସ୍ମାରକ ପତ୍ର(ମେମୋରାଣ୍ଡମ)୨୦୨୦ ମାର୍ଚ୍ଚ ୩୧ ପୂର୍ବରୁ କମିଶନଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ହଟିବା ପରେ ସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ କମିଶନଙ୍କ କାର୍ଯ୍ୟକାଳ ବର୍ଷକ ପାଇଁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟକୁ ୬୯,୩୧୬ କୋଟି ଟଙ୍କା ମିଳିଥିବାବେଳେ ଚତୁର୍ଦ୍ଦଶ କମିଶନଙ୍କ କାଳରେ ଏହା ୧.୮୪ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା। ରାଜ୍ୟର କେନ୍ଦ୍ରୀୟ ଟିକସ ଅଂଶ ୩୨ ପ୍ରତିଶତରୁ ୪୨ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ତେବେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସଂଶୋଧିତ କ୍ରାଇଟେରିଆ ଯୋଗୁ ଓଡିଶାର କେନ୍ଦ୍ରୀୟ ଟିକସ ଆବଣ୍ଟନ

## ପ୍ରଥମ ପୃଷ୍ଠାରୁ...

କ୍ଷେତ୍ର(ଡିଭିଜିବଲ ପୁଲ) ତଳକୁ ଖସି ଯାଇଥିଲା। ଏହାଦ୍ୱାରା ରାଜ୍ୟକୁ ବାର୍ଷିକ ୩ରୁ ୪ ହଜାର କୋଟି ଟଙ୍କା ବାର୍ଷିକ କ୍ଷତି ସହିବାକୁ ପଡ଼ିଥିଲା। ଏହି ବ୍ୟବସ୍ଥା ନ ବଦଳିଲେ ପୁଣି ରାଜ୍ୟକୁ ଘାଟା ହେବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ-୨୮୦ ଅନୁଯାୟୀ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକ୍ରମେ ଏନ.କେ. ସିଂଙ୍କ ଅଧ୍ୟକ୍ଷତାରେ ପଞ୍ଚଦଶ ଅର୍ଥ କମିଶନ ଗଠନ କରାଯାଇଛି। ୨୦୧୯ ଜାନୁୟାରୀ ୮ ତାରିଖରେ ଗଠିତ ପଞ୍ଚଦଶ ଅର୍ଥ କମିଶନ ୪ ଦିନିଆ ଓଡିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ସଚିବ ଏବଂ ଅନ୍ୟ ଅଧିକାରୀଙ୍କ ସହ ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ପଞ୍ଚାୟତ ପ୍ରତିନିଧି, ପୌର ସଂସ୍ଥା ପ୍ରତିନିଧି, ବିଭିନ୍ନ ଶିଳ୍ପ ସଂଗଠନ, ରାଜନୈତିକ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଦାରିଦ୍ର୍ୟ ହାର କମାଇବା ଓ ମୁଣ୍ଡପିଛା ଆୟ ବୃଦ୍ଧି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଥିଲେ। ୨୦୧୯ ନଭେମ୍ବର ୩୦ ତାରିଖ ସୁଦ୍ଧା କମିଶନ ତାଙ୍କର ପ୍ରାଥମିକ ରିପୋର୍ଟ ଦାଖଲ କରିସାରିଛନ୍ତି।

## ମାର୍କେଟ ବିଲ୍ଡିଂରେ ...

ଘଟିଛି ବୋଲି ଡିସିପି ଅନୁପ କୁମାର ସାହୁ କହିଛନ୍ତି। ଘଟଣା ପଛରେ ଅନ୍ୟ କାରଣ ମଧ୍ୟ ଥାଇପାରେ। ଏନେଇ ତଦନ୍ତ ଜାରି ରହିବା ସହ ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ସେ କହିଛନ୍ତି। ସୂଚନା ମୁତାବକ କେଶରୀ ମଲ ସମ୍ମୁଖ ରାସ୍ତାକଡ଼ରେ ଥିବା ଆମୋଦ କୁମାର ଶାହାଙ୍କ ଏକ ଘଣ୍ଟା ଦୋକାନକୁ ଗୁରୁବାର ରାତି ସାଢେ ୯ଟାରେ ଜଣେ ଯୁବତୀ ଆସିଥିଲେ। ଆମୋଦ ଘଣ୍ଟାର ଦାମ ୨୫୦ ଟଙ୍କା କହିଥିଲେ, ମାତ୍ର ଯୁବତୀ ଜଣକ ତାହାକୁ ୧୦୦ ଟଙ୍କାରେ ନେବାକୁ ଚାହିଁଥିଲେ। ମୂଲ୍ୟ ୧୫୦ ଟଙ୍କାରୁ କମ୍ ନ ହେବାରୁ ସେ ରାଗରେ ଘଣ୍ଟାକୁ ଆମୋଦଙ୍କ ଉପରକୁ ଫିଙ୍ଗିଦେଇଥିଲେ। ଆମୋଦ ବିରୋଧ କରିବାରୁ ଯୁବତୀ ତାଙ୍କର ୪ ସହଯୋଗୀଙ୍କୁ ଡକାଇଥିଲେ। ସେମାନେ ପହଞ୍ଚି ଅମୋଦଙ୍କୁ ମାଡ଼ ମାରିଥିଲେ। ସ୍ଥାନୀୟ ଦୋକାନୀମାନେ ବିରୋଧ କରିବା ସହ ପିସିଆର ଡକାଇ ଉକ୍ତ ଯୁବକମାନଙ୍କୁ କ୍ୟାପିଟାଲ ଥାନାକୁ ପଠାଇଥିଲେ। ଉଭୟ ପକ୍ଷରୁ ଥାନାରେ ସମାଧାନ ହୋଇଥିଲା। କିନ୍ତୁ ଏହି ଘଟଣାକୁ ନେଇ ଶୁକ୍ରବାର ହିଂସାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇ ଛାନ୍‌ଭିନ୍ ଚଳାଇଛି। ଅନ୍ୟପକ୍ଷରେ ୨ ଆକ୍ରମଣକାରୀଙ୍କୁ ଧରିଥିବା ୨ ଦୋକାନୀ ଧର୍ମେନ୍ଦ୍ର ସାହୁ ଓ ଶିବନାଥ କୁମାରଙ୍କ ମୁଣ୍ଡ ଫାଟିଯାଇଛି। କ୍ୟାପିଟାଲ ଥାନା ପୋଲିସ ସେମାନଙ୍କୁ ହସ୍ପିଟାଲ ପଠାଇବା ସହ ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମସ୍ତ ଆକ୍ରମଣକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପ୍ରିୟରଞ୍ଜନ ନାୟକ



ଇଶାନ ସରବଜିତ୍ ସାହୁ



ଝୁମା ବେହେରା



ସସ୍ମିତା ବାରିକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପ ମଙ୍ଗଳ ସ୍ୱଗୃହୀ ହେଲେ ମଧ୍ୟ ବାଧକାଧିପ ଶନିଙ୍କ ନକ୍ଷତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣତଃ ଉପଶମ ନ ହୋଇପାରେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ରର ଅସନ୍ତୋଷ ଆପୋସ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ।

**ବୃଷ** ରାଶ୍ୟାଧିପ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପ୍ରତ୍ୟେକ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଲୋକସମ୍ପର୍କ, ବ୍ୟବସାୟିକ ସ୍ଥିତି, ପୂର୍ବ ସ୍ଥିରୀକୃତ କାର୍ଯ୍ୟ,ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** କୌଣସି ହିତୈଷୀ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଦୁଷ୍ଟ ମାନସିକତାରେ ପରିବର୍ତ୍ତନ ଘଟିପାରେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିବ। ଶୁକ୍ରଙ୍କ ଶୁଭଦୃଷ୍ଟିରୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ରାଜଯୋଗକାରକ ମଙ୍ଗଳଙ୍କ ସୁପ୍ରଭାବରୁ କାର୍ଯ୍ୟସିଦ୍ଧି,ବନ୍ଧୁପ୍ରୀତି,ଅର୍ଥଲାଭ, ଶୁଭଖବରାଦି ପ୍ରାପ୍ତହେବ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କାର୍ଯ୍ୟରେ ସାମୟିକ ସମସ୍ୟା ସୃଷ୍ଟି କଲେ ମଧ୍ୟ ଆପଣଙ୍କ କର୍ମପ୍ରବାହର ଗତିରୋଧ ହେବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ସିଂହ** ମଙ୍ଗଳପ୍ରଦ ମଙ୍ଗଳ ଅମଙ୍ଗଳ ବିନାଶକରି ମାଙ୍ଗଳିକ କାମପାଇଁ ମାର୍ଗ ଉନ୍ମୁକ୍ତ କରିବେ। ଲୋକସମ୍ପର୍କ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହେବେ। କିନ୍ତୁ ମଘା ନକ୍ଷତ୍ର ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମପାଇଁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି।

**କନ୍ୟା** ଚତୁର୍ଥ ଓ ଦଶମସ୍ଥାନ ପାପାକ୍ରାନ୍ତ ଯୋଗୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। ସମ୍ପର୍କୀୟମାନେ ବିରୁଦ୍ଧାଚରଣ କରିବେ। ସଭାସମିତିରେ, ଆଲୋଚନା ଅବସରରେ ସମ୍ମାନଜନକ ସ୍ଥିତିରେ ରହିପାରନ୍ତି। ଯାତ୍ରା,ବାଣିଜ୍ୟ, ଶିଳ୍ପ, ପ୍ରକଳ୍ପାରମ୍ଭ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା** ଆଜି ଶୁକ୍ରଙ୍କ ସ୍ଥାନ ସ୍ଥିତିରୁ ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମୟ ଅତିବାହିତ କରିବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ । ଘରୋଇ ବ୍ୟାପାରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ବିଛା** ଏକାଧିକ ଗ୍ରହ ଧନସ୍ଥାନସ୍ଥ ଯୋଗୁ ବିଭିନ୍ନ କାମରୁ ଅର୍ଥଲାଭର ସମ୍ଭାବନା ରହିଛି। କିନ୍ତୁ କଥାବାର୍ତ୍ତା କିମ୍ବା ବ୍ୟବହାରରେ କୌଣସି ବ୍ୟତିକ୍ରମ ଅଶାନ୍ତ ସ୍ଥିତି ଉତ୍ପନ୍ନ କରିପାରେ। ଯାତ୍ରା,ବାଣିଜ୍ୟ,ପରିବହନ,କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରୀତିପ୍ରଦ ରହିବ। ନିକଟ ସମ୍ପର୍କୀୟ ମାନଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ** ରାଶିରେ ଏକାଧିକ ଗ୍ରହ ଦୈହିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ପତିଆରା ବୃଦ୍ଧି ପାଇବ ଓ ବିଜୟୀ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ସୂଚନା ରହିଛି । ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର** ଶୁକ୍ର ପ୍ରଭାବରେ ମନକୁ ସୁହାଇଲା ଭଳି କଥା କହିକାମ ହାସଲ କରିପାରିବେ। କିନ୍ତୁ ଶ୍ରବଣା ନକ୍ଷତ୍ର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ସାଧାରଣ ଯୁକ୍ତିତର୍କଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଦ୍ୱାଦଶସ୍ଥ ଶୁକ୍ର ବିଳାସବ୍ୟସନ ଓ ମନୋରଞ୍ଜନର ମଉକା ସୃଷ୍ଟି କରିପାରନ୍ତି। କିନ୍ତୁ ଶତଭିଷା ନକ୍ଷତ୍ରର ଅଭାବ ନ ଥିଲେ ମଧ୍ୟ ଅର୍ଥ ସମ୍ପର୍କିତ କାମରେ ଅସ୍ଥିରତା ଲାଗି ରହିବ। ଅନ୍ୟ ମାନଙ୍କ କଥାରେ ପ୍ରଭାବିତ ହେବା ସହ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହେବେ। ନିଜ ପରିବେଶରେ କିମ୍ବା ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧିଘଟିବ।

**ମୀନ** ପାପଗ୍ରହ ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣା ଅଭାବରୁ ଅଶାନ୍ତ ରହିବ। ଗାଡ଼ି,ମୋଟର ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ । ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ରହିବ ନାହିଁ। ଆଜି ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୧ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ମାଘ କୃଷ୍ଣ ପ୍ରତିପଦା ଶନିବାର, ମାଘମାସ ବ୍ରତାରମ୍ଭ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୭।୧୧ମି. ମଧ୍ୟେ ଘ୧୨।୧୬ମି. ଗତେ ଘ୩।୧୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୯।୧୧ମି. ଗତେ ଘ୧୦।୩୩ମି.ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**real estate**

**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68453

Plot, Flat, Simplex, Duplex sale in BBSR. Contact: 7873616375, 6372322064. D-68751

2BHK flats near Hanspal. Contact: 7873616375. D-68752

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

ଭୁବନେଶ୍ୱର କଟଣାଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

8250+sqft. commercial property with gharabari conversion and borewell for sale just 4KM from Pipili bypass Rs. 898/- per sqft. Contact Suraj, 9776560922, 9776475755. D-16129

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68749

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68536

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ଜାଗମରା Malick Complex ପାଖରେ 3ଟି ଘରବାରି plot ବିକ୍ରିହେବ। Contact: 9778928492. D-68325

CV Raman College ପାଖରେ 2000sqft. yellowzone plot ବିକ୍ରିହେବ। Contact: 9778928492. D-68326

Gharabari residential eastfacing plots Tankapaniroad Saimandir, sqft. 1600/-, possession immediately, boundary free. Booking 2BHK Simplex near B.J.E.M-(2), 16,80,000/- 7735738102. D-16126

24000 sft gharabari plot with boundary just 6.5km from Phulnakhara towards Niali, ideal for plotting project- 8658182243. D-68047

**2800 sft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68048

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16130

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

2000sqft. commercial space with two toilet in 1st floor near KIIT Campus 14, Central Library KIIMS Hospital. Contact: 6371665313. D-68537

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68750

Refresh your mind and soul with best therapy at Orchid Salon/Spa. 9937287222. D-68745

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Completely stress management therapy, visit us our clinic. Contact: 7852986810. D-68532

Ayurvedic full body massage ladies and gents. Contact: 9861064981. D-68746

Sai herbal spa refresh your body with smart, expert therapist. 7608062524. D-68954

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies/gents smart experts therapist:- 8480939300. D-68753



## ଜିଲା ଚିଠି
## ନୂଆପଡ଼ା

# ହୁଗୁଳା ଉନ୍ନୟନ

ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ଏହାକୁ ହିଁ ଉନ୍ନୟନ ବୋଲି କୁହାଯାଏ । ଏଥିରେ ଖିଲାପ ହେଲେ ପ୍ରଶାସନ ବାଟ ହୁଡୁଛି ବୋଲି ସମାଲୋଚନା କରାଯାଏ । ବିଶେଷ କରି ସାଧାରଣ ନିର୍ବାଚନ ପରର ଚିତ୍ରକୁ ପର୍ଯ୍ୟାଲୋଚନା କରାଗଲେ ନୂଆପଡା ଜିଲାରେ ବିକାଶ ଯେମିତିକି ଦିଗହରା ହୋଇପଡିଥିବା ପରିଲକ୍ଷିତ ହେଉଛି । ପ୍ରଥମେ ସ୍ୱାସ୍ଥ୍ୟ କଥା ଯଦି ବିଚାରକୁ ନିଆଯାଏ ତେବେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସୁଉଚ୍ଚ ଅଟ୍ଟାଳିକା ସବୁ ଅଛି । ହେଲେ ଆବଶ୍ୟକ ଡାକ୍ତର ନାହାନ୍ତି । ଯେଉଁମାନେ ବି ଅଛନ୍ତି ସେମାନେ କେବଳ କାଗଜକଲମରେ କାମ କରୁଛନ୍ତି । ପ୍ରକୃତ ପକ୍ଷେ ସେମାନେ ଏଠି ହାଜିରା ମାରି ରାଜଧାନୀରେ ଯାଇ ବ୍ୟବସାୟ କରୁଛନ୍ତି । ଗରିବ ଖଟିଖିଆ ସରକାରୀ ମୁକ୍ତ ସେବା ପାଇବା ବଦଳରେ ଗହଣା ଓ ଜମି ବିକି ସେବା କିଣୁଛନ୍ତି। ଗମନାଗମନ କଥା ହିସାବକୁ ନିଆଗଲେ ଏଠାରେ ବହୁ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠିକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସୁନାବେଡା ଉପତ୍ୟକା ଭଳି ଜାଗାରେ ୧୨ଟି ପ୍ରଧାନମନ୍ତ୍ରୀ ସଡ଼କ ଅଧାପନ୍ତରିଆ ହୋଇ ୫ ବର୍ଷ ହେଲା ପଡିରହିଛି । କେବଳ ନେତା ପୋଷା ନୀତିରେ ଛୋଟକାଟିଆ ରାସ୍ତା ତିଆରିରେ ପ୍ରଶାସନ ମୁଣ୍ଡ ଖେଳାଇ ବହୁ କୋଟି ଟଙ୍କା ଶେଷ କରୁଛି। ଦୁର୍ଗମ ଅଞ୍ଚଳରେ ରାସ୍ତା ନାହିଁ ବୋଲି ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି । ବିଦ୍ୟୁତ୍ ସେବା ଜିଲାରେ ଅଧାପନ୍ତରିଆ ହୋଇପଡିଛି। ସୁନାବେଡା ଉପତ୍ୟକାରେ ଥିବା ୫୨ଟି ଛୋଟବଡ ଗାଁକୁ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଛି । ରୋଜଗାର କଥା କହିଲେ ଏଥିରେ କୌଣସି ଗ୍ୟାରେଣ୍ଟି ନାହିଁ । ଏହା ଏକ ଦାଦନ ପ୍ରବଣ ଜିଲା ହେତୁ ଲୋକଙ୍କୁ ରୋଜଗାର ଗ୍ୟାରେଣ୍ଟି ଦେବାକୁ ସରକାର ଏଠାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ସଶକ୍ତ କରିଥିବା କୁହାଯାଉଛି। ହେଲେ ସବୁ ଯୋଜନା ଫେଲ ମାରିଛି । ଏଠାରୁ ଦିନକୁ ଦିନ ଦାଦନ ଚାଲାଣ ସଂଖ୍ୟା ବଢିଚାଲିଛି । ଗତ ନଭେମ୍ବର ସୁଦ୍ଧା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଜିଲାବ୍ୟାପୀ ୪ କୋଟି ଟଙ୍କାର ମଜୁରି ଟଙ୍କା ବକେୟା ପଡିଛି । ଲୋକେ କାମ କରି ମଜୁରି ଟଙ୍କା ନ ମିଳିବାରୁ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିଗଲେଣି । ଜିଲାରୁ ଗତବର୍ଷ ୨୦ହଜାର ପରିବାର ଦାଦନ ଖଟିଯାଇଥିବାବେଳେ ଚଳିତବର୍ଷ ଏହା ୩୦ ହଜାରକୁ ଟପିଗଲାଣି। ସେହିଭଳି ଚାଷୀଙ୍କୁ ସହାୟତା କଥା କହିଲେ ତେଲିଆ ମୁଣ୍ଡରେ ତେଲ ସଦୃଶ ପ୍ରକୃତ ଚାଷୀଙ୍କୁ ଟଙ୍କା ମିଳୁନାହିଁ। ଧାନ କିଣାବେଳେ ପ୍ରଶାସନର ନାକତଳେ ମିଲର୍ସମାନେ ଦାଦାଗିରି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। କଟନି ଛଟନି ଯୋଗୁ ଚାଷୀଙ୍କୁ ଅଭାବୀ ବିକ୍ରିର ଶିକାର ହେବାକୁ ବାଧ୍ୟ କରାଯାଉଛି। ଜିଲାକୁ ନାଁକୁ ମାତ୍ର ମାସକରେ ଜଣେ ଦୁଇଜଣ ମନ୍ତ୍ରୀ ବୁଲି ଆସୁଛନ୍ତି। ଗୋଟିଏ ଦୁଇଟି ସରକାରୀ ବେସରକାରୀ ସ୍କୁଲ ଘୂରି ବୁଲୁଛନ୍ତି। ତାଙ୍କ ଦଳୀୟ ବିଧାୟକଙ୍କ ଘରେ ଜଳପାନ କରି ପର୍ଯ୍ୟଟନସ୍ଥଳୀ ବୁଲି ଦେଖି ରାଜଧାନୀକୁ ଫେରିଯାଉଛନ୍ତି। ଏଥିରେ ଉନ୍ନୟନ କଥା କିଏ କାହିଁକି ଚିନ୍ତାକରିବ ବୋଲି ଏଠାରେ ଆଲୋଚନା ହେଉଛି ।

– ଘନଶ୍ୟାମ ଭୋଇ

# ମହାନଦୀରେ ଡଙ୍ଗା ବୁଡ଼ି ଜଣେ ପର୍ଯ୍ୟଟକ ନିଖୋଜ

**ବଡମ୍ବା,୧୦।୧(ଡି.ଏନ୍.ଏ.)**

ମହାନଦୀରେ ନୌବିହାର ବେଳେ ଡଙ୍ଗାବୁଡ଼ି ଜଣେ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବାବେଳେ ୨ଜଣଙ୍କୁ ସ୍ଥାନୀୟ କେତେଜଣ ଲୋକ ଉଦ୍ଧାର କରିଛନ୍ତି। ବଡମ୍ବା ଥାନା ଅନ୍ତର୍ଗତ ମା'ଭଟ୍ଟାରିକାଙ୍କ ପୀଠ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏହି ଘଟଣା। ଦେଖଣାହାରୀଙ୍କ କହିବା ମୁତାବକ ସେମାନେ ଡଙ୍ଗା ଭିତରେ ସେଲ୍‌ଫି ଉଠାଇ ମଉଜ କରୁଥିବାବେଳେ ହଠାତ୍ ଡଙ୍ଗାଟି ବୁଡ଼ିଯାଇଥିଲା। ଖବରପାଇ ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଖୋଜଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ରାତି ୮ଟାରେ ଖୋଜା ଅଭିଯାନକୁ ବନ୍ଦ କରାଯାଇଥିଲା। ପୁଣି ଶନିବାର ସକାଳେ ଖୋଜାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ବସ୍‌ଯୋଗେ ଭଟ୍ଟାରିକା ପୀଠକୁ ବୁଲି ଆସିଥିଲେ। ସେମାନଙ୍କ ମଧ୍ୟରୁ ନବକୁମାର ମହାନ୍ତି, ଅଞ୍ଜନ ନାୟକ ଓ ସୁନୀଲ ସାହୁ ସେଠାରେ ଥିବା ଏକ ଡଙ୍ଗା ନେଇ ମହାନଦୀରେ ଭ୍ରମଣ କରିଥିଲେ। ସାଙ୍ଗରେ ଡଙ୍ଗାଚାଳକ ନ ଥିଲେ। କିଛି ସମୟ ପରେ ସେମାନେ ସେଲ୍‌ଫି ନେବାବେଳେ ଡଙ୍ଗା ବୁଡ଼ିଯାଇଥିଲା। ସୌଭାଗ୍ୟକୁ ସେଠାରେ ଥିବା କେତେଜଣ ଲୋକ ନବକୁମାର ଓ ଅଞ୍ଜନଙ୍କୁ ପାଣିରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବାବେଳେ ସୁନୀଲ ନିଖୋଜ ହୋଇଯାଇଥିଲେ। ସୁନୀଲଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସମସ୍ତଙ୍କର ବୟସ ପ୍ରାୟ ୩୦ରୁ ୩୫ ବର୍ଷ ଭିତରେ ଏବଂ ସେମାନେ ଜଗତ୍‌ସିଂହପୁର ଅଞ୍ଚଳର ଏକ ବିଦ୍ୟୁତ୍ ସଂସ୍ଥା ଗ୍ଲୋବାଲ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍‌ରେ କାର୍ଯ୍ୟକରୁଥିବା ଜଣାପଡ଼ିଛି।



ସୁନୀଲ ସାହୁ

- ଆଉ ୨ଜଣ ଉଦ୍ଧାର
- ଭଟ୍ଟାରିକା ପୀଠକୁ ବୁଲିବାକୁ ଆସିଥିଲେ
- ଡଙ୍ଗା ଉପରେ ସେଲ୍‌ଫି ନେବାବେଳେ ଘଟିଲା ଦୁର୍ଘଟଣା

# ୪ ସରକାରୀ ଅଧିକାରୀ ବହିଷ୍କୃତ

**ଭୁବନେଶ୍ୱର, ୧୦।୧ (ବ୍ୟୁରୋ):** ରାଜ୍ୟ ସରକାର ୪ ଜଣ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ଚାକିରିରୁ ବହିଷ୍କାର କରିଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି–ଯାଜପୁର ଜିଲା ଦଶରଥପୁର ବ୍ଲକରେ ଜଳସମ୍ପଦ ବିଭାଗରେ କାର୍ଯ୍ୟରତ ଏଇଇ ସଞ୍ଜୟ କୁମାର ଚୌଧୁରୀ। ବାଲେଶ୍ୱର ଜିଲାର ଜିଲା ଶିଳ୍ପ କେନ୍ଦ୍ରର ଜିଏମ୍ ତଥା ଏକ୍ସ ସୁପରଭାଇଜର(ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ)ର ପ୍ରଦୀପ କୁମାର ରାୟ, କଟକ ଜିଲା ବାଙ୍କୀ ବ୍ଲକର ପୂର୍ବତନ ଯନ୍ତ୍ରୀ ବିଜ୍ଞାନ କୁମାର ବେହୁରିଆ ଏବଂ ନିମାପଡା ବିଜ୍ଞାପିତ ପରିଷଦ ଏକ୍ସ ଜେଇ(ପିଏଚ୍) ତଥା ରାୟଗଡାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ କାର୍ଯ୍ୟରତ ଅମିୟ କୁମାର ସେଠୀ। ସେହିଭଳି ୨ ଜଣ ଅଧିକାରୀଙ୍କୁ ସରକାରୀ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେମାନେ ହେଉଛନ୍ତି– ବରଗଡ ଜିଲା ଆରଡବ୍ଲ୍ୟୁ ଏସ୍‌ଏସ୍ ଡିଭିଜନ୍‌ର ସହାୟକ ଯନ୍ତ୍ରୀ ନାରାୟଣ ତିଆଡି ଏବଂ ଦୀର୍ଘଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ସହାୟକ ଯନ୍ତ୍ରୀ ଜ୍ଞାନେନ୍ଦ୍ର ପଟେଲକୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଓଡ଼ିଶା ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ଅଭିଯୋଗ ଆଧାରରେ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦତ୍ତ ୫–ଟି ମନ୍ତ୍ର ପ୍ରଭାବ ଏହା ଉପରେ ଦେଖିବାକୁ ମିଳିଛି।

**୨ଜଣଙ୍କୁ ବାଧ୍ୟତାମୂଳକ ଅବସର**



ILA PANDA
26.10.1932 - 11.01.2005

In loving memory
Baijayant 'Jay', Paramita, Nivedita, Subhrakant
Jagi, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of
IMFA Group

imfa

Tel : +91 674 2611100, Fax : +91 674 2580020
memoriam@imfa.in




ଓଡ଼ିଶା ଶାସନ

## ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୦



**ବାର୍ତ୍ତା**

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ମାସ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳନ କରାଯାଉଅଛି ।

ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟି ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଓ ଅନେକ ଧନ ସମ୍ପତ୍ତି ନଷ୍ଟ ହେଉଥିବାରୁ ଏହାର ନିରାକରଣ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ।

ସଡ଼କ ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡ଼କ ନିର୍ମାଣ, ନିୟମର କଡ଼ାକଡ଼ି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସାର ମୁଖ୍ୟ ଭୂମିକା ରହିଛି । ରାଜ୍ୟ ସରକାରଙ୍କ ତରଫରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି ।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କ ସହଯୋଗ କାମନା କରିବା ସହ ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବା ନିମନ୍ତେ ଆହ୍ୱାନ କରୁଛି ।

ପଦ୍ମନାଭ ବେହେରା

ମନ୍ତ୍ରୀ,
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**

"ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ"



ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ବୁଭୁକ୍ଷୁ ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଆଇପିଏସ୍ ଲଢ଼େଇ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ ପୋଲିସର ଉଚ୍ଚ ଅଧିକାରୀ ସ୍ତରରେ ଏକପ୍ରକାର କୁତ୍ସିତ ଯୁଦ୍ଧ ଆରମ୍ଭ ହୋଇଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ନୋଏଡା ପୋଲିସ ମୁଖ୍ୟ ବୈଭବ କ୍ରିଷ୍ଣା ରାଜ୍ୟରେ ପୋଲିସ ଅଧିକାରୀଙ୍କ ନିଯୁକ୍ତି ଓ ବଦଳିରେ ଅସାଧୁ କାରବାର ହୋଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟର ଗୃହସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏ ସଂକ୍ରାନ୍ତରେ ସେ ଲିଖିତ ଅଭିଯୋଗ କରି ରାଜ୍ୟ ଜିଲା ପୋଲିସ ମୁଖ୍ୟ ଓ ଏସ୍‌ଏଚ୍‌ଓ (ଥାନା ଅଧିକାରୀ)ମାନଙ୍କ ନିଯୁକ୍ତି ତଥା ବଦଳି କ୍ଷେତ୍ରରେ ବ୍ୟାପକ ନଗଦ କାରବାର ହୋଇଛି ବୋଲି ଦାବି କରିଛନ୍ତି। ଏହାକୁ ନେଇ ପୋଲିସ ଅଧିକାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଓ ଉତ୍ସୁକତା ପ୍ରକାଶ ପାଇଛି। କିଛିମାସ ପୂର୍ବେ ବିପୁଳ ଅର୍ଥ କାରବାର କରି ଏହି ନିଯୁକ୍ତି ଓ ବଦଳିକୁ ସଂଚାଳନ କରିଥିବା ଅଭିଯୋଗରେ ନୋଏଡା ପୋଲିସ ତିନିଜଣ ସାମ୍ବାଦିକ ଓ ଆଉ କେତେଜଣଙ୍କୁ ଗିରଫ କରିଥିଲା। ଏହି ସାମ୍ବାଦିକମାନେ ମଧ୍ୟ କେତେକ ବରିଷ୍ଠ ପୋଲିସ ଅଧିକାରୀଙ୍କ ପାଇଁ ମଧ୍ୟସ୍ଥତା କରିଥିଲେ ବୋଲି ଅଭିଯୋଗ ଆସିଥିଲା। ଆଶ୍ଚର୍ଯ୍ୟର କଥା କ୍ରିଷ୍ଣା ନିଜେ ଭାଇରାଲ ହୋଇଥିବା କିଛି ସେକ୍ସ ଚାଟ୍ ଭିଡିଓକୁ ନେଇ ବିବାଦୀୟ ହୋଇପଡିଛନ୍ତି। କେତେକ ଆଇପିଏସ ଅଫିସର ଆକ୍ରୋଶମୂଳକ ଭାବେ ତାଙ୍କୁ ବଦନାମ କରିବା ଲାଗି ଏଭଳି ଚକ୍ରାନ୍ତ କରିଥିବା ସେ କହିଛନ୍ତି। ଏବେ ଯୋଗୀ ଆଦିତ୍ୟନାଥ ସରକାର ଏହି ନିଯୁକ୍ତି ଓ ବଦଳି ର୍‌ୟାକେଟ ଉପରେ ସିବିଆଇ ତଦନ୍ତ କରିବା ଉଚିତ ବୋଲି ସ୍ୱର ଉଠିଲାଣି।

### ଏୟାର ଇଣ୍ଡିଆ ସଙ୍କଟ

ଋଣରେ ବୁଡି ଯାଇଥିବା ଜାତୀୟ ବିମାନ ପରିବହନ ସଂସ୍ଥା ଏୟାର ଇଣ୍ଡିଆ ଲାଗି ନିବେଶକଙ୍କ ଆଗ୍ରହକୁ ପରଖିବା ପାଇଁ ନିକଟରେ ସିଙ୍ଗାପୁର ଓ ଲଣ୍ଡନରେ ଅନୁଷ୍ଠିତ ରୋଡ୍‌ଶୋରେ ବିଶେଷ ଆଗ୍ରହ ଦେଖିବାକୁ ମିଳିନାହିଁ। କିନ୍ତୁ ଏହି ଏୟାରଲାଇନ୍‌ର ଘରୋଇକରଣ ନିମନ୍ତେ ସରକାର କରିଥିବା ଯୋଜନାରେ ପରିବର୍ତ୍ତନ ହେବାର ସମ୍ଭାବନା କ୍ଷୀଣ। ୨୦୧୮ରେ ସରକାର ଏୟାର ଇଣ୍ଡିଆର ୭୬ ପ୍ରତିଶତ ଅଂଶଧନ ବିକ୍ରି କରିବା ଲାଗି ଘୋଷଣା କରିଥିଲେ ବି ଏହାକୁ କିଣିବାକୁ କେହି ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ। ତଥାପି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ପୁରୀ ଏହାକୁ ନେଇ ଆଶାବାଦୀ ରହିଛନ୍ତି। ଇତିମଧ୍ୟରେ ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକ ଅଶ୍ୱିନୀ ଲୋହାନୀ ଫେସ୍‌ବୁକ ମାଧ୍ୟମରେ ସୂଚାଇ ଦେଇଛନ୍ତି ଯେ, ବିକ୍ରି ହେବା ଯାଏ ଏୟାର ଇଣ୍ଡିଆ ବଞ୍ଚି ରହିବା ଦରକାର। ଲୋହାନୀ ଜଣେ ବିଶ୍ୱସ୍ତ ଅଧିକାରୀ, ଯିଏ ଏୟାର ଇଣ୍ଡିଆର ଋଣଭାର କମ୍ କରିବା ଲାଗି ଗୃହୀତ ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବତନ ରେଲୱେ ବୋର୍ଡ ଅଧ୍ୟକ୍ଷ ତଥା ଦ୍ୱିତୀୟ ଥର ପାଇଁ ଏୟାର ଇଣ୍ଡିଆର ମୁଖ୍ୟ ହୋଇଥିବା ଲୋହାନୀ ବହୁ ସମୟରେ ସୋସିଆଲ ମଡିଆ ମାଧ୍ୟମରେ ଲୋକ ଓ କର୍ମଚାରୀଙ୍କ ସହ ଯୋଗାଯୋଗ ରଖୁଛନ୍ତି। ଲୋହାନୀ କହିଛନ୍ତି ଯେ, ଆମୂଳ ପରିବର୍ତ୍ତନ ଆଶାକରିବା ଅବାସ୍ତବ। ଏଥିରୁ ସ୍ପଷ୍ଟ ବାର୍ତ୍ତା ମିଳୁଛି ଯେ, ଏୟାର ଇଣ୍ଡିଆକୁ ବଞ୍ଚାଇ ରଖିବାକୁ ହେଲେ ଏହାକୁ ବିକ୍ରି କରିବା ଛଡ଼ା ଅନ୍ୟ ବାଟ ନାହିଁ।

### ଏମ୍‌ଇଏର ସଜବାଜ

ଭାରତର ନୂଆ ବହିର୍ବ୍ୟାପାର ସଚିବ ଭାବେ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ନିଯୁକ୍ତି ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ)ରେ ଆଉ କେତେକ ପରିବର୍ତ୍ତନ ଘଟିବ। ଭାରତର ବୈଦେଶିକ ମିଶନଗୁଡ଼ିକରେ ଅନେକ ପଦ ଖାଲି ରହିଛି ଓ ସେଥିରୁ କିଛି ମୁଖ୍ୟପଦ ୨୦୨୦ରେ ପୂରଣ କରାଯିବ। ସରକାର ଶ୍ରୀଙ୍ଗଲାଙ୍କ ନାମ ଘୋଷଣା କରିବାକୁ ସମୟ ନେଇଥିଲେ ଓ ଏହି କାରଣରୁ ଉକ୍ତ ନିଯୁକ୍ତିଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା। ଏବେ ସେହିସବୁ ନିଯୁକ୍ତି ଲାଗି ପଦକ୍ଷେପ ନିଆଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଆଗାମୀ ମାସଗୁଡ଼ିକରେ ଲଣ୍ଡନ, ୱାଶିଂଟନ, କାଠମାଣ୍ଡୁ, କଲମ୍ବୋ, ଆଙ୍କାରା ଏବଂ ନ୍ୟୁୟର୍କରେ ଥିବା ଭାରତର ସ୍ଥାୟୀ ମିଶନରେ ନିଯୁକ୍ତ କୂଟନୀତିଜ୍ଞମାନଙ୍କ କାର୍ଯ୍ୟକାଳ ପୂରଣ ହେବା କିମ୍ବା ସେମାନେ ଅବସର ନେବାକୁ ଯାଉଥିବାରୁ ଉକ୍ତ ପଦଗୁଡ଼ିକ ଖାଲି ହେବ। ଏବେ ପାକିସ୍ତାନ ଓ କାନାଡାରେ ଭାରତର କୌଣସି ପ୍ରତିନିଧି ନାହାନ୍ତି। ଅଜୟ ବିସାରିୟାଙ୍କୁ ଇସ୍‌ଲାମାବାଦ ଫେରାଇ ଦେଇଥିବା ବେଳେ ବିକାଶ ସ୍ୱରୂପଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଫେରାଇ ଅଣାଯାଇଛି। ଶ୍ରୀଙ୍ଗଲା ଏକ ବଢିଆ କ୍ୟାରିୟର ହାସଲ କରିଛନ୍ତି। ସେ ଇଂଲଣ୍ଡରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ରୁଚି ଘନଶ୍ୟାମ (୧୯୮୨), ମିଳିତ ଜାତିସଂଘ ଜେନେଭାରେ ଭାରତର ସ୍ଥାୟୀ ମିଶନରେ ନିଯୁକ୍ତ ଭାରତର ପ୍ରତିନିଧି ରାଜୀବ ଚନ୍ଦର (୧୯୮୩) ଓ ଚିଲିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତା ନାୟାର (୧୯୮୩)ଙ୍କୁ ପଛରେ ପକାଇ ବିଦେଶ ସଚିବ ପଦରେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଆସନ୍ତା ମାସରେ ବିଜୟ ଗୋଖଲେ ଅବସର ନେବା ପରେ ଦୁଇବର୍ଷ ଲାଗି ଶ୍ରୀଙ୍ଗଲା ଏହି ପଦରେ ରହିବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | 7 | | 3 | 6 | | | | 1 | 5 | | | |
| | | | 2 | 9 | E | | B | | | | | | | |
| B | 3 | | | | 6 | 5 | | | 2 | | C | | 9 | |
| | 4 | | | | 5 | 8 | D | | | | | | | B |
| | 5 | | 4 | 1 | | | | | 9 | | | | | 2 |
| | | | | 8 | | 2 | 7 | 3 | | | | | | 5 |
| E | | | D | | | | | | | | 1 | B | | |
| | | 1 | 9 | 2 | 4 | | A | D | | | | 8 | E | |
| | B | 7 | A | | | | 0 | | | C | | | D | |
| | | | | | | C | | | 4 | | | | | |
| | | | | | | | | | 1 | 5 | | A | 4 | |
| 4 | D | | | | | | 3 | 0 | C | 6 | 8 | | | E |
| | C | 5 | | | | | | | | A | | 6 | 2 | |
| A | | | 8 | E | B | | 4 | | | | 9 | | 3 | |
| | | | | | | | | E | B | | 3 | 9 | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 2 | 6 | 3 | 1 | D | 8 | B | 9 | 7 | 4 | A | C | 0 |
| 0 | B | C | 8 | 7 | 4 | 3 | 5 | 9 | 6 | 2 | A | D | E | 1 |
| 6 | D | 1 | 2 | B | E | C | A | 0 | 5 | 3 | 8 | 7 | 9 | 4 |
| 3 | A | 4 | 5 | D | 9 | E | 7 | 1 | 0 | C | B | 6 | 8 | 2 |
| 9 | 8 | 7 | 0 | C | A | 4 | 2 | 6 | E | D | 1 | B | 5 | 3 |
| 1 | 9 | 0 | D | 2 | 5 | A | 4 | 7 | B | E | 3 | 8 | 6 | C |
| C | 7 | 5 | 3 | 6 | B | 1 | E | 2 | 8 | A | D | 0 | 4 | 9 |
| A | 2 | 3 | 4 | 1 | 7 | 9 | 6 | 8 | C | 5 | 0 | E | D | B |
| 8 | 4 | E | 9 | 0 | C | B | 3 | D | 2 | 6 | 7 | 1 | A | 5 |
| D | 6 | B | A | E | 8 | 0 | C | 5 | 1 | 4 | 9 | 2 | 3 | 7 |
| 4 | 5 | 6 | 1 | A | 2 | 7 | 0 | 3 | D | 9 | E | C | B | 8 |
| E | 3 | 9 | B | 5 | D | 2 | 1 | A | 7 | 8 | C | 4 | 0 | 6 |
| B | 1 | A | C | 8 | 6 | 5 | D | 4 | 3 | 0 | 2 | 9 | 7 | E |
| 7 | 0 | D | E | 9 | 3 | 8 | B | C | 4 | 1 | 6 | 5 | 2 | A |
| 2 | C | 8 | 7 | 4 | 0 | 6 | 9 | E | A | B | 5 | 3 | 1 | D |

ଗତକାଲିର ଉତ୍ତର

# ପ୍ରତିବାଦ



ପ୍ର. ପ୍ରଫୁଲ୍ଲ କୁମାର ମହାନ୍ତି

ପ୍ରତିବାଦ ଏକ ପ୍ରତିକୂଳ ଉକ୍ତି। ପ୍ରତିବାଦ ଗୋଟିଏ ମତବାଦ ବି। ନିୟମ, ଆଇନ, ବ୍ୟବସ୍ଥା, ଆଦର୍ଶ ବିରୋଧରେ ଏକ ଭିନ୍ନମତର ପ୍ରକାଶ। ବିଦ୍ରୋହ, ବିପ୍ଳବ, ଆନ୍ଦୋଳନ ପ୍ରଭୃତି ଏହି ପ୍ରତିବାଦର ଅଲଗା ଲାକ୍ଷଣିକ କାର୍ଯ୍ୟସୂଚୀ। ଏହା ଏକ ବିରୋଧ ମତର ଆଭାସ ଦିଏ। କିନ୍ତୁ ଏହି ପ୍ରତିବାଦ ଓ ଯାହା ବିରୋଧରେ ପ୍ରତିବାଦ କରାଯାଏ, ଉଭୟ ଏକ ସ୍ଥିତି ଅସୁରକ୍ଷା ଭାବରୁ ଉତ୍ପନ୍ନ। ଉଦାହରଣସ୍ୱରୂପ ଭୟ ବିରୋଧରେ ଯଦି କୌଣସି ପ୍ରତିରକ୍ଷା ବ୍ୟବସ୍ଥା କରାଯାଏ, ସେହି ବ୍ୟବସ୍ଥା ବିରୋଧରେ ମଧ୍ୟ ପ୍ରତିବାଦ ହୁଏ। ଯଦି ବାଘକୁ ଦୂରରେ ରଖିବା ପାଇଁ ରାତିରେ ନିଆଁ ଜଳାଯାଏ, ଅନ୍ୟମାନେ କହିବେ ନିଆଁ ଜାଳିବା ଦ୍ୱାରା ଗାଁ କିମ୍ବା ଅନ୍ୟ ଗଛପତ୍ର ପୋଡ଼ିଯିବାର ଭୟ ଅଛି। ଯଦି ଦଳେ ଯୁବକ ବାଘକୁ ମାରିବା ପାଇଁ ସଂଘବଦ୍ଧ ହୁଅନ୍ତି, ଆଉ ଦଳେ କହିପାରନ୍ତି ବାଘର ମଧ୍ୟ ବଞ୍ଚିବାର ଅଧିକାର ଅଛି। ପ୍ରାଣୀ ହତ୍ୟା କରାଯାଇପାରିବ ନାହିଁ। ଅର୍ଥାତ୍ ଭୟ ବିରୋଧୀ ଯେଉଁ ଯୁକ୍ତି ଗ୍ରହଣ କରାଯାଏ ତା' ବିରୋଧରେ ଅନ୍ୟ ଏକ ଯୁକ୍ତିରୁ ପ୍ରତିବାଦ ହୁଏ। ଅର୍ଥାତ୍ ପ୍ରତ୍ୟେକ କାର୍ଯ୍ୟର ବିରୋଧ ହୋଇପାରେ କାରଣ ମଣିଷ ଏ ବିଶ୍ୱରେ ଏକ ଅରକ୍ଷ ପ୍ରାଣୀ। ଆମର ଶାସନ, ପ୍ରଶାସନ ପ୍ରଜାରଞ୍ଜନ, ଲୋକହିତକର କାର୍ଯ୍ୟ ସେହି ଅରକ୍ଷ ଭାବରୁ ମଣିଷକୁ ମୁକ୍ତି ଦେବା ପାଇଁ ଉପାୟ କେବଳ। ଯେହେତୁ କୌଣସି ଉପାୟ ସର୍ବଜନାଦୃତ ନୁହେଁ, ତା'ର ବିରୋଧ ମତ ନିଶ୍ଚୟ ପ୍ରକାଶ ପାଇବ।

ମଣିଷ ଆଦିକାଳରୁ ବିଭିନ୍ନ ଭୟର ପ୍ରତିକାର କରିଆସିଛି। ରାତିର ଅନ୍ଧାର ବିରୋଧରେ ଆଲୋକ ସୃଷ୍ଟି, ବାତ୍ୟା, ବନ୍ୟା ବିରୋଧରେ ପ୍ରାସାଦ ନିର୍ମାଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଲୋକ ନିଯୁକ୍ତି ପ୍ରଭୃତି ସୁରକ୍ଷା ଲାଗି ଉଦ୍ଦିଷ୍ଟ। ଏହାର ମୂଳ କାରଣ ହେଲା ମଣିଷ ସବୁ ଭୟକୁ ସ୍ୱୀକାର କରିନାହିଁ। ମୃତ୍ୟୁ ବିରୋଧରେ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ସଂଗ୍ରାମ ଚାଲିଛି ଏବଂ ଚାଲିବ ମଧ୍ୟ। ସୃଷ୍ଟିର ପ୍ରଥମ ପର୍ଯ୍ୟାୟରେ ପ୍ରତିବାଦ ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ସହିତ ସମର୍ପଣ ବେଶି ଥିଲା। ଆଦି ପର୍ବରେ ଯେଉଁ ଜ୍ଞାନସନ୍ଧାନ ମଣିଷ କରିଥିଲା, ସେଥିରେ ଏକ ଅଦୃଶ୍ୟ ଶକ୍ତି ବିଶ୍ୱକୁ ନିୟନ୍ତ୍ରଣ କରୁଛି ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସେହି ଶକ୍ତି ଯେହେତୁ ମାନବୋତ୍ତର ଏବଂ ମନୁଷ୍ୟର ନିୟନ୍ତ୍ରଣ ବାହାରେ, ତା'ର ଆଧ୍ୟାତ୍ମିକ ଆରାଧନା ଓ ସମର୍ପଣ ଭାବ ବ୍ୟତୀତ ଅନ୍ୟ କୌଣସି ସାଧନ ମଣିଷ ପାଇ ନ ଥିଲା। ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ମଣିଷର ଭୟ ବିରୋଧରେ ଏକ ପ୍ରତିବାଦ।

ଆଦି ପର୍ବ ପରେ ମଣିଷ ଜ୍ଞାନର ଯେଉଁ ଯୁକ୍ତିବଳରେ ଭୟମୁକ୍ତ ହେବାକୁ ଚେଷ୍ଟା କଲା, ସେଥିରେ ପ୍ରଥମ ଉପାଦାନ ହେଲା କାରଣ ସନ୍ଧାନ ପାଇଁ ଯୁକ୍ତି, ଯାହାକୁ ଇଂଲିଶରେ Reason କୁହାଯାଏ। ଚିନ୍ତା ଓ ବିବେକ ବିଚାର ସହ ଭୟର ମୂଳ କାରଣ ସନ୍ଧାନ ପାଇଁ ଯୁକ୍ତି ନିର୍ମାଣ କରିବା ଶକ୍ତି ମଣିଷ ଜ୍ଞାନାଲୋକର ପ୍ରାରମ୍ଭିକ ପର୍ଯ୍ୟାୟରେ ଲାଭ କଲା। ବୋଧହୁଏ ବୁଦ୍ଧଦେବ ପ୍ରଥମ ଯୁକ୍ତିଦ୍ରଷ୍ଟା ଭାବେ କହିଲେ ଯେ, ଭୟ ଓ ଯନ୍ତ୍ରଣାର କାରଣ ହେଲା କାମନା। ଯଦି କାମନା ସଂଯତ ହୁଏ, ଯନ୍ତ୍ରଣା କମିଯିବ। ଏହା ଥିଲା ମଣିଷର ଯୌକ୍ତିକ ପ୍ରତିବାଦ ଜୀବନ ସର୍ତ୍ତ ବିରୋଧରେ। ଦ୍ୱିତୀୟରେ ମଣିଷ ଆଲୋକ ପାଇଲା ବିଜ୍ଞାନର। ଯୁକ୍ତି ମାଧ୍ୟମରେ ଭ୍ରାନ୍ତି, ପ୍ରହେଳିକା, ମାୟା, ଅନ୍ଧବିଶ୍ୱାସ ଓ ରହସ୍ୟ ପ୍ରଭୃତିରୁ ସାମାନ୍ୟ ମୁକ୍ତି ପାଇ ମଣିଷ ଯେତେବେଳେ ନିଶ୍ଚିତ ହେଲା ଯେ କୌଣସି ଭଗବାନ ବା ସର୍ବଶକ୍ତିମାନ ଐଶ୍ୱରିକ ଶକ୍ତି ଜୀବନ ନିୟନ୍ତ୍ରଣ କରେ ନାହିଁ, ସେତେବେଳେ ମଣିଷ ଚେଷ୍ଟା କଲା ଯାହା ଘଟେ ତାହା କିପରି ଓ କାହିଁକି ଘଟେ। ମଣିଷ ମାଟିରୁ ଆକାଶ ଯାଏ ସବୁ ପାର୍ଥିବ ଅପାର୍ଥିବ ଘଟଣାର କାରଣ ଅନୁସନ୍ଧାନ କଲା। ଏହି ଅନୁସନ୍ଧାନ ହିଁ ବିଜ୍ଞାନ। ବିଜ୍ଞାନ ମାୟା, ମିଥ୍ ଓ ଅପ୍ରମାଣିତ ପରିକଳ୍ପନାର ବିଶ୍ୱ ବିରୋଧରେ ଏକ ପ୍ରତିବାଦ। ଏହି ଜ୍ଞାନ ପ୍ରତିବାଦର ଯୁକ୍ତି ମଣିଷକୁ ବିଶ୍ୱମଣ୍ଡଳର ବ୍ୟାପ୍ତି, ପ୍ରକୃତି ଓ ରହସ୍ୟ ବୁଝାଇଦିଏ। ପ୍ରତିବାଦ ଏକ ବିକଳ୍ପ ବ୍ୟବସ୍ଥାର ଯୁକ୍ତି ଉପସ୍ଥାପନା କରେ। ରାଜନୀତିରେ ଗୋଟିଏ ଆଇନ ପ୍ରଣୟନ ହେବା ପରେ ଯେଉଁ ପ୍ରତିବାଦ ହୁଏ, ତାହା ମଧ୍ୟ ବୈଧ ଯୁକ୍ତି, ଯଦି ସେହି ଯୁକ୍ତି ଏକ ବିକଳ୍ପ ଓ ବେଶି ସୁରକ୍ଷିତ ସମାଜ ପରିକଳ୍ପନାକୁ ନେଇ ଗଢ଼ାଯାଏ। କିନ୍ତୁ ପ୍ରତିବାଦ ଯଦି ଯୁକ୍ତିହୀନ, ତେବେ ତାହା କେବଳ ବିଶୃଙ୍ଖଳା ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ଭାରତ ପରି ବିଶାଳ ବହୁଧର୍ମୀ ଓ ବହୁଭାଷୀ ଗଣତନ୍ତ୍ରରେ ଧର୍ମ ଓ ଭାଷା ମଧ୍ୟ ଆଇନ ବିରୋଧରେ ପ୍ରତିବାଦ କରନ୍ତି। ସାମରିକ ବାହିନୀର ଆବଶ୍ୟକତାକୁ ନେଇ ବାଦପ୍ରତିବାଦ ସୃଷ୍ଟି ହୁଏ, ଅମଲାତନ୍ତ୍ର ଦ୍ୱାରା କିନ୍ତୁ ଏହା ପଦ୍ଧତିଗତ। ଭାରତରେ ଏବେ ଯେଉଁ ପ୍ରତିବାଦ ଚାଲିଛି, ନାଗରିକତ୍ୱ ଆଇନ ଓ ଜାତୀୟ ଜନସଂଖ୍ୟା ପଞ୍ଜିକା ଏବଂ ଜାତୀୟ ନାଗରିକ ପଞ୍ଜିକାକୁ ନେଇ, ତାକୁ କ'ଣ କୁହାଯିବ? ରାଜନୀତିକ ଆଦର୍ଶକୁ ନେଇ ପ୍ରତିବାଦ ଯଦି ହୁଏ, ତେବେ ପାର୍ଲାମେଣ୍ଟରେ ଏହା କିପରି ପାରିତ ହେଲା। ଅନେକ ପ୍ରତିବାଦର ପରିଭାଷା ମିଥ୍ୟା ପ୍ରଚାର ଓ ଶାସକ ଗୋଷ୍ଠୀ ପ୍ରତି ଅସୂୟା ଭାବକୁ ନେଇ ମଧ୍ୟ କରାଯାଏ। ଏପରି ପ୍ରତିବାଦ ହିଂସା ସୃଷ୍ଟି କରେ ଓ ଏହା ଦେଶର ଅସ୍ମିତା ପ୍ରତି ଅନୁକୂଳ ନୁହେଁ।

ପ୍ରତିବାଦ ନୈତିକ ହୋଇପାରେ, ଲିଙ୍ଗଭେଦର ପ୍ରତିକ୍ରିୟା ହୋଇପାରେ, ବୌଦ୍ଧିକ ହୋଇପାରେ ତଥା ଆଧ୍ୟାତ୍ମିକ ମଧ୍ୟ ହୋଇପାରେ। ରାଜନୀତିରେ ପ୍ରତିବାଦ ସ୍ୱାଭାବିକ, କାରଣ ସେଠି କ୍ଷମତା ଲାଭ ପାଇଁ ଅନେକ ଉଦ୍ଭଟ ଯୁକ୍ତି ଗଢ଼ାଯାଏ। ଦେଶର ସାମୂହିକ ସ୍ୱାର୍ଥ ଅପେକ୍ଷା ଗୋଷ୍ଠୀସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଏ। କର୍ପୋରେଟ ପ୍ରତିଯୋଗିତାରେ ମଧ୍ୟ ପ୍ରତିବାଦ ସୃଷ୍ଟି ହୁଏ। ଯଥା ଭାରତ ପାଇଁ ରାଫାଲ ଯୁଦ୍ଧ ବିମାନ ଆବଶ୍ୟକ ନା ୟୁରୋଫାଇଟର! କିନ୍ତୁ ଧର୍ମକୁ ନେଇ ଯେଉଁ ପ୍ରତିବାଦ ହୁଏ, ତାହା ମାନବ ସମାଜ ପ୍ରତି ଏକ ଆହ୍ୱାନ ହୋଇପଡେ। ସ୍ଥିତି ସଙ୍କଟ ହୁଏ। ଇସ୍‌ଲାମିକ ଷ୍ଟେଟ ଓ ସଭ୍ୟ ଗଣତନ୍ତ୍ର ମଧ୍ୟରେ, ଇସ୍‌ଲାମ ଓ ଅଣ ଇସ୍‌ଲାମ ମଧ୍ୟରେ ସଂଘର୍ଷ ଏହି ଆବେଗିକ ପ୍ରତିବାଦ, ଯାହା ସ୍ଥିତି ସଙ୍କଟ ମଧ୍ୟ ସୃଷ୍ଟି କରେ। ଭାରତରେ ଅଯୋଧ୍ୟା ରାମ ମନ୍ଦିର ବିବାଦ ସୁପ୍ରିମ୍‌କୋର୍ଟରେ ରାୟ ପରେ ମଧ୍ୟ ଥମି ନାହିଁ। ସାବରୀମାଲାରେ ମଧ୍ୟ ଦୁଇଟି ନାରୀ ସପକ୍ଷ ଆସ୍ଥାକୁ ନେଇ ବିବାଦ ଚାଲିଛି। ବିଭୁପ୍ରେମ ଓ ସମର୍ପଣ ବିପକ୍ଷରେ ମାନବବାଦ ଓ କ୍ଷମତା ଲୋଭର ସଂଘାତ ଲାଗିରହିଛି ଓ ରହିବ, ଯେ ପର୍ଯ୍ୟନ୍ତ ମଣିଷ ଜାତି ଗୋଟିଏ ବିଶ୍ୱାସର ଛତା ତଳେ ଆଶ୍ରୟ ନ ନେଇଛି। ଛୋଟ ଛୋଟ କ୍ଷମତାଗୋଷ୍ଠୀ ପରସ୍ପରର ଆଦର୍ଶ ଓ କାର୍ଯ୍ୟାବଳୀ ବିରୋଧରେ ପ୍ରତିବାଦ କରୁଛନ୍ତି ଏବଂ କରିବେ ମଧ୍ୟ, ଯେହେତୁ ଆଦର୍ଶ, ବିଶ୍ୱାସ, ନୈତିକତା, ବୌଦ୍ଧିକତା ଏବଂ ଆଇନ ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ର। ଏହି ପରିପ୍ରେକ୍ଷୀରେ ଯେଉଁ ମାନବିକ ପ୍ରଜ୍ଞାର ଆବଶ୍ୟକତା ରହିଛି ତା'ର ଅଭାବ ପୂରଣ ହୋଇପାରିବ ନାହିଁ। ମଣିଷକୁ ସତ୍‌ମାର୍ଗରେ ପରିଚାଳିତ କରି ସୁଖସମୃଦ୍ଧି ଦେବା ପାଇଁ ଯେହେତୁ ବିଭିନ୍ନ ଯୁକ୍ତି ରହିଛି, ମଣିଷ କୌଣସି ବିବେକସିଦ୍ଧ ଯୁକ୍ତି ସବୁ ସମୟ ପାଇଁ ଗ୍ରହଣ କରିପାରିବ ନାହିଁ। ୧୯୧୭ ବଲ୍‌ଶେଭିକ ବିଦ୍ରୋହ ପରେ ଅନେକ ବୁଦ୍ଧିଜୀବୀ ଏକ ବିକଳ୍ପ ଆଦର୍ଶ ଦେଖିଥିଲେ। ସୋଭିଏଟ୍ ରୁଷରେ ତା'ର ପରୀକ୍ଷା ହେଲା ଏବଂ ସଫଳତା ମଧ୍ୟ ମିଳିଲା। କିନ୍ତୁ ୧୯୭୬ ବେଳକୁ ସେହି ଆଦର୍ଶ ବିରୋଧରେ ପ୍ରତିବାଦ ଆରମ୍ଭ ହେଲା। ବାମପନ୍ଥୀ ଚେତନା ଅନାଦୃତ ହେଲା ଏବଂ ରୁଷିଆ ଖଣ୍ଡ ଖଣ୍ଡ ହେଲା। ଚାଇନାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ତିଆନେନ୍‌ମେନ ସ୍କୋୟାର ଓ ଏବେ ହଂକଂରେ ଯେଉଁ ପ୍ରତିବାଦ ଚାଲିଛି ସେ ମଧ୍ୟ ଭିନ୍ନରୂପ ଧାରଣ କରିବ। ତେଣୁ କୌଣସି ପ୍ରତିବାଦ ସ୍ଥାୟୀ ଜୀବନଚେତନା ଆଣିପାରେ ନାହିଁ। ଯେଉଁମାନେ ପ୍ରତିବାଦକୁ ଅମାନବିକ କହନ୍ତି ସେମାନେ ଭୁଲ କରନ୍ତି। କାରଣ ମଣିଷ ଯେ ପର୍ଯ୍ୟନ୍ତ ଗୋଟିଏ ନୈତିକ ଆଦର୍ଶର ମୂଲ୍ୟବୋଧ ନିକଟରେ ଆତ୍ମସମର୍ପଣ କରିନାହିଁ ସେ ପର୍ଯ୍ୟନ୍ତ ପ୍ରତିବାଦ ହେଉଥିବ ବିକଳ୍ପ ସମୃଦ୍ଧିର ଜୀବନ ପାଇଁ।

ତେବେ ଉପାୟ କ'ଣ? ଆତଙ୍କବାଦ ବିରୋଧରେ ଯେତେବେଳେ ପ୍ରତିବାଦ ହୁଏ, ପ୍ରାୟ ସମସ୍ତେ ତା'ର ସମର୍ଥନ କରନ୍ତି। କାରଣ ଆତଙ୍କବାଦ ସଭ୍ୟତାର ପରିପନ୍ଥୀ। ମାନବବାଦର ଶତ୍ରୁ। ପରିବର୍ତ୍ତନ ହିଁ ବିଶ୍ୱ ଧର୍ମ ଓ ମାନବ ଧର୍ମ। ତେଣୁ ପ୍ରତିବାଦ ଇତିହାସର ଏକ (ଦୁଃଖଦାୟୀ) ଅବଶ୍ୟମ୍ଭାବିତା।

ଚିତ୍ରକାବ୍ୟ, ଶିଶୁବିହାର, ଭୁବନେଶ୍ୱର

# ସଭାରଙ୍କା ସାହିତ୍ୟିକ



ମନ-ମାନଚିତ୍ର

ଡ. ନରହରି ବେହେରା

ବର୍ଷକ ତଳୁ ଆମ ଘର ପାଖରେ କବିପ୍ରାଣ ଏବଂ ବାଗ୍ମୀପ୍ରବର ମଣିଷଟିଏ ଓ ତାଙ୍କର ଧର୍ମପତ୍ନୀ ଭଡ଼ାଘରେ ରହୁଛନ୍ତି, ତାଙ୍କ ନାମ ରଙ୍କ ଓ ଗେହ୍ଲୀ। ବୟସ ଦୃଷ୍ଟିରୁ ଆମେ ତାଙ୍କୁ ଶ୍ରଦ୍ଧାରେ ଅଜା ଆଇ ବୋଲି ଡାକିଥାଉ। କିଛିଦିନ ପରେ ଆମେ ଜାଣିଗଲୁ, ରଙ୍କ ଅଜାଙ୍କର ମାଆବାପା ଯେଉଁ ନାମକରଣ କରିଥିଲେ ତାହା ବୃଥା ହୋଇନାହିଁ। ସାହିତ୍ୟ ହେଉ କି ଏକାଦଶାହ କ୍ରିୟାର ସଭା ହେଉ, ସବୁଥିରେ ତାଙ୍କର ରଙ୍କପଣିଆ ଦେଖିଲେ ବିଧାତା ତାଙ୍କ ନାମକୁ ସାର୍ଥକ କରିଛନ୍ତି ବୋଲି ଯେ କେହି କହିପାରିବ। ମାଛରଙ୍କା ହୁଏତ ମାଛଖାଇବା ଛାଡ଼ିଦେଇ ପାରେ କିନ୍ତୁ ରଙ୍କ ଅଜା ସଭାସମିତିକୁ ଛାଡ଼ିପାରିବେ ନାହିଁ। ତାଙ୍କର ଏହି ରଙ୍କପଣିଆକୁ ଦେଖି ଆମ ଭିତରୁ ତାଙ୍କୁ କେହି ସଭାରଙ୍କୁଣା ତ ଆଉ କେହି ସଭାରଙ୍କା ଅଜା ବୋଲି ଡାକିଥାନ୍ତି।

ରଙ୍କ ଅଜାଙ୍କର ମୂଳ ଠିକଣା ଆମକୁ ଜଣାନାହିଁ। ଚାକିରିରୁ ଅବସର ନେବାପରେ ଏଇଠି ରହୁଛନ୍ତି। ଗାଁରୁ ଚାଉଳ, କଦଳୀ, ମାଛ ଇତ୍ୟାଦି ଆସେ। ନିଜ ପେନ୍‌ସନ ଟଙ୍କାରେ ସେ ଚଳିଥାନ୍ତି। ରଙ୍କ ଅଜା ସଭାସମିତି ପାଇଁ ପାଣିପରି ଟଙ୍କାପଇସା ଖର୍ଚ୍ଚ କରୁଥିବାରୁ ଘରେ ସବୁବେଳେ ଅଭାବ ଦେଖାଦିଏ। ଗେହ୍ଲୀ ଆଇ ନିଜର ଯେତେ କରୁଣ ଭାବ ଦେଖାଇ ପ୍ରତିରୋଧ କଲେ ମଧ୍ୟ ଅଜାଙ୍କର କିଛି ପରିବର୍ତ୍ତନ ହୁଏନାହିଁ। ସାହିତ୍ୟିକ ହେବା, ସଭାସମିତିରେ ଭାଷଣ ଦେବା ନିଶାରେ ରଙ୍କ ଅଜା ଦିନରାତି ଚାରିଆଡ଼େ ଘୂରି ବୁଲନ୍ତି। କେଉଁ ସଭାରେ ଚେୟାର ପଡ଼ିବ, କେଉଁଠି ମାଇକ୍ ବନ୍ଧା ହେବ, କେମିତି ନିମନ୍ତ୍ରଣପତ୍ର ବଣ୍ଟାହେବ ଇତ୍ୟାଦି କାମ କରିବା ପାଇଁ ସେ ଆଗୁଆ ପହଞ୍ଚିଯାଆନ୍ତି। କେବଳ ସେତିକି ନୁହେଁ, ଆବଶ୍ୟକ ପଡ଼ିଲେ ସଭାସମିତି ପାଇଁ ମିଠା ପୁଡ଼ିଆ ଓ ଫୁଲ କିଣିବା ପାଇଁ ଅକୁଣ୍ଠରେ ପଇସା ଖର୍ଚ୍ଚ କରିଥାନ୍ତି। ଏସବୁ ମୂଳରେ ସଭାରେ ଚୌକିଟିଏ ପାଇବା କିମ୍ବା କେଉଁଠି ମାନପତ୍ର ବା ଉତ୍ତରୀୟଟେ ହାତେଇବା ତାଙ୍କର ଅସଲ ଲକ୍ଷ୍ୟ।

ଏବକୁ ନିନ୍ଦୁକମାନେ କହୁଛନ୍ତି, ସଭାସମିତିରେ ଶ୍ରୋତା ଏବଂ ଓଡ଼ିଆ ସାହିତ୍ୟରେ ପାଠକ ପାଇବା ଦୁର୍ଲଭ ହୋଇଗଲାଣି। ମିଠା ପୁଡ଼ିଆ ଦିଅ, ଘର ଘର ବୁଲି ଅନୁରୋଧ କର ତଥାପି ଶ୍ରୋତା ମିଳୁନାହାନ୍ତି। ପକେଟରୁ ଟଙ୍କା ଖର୍ଚ୍ଚକରି ବହି ଛପାଇ ମାଗଣାରେ ବାଣ୍ଟିଲେ ବି ନବେ ପ୍ରତିଶତ ପାଠକ ଗୋଟିଏ ପୃଷ୍ଠା ବି ପଢ଼ନ୍ତି ନାହିଁ। ଏହାର କାରଣ ଦର୍ଶାଇ ନିନ୍ଦୁକମାନେ କହନ୍ତି- ଦୁନିଆରେ ଏବେ ସଭା ପାଇଁ ଶସ୍ତା ବକ୍ତା ଏବଂ ରାତି ଅଧିଆ ସାହିତ୍ୟିକ ବୋଲାଉଥିବା ଲୋକଙ୍କର ଅଭାବ ନାହିଁ। ତେଣୁ ଅଧିକାଂଶ ସଭାକୁ ଶ୍ରୋତା ଏବଂ ସାହିତ୍ୟକୁ ପାଠକମାନେ ମୁହଁ ମୋଡୁଛନ୍ତି। ରଙ୍କ ଅଜା ତା'ର ଗୋଟିଏ ଉଦାହରଣ। ସେ ସଭାରେ ଥରେ ଠିଆହେଲେ ଅଜାଙ୍କର କାଳପାତ୍ରର ଜ୍ଞାନ ରହେନାହିଁ। ଆଜିକାଲି ତ ଶର୍ଟକଟ୍ ଯୁଗ। ଉପନ୍ୟାସ ଯାଇ ଅଣୁଗପରେ ଆମେ ପହଞ୍ଚିଲୁଣି। ତହିଁକି ଅଜାଙ୍କର ବାରମ୍ବାର ଲମ୍ବା ଭାଷଣ ଶୁଣିବାକୁ କିଏ ବା ଚାହିଁବ? ତେଣୁ ସେ କହିବା ଆରମ୍ଭ କରିବା ମାତ୍ରେ କିଛି ଲୋକ ଚା ପିଇବା, ପରିସ୍ରା କରିବା ପ୍ରଭୃତି ବାହାନାରେ ଚାଲିଯାଆନ୍ତି। ଆଉ କିଛି ଭଦ୍ରତା ଖାତିରରେ ନ ଯାଇ ସେଠାରେ ଆଖିବୁଜି କିମ୍ବା ଡବଡବ ଆଖିରେ ଚାହିଁରହି ଗୁଣୁଗୁଣୁ ହୋଇ କହନ୍ତି- 'ଆସିଗଲା କଳଗାଉଣା!' ଝାଳ ନ ବୋହିବାଯାଏ ମାଇକ୍ରୋଫୋନ୍ ଛାଡ଼ିବ ନାହିଁ। ଭଗବାନ ଏ ସଭାରଙ୍କୁଣାଗୁଡ଼ାକୁ କାହିଁକି ଜନମ ଦେଇଛନ୍ତି କେଜାଣି, ଏଗୁଡ଼ାକ ମାଇପ ଛାଡ଼ଦେବେ ସିନା ମାଇକ୍ ଛାଡ଼ିବେ ନାହିଁ। ଏତେ ଟୁପୁରୁ ଟାପୁରୁ ବେଳେ ବେଳେ ରଙ୍କ ଅଜାଙ୍କ କାନରେ ପଡ଼େ। ମାତ୍ର ସେସବୁ ନିନ୍ଦା-ଅପବାଦକୁ ହସରେ ଉଡ଼ାଇଦିଅନ୍ତି।

ସେଦିନ ହଠାତ୍ ଗେହ୍ଲୀ ଆଇଙ୍କର ବିକଳ କାନ୍ଦଣା ଶୁଣି ତାଙ୍କ ଘରକୁ ଦୌଡ଼ିଲୁ। ଆଇ କାନ୍ଦି କାନ୍ଦି ଗଡ଼ି ଯାଉଥିଲେ। ସେ ସଫା କରିବା ପାଇଁ ରଖିଥିବା କାନଫୁଲ ହଳକରୁ ଗୋଟିଏ କିଏ ନେଇ ଯାଇଛି। ସେ କାନ୍ଦୁଥିବାବେଳେ ହଠାତ୍ ପାଟିକରି ଉଠିଲେ- ସେଇ ସଭାରଙ୍କୁଣା ମୋ କାନଫୁଲ ନିଶ୍ଚେ ନେଇଯାଇଛି। ଆଜି ଛାଡ଼ିବିନି...। ସେ ପାଗଳୀ ପରି ଦୌଡ଼ିଲେ। ଆମେ ବି ତାଙ୍କ ପଛରେ ଦୌଡ଼ିଲୁ। ଦୈବବାଣୀ ପାଇଲା ପରି ଆଇ ଗୋଟିଏ ସାହିତ୍ୟ ସଭା ଆଡ଼କୁ ଧସେଇ ପଶିଲେ। ମାତ୍ର ସେଠାରେ ରଙ୍କ ଅଜା ନ ଥିଲେ। ଆୟୋଜକମାନେ ମାଇକ୍‌ରେ ଡାକୁଥାନ୍ତି- ଆଜିର ସମ୍ବର୍ଦ୍ଧିତ ପ୍ରତିଭା ରଙ୍କବାବୁ କୋଉଠି ଅଛନ୍ତି ଶୀଘ୍ର ସଭାମଞ୍ଚକୁ ଆସନ୍ତୁ। ସଭା ଆରମ୍ଭ ହେବ। ଗେହ୍ଲୀ ଆଇ ଠପ୍ କରି ଠିଆ ହୋଇଗଲେ। ତାଙ୍କ ସଭାରଙ୍କୁଣା ପତି ପରମେଶ୍ୱର ଏଇଠିକି ଆସିବେ ବୋଲି କହି ଆସିଥିଲେ, କୁଆଡ଼େ ଗଲେ? ସେ ସବୁ ରାଗ ଭୁଲି ସୁଁ ସୁଁ ହୋଇ କାନ୍ଦିବାକୁ ଲାଗିଲେ। ଲୋକଙ୍କ ଭିତରୁ କେହି ଜଣେ ବଡ଼ପାଟିରେ ବ୍ୟଙ୍ଗକରି କହିଲା- ସମ୍ବର୍ଦ୍ଧିତ ପ୍ରତିଭା ଏବେ ମେଡିକାଲରେ ପୁରସ୍କାର ଗ୍ରହଣ କରୁଛନ୍ତି, ଏଠିକି ଆସିବେ କେମିତି? ଏତିକି ଶୁଣି ଆଇଙ୍କ ସହିତ ମେଡିକାଲ ଦୌଡ଼ିଲୁ।

ହାତମୁହଁରେ ପଟି ବାନ୍ଧି ପଡ଼ିଥିଲେ ରଙ୍କ ଅଜା। ଗେହ୍ଲୀ ଆଇ କାନ୍ଦି କାନ୍ଦି ଗଡ଼ିଗଲେ। ସେ କାନ୍ଦ କାନ୍ଦ ହୋଇ ଯାହା କହିଲେ ସେଥିରେ ଆମେ ବି ହତବାକ୍ ହେଇଗଲୁ। ଘଟଣାଟା ଥିଲା- ଆଜି ସଭାର ଆୟୋଜକମାନେ ତାଙ୍କୁ ସାହିତ୍ୟ ଗୌରବ ଉପାଧି ଦେବା ପାଇଁ ସ୍ଥିର କରିଥିଲେ। ରଙ୍କ ଅଜାଙ୍କ ପରି ଆଉ ଜଣେ ସାହିତ୍ୟରଙ୍କା ଏ ପୁରସ୍କାର ନେବାକୁ ଚେଷ୍ଟା କରୁଥିଲେ। ସେ ଜଣେ ନେତାଙ୍କ ପୁଅ, ମାତ୍ର ରଙ୍କ ଅଜା କି ଛାଡ଼ିବା ଲୋକ! ଗେହ୍ଲୀ ଆଇଙ୍କର କାନଫୁଲ ବିକି ସେ ଏ ପୁରସ୍କାର ନେବା ପାଇଁ ଆୟୋଜକମାନଙ୍କୁ ହାତ କରିଥିଲେ। 'ପୈସା କ୍ୟା ନ କରେ କାମ୍' ନ୍ୟାୟରେ ସେ ହୋଇଗଲେ ସମ୍ବର୍ଦ୍ଧିତ ପ୍ରତିଭା। ରଙ୍କ ଅଜା ଆଜି ସଭାକୁ ଆସିବାବେଳେ ନେତାଙ୍କ ପୁଅ ଏଇ ଅବସ୍ଥା କରିଦେଇଛି। ଏମାନେ ସାହିତ୍ୟିକ, ଅନ୍ୟମାନଙ୍କୁ ପୁଣି ବାଟ ବତାନ୍ତି? ସେ ସାହିତ୍ୟିକମାନଙ୍କୁ କେହି ଜୁହାର ହୁଅନ୍ତୁ କି ନାହିଁ ଆମ୍ଭେ ତାଙ୍କର ଚାରିଖୁରାକୁ ଦଣ୍ଡବତ କରୁଛୁ।

ବାସୁଦେବବାସ୍ୟମ୍, ଜଗନ୍ନାଥ ବିହାର, ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

## ଏଇ ଭାରତରେ

ବୟସ ୧୭, କିନ୍ତୁ ବିଚାର ଅତି ଉଚ୍ଚ। ଏମିତି ଜଣେ ଝିଅ ହେଉଛନ୍ତି ହରିୟାଣାର ଦୌଲତପୁର ଗାଁ ନିବାସୀ ଅଞ୍ଜୁ ବର୍ମା। ସେ ତାଙ୍କ ପିତା ଓ ସ୍କୁଲ ଶିକ୍ଷକଙ୍କ ସହଯୋଗରେ ଖୋଲିଛନ୍ତି 'ବୁଲନ୍ଦ ଉଡ଼ାନ'। ଏହା ମାଧ୍ୟମରେ ସ୍କୁଲରେ ଛାତ୍ରସଂଖ୍ୟା ୭୦୦କୁ ବୃଦ୍ଧି କରିପାରିଛନ୍ତି। ଏବେ ସୁଦ୍ଧା ସେ ୫୦ଟି ବାଲ୍ୟ ବିବାହ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି। ୧୫ଟି ଯୌନ ନିର୍ଯାତନା ଘଟଣାରେ ପୀଡିତାଙ୍କୁ ଆଇନଗତ ସହଯୋଗ ଯୋଗାଇ ଦେଇଛନ୍ତି। ଶିଶୁ ଶ୍ରମିକ ବିରୋଧରେ ସ୍ୱର ଉଠାଉଛନ୍ତି। ୧୦ ବର୍ଷ ବେଳେ ସେ ତାଙ୍କ ପିତାଙ୍କ ସମ୍ପର୍କୀୟଙ୍କ ଘରେ ରହି ଘରକାମ କରିବା ସହ ପଢୁଥିଲେ। ସେଠାରେ ତାଙ୍କୁ ମାତାପିତାଙ୍କ ସହ କଥାହେବାର ସୁଯୋଗ ଦିଆଯାଉ ନ ଥିଲା। ପରେ ସେ ଘରକୁ ଫେରି ଆସି ଘରକାମ କରି ପଢିବାକୁ ସମୟ ପାଇ ନ ଥିଲେ। ତେବେ ସେ ପଢିବାବେଳୁ ପିଲାମାନଙ୍କ ପାଇଁ କିଛି କରିବାକୁ ସ୍ୱପ୍ନ ଦେଖିଥିଲେ ଯାହା ଆଜି ସାକାର ହୋଇଛି। ଅଞ୍ଜୁ ପ୍ରଥମେ ଗାଁର ଝିଅମାନଙ୍କୁ ତାଙ୍କ ସହ ସାମିଲ କରିବା ଲାଗି ଘର ଘର ବୁଲିଥିଲେ କିନ୍ତୁ କେହି ତାଙ୍କୁ ସହଯୋଗ କରି ନ ଥିଲେ। ପରେ ତାଙ୍କ ଶିକ୍ଷକଙ୍କ ସହଯୋଗ ପାଇବା ପରେ ପଞ୍ଚାୟତ ମଧ୍ୟ ତାଙ୍କୁ ଏଥିରେ ସାହାଯ୍ୟ କରିଥିଲା। ୨୦୧୭ରେ ସେ 'ବୁଲନ୍ଦ ଉଡ଼ାନ' ପ୍ରତିଷ୍ଠା କରିଥିଲେ।

### ଚିରନ୍ତନୀ

ହେ ପ୍ରକୃତି ହେ ରମଣୀ ପ୍ରିୟା ପ୍ରିୟତମା
ଜଗତର ଧାତ୍ରି ଶକ୍ତି ଧରିତ୍ରୀ ଜନନୀ!
ଧରିଅଛୁ ଯେଣୁ ମୋତେ ହେ ବିଶ୍ୱ-ସୁଷମା!
ତେଣୁ ମୋର ସ୍ଥିତି ମୃତ୍ତିକାରେ। ଏ ଅବନୀ
ତଳେ ଚାଲିବାକୁ ତିଳେ ନାହିଁ ଯେ ଶକତି-
ପଙ୍ଗୁ ମୁହିଁ ତୋ ବିହୁନେ। ସ୍କନ୍ଧେ ତୋର ରେଣୁ
ନେଇଛି ଆସନ ପାତି, ତୁ ମୋର ମୁକତି।
(ପୁରୁଷ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୫

- ବାଂଲାଦେଶରେ ପ୍ରବଳ ଥଣ୍ଡା ଯୋଗୁ ୨୦୦ ମୃତ।
- ଭୂମଧ୍ୟସାଗର ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ଗ୍ୟାରେଣ୍ଟି ଦେବା ପାଇଁ ଫ୍ରାନ୍ସ ଓ ସ୍ପେନ ୟୁରୋପୀୟ ୟୁନିୟନର ଦେଶଗୁଡ଼ିକୁ ଆହ୍ୱାନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଏଡ୍‌ସ କବଳରେ କେନ୍ଦ୍ରାପଡ଼ା

ମହାଶୟ,

୨୦୧୫ରୁ ୨୦୧୮ ମଧ୍ୟରେ ରାଜ୍ୟରେ ଏଚ୍‌ଆଇଭି ପୀଡ଼ିତଙ୍କ ସଂଖ୍ୟା କମିଛି। କିନ୍ତୁ କେନ୍ଦ୍ରାପଡା ଜିଲାରେ ଏହି ପୀଡ଼ିତଙ୍କ ସଂଖ୍ୟା ବଢ଼ିଛି। ଏହି ରୋଗରେ ୧୭୨ ଜଣଙ୍କ ଜୀବନ ଗଲାଣି। ଜିଲାରେ ୭୫୦ ଜଣ ରୋଗୀ ଅଦ୍ୟାବଧି ଚିହ୍ନଟ ହୋଇଥିବା ବେଳେ ପୁରୁଷଙ୍କ ସଂଖ୍ୟା ୪୫୫, ମହିଳାଙ୍କ ସଂଖ୍ୟା ୨୫୦ ଓ ଶିଶୁଙ୍କ ସଂଖ୍ୟା ୪୫। ତେବେ ଏହି ରୋଗରେ ଆକ୍ରାନ୍ତ କିଶୋର ଓ ଶିଶୁଙ୍କ ସଂଖ୍ୟା ବଢୁଥିବାରୁ ଏହା ଜିଲା ପାଇଁ ଉଦ୍‌ବେଗର କାରଣ। ପଟ୍ଟାମୁଣ୍ଡାଇ ବ୍ଲକରେ ସର୍ବାଧିକ ୧୮୩ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଅନୁଦାନ ଦେବା ସହିତ ଏଚ୍‌ଆଇଭିମୁକ୍ତ ସମାଜ ଗଠନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହି ରୋଗର ନିରାକରଣ ପାଇଁ ଜନସଚେତନତା ଅତି ଜରୁରୀ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଗାନ୍ଧିଜୀ ଓ ମଦମୁକ୍ତ ସମାଜ

ଧରିତ୍ରୀରେ ପ୍ରକାଶିତ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ 'ଗାନ୍ଧିଜୀ ଓ ମଦମୁକ୍ତ ସମାଜର ସ୍ୱପ୍ନ' ଲେଖାଟି ପଢ଼ି ମର୍ମାହତ ହେଲି। ଗାନ୍ଧିଜୀ ସ୍ୱପ୍ନ ଦେଖିଥିଲେ ମଦମୁକ୍ତ ସମାଜ ପାଇଁ। ହେଲେ ଆଜି ମଦ ନ ହେଲେ କିଛି କାମ ହେଉନି। ଡ. ସାହୁ ଯାହା ଉଲ୍ଲେଖ କରିଛନ୍ତି, ବାସ୍ତବିକ ସତକଥା। ଏହି ମଦ ପାଇଁ କେତେ ଯେ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ତାହାର ହିସାବ କିଏ ରଖୁଛି? ପ୍ରଶାସନ ଲୋକଙ୍କୁ ବିଷ ପିଆଇ ରାଜସ୍ୱ ଆଦାୟ କରୁଛନ୍ତି। ଏହା ଠିକ୍ ନୁହେଁ। ଆମେ ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରୁଛେ, ତାଙ୍କ ନାମରେ ବିଭିନ୍ନ କାର୍ଯ୍ୟକ୍ରମ। ଅଧିକ ମଦ ଦୋକାନ ଖୋଲିବା କ'ଣ ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି କି? ଯଦି ଆମ ସରକାର ପ୍ରକୃତରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି, ତେବେ ମଦମୁକ୍ତ ସମାଜ ଗଠନ କରନ୍ତୁ। ମହୁଲରୁ ଅନେକ ପ୍ରକାର ମୂଲ୍ୟବାନ ଖାଦ୍ୟ କରାଯାଇପାରିବ, ତାହାକୁ ବିକ୍ରୟ କରି ରାଜସ୍ୱ ଆଦାୟ କରାଯାଇପାରନ୍ତା।

ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



୨୦୧୮ରେ ଭାରତରେ ପ୍ରତି ଘଣ୍ଟାରେ ଜଣେ ବେରୋଜଗାରୀ ଆତ୍ମହତ୍ୟା କରିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ବର୍ଷ ମୋଟ ୧,୩୪,୫୧୬ ଜଣ ଆତ୍ମହତ୍ୟା କରିଥିବାବେଳେ ସେମାନଙ୍କ ମଧ୍ୟରେ ୯୨,୧୧୪ ପୁରୁଷ ଓ ୪୨,୩୯୧ ମହିଳା ଅଛନ୍ତି। ୨୦୧୮ରେ ମୋଟ ୧୨,୯୩୬ ବେରୋଜଗାରୀ ଆତ୍ମହତ୍ୟା କରିଛନ୍ତି, ଯାହାକି ମୋଟ ଆତ୍ମହତ୍ୟାର ୯.୬ ପ୍ରତିଶତ।



# ସାଇରସ ମିସ୍ତ୍ରିଙ୍କୁ ଝଟକା

## ଏନ୍‌ସିଏଲ୍‌ଏଟି ରାୟକୁ ସୁପ୍ରିମକୋର୍ଟଙ୍କ ରହିତାଦେଶ

- ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠର ଶୁଣାଣି
- ଅଧ୍ୟକ୍ଷ ପଦବୀକୁ ଫେରିବାକୁ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଆସିଥିଲା
- ମିସ୍ତ୍ରିଙ୍କୁ ନୋଟିସ୍, ମାସେ ମଧ୍ୟରେ ପକ୍ଷ ରଖିବେ

**ନୂଆଦିଲ୍ଲୀ,୧୦।୧**

ଟାଟାସନ୍ସର ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ନେଇ ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ଡିସେମ୍ବର ୧୮ରେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ରାୟ ଦେଇଥିଲେ। ଏହି ରାୟକୁ ସୁପ୍ରିମକୋର୍ଟ ଶୁକ୍ରବାର ରହିତାଦେଶ ଦେଇଛନ୍ତି। ଫଳରେ ମିସ୍ତ୍ରିଙ୍କୁ ଏହି ମାମଲାରେ ଝଟକା ଲାଗିଛି। ମିସ୍ତ୍ରିଙ୍କ ସପକ୍ଷରେ ଟ୍ରିବ୍ୟୁନାଲ ରାୟ ଦେବା ସହ ଟାଟାସନ୍ସକୁ ଏକ ଘରୋଇ କମ୍ପାନୀରେ ପରିବର୍ତ୍ତନ ଏବଂ ଅଧ୍ୟକ୍ଷ ପଦବୀରେ ଏନ୍.ଚନ୍ଦ୍ରଶେକରନ୍‌ଙ୍କ ନିଯୁକ୍ତିକୁ ବେଆଇନ ବୋଲି କହିଥିଲେ। ଏହି ରାୟ ବିରୋଧରେ ଚ୍ୟାଲେଞ୍ଜ କରିବା ଲାଗି ଟାଟାସନ୍ସକୁ ଗୋଟିଏ ମାସ ସମୟ ଦିଆଯାଇଥିଲା। ଉକ୍ତ



ମାମଲାରେ ଟାଟା ସନ୍ସ, ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା ଏବଂ ଟିସିଏସ୍ ପ୍ରମୁଖ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ଏହାର ଶୁଣାଣି ଶୁକ୍ରବାର ହୋଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ବିସ୍ତୃତ ଶୁଣାଣି କରିବାକୁ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍.ଏ.ବୋବଡେ, ଜଷ୍ଟିସ ବି.ଆର୍. ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଗଠିତ ଖଣ୍ଡପୀଠ ଉକ୍ତ ମାମଲାରେ ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଟାଟାସନ୍ସ ଏନ୍.ଚନ୍ଦ୍ରଶେକରନଙ୍କ ନେତୃତ୍ୱରେ ଏହାର ବାଣିଜ୍ୟ ପରିଚାଳନା କରିପାରିବ। ଏହା ସହ ମିସ୍ତ୍ରିଙ୍କୁ ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ନୋଟିସ୍ ଜାରି ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ମିସ୍ତ୍ରିଙ୍କୁ କୁହାଯାଇଛି।

ଏକ ବିବାଦୀୟ ସ୍ଥିତିରେ ୨୦୧୬ ଅକ୍ଟୋବର ମିସ୍ତ୍ରିଙ୍କୁ ଟାଟାସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା। ଏହାକୁ ବିରୋଧ କରି ସେ ପ୍ରଥମେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମାମଲା ଟାଟା ଗ୍ରୁପ ସମକ୍ଷରେ ଯାଇଥିଲା। ଏହା ବିରୋଧରେ ମିସ୍ତ୍ରି ପରେ ଏନ୍‌ସିଏଲ୍‌ଏଟିଙ୍କ ଦ୍ୱାରସ୍ଥ ହେଲେ ଯେଉଁଠାରେ ରାୟ ତାଙ୍କ ସପକ୍ଷରେ ଯାଇଥିଲା। ହେଲେ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଟାଟା ଗ୍ରୁପକୁ କୁହାଯାଇଥିଲା। ଯେଉଁଠାରେ ଏନ୍‌ସିଏଲ୍‌ଏଟି ରାୟକୁ ରହିତାଦେଶ ଦିଆଯାଇଛି। ଟାଟା ଗ୍ରୁପ ଅଧ୍ୟକ୍ଷ ପଦବୀକୁ ଫେରିବା ନେଇ କୌଣସି ଆଗ୍ରହ ନ ଥିବା ମିସ୍ତ୍ରି ଗତ ସପ୍ତାହରେ କହିଥିଲେ। ଅଳ୍ପ ସଂଖ୍ୟକ ଅଂଶୀଦାରଙ୍କ ସ୍ୱାର୍ଥକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନେଇଥିବା ମିସ୍ତ୍ରି କହିଥିଲେ। ସାଇରସ ମିସ୍ତ୍ରି ସାପୁରଜୀ ପାଲୋନଜୀ ପରିବାରର ହୋଇଥିବା ବେଳେ ୨୦୧୨ରେ ରତନ ଟାଟାଙ୍କ ସ୍ଥାନରେ ଟାଟାସନ୍ସର କାର୍ଯ୍ୟକାରୀ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏହି ପଦବୀ କାରଣରୁ ସେ ଟାଟା ମୋଟର୍ସ, ଟାଟା ପାୱାର ଭଳି ଗ୍ରୁପର ସମସ୍ତ ସୂଚୀଭୁକ୍ତ କମ୍ପାନୀଗୁଡ଼ିକରେ ପ୍ରମୁଖ ସ୍ଥାନରେ ରହିଥିଲେ। ଟାଟାସନ୍ସରେ ସାଇରସ ମିସ୍ତ୍ରିଙ୍କ ପରିବାରର ୧୮% ଅଂଶଧନ ରହିଛି।



ଲୋକସେବା ଭବନରେ 'ମୋ ସରକାର' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

# ଧାର୍ଯ୍ୟଲକ୍ଷ୍ୟ ଉପରେ ଗୁରୁତ୍ୱ

- ମୋ ସରକାରରେ ନଗର ଉନ୍ନୟନ
- ଅଧିକାରୀଙ୍କ ସହ ଆଲୋଚନା କଲେ ୫-ଟି ସଚିବ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନ ହୋଇଛି। ଏଥିପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ପ୍ରତାପ କହିଥିଲେ ଯେ, ବିଭାଗରେ ମୋ ସରକାର ସେଲ୍ ଖୋଲାଯାଇଛି। ଏହା ପୂର୍ବାପେକ୍ଷା ବିଭାଗରେ ଅଧିକ ସ୍ୱଚ୍ଛତା ଆଣିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ, କୋଠା ନିର୍ମାଣ, ହୋଲ୍ଡିଂ ଟ୍ୟାକ୍ସ ଏବଂ ପାନୀୟ ଜଳଯୋଗାଣ ବହୁତ ଗୁରୁତ୍ୱପୂର୍ଣ୍ଣ। ବିଭାଗ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟ ନିଶ୍ଚୟ ସାଧିତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ପୌରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ଏହି ସମୟରେ ୫-ଟି ସଚିବ ପାଟଣାଗଡ, ରାଇରଙ୍ଗପୁର, ବଣାଇ, ରାଜଗାଙ୍ଗପୁର,ଆଠମଲ୍ଲିକ, ତାଳଚେର, ଜୟପୁର ଏବଂ କବିସୂର୍ଯ୍ୟନଗର 'ମୋ ସରକାର' କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ଥିବା ଅଫିସରଙ୍କୁ ୫-ଟି ସଚିବ ପ୍ରଶଂସା କରିଥିଲେ। ସେହିଭଳି କୌଣସି ପରିସ୍ଥିତିରେ ସାଧାରଣ ଲୋକଟି ଯେପରି ବିଧିବ୍ୟବସ୍ଥା ଦ୍ୱାରା ଅସୁବିଧା ନ ଭୋଗେ, ସେଥିପ୍ରତି ଧ୍ୟାନ ଦେବାକୁ ୫-ଟି ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ନଗର ଉନ୍ନୟନ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୩୪୨ ଛୋଟବଡ଼ କାର୍ଯ୍ୟାଳୟର ପ୍ରାୟ ୫୦୦ ଅଧିକାରୀଙ୍କୁ ଏ ବାବଦରେ ପ୍ରଶିକ୍ଷଣ ଦିଆଯାଇଥିବା ଜଣାପଡ଼ିଛି।

## ୨୦୨୦ରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ

# ୫୮ ଦେଶରେ ଭାରତୀୟଙ୍କୁ ଲୋଡ଼ାନାହିଁ ଭିଜା

**ନୂଆଦିଲ୍ଲୀ,୧୦।୧**

ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସପୋର୍ଟ ସୂଚକାଙ୍କ ୨୦୨୦ରେ ଭାରତୀୟ ପାସ୍‌ପୋର୍ଟ ୮୪ତମ ସ୍ଥାନ ଅଧିକାର କରିଛି। ଏହି ପାସ୍‌ପୋର୍ଟ ରଖିଥିବା ଭାରତୀୟମାନେ ବିଶ୍ୱର ୫୮ ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ ବୋଲି ଏକ ନୂଆ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ (ଆଇଏଟିଏ)ଠାରୁ ସଂଗୃହୀତ ତଥ୍ୟକୁ ଭିତ୍ତିକରି ହେନ୍‌ଲେ ଆଣ୍ଡ ପାର୍ଟନର୍ସ ପକ୍ଷରୁ ଏକ ପାସ୍‌ପୋର୍ଟ ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ପାସ୍‌ପୋର୍ଟଧାରୀ ବିନା ଭିଜାରେ କେତୋଟି ଦେଶ ବୁଲିପାରିବେ ସେହି ଅନୁସାରେ ଦେଶଗୁଡ଼ିକର ର୍‌ୟାଙ୍କିଙ୍ଗ୍ ଏଥିରେ କରାଯାଇଛି।

ନୂଆ ପାସ୍‌ପୋର୍ଟ ଇଣ୍ଡେକ୍ସ ଅନୁସାରେ ଜାପାନ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସ୍‌ପୋର୍ଟ ପ୍ରଦାନକାରୀ ଦେଶର



ମାନ୍ୟତା ବଜାୟ ରଖିଛି। ଜାପାନର ପାସ୍‌ପୋର୍ଟ ବଳରେ ୧୯୧ଟି ଦେଶକୁ ଭିଜାମୁକ୍ତ ଯାତ୍ରା କରାଯାଇପାରିବ। ୨୦୧୯ରେ ଭାରତ ଏହି କ୍ଷେତ୍ରରେ ୮୨ତମ ସ୍ଥାନରେ ଥିବାବେଳେ ୨୦୨୦ରେ ୮୪ତମ ସ୍ଥାନକୁ ଖସିଆସିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ସିଙ୍ଗାପୁର (୧୯୦ ଦେଶ)। ତୃତୀୟରେ ଜର୍ମାନୀ ଓ ଦକ୍ଷିଣ କୋରିଆ (୧୮୯ ଦେଶ) ରହିଥିବାବେଳେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ଫିନ୍‌ଲାଣ୍ଡ ଓ ଇଟାଲୀ। ଏହି ଦୁଇଦେଶର ପାସ୍‌ପୋର୍ଟଧାରୀ ୧୮୮ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା କରିପାରିବେ। ସେହିପରି ଡେନ୍‌ମାର୍କ, ଲକ୍ସେମବର୍ଗ ଓ ସ୍ପେନ୍ (୧୮୭ ଦେଶ) ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଷଷ୍ଠ ସ୍ଥାନରେ ଥିବା ଫ୍ରାନ୍ସ ଓ ସ୍ୱିଡେନର ପାସ୍‌ପୋର୍ଟ ରଖିଥିବା ସେହି ଦେଶର ନାଗରିକ ୧୮୬ ରାଷ୍ଟ୍ରରେ ଭ୍ରମଣ କରିପାରିବେ। ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ନେଦରଲାଣ୍ଡସ, ପର୍ତ୍ତୁଗାଲ ଓ ସୁଇଜରଲାଣ୍ଡ ପାସ୍‌ପୋର୍ଟରେ ୧୮୫ ଦେଶ ବୁଲି ହେଉଥିବାବେଳେ ଅଷ୍ଟମ ସ୍ଥାନରେ ରହିଛନ୍ତି ବେଲ୍‌ଜିୟମ, ଗ୍ରୀସ୍, ନରୱେ, ବ୍ରିଟେନ ଓ ଆମେରିକା (୧୮୪ ଦେଶ)। ଅଷ୍ଟ୍ରେଲିଆ, କାନାଡା, ଚେକ୍ ରିପବ୍ଲିକ୍, ମାଲ୍ଟା, ନ୍ୟୁଜିଲାଣ୍ଡ (୧୮୩ ଦେଶ) ଏହି କ୍ଷେତ୍ରରେ ନବମ ସ୍ଥାନରେ ଅଛନ୍ତି। ସେହିପରି ଦଶମ ସ୍ଥାନରେ ଥିବା ହଙ୍ଗେରି, ଲିଥୁଆନିଆ ଓ ସ୍ଲୋଭାକିଆ ପାସ୍‌ପୋର୍ଟରେ ୧୮୧ ରାଷ୍ଟ୍ରରେ ଭିଜାମୁକ୍ତ ଯାତ୍ରା ସମ୍ଭବ ବୋଲି ଏହି ଇଣ୍ଡେକ୍ସରେ ଉଲ୍ଲେଖ କରାଯାଇଛି।

### ଭାରତର ର୍‌ୟାଙ୍କିଙ୍ଗ୍:

ଭାରତ ଗତବର୍ଷ ତୁଳନାରେ ଏବର୍ଷ ଦୁଇଟି ସ୍ଥାନ ତଳକୁ ଖସିଛି। ୨୦୨୦ରେ ଭାରତ ଭଳି ୮୪ତମ ସ୍ଥାନରେ ରହିଛନ୍ତି ମରିଟାନିଆ ଓ ତାଜିକିସ୍ତାନ। ୭୧ତମ ସ୍ଥାନରେ ଥିବା ଚାଇନାର ପାସ୍‌ପୋର୍ଟ ଭାରତଠାରୁ ଅଧିକ ପ୍ରଭାବଶାଳୀ। ଆଫଗାନିସ୍ତାନ ପାସ୍‌ପୋର୍ଟକୁ ଏଥିରେ ସବୁଠୁ ନିକୃଷ୍ଟ ପାସ୍‌ପୋର୍ଟ ବୋଲି ଦର୍ଶାଯାଇଛି। ପାକିସ୍ତାନର ପାସ୍‌ପୋର୍ଟ ହେଉଛି ଚତୁର୍ଥ ନିକୃଷ୍ଟ। ଭରତୀୟ ପାସ୍‌ପୋର୍ସ ରଖିଥିବା ନାଗରିକମାନେ ଭୁଟାନ, କାମ୍ବୋଡିଆ, ଇଣ୍ଡୋନେସିଆ, ମାଳଦ୍ୱୀପ, ମ୍ୟାନ୍‌ମାର, ନେପାଳ, କେନିଆ, ଉଗାଣ୍ଡା ଭଳି ୫୮ଟି ଦେଶରେ ଭିଜାମୁକ୍ତ ଯାତ୍ରା କରିପାରିବେ। ତେବେ କେତେକ ଦେଶରେ ପହଞ୍ଚିବା ମାତ୍ରେ ଭିଜା ଆବଶ୍ୟକ ହୋଇଥାଏ।

# ଗୋଟିଏ ମଞ୍ଚରେ ଏକାଠି ହେବେ ମୋଦି-ମମତା

**କୋଲକାତା,୧୦।୧**



ଲୋକ ସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ରବିବାର କୋଲକାତା ପୋର୍ଟ ଟ୍ରଷ୍ଟର ଏକ କାର୍ଯ୍ୟକ୍ରମରେ ଉଭୟ ନେତା ଏକାଠି ହେବେ ବୋଲି ତୃଣମୂଳ କଂଗ୍ରେସର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏଥିସହିତ ରାଜଭବନରେ ଉଭୟଙ୍କ ମଧ୍ୟରେ ବୈଠକ ହୋଇପାରେ ବୋଲି ଉକ୍ତ ସୂତ୍ରରୁ ଜଣାପଡିଛି। ୧୨ ତାରିଖ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମମତାଙ୍କୁ ଆମନ୍ତ୍ରଣ କରିବାକୁ କେନ୍ଦ୍ର ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭୀୟ ବ୍ୟକ୍ତିଗତ ଭାବେ ରାଜ୍ୟ ସଚିବାଳୟକୁ ଯାଇଥିଲେ। ଶନିବାରଠାରୁ ମୋଦି କୋଲକାତାକୁ ଦୁଇଦିନିଆ ଗସ୍ତରେ ଯାଉଛନ୍ତି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି । ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଆର୍‌ଏସ୍-୨୩-୨୦୧୯-୨୦। ତାରିଖ: ତା୦୩।୦୧।୨୦୨୦ ୱାଗନ୍ ରିପେୟାର୍ ଶପ୍, ଏସ୍‌ଇସିଆର୍, ରାୟପୁର (ଛତିଶଗଡ଼) ଠାରେ ନିମ୍ନଲିଖିତ କାର୍ଯ୍ୟର ସଫଳ ନିର୍ବାହ ପାଇଁ ଅଭିଜ୍ଞ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କାର୍ଯ୍ୟର ନାମ:-** ୦୨ (ଦୁଇ) ବର୍ଷ ଅବଧି ପାଇଁ "ସବୁ ପ୍ରକାର ୱାଗନ୍‌ର ସିବିସି ଓ ଏହାର କମ୍ପୋନେଣ୍ଟଗୁଡ଼ିକର ଡ୍ରପିଂ" ନିମନ୍ତେ କାର୍ଯ୍ୟ ଠିକା । ଆନୁମାନିକ । **ଟେଣ୍ଡର ମୂଲ୍ୟ:-** ଟ.୩୩,୦୪,୧୨୮.୦୦ (ତେତିଶ ଲକ୍ଷ ଚାରି ହଜାର ଏକଶହ ଅଠେଇଶ ଟଙ୍କା ମାତ୍ର) ଜିଏସ୍‌ଟି ସମେତ। **ପରିମାଣ ଏବଂ ଚୁକ୍ତି ଅବଧି:-** ସଂଲଗ୍ନ ପରିଶିଷ୍ଟ ଅନୁଯାୟୀ ୨୪ (ଚବିଶ) ମାସ ଅବଧି ପାଇଁ। **ଅମାନତ ରାଶି (ଟ.):-** ଟ.୬୬୧୦୦.୦୦ (ଛଷଠି ହଜାର ଏକ ଶହ ଟଙ୍କା ମାତ୍ର)। **ଟେଣ୍ଡର ଫର୍ମ ମୂଲ୍ୟ (ଟ.):-** ଟ.୩,୦୦୦/- (ତିନିହଜାର ଟଙ୍କା ମାତ୍ର)। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୩।୦୨।୨୦୨୦ରିଖ ୧୬.୦୦ ଘଟିକା। **ବିଡିଂ ଆରମ୍ଭ ତାରିଖ:-** ତା୨୦।୦୧।୨୦୨୦ରିଖ । **ଯୋଗ୍ୟତା ମାନଦଣ୍ଡ:-** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ ।

ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

PR/R/WRS/AP/187 ଡେପୁଟି ସିଏମ୍‌ଇ (III)/ଡବ୍ଲ୍ୟୁଆର୍‌ଏସ୍/ରାୟପୁର

South East Central Railway @secrail


## ଗୋପୀନାଥ ଗଜପତିଙ୍କ ପରଲୋକ

# ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜାଙ୍କ ଶୋକ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଟୁଇଟ୍ ଜରିଆରେ ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ବ୍ରହ୍ମପୁର ଏମ୍‌ପି ତଥା ପାରଳା ଗଜପତି ନାରାୟଣ ଦେବଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ତାଙ୍କ ବିୟୋଗ ସମଗ୍ର ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁ ଖବର ପାଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି ଗୋପୀନାଥଙ୍କ ଶେଷ ଦର୍ଶନ କରିଥିଲେ। ଗୋପୀନାଥ ଗଜପତି ସାଧାରଣ ଜନତାଙ୍କ ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୁରୀ ଗଜପତି ମହାରାଜା ଶୋକ ପ୍ରକାଶ କରି କହିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଧ୍ୟ ଶୋକ ପ୍ରକାଶ କରିଥିଲେ। ବାଚସ୍ପତି ପାତ୍ର କହିଥିଲେ ଯେ, ଗୋପୀନାଥବାବୁ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ଜଣେ ଜନପ୍ରିୟ ରାଜନେତା ଓ ସାଂସଦ ଭାବରେ ତାଙ୍କର କାର୍ଯ୍ୟ ଗରିମାମୟ ଥିଲା। ରାଜ୍ୟର ସମସ୍ତ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ପାରଳା ମହାରାଜାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ କେ.ଭି. ସିଂହଦେଓ ଏବଂ ଏମ୍‌ପି ସଙ୍ଗୀତା ସିଂଦେଓ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ନାବାଳିକା ଝିଅଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

# ଗୁଜରାଟରେ ଜଣେ ଓଡ଼ିଆଙ୍କୁ ଫାଶୀ ଦଣ୍ଡାଦେଶ

**ସୁରଟ୍,୧୦।୧(ପି.ଟି.):** ନିଜର ନାବାଳିକା ଝିଅ(୧୪କୁ ବଳାତ୍କାର କରି ଗର୍ଭବତୀ କରିବା ପରେ ତଣ୍ଟିଚିପି ମାରିବା ଘଟଣାରେ ଗୁଜରାଟର ସ୍ୱତନ୍ତ୍ର କୋର୍ଟ ଜଣେ ଓଡ଼ିଆଙ୍କୁ ଫାଶୀଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ଜିଲା ଓ ସେସନ୍ ଜଜ୍ ପି.ଏସ୍. କାଲା ସୁରଟ୍‌ର ପାଣ୍ଡେସ୍ରାରେ ରହୁଥିବା ଟୁକୁନା ଦାସଙ୍କୁ 'ରେୟାରେଷ୍ଟ ଅଫ୍ ରେୟାର' ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ କରି ଏଭଳି ଦଣ୍ଡାଦେଶ ଦେଇଛନ୍ତି। ମୃତକଙ୍କ ରକ୍ତନମୁନା ସହ ଟୁକୁନାଙ୍କ ଡିଏନ୍‌ଏ ଟେଷ୍ଟ ମେଳଖାଇବା ପରେ ପିଶାଚ ବାପାର ରାକ୍ଷସପଣ ଜଣାପଡ଼ିଥିଲା। ମିଳିଥିବା ସୂଚନା ଅନୁଯାୟୀ ଟୁକୁନା ଦ୍ୱିତୀୟ ସ୍ତ୍ରୀ (ମୃତ ନାବାଳିକା ଝିଅର ସାବତ ମା) ସହ ରହୁଥିବାବେଳେ ନାବାଳିକା ଝିଅକୁ କ୍ରମାଗତ ବଳାତ୍କାର କରିଆସୁଥିଲା। ନାବାଳିକା ଗର୍ଭବତୀ ହେବା କଥା ଦ୍ୱିତୀୟ ସ୍ତ୍ରୀ ଜାଣିଥିଲେ। ପରେ ନାବାଳିକା ଝିଅକୁ ରାସ୍ତାରୁ ହଟାଇବା ଲାଗି ଯୋଜନା କରିଥିଲେ। ନାବାଳିକା ଝିଅର ମରଶରୀର ୧୧ଦିନ ପରେ ଅର୍ଥାତ୍ ୨୦୧୭ ଜୁନ୍ ୩୦ରେ ସୁରଟସ୍ଥିତ ଡୁମାସ୍ ରୋଡ୍ ନିକଟ ନିଛାଟିଆ ଜାଗାରୁ ମିଳିଥିଲା।






ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇପାରେ।

- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଫନୀ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ବିଏମ୍‌ସିର କ୍ଷତିପୂରଣ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଫନୀ ବାତ୍ୟାରେ ଭୁବନେଶ୍ୱରରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନଙ୍କୁ ଶୁକ୍ରବାରଠାରୁ କ୍ଷତିପୂରଣ ଦେବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ମୋଟ୍ ୧୧୩୪୮ଟି ଦୋକାନୀଙ୍କୁ ୧୦ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ। ଏହି ଅର୍ଥ ଆକ୍ସିସ୍ ବ୍ୟାଙ୍କ୍ ଜରିଆରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ଆକ୍ସିସ୍ ବ୍ୟାଙ୍କ୍‌ର ସାମନ୍ତରାପୁର ଶାଖା ଏହି ଦାୟିତ୍ୱ ନେଇଛି। ଏ ସମ୍ପର୍କିତ କୌଣସି ସମସ୍ୟା ଉପୁଜିଲେ ବ୍ୟାଙ୍କ୍ ବିଏମସିର ସହାୟତା ନେବ। ସୂଚନାଯୋଗ୍ୟ, ୨୦୧୫-୧୬ ମସିହାରେ ହୋଇଥିବା ସର୍ଭେ ଅନୁଯାୟୀ ଭୁବନେଶ୍ୱରରେ ୨୧ ହଜାର ୪୮୩ଟି ଦୋକାନ ରହିଥିଲା। କିନ୍ତୁ ଫନୀ ସର୍ଭେରେ ୧୧ହଜାର ୩୪୮ଟି ଦୋକାନ ଥିବା ଜଣାପଡ଼ିଛି।

### ଓଏସ୍‌ଏଚ୍‌ବି ଅଧ୍ୟକ୍ଷ ପ୍ରିୟଦର୍ଶୀଙ୍କ ମାତୃବିୟୋଗ



**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା(ଓଏସ୍‌ଏଚ୍‌ବି) ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ମା' କାଞ୍ଚନବାଳା ମିଶ୍ରଙ୍କର ଗୁରୁବାର ୭୮ ବର୍ଷ ବୟସରେ ପରଲୋକ ଘଟିଛି। ବାଲିପାଟଣାର ସ୍ୱର୍ଗତ ଜଗନ୍ନାଥ ମିଶ୍ରଙ୍କ ସ୍ତ୍ରୀ କାଞ୍ଚନବାଳା ବାଥରୁମ୍‌ରେ ପଡ଼ିଯିବା ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଅପରାହ୍ନ ୩ଟା ୧୫ରେ ତାଙ୍କର ମୃତ୍ୟୁ ଘଟିଥିଲେ। ଏହି ସମୟରେ ତାଙ୍କର ବଡ଼ପୁଅ ଦେବଦର୍ଶୀ ମିଶ୍ର, ମଝିଆ ପୁଅ ପ୍ରିୟଦର୍ଶୀ ମିଶ୍ର ଓ ସାନପୁଅ ବିଶ୍ୱଦର୍ଶୀ ମିଶ୍ର, ତିନିଝିଅଙ୍କ ସମେତ ପ୍ରିୟଦର୍ଶୀଙ୍କ ପତ୍ନୀ ରୋଜାଲିନୀ ପାଟଶାଣୀ ମିଶ୍ର ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଜଗନ୍ନାଥ ମିଶ୍ର ବାଲିପାଟଣା ଚଣାହାଟ ହାଇସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ ବର୍ଷ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ଦେବଦର୍ଶୀ ବରିଷ୍ଠ ପ୍ରଫେସର ଭାବେ ଅରୁଣାଚଳ ପ୍ରଦେଶରେ କାର୍ଯ୍ୟରତ। ସ୍ୱର୍ଗତା ମିଶ୍ର ଜଣେ ପରୋପକାରୀ, ଧର୍ମପରାୟଣା ଓ ସମାଜସେବୀ ଭାବରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିବାରୁ ତାଙ୍କ ମୃତ୍ୟୁରେ ବାଲିପାଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହସ୍ପିଟାଲରୁ ତାଙ୍କ ମରଶରୀରକୁ ବାଲିପାଟଣାସ୍ଥିତ ତାଙ୍କ ଗ୍ରାମକୁ ଶେଷଦର୍ଶନ ଲାଗି ନିଆଯାଇଥିଲା। ଗୁରୁବାର ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଥାନା ପରିସରରେ ଫୁଲ ବଗିଚା

**ବାଲିଅନ୍ତା,୧୦।୧(ଡି.ଏନ.ଏ.):** ବାଲିଅନ୍ତା ଥାନା ପରିସରରେ ଶୁକ୍ରବାର ଏକ ଫୁଲ ବଗିଚା ଉଦ୍‌ଘାଟିତ ହୋଇଯାଇଛି। ଦେବାଭିଷେକ ପୂର୍ଣ୍ଣିମା ଅବସରରେ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସିଥିବା ଅତିରିକ୍ତ ପୋଲିସ କମିଶନର ତଥା ଭୁବନେଶ୍ୱର ଇନ୍‌ଚାର୍ଜ ଡିସିପି ଅନୁପ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ବଗିଚାରେ ବିଭିନ୍ନ କିସମର ୧୮ଶହ ଫୁଲ ଚାରା ରୋପଣ କରାଯାଇଛି। ଏଥି ସହିତ ବଗିଚାକୁ ଆଲୋକମାଳାରେ ସଜାଯାଇଛି। ଗତ ଫନୀ ବାତ୍ୟାରେ ଥାନା ପରିସରରେ ବହୁ ଗଛ ଉପୁଡ଼ିପଡ଼ିଥିଲା। ଏଣୁ ବ୍ୟାପକ ଚାରା ରୋପଣ କରିବାକୁ ସାହୁ ପରାମର୍ଶ ଦେଇଥିଲେ। ଥାନା ଅଧିକାରୀ ପ୍ରଦୀପ ରାଉତଙ୍କୁ ସେ ପ୍ରଶଂସା କରିଥିଲେ। ଉଦ୍‌ଘାଟନ ଅବସରରେ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଫନୀକୁ ୮ମାସ ବିତିଲା

# ମରାମତି ହେଉନି ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

**କଟକ ରୋଡ,୧୦।୧(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ର ୮ମାସ ପରେ ବି ରାଜଧାନୀର କେତେକ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହା କି ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା କଟକ ରୋଡ ଅଞ୍ଚଳରେ। ବାତ୍ୟାରେ ବୁଢ଼େଶ୍ୱରୀ ମନ୍ଦିର ସମ୍ମୁଖ ମେଡିଆନରେ ଲେଖାଯାଇଥିବା ଏକ ସୁଉଚ୍ଚ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଝୁଲି ରହିଛି। ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ହେଉଥିବା ବେଳେ ଖୁଣ୍ଟ କେଉଁ ସମୟରେ ଭାଙ୍ଗି ପଡ଼ିବ ସେ ନେଇ ଆଶଙ୍କା ଦେଖାଦେଇଛି। ଏ ନେଇ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।

ସୂଚନାଥାଉ କି, ଉକ୍ତ ମନ୍ଦିର ନିକଟ ସହ ଅନ୍ୟାନ୍ୟ ଅଞ୍ଚଳରେ ବାତ୍ୟା ସମୟରେ ଉପୁଜିଥିବା ଏଭଳି ସମସ୍ୟା ନେଇ 'ଧରିତ୍ରୀ'ରେ ଏକ ଶୀର୍ଷକ ପ୍ରକାଶ ପାଇଥିଲା। ଫଳରେ ତତ୍କାଳୀନ ବିଏମସି କମିଶନର ବିଏମସି ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ସମସ୍ତ ଠିକାଦାରଙ୍କୁ ଡକାଇ ଏକ ବୈଠକ କରିଥିଲେ। ତୁରନ୍ତ ଷ୍ଟ୍ରିଟଲାଇଟ ସେବା ସ୍ୱାଭାବିକ କରିବା ସହ କେଉଁଠାରେ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ ରହିଛି ତାହାର ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କଟକ ରୋଡ ରାସ୍ତାରେ ବହୁଦିନ ଧରି ପଡିଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ବିଏମସି ପକ୍ଷରୁ ହଟାଯାଇଥିଲେ ମଧ୍ୟ ଅଦ୍ୟାବଧି ଅଘଟଣ ଆଶଙ୍କା ଥିବା ଉକ୍ତ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନ ନେବା ଅସନ୍ତୋଷର କାରଣ ପାଲଟିଛି। ଏ ନେଇ ବିଏମସି ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଜଣେ ସହକାରୀ ଯନ୍ତ୍ରୀ କୁହନ୍ତି, ବାତ୍ୟା ସମୟର ଏଭଳି ଖୁଣ୍ଟ ରହିଥିବା ନଜରକୁ ଆସିନାହିଁ। ଖୁବ୍‌ଶୀଘ୍ର ଏହାକୁ ଅପସାରଣ କିମ୍ବା ମରାମତି କରାଯିବ।



ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ।

## ନିଃଶୁଳ୍କ ତିବ୍ବତୀୟ ଚିକିତ୍ସା ଶିବିର ଉଦ୍‌ଘାଟିତ

# 'ପ୍ରାଚୀନ ଓ ପାରମ୍ପରିକ ଚିକିତ୍ସା ବିଧିର ଗୁରୁତ୍ୱ ରହିଛି'

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ପ୍ରାଚୀନ ଓ ପାରମ୍ପରିକ ଚିକିତ୍ସା ବିଧିର ବହୁତ ଗୁରୁତ୍ୱ ରହିଛି। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଏସବୁ ଚିକିତ୍ସା ବ୍ୟବସ୍ଥାର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି। ୟୁନିଟ୍-୧ ଅଞ୍ଚଳରେ ନିଃଶୁଳ୍କ ତିବ୍ବତୀୟ ଚିକିତ୍ସା ଶିବିର ଉଦ୍‌ଘାଟନ ଅବସରରେ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତେ ଏହି ଚିକିତ୍ସା ସେବାର ସୁଯୋଗ ଉଠାଇବା ସହ ସୁସ୍ଥ ଓ ନିରୋଗ ଜୀବନଯାପନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ପରମ ପୂଜନୀୟ ଦଲାଇଲାମାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡା. ସେୱାଙ୍ଗ୍ ତାମ୍‌ଦିନ୍ ସ୍ୱାଗତ ଅଭିଭାଷଣ ଦେବା ଅବସରରେ କହିଥିଲେ, ୧୯୮୨ରେ ପ୍ରଥମଥର ଦିଲ୍ଲୀରେ ଏହି ତିବ୍ବତୀୟ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଥିବାବେଳେ ଏବେ ସାରା ଭାରତରେ ଏହାର ୭୨ ଶାଖା ରହିଛି। ଆମେରିକା, ଫ୍ରାନ୍ସ ଓ ବ୍ରିଟେନ୍‌ରେ ମଧ୍ୟ ଏହି ଚିକିତ୍ସା ବ୍ୟବସ୍ଥା ଖୁବ୍ ଲୋକପ୍ରିୟ। ୧୯୮୮ରେ ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା ତିବ୍ବତୀୟ ଚିକିତ୍ସା ଅନୁଷ୍ଠାନ ୩୨ ବର୍ଷ ଧରି ନିରନ୍ତର ଚିକିତ୍ସା ସେବା ଯୋଗାଇଦେଇ ଆସୁଛି। ଆମ ମନ ସହିତ ରୋଗର ସମ୍ବନ୍ଧ ରହିଛି। ସୁସ୍ଥ ମନ ଦ୍ୱାରା ନିରୋଗ ଶରୀର ସମ୍ଭବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ତିବ୍ବତୀୟ ଚିକିତ୍ସା କେନ୍ଦ୍ରର ଆବାସିକ ଡା. ରିନ୍‌ଜିନ୍ ମେନ୍‌ଲା, ଆଷ୍ଟ୍ରୋ ବିଜ୍ଞାନ ପରାମର୍ଶଦାତା ତେନ୍‌ଜିନ୍ ୟାଙ୍କି, ବୁଦ୍ଧିଷ୍ଟ ମଙ୍କ୍ ତେନ୍‌ଫେଲା ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ଶାସନ ସଚିବ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର ଭିସି ୧/୨ ପରିସରରେ ଶୁକ୍ରବାର ଏହି ଶିବିର ଉଦ୍‌ଘାଟିତ ହୋଇଛି। ଏହି ୩ ଦିନିଆ ନିଃଶୁଳ୍କ ତିବ୍ବତୀୟ ଚିକିତ୍ସା ଶିବିର ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## କେରଳ ଆସେଣ୍ଡ-୨୦୨୦ ଗ୍ଲୋବାଲ ଇନଭେଷ୍ଟର୍ସ ମିଟ୍

# ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଯୋଗଦାନ




ଗ୍ଲୋବାଲ ଇନଭେଷ୍ଟର୍ସ ମିଟ୍‌ରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ସମ୍ମାନିତ କରାଯାଉଛି।

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

କେରଳ ସରକାରଙ୍କ ପକ୍ଷରୁ ଆୟୋଜିତ ଆସେଣ୍ଡ-୨୦୨୦ ଗ୍ଲୋବାଲ ଇନଭେଷ୍ଟର୍ସ ମିଟ୍ ଉଦ୍‌ଯାପନୀ ଉତ୍ସବରେ ଆଇଟି, ଇଲେକ୍ଟ୍ରୋନିକ୍ସ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଛନ୍ତି। ଶିଳ୍ପ ଓ ଆଇଟି କ୍ଷେତ୍ରରେ ବିକାଶ ପାଇଁ ଉଭୟ ରାଜ୍ୟ ମିଳିତ ଭାବେ କାମ କରିବାର ଆବଶ୍ୟକତା ଅଛି, ଯାହାଦ୍ୱାରା ପୁଞ୍ଜିନିବେଶ ଓ ନିଯୁକ୍ତି ସୃଷ୍ଟି ହେବବୋଲି ତୁଷାରକାନ୍ତି କହିଛନ୍ତି। ଏହି ଅବସରରେ ତୁଷାରକାନ୍ତିଙ୍କୁ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସମ୍ମାନିତ କରିବା ସହ ଆଇଟି ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ଲାଗି ଓଡ଼ିଶାକୁ ପ୍ରଶଂସା କରିଥିଲେ। ତୁଷାରକାନ୍ତି ବିଭିନ୍ନ ଶିଳ୍ପପତିଙ୍କୁ ଭେଟି ଇନଭେଷ୍ଟ ଓଡ଼ିଶା ମିଟ୍-୨୦୨୦ ପାଇଁ ନିମନ୍ତ୍ରଣ କରିଥିଲେ। କେରଳ ଆଇଟି ସଚିବଙ୍କୁ ଭେଟି ଦୁଇ ରାଜ୍ୟ ମିଳିତ ଭାବେ ଇକୋସିଷ୍ଟମ୍‌କୁ ବିକଶିତ କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ଷ୍ଟାର୍ଟଅପ୍ ପ୍ରୋଜେକ୍ଟ ଅନୁଧାନ କରିବା ସହ ମେକର୍ସ ଭିଲେଜ ବୁଲି ଦେଖିଥିଲେ।

## ୩ ବର୍ଷରେ ରେଲୱେରେ ୪୭ହଜାର ୫ଶହ ଶିଶୁ ଉଦ୍ଧାର

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ବିଗତ ତିନି ବର୍ଷରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପକ୍ଷରୁ ମିଳିତ ଭାବେ ୪୭ହଜାର ୫ଶହ ପିଲାଙ୍କୁ ଉଦ୍ଧାର କରାଯାଇଛି। ଅପହରଣ, ନିଖୋଜ, ମାନବ ଚାଲାଣ ଆଦି ଘଟଣାରେ ଏହି ପିଲାମାନଙ୍କୁ ରେଳ ପରିସରରୁ ଉଦ୍ଧାର କରାଯାଇଛି। ଯେଉଁଥିରେ ୧ ହଜାରରୁ ଅଧିକ ମାନବ ଚାଲାଣ, ୪ହଜାର ନିଖୋଜ ଓ ୨୫୦ଜଣଙ୍କୁ ଅପହରଣ କରାଯାଉଥିବା ବେଳେ ଉଦ୍ଧାର କରାଯାଇଛି। ଶୁକ୍ରବାର ରେଳମନ୍ତ୍ରୀ ପୀୟୁଷ ଗୋୟଲ 'ସୁରକ୍ଷିତ ବଚପନ୍ ଦିବସ' ଅବସରେ ଏହି ସୂଚନା ଦେଇଛନ୍ତି। ୨୦୧୮-୧୯ ବର୍ଷ ରେଲୱେରେ ଶିଶୁ ସୁରକ୍ଷା ପାଇଁ ଉତ୍ସର୍ଗୀକୃତ ଥିଲା। ଯେଉଁଥିରେ ଆର୍‌ପିଏଫ୍‌ର ୧୨ଜଣ ଯବାନଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ଦେଶର ସମସ୍ତ ପ୍ରମୁଖ ଷ୍ଟେଶନରେ ସମ୍ପୂର୍ଣ୍ଣ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯିବ ବୋଲି ପୀୟୁଷ କହିଛନ୍ତି। ସୋସିଆଲ ମିଡ଼ିଆ ଶିଶୁ ସୁରକ୍ଷା ଦିଗରେ ଏକ ବଡ଼ ଭୂମିକା ନେଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ରେଲୱେ ହିନ୍ଦୀ ଡ୍ରାମା ପ୍ରତିଯୋଗିତା

# 'ଏକ୍ ନାଟକ ଐସା ଭି' ପ୍ରଥମ



ରେଳପଥ ହିନ୍ଦୀ ଡ୍ରାମା ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ବିଜେତା ଦଳ।

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ସର୍ବଭାରତୀୟ ରେଳପଥ ହିନ୍ଦୀ ଡ୍ରାମା ପ୍ରତିଯୋଗିତା ଶୁକ୍ରବାର ରେଲୱେ ଅଡିଟୋରିୟମରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ଅଂଶଗ୍ରହଣକାରୀ ଦଳଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ମୁଖ୍ୟ ରାଜଭାଷା ଅଧିକାରୀ ଏସ୍.ପି. ସିଂହ, ରେଲୱେ ବୋର୍ଡ କାର୍ଯ୍ୟକାରୀ ନିର୍ଦ୍ଦେଶକ ଏସ୍.ପି. ମାହି ଉପସ୍ଥିତ ଥିଲେ। ଭାରତୀୟ ରେଳପଥର ବିଭିନ୍ନ ଜୋନ୍ ସହ ଉତ୍ପାଦନ ବିଭାଗରୁ ୧୮ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ସାମାଜିକ ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ଡ୍ରାମା ପରିବେଷଣ କରିଥିଲେ। ଦକ୍ଷିଣ ପୂର୍ବ ରେଳପଥର ରାୟପୁର ରେଳମଣ୍ଡଳର 'ଏକ ନାଟକ ଐସା ଭି' ପ୍ରଥମ ପୁରସ୍କାର ଲାଭ କରିଥିଲା। କେନ୍ଦ୍ରୀୟ ରେଳପଥ ମୁମ୍ବାଇ ରେଳମଣ୍ଡଳର 'ମୁକ୍ତିଧାମ' ଦ୍ୱିତୀୟ ଓ ପୂର୍ବୋତ୍ତର ରେଳପଥର ଲକ୍ଷ୍ନୌ ରେଳମଣ୍ଡଳର 'ଆବୁ ହାସନ' ତୃତୀୟ ପୁରସ୍କାର ପାଇଥିଲା।

# ଗୋପୀନାଥ ଗଜପତିଙ୍କ ବିୟୋଗରେ ଶୋକସଭା




ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଶୋକସଭା।

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପାରଳା ଗଜପତି ମହାରାଜା ତଥା ପୂର୍ବତନ ବ୍ରହ୍ମପୁର ଏମ୍‌ପି ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ବିୟୋଗରେ ଶୁକ୍ରବାର ପାରଳା ଗଜପତି ବିକାଶ ମଞ୍ଚ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ରାହାସ ବିହାରୀ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ରାଜକିଶୋର ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ପାଢ଼ୀ, ଆଜୀବନ ସଦସ୍ୟ ସରିଶ୍ରୀ ପଟ୍ଟନାୟକ, ବିଘ୍ନେଶ୍ୱର ସାହୁ, ପୂର୍ଣ୍ଣଚନ୍ଦ୍ର ରଥ, ସୀମାଞ୍ଚଳ ମହାରଣା, ପଦ୍ମନାଭ ରଥ, ହେମନ୍ତ ଜେନା, ଗୌର ପ୍ରସାଦ ମହାପାତ୍ର ପ୍ରମୁଖ ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ତରଫରୁ ପୂର୍ବାହ୍ନରେ ମହାରାଜାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇଥିଲା।

# ଆଜିଠୁ ଧଉଳି କଳା ମହୋତ୍ସବ

**ପୁରୁଣା ଭୁବନେଶ୍ୱର, ୧୦।୧(ଡି.ଏନ.ଏ)**

ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଶନିବାର ଆରମ୍ଭ ହେବ। ଏଥିରେ ଭାରତ ସମେତ ଆମେରିକା, ଜର୍ମାନ୍, ଅଷ୍ଟ୍ରେଲିଆ, ନେପାଳ, ବାଂଲାଦେଶ, ଜାପାନ୍, ସୁଇଜରଲାଣ୍ଡ ଆଦି ଦେଶର ଶିଳ୍ପୀମାନେ ଭାଗନେଇ ନିଜ ଦେଶର କଳା ସଂସ୍କୃତି ପରମ୍ପରା ଉପରେ ଚିତ୍ରକଳା ପ୍ରଦର୍ଶନ କରିବେ। ଏହା ବ୍ୟତୀତ ଚିତ୍ରକଳା ଶିବିର, ଚିତ୍ରକଳା ପ୍ରଦର୍ଶନୀ ଏବଂ ୧୫ଶହ ଶିଶୁ ଚିତ୍ରଶିଳ୍ପୀଙ୍କୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ଆୟୋଜକ ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ସୂଚନା ଦେଇଛନ୍ତ। ଏହି ଉତ୍ସବ ୧୧ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଶାନ୍ତିସ୍ତୁପ ଧଉଳି ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଲାୟନ୍ସ କ୍ଲବ୍ ଲୋଟସ୍‌ର ମାଗଣା ସ୍ୱାସ୍ଥ୍ୟ ଶିବିର



କ୍ଲବ ପକ୍ଷରୁ ଜଣେ ମହିଳାଙ୍କୁ କମ୍ବଳ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୦।(ବ୍ୟୁରୋ)**

ନୀଳାଦ୍ରି ବିହାରସ୍ଥିତ ପଣ୍ଡା ପାର୍କ ବସ୍ତିରେ ଲାୟନ୍ସ କ୍ଲବ୍ ଲୋଟସ ଏବଂ ଓଡ଼ିଶା ଭଲ୍ୟୁଣ୍ଟାରୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ ଜଣ ମହିଳା ଓ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଡା. ପ୍ରଦୀପ୍ତ କୁମାର ପଣ୍ଡା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସୁଜାତା ସ୍ୱାଇଁ ଓ ଡା. ପୁଷ୍ପା ମହାନ୍ତି ଯୋଗଦେଇଥିଲେ। ଏହା ବ୍ୟତୀତ ୩୦୦ ଜଣ ବୃଦ୍ଧ, ମହିଳା ଓ ଶିଶୁଙ୍କୁ ଖାଦ୍ୟ ଦିଆଯିବା ସହ ୫୦ ଜଣ ବୃଦ୍ଧଙ୍କୁ କମ୍ବଳ, ଚାଉଳ ଓ ଡାଲି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଭାନେତ୍ରୀ ମାୟା ସ୍ୱାଇଁ ଓ ଭଲ୍ୟୁଣ୍ଟାରୀ ଆସୋସିଏସନର ସମ୍ପାଦକ କ୍ଷମାକର ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟପଟେ ଲାୟନ୍ସ ହସ୍ପିଟାଲରେ ୩୦ ଜଣ ସ୍କୁଲ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ବ୍ୟବସାୟୀ ଗୁରୁତର

**ବାଲିଅନ୍ତା,୧୦।୧(ଡି.ଏନ.ଏ)**

ହଂସପାଳ-ବନମାଳିପୁର ଅଭୟମୁଖୀ ରାସ୍ତାର ପାରିବାସୁଦେବପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ଜଣେ ସାଇକେଲ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ବିଶରପୁର ଗ୍ରାମର ଦାମୋଦର ଖଟୁଆ(୬୨)। ଗୁରୁତର ଅବସ୍ଥାରେ ପ୍ରଥମେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛ। ସୂଚନା ଅନୁଯାୟୀ, ଦାମୋଦର ଜଣେ ପରିବା ବ୍ୟବସାୟୀ। ପରିବା ବିକ୍ରି ପାଇଁ ସେ ଗାଁରୁ ପରିବା ନେଇ ଭିଙ୍ଗାରପୁର ମାର୍କେଟ୍‌କୁ ଯାଉଥିଲେ। ପାରିବାସୁଦେବପୁରଠାରେ ପଛପଟରୁ ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ସେ ସାଇକେଲ୍‌ରୁ ତଳେ ପଡ଼ିଯାଇଥିଲେ। ତାଙ୍କ ଡାହାଣ ଗୋଡ଼ ଉପରେ ହାଇୱାର ପଛଚକା ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ଚାଳକ ଫେରାର୍ ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିଥିଲା।

## ଫଟୋରେ ଖବର




କମଳା ନେହେରୁ କଲେଜର ଶୁକ୍ରବାର ଅନୁଷ୍ଠିତ ୪୦ତମ ବାର୍ଷିକୋତ୍ସବରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥିମାନେ।




ଲୋୟର ପିଏମ୍‌ଜିରେ ୭ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।




ଗୀତଗୋବିନ୍ଦ ସଦନରେ ଶୁକ୍ରବାର 'ସୂର୍ଯ୍ୟପ୍ରଭା'ର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।



ଅଭିନେତ୍ରୀ ଜାହ୍ନବୀ କପୁର ମୋ ଘରକୁ ସବୁବେଳେ ଆସିଥାନ୍ତି। ତାଙ୍କ ସହ ମୋର ଭଲ ସମ୍ପର୍କ ରହିଆସିଛି।

-ପଙ୍କଜ ତ୍ରିପାଠୀ,
ବଲିଉଡ୍ ଅଭିନେତା





ସଲ୍‌ମାନ ଖାନ୍

# ୨୦୨୧ ଇଦ୍‌ରେ ଭାଇଜାନ୍‌ଙ୍କ 'କଭି ଇଦ୍ କଭି ଦିୱାଲି'

**ମୁମ୍ବାଇ:** ୨୦୨୦ ଆରମ୍ଭରେ ସିନେପ୍ରେମୀଙ୍କୁ ବଲିଉଡ୍ ଏକଦମ୍ ଖୁସି କରିଦେଇଛି। ଫ୍ରାଇଡେ ରିଲିଜ୍‌ରେ ଦୁଇଟି ଦମ୍‌ଦାର୍ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ଏବଂ 'ଛପାକ୍' ରିଲିଜ୍ ହେବା ପରେ ଏବେ ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାନ୍ ତାଙ୍କ ଅପ୍‌କମିଂ ଫିଲ୍ମ ଘୋଷଣା କରି ଫ୍ୟାନ୍‌ମାନଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ଆପଣ ଯଦି ସଲ୍‌ମାନଙ୍କ ଫ୍ୟାନ୍, ତେବେ ଆପଣ ନିଶ୍ଚୟ ଜାଣିଥିବେ ଯେ, ପ୍ରତିବର୍ଷ ଇଦ୍ ଅବସରରେ ସେ ନିଜ ଫିଲ୍ମ ରିଲିଜ୍ କରିଥାନ୍ତି। ଇଦ୍ ତାଙ୍କ ପାଇଁ ସ୍ୱତନ୍ତ୍ର ହୋଇଥିବାବେଳେ ବର୍ଷ ଆରମ୍ଭରୁ ଏଥିପାଇଁ ସେ ନିଜ ନାମରେ ଫିଲ୍ମ ବୁକ୍ କରିଦେଇଥାନ୍ତି। ଆଉ ଏଥିପାଇଁ ସଲ୍‌ମାନଙ୍କ ଫ୍ୟାନ୍‌ମାନେ ପ୍ରତିବର୍ଷ ଇଦ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଥାନ୍ତି। ତେବେ ୨୦୨୦ ଇଦ୍ ପାଇଁ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ' ଫିଲ୍ମ ଘୋଷଣା କରିଥିବାବେଳେ ଏବେ ୨୦୨୧ ଇଦ୍ ପାଇଁ ମଧ୍ୟ ନିଜ ଫିଲ୍ମ ଘୋଷଣା କରିଛନ୍ତି ସଲ୍‌ମାନ। ଶୁକ୍ରବାର ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲରେ ଆଗାମୀ ଫିଲ୍ମ ବାବଦରେ ସେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।

ସଲ୍‌ମାନ ଟୁଇଟ୍ କରି ଜଣାଇଛନ୍ତି, ୨୦୨୧ ଇଦ୍ ଅବସରରେ ସେ ଫ୍ୟାନ୍‌ମାନଙ୍କୁ 'କଭି ଇଦ୍ କଭି ଦିୱାଲି' ଫିଲ୍ମ ଭେଟି ଦେବେ। ଫିଲ୍ମର ନିର୍ଦ୍ଦେଶକ ଫର୍‌ହାଦ୍ ସାମଜୀ ହୋଇଥିବାବେଳେ ସାଜିଦ୍ ନାଦିଆଦ୍‌ୱାଲା ଏହାର କାହାଣୀ ଲେଖିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ତେବେ ଖୋଦ୍ ସଲ୍‌ମାନଙ୍କଠାରୁ ଅପ୍‌କମିଂ ଫିଲ୍ମର ସୂଚନା ପାଇ ଫ୍ୟାନ୍‌ମାନଙ୍କ ଖୁସି କହିଲେ ନ ସରେ। ସେମାନେ ଖୁବ୍ ଉତ୍ସାହର ସହ ଫିଲ୍ମକୁ ଅପେକ୍ଷା କରିଥିବା କମେଣ୍ଟରେ ଜଣାଇଛନ୍ତି। ତେବେ ଏହାରି ଭିତରେ ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନଙ୍କୁ ମଧ୍ୟ ମନେପକାଇଛନ୍ତି। ଫ୍ୟାନ୍‌ମାନେ ସଲ୍‌ମାନଙ୍କୁ ଅନୁରୋଧ କରି କମେଣ୍ଟରେ ଲେଖିଛନ୍ତି, "ସଲ୍‌ମାନ ଆପଣଙ୍କ ବନ୍ଧୁ ଶାହରୁଖ୍‌ଙ୍କୁ କୁହନ୍ତୁ, ସେ ବି କିଛି ନୂଆ ଫିଲ୍ମ ଘୋଷଣା କରିବେ।" ସେହିପରି ଆଉ ଜଣେ ଫ୍ୟାନ୍ ମଧ୍ୟ ଅନୁରୋଧ କରି ଲେଖିଛନ୍ତି, "ଆପଣଙ୍କ ସାଙ୍ଗ ଶାହରୁଖ୍‌ଙ୍କୁ କୁହନ୍ତୁ ଏଭଳି କିଛି ଟୁଇଟ୍ କରିଦେବେ।" ସଲ୍‌ମାନଙ୍କ ଟୁଇଟ୍‌ରେ ଏହିଭଳି ଅନେକ କମେଣ୍ଟ ଆସିଥିବାବେଳେ ଅନେକେ ଫିଲ୍ମର ଟାଇଟଲ୍ 'କଭି ଇଦ୍ କଭି ଦିୱାଲି'କୁ ନେଇ କନ୍‌ଫ୍ୟୁଜ୍ ଅଛନ୍ତି। କେହି କେହି ଏହାକୁ ଫିଲ୍ମର ଟାଇଟଲ୍ କି ବୋଲି ସଲ୍‌ମାନଙ୍କୁ ପ୍ରଶ୍ନ କରି ଲେଖିଛନ୍ତି "ଚୁଲ୍‌ବୁଲ୍ ପାଣ୍ଡେ ନେ କନ୍‌ଫ୍ୟୁଜ୍ କର ଦିୟା.."

# ଭୋକିଲା ପିଲାଙ୍କ ଲାଗି ଲଣ୍ଡା ହେଲେ ମା'

**ସାଲେମ୍:** ତାମିଲନାଡୁର ସାଲେମ୍‌ରେ ବାସକରୁଥିବା ପ୍ରେମା (୩୧)ଙ୍କ ଆଗରେ ଥିଲା ତାଙ୍କ ତିନିପିଲାଙ୍କ ଭୋକ ଏବଂ ଋଣଭାରର ପାହାଡ଼। ଯାହାକୁ ଭୟ କରି ସାତମାସ ତଳେ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଥିଲେ। ପ୍ରେମାଙ୍କ ପାଖରେ ଥିବା ଶେଷ ସଞ୍ଚୟ ଟିକକ ମଧ୍ୟ ସରିଯାଇଥିଲା। ତିନିପିଲାଙ୍କ ପେଟ ଭରିବା ପାଇଁ ପାଖପଡ଼ୋଶୀ ଏବଂ ସମ୍ପର୍କୀୟଙ୍କ ଆଗରେ ନେହୁରା ହୋଇଥିଲେ । କିନ୍ତୁ ସବୁଆଡୁ ନିରାଶ ହେବା ପରେ ଶେଷରେ ସେ ନିଜ ଚୁଟି ବିକି ୧୫୦ ଟଙ୍କା ଏକାଠି କରିଥିଲେ। ପିଲାଙ୍କୁ ଖାଇବାକୁ ଦେବା ପରେ ସେ ଆତ୍ମହତ୍ୟା ପାଇଁ ମନବଳାଇ ଥିଲେ। କିନ୍ତୁ ଭାଗ୍ୟରେ କିଛି ଅଲଗା ଲେଖା ହୋଇଥିଲା।

ଗତ ୩ ତାରିଖରେ ପ୍ରେମାଙ୍କ ପାଖରେ ଟଙ୍କାଟିଏ ବି ନ ଥିଲା। ନିଜର ପାଞ୍ଚ, ତିନି ଏବଂ ଦୁଇବର୍ଷର ପିଲାଙ୍କୁ ଭୋକିଲା ଦେଖି ପ୍ରେମା ପଡ଼ୋଶୀ ଏବଂ ସମ୍ପର୍କୀୟଙ୍କୁ ଟଙ୍କା ଧାରରେ ମାଗିଥିଲେ। କିନ୍ତୁ କେହି ବି ପ୍ରେମାଙ୍କୁ ସାହାଯ୍ୟ କରି ନ ଥିଲେ। ଉକ୍ତ ଅଞ୍ଚଳରେ ଶୁକ୍ରବାର ଦିନ ଧାର ଦେବା ଅଶୁଭ ଧରାଯାଇଥାଏ। ଏହି ସମୟରେ ଜଣେ ବ୍ୟକ୍ତି ସେହି ରାସ୍ତା ଦେଇ ଯାଉଥିଲେ। ବ୍ୟକ୍ତି ଜଣଙ୍କ ୱିଗ୍ ତିଆରି କରୁଥିବା ପ୍ରେମାଙ୍କୁ କହିଲେ ଏବଂ ଯଦି ସେ ନିଜର ଚୁଟି ଦିଅନ୍ତି ତେବେ ସେ ତାଙ୍କୁ କିଛି ଟଙ୍କା ଦେବେ । ଏହା ଶୁଣି ପ୍ରେମା କିଛି ନ ଭାବି ନିଜଘର ଭିତରକୁ ଯାଇ ଲଣ୍ଡା ହୋଇ ୧୫୦ ଟଙ୍କାରେ ସେହି ବ୍ୟକ୍ତିଙ୍କୁ ନିଜର ଚୁଟି ବିକିଥିଲେ। ୧୦୦ ଟଙ୍କା ଖାଇବା, କିଣିବା ପରେ ୫୦ ଟଙ୍କା ଧରି ସେ ଏକ ଦୋକାନରୁ ବିଷାକ୍ତ କୀଟନାଶକ କିଣିବାକୁ ଯାଇଥିଲେ କିନ୍ତୁ ଦୋକାନୀଙ୍କୁ ସନ୍ଦେହ ହୋଇଥିଲା ଏବଂ ସେ କୀଟନାଶକ ବିକ୍ରି କରିବାକୁ ମନା କରିଥିଲେ। ଏହାପରେ ସେ ଏକ ଗଛର ବିଷାକ୍ତ ଫଳ ଖାଇବାକୁ ଉଦ୍ୟମ କରିଥିଲେ, କିନ୍ତୁ ତାଙ୍କ ଭଉଣୀ ତାଙ୍କୁ ଅଟକାଇଥିଲେ। ଏହି ଘଟଣା ଗ୍ରାଫିକ୍ସ ଡିଜାଇନର



## ୧୫୦ ଟଙ୍କାରେ ବିକିଲେ ଚୁଟି

ଜି.ବାଲା ଜାଣିବା ପରେ ସୋସିଆଲ ମିଡିଆରେ ପ୍ରେମାଙ୍କ ପାଇଁ କ୍ରାଉଡ୍ ଫଣ୍ଡିଂ ମାଧ୍ୟମରେ ସାହାଯ୍ୟ ମାଗିଥିଲେ। ପ୍ରେମା ଏବଂ ତାଙ୍କ ସ୍ୱର୍ଗତ ସ୍ୱାମୀ ଦିନମଜୁରିଆ ଭାବେ ଗୋଟିଏ ଇଟାଭାଟିରେ କାମ କରୁଥିଲେ। ପ୍ରେମାଙ୍କ ସ୍ୱାମୀ ନିଜର ବ୍ୟବସାୟ କରିବାକୁ ଚାହିଁଥିଲେ ଏଥିପାଇଁ ୨.୫ ଲକ୍ଷ ଟଙ୍କା ଧାର କରିଥିଲେ। କିନ୍ତୁ ତାଙ୍କୁ ବ୍ୟବସାୟରେ ଧୋକା ମିଳିଲା ଏବଂ ପୂରା ପରିବାର ଗରିବୀରେ କଳବଳ ହେଲା। ଏହି ଚିନ୍ତାରେ ପ୍ରେମାଙ୍କ ସ୍ୱାମୀ ସେଲ୍‌ଵମ ଆତ୍ମହତ୍ୟା କରିଥିଲେ। ଗରିବୀ କାରଣରୁ ପିଲାଙ୍କ ଦୁର୍ଦ୍ଦଶା ଦେଖି ପ୍ରେମା ମଧ୍ୟ ନିଜର ଜୀବନ ହାରିବାକୁ ବିଚାର କରିଥିଲେ। କିନ୍ତୁ ଘଟଣାର ଏକ ସପ୍ତାହ ପରେ ଏବେ ପ୍ରେମାଙ୍କ ଜୀବନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଜି.ବାଲା ଏବଂ ସମାଜର ଅନ୍ୟ ଉଦାର ବ୍ୟକ୍ତିଙ୍କ ପାଇଁ ଏବେ ପ୍ରେମାଙ୍କ ପାଖରେ ୧.୪୫ ଲକ୍ଷ ଟଙ୍କା ରହିଛି। ଗୁରୁବାର ସାଲେମ ଜିଲା ପ୍ରଶାସନ ପ୍ରେମାଙ୍କ ବିଧବା ପେନସନ ମଧ୍ୟ ଆରମ୍ଭ କରିଛି।

# 'ଛପାକ୍' ଲାଗି ଫିଲ୍ମ ହଲ୍ ବୁକ୍ କଲେ ଅଖିଳେଶ



**ଲକ୍ଷ୍ନୌ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛପାକ୍' ଶୁକ୍ରବାର ବଡ଼ ପରଦାରେ ରିଲିଜ୍ ହୋଇଛି। ଜେଏନ୍‌ୟୁ ଛାତ୍ରଙ୍କୁ ଦୀପିକା ଭେଟିବା ପରେ ତାଙ୍କ ଫିଲ୍ମ 'ଛପାକ୍'କୁ ନେଇ ବିବାଦ ଦେଖାଦେଇଥିଲା। ଫିଲ୍ମ ରିଲିଜ୍ ହେବ ନା ନାହିଁ ସେନେଇ ମଧ୍ୟ କଳ୍ପନାଜଳ୍ପନା ଲାଗିରହିଥିଲା। ଟୁଇଟରରେ 'ବୟକଟ୍ ଛପାକ୍' ଟ୍ରେଣ୍ଡ କରିଥିବା ବେଳେ ଏହାକୁ କେତେକ ରାଜନେତା ମଧ୍ୟ ବିରୋଧ କରିଥିଲେ। ତେବେ ବହୁ ବାଦବିବାଦ ପରେ ଶେଷରେ ଫିଲ୍ମଟି ରିଲିଜ୍ ହୋଇଛି। ଇତିମଧ୍ୟରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଦୀପିକାଙ୍କୁ ସମର୍ଥନ ଜଣାଇଛନ୍ତି। ନିଜ ଦଳର କର୍ମକର୍ତ୍ତାଙ୍କୁ ଏହି ଫିଲ୍ମ ଦେଖାଇବା ଲାଗି ସେ ଲକ୍ଷ୍ନୌର ଏକ ସିନେମା ହଲ୍ ବୁକ୍ କରିଛନ୍ତି। ଏନେଇ ଦଳର ଅଫିସିଆଲ ଟୁଇଟର ଆକାଉଣ୍ଟରେ ସୂଚନା ଦିଆଯାଇଛି। ଅପରପକ୍ଷେ ଛତିଶଗଡ଼ ଓ ମଧ୍ୟପ୍ରଦେଶ ସମେତ କଂଗ୍ରେସ ଶାସିତ ରାଜ୍ୟରେ 'ଛପାକ୍'କୁ ଟ୍ୟାକ୍ସ ଫ୍ରି କରାଯାଇଛି।

# ହୃତିକ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ସୁଜୈନ

**ମୁମ୍ବାଇ:** ଫିଲ୍ମ 'କହୋ ନା ପ୍ୟାର ହୈ'ରୁ ବଲିଉଡ୍‌ରେ ପାଦ ରଖିଥିବା ହୃତିକ୍ ରୋଶନ ଶୁକ୍ରବାର ନିଜର ୪୬ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ବଲିଉଡ୍ ଜଗତରୁ ଆରମ୍ଭ କରି ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିବାରେ ଲଗିଛି। ଇତିମଧ୍ୟରେ ତାଙ୍କ ଏକ୍ସ ୱାଇଫ୍ ସୁଜୈନ ଖାଁ ମଧ୍ୟ ଏକ ସୁନ୍ଦର ଭିଡିଓ ଶେୟାର କରି



ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ପୁଅ ରିହାନ ଓ ରିଦାନଙ୍କ ସହ ହୃତିକ୍‌ଙ୍କ ଏକ ଭିଡିଓ ସେ ଶେୟାର କରିଛନ୍ତି। ଦୀର୍ଘ୧୩ ବର୍ଷ ଧରି ଏକାଠି ରହିବା ପରେ ଦୁହିଁଙ୍କ ବିବାହ ବିଚ୍ଛେଦ ହୋଇଥିଲା।

# ଗର୍ଭିଣୀ ମଇଁଷିର ଜୀବନ ଭିକ୍ଷା

**ବେଜିଂ:** ଲୁହରେ ଲତପତ ଆଖି। ମୁହଁରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି ବଞ୍ଚିବାର ଅଭିଳାଷ। ସେଇଥିପାଇଁ ଗୋଡ଼ ଭାଙ୍ଗି ଜୀବନ ଫେରାଇ ଦେବାକୁ କଂସେଇଖାନାର କର୍ମଚାରୀଙ୍କୁ ନେହୁରା ହେଉଛି ଗର୍ଭିଣୀ ମଇଁଷିଟିଏ। ଦକ୍ଷିଣ ଚାଇନାରୁ ଏପରି ଏକ ହୃଦୟବିଦାରକଭିଡିଓଭାଇରାଲହୋଇଛି,ଯାହାପୁଣିଥରେମନେ ପକାଇଦେଇଛି ଭାରତୀୟ ସଂସ୍କୃତିର ମୂଳାଧାର 'ଜୀବେ ଦୟା'କୁ। ଗୁଆଙ୍ଗଡଙ୍ଗ୍ ଟିଭିର ରିପୋର୍ଟ ଅନୁଯାୟୀ, ଘଟଣାଟି ଘଟିଛି ରବିବାର। ଗୁଆଙ୍ଗଝୌ ପ୍ରାନ୍ତର ଏକ କଂସେଇଖାନା ଉକ୍ତ ମଇଁଷିକୁ କିଣିଥିଲା। ହେଲେ ଯେତେବେଳେ କଂସେଇଖାନାର କର୍ମଚାରୀମାନେ ମଇଁଷିକୁ ନେବାକୁ ପହଞ୍ଚିଥିଲେ, ସେତେବେଳେ ସୃଷ୍ଟି ହୋଇଥିଲା ଭାବାବେଗ ପରିବେଶ। ଗର୍ଭିଣୀ ମଇଁଷି ନିଜ ମାଲିକକୁ ଛାଡ଼ିଯିବାକୁ ପ୍ରସ୍ତୁତ ନ ଥିଲା। ଏପରିକି ତା' ଆଖିରେ ଜକେଇ ଆସିଥିଲା ଲୁହ। କଥା ଏତିକିରେ ସରି ନ ଥିଲା। ଜୋରଜବରଦସ୍ତ ମଇଁଷିକୁ ଗାଡ଼ିରେ ଭର୍ତ୍ତି କରିବାକୁ ନେବା ବେଳକୁ ସେ ଥରକୁ ଥର ଆଗ ଦୁଇଗୋଡ଼ ଭାଙ୍ଗି ଅଟକି ଯାଉଥିଲା। ଏମିତି ଲାଗୁଥିଲା ମଇଁଷିଟି କଂସେଇଖାନା କର୍ମଚାରୀଙ୍କୁ ଜୀବନ ଫେରାଇ ଦେବାକୁ ଆକୁଳ ନିବେଦନ କରୁଛି। ଏହି ଦୃଶ୍ୟର ଭିଡିଓକୁ କେହିଜଣେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଦେଇଥିଲେ। ଏହାପରେ ମଇଁଷି ପ୍ରତି ସୃଷ୍ଟି ହୋଇଥିଲା ସହାନୁଭୂତି। ତାକୁ ବଞ୍ଚାଇବାକୁ ସୋସିଆଲ ମିଡିଆରେ ଆରମ୍ଭ ହେଲା ଅଭିଯାନ। ମାତ୍ର କେଇଘଣ୍ଟାରେ ସଂଗୃହୀତ ହୋଇଗଲା ୨ ଲକ୍ଷ ୫୦ ହଜାର ଟଙ୍କା। କେତେଜଣ ପ୍ରାଣୀପ୍ରେମୀ କଂସେଇଖାନା ମାଲିକକୁ ମଇଁଷିକୁ ନ ମାରିବାକୁ ଅନୁରୋଧ କରି ଫୋନ୍ ମଧ୍ୟ କଲେ। ସଂଗୃହୀତ ଟଙ୍କା କଂସେଇଖାନାର କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ଫଳରେ ଗର୍ଭିଣୀ ମଇଁଷି ପାଇଥିଲା ଜୀବନଦାନ। ଘଟଣା ସମ୍ପର୍କରେ ସ୍ଲଟର ହାଉସ୍ କର୍ମଚାରୀ ଲିନ୍ ବାଙ୍ଗ୍‌ବୋ କୁହନ୍ତି, ଅନିଚ୍ଛା ସତ୍ତ୍ୱେ ତାକୁ କଂସେଇଖାନାକୁ ଅଣାଯାଇଥିଲା। ସେତେବେଳେ ସେ ବାରମ୍ବାର ଗୋଡ଼ ମାଡ଼ି ଅଟକି ଯାଉଥିଲା। ସ୍ଲଟର ହାଉସ୍‌କୁ ଅଣାଯିବା ପରେ ତାକୁ ମାରିବାକୁ ସମସ୍ତ ପ୍ରକ୍ରିୟା ସରିଥିଲା। କାନରେ ମାର୍କ କରା ସରିଥିଲା। ସ୍ଲଟର ପଏଣ୍ଟକୁ ନିଆଯିବା ସମୟରେ ସେ ଜୋର୍‌ରେ ବୋବାଇବା ଆରମ୍ଭ କରିଥିଲା।



ଏଥିରୁ ମଇଁଷିର ଜିଇଁବାର ଇଚ୍ଛା ସ୍ପଷ୍ଟ ପ୍ରତିଫଳିତ ହେଉଥିଲା। ମଇଁଷିକୁ ସ୍ଥାନୀୟ ଗୋଲ୍‌ଡେନ ଟେମ୍ପଲ ବୌଦ୍ଧ ମନ୍ଦିରକୁ ପ୍ରଦାନ କରାଯାଇଛି। ଏଥିସହ ତା'ର ଦେଖାରଖା କରିବାକୁ ୪୦ ହଜାର ଟଙ୍କା ମଧ୍ୟ ଦିଆଯାଇଛି। ସ୍ଲଟର ହାଉସରୁ ଉଦ୍ଧାର ପରେ ପୁଣି ଏକ ଭିଡିଓ ରେକର୍ଡିଂ କରାଯାଇଛି, ସେଥିରେ ମଇଁଷିଟି ପୁଣିଥରେ ନିଜ ଗୋଡ଼ରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି।

# ଭୂତ ଭୟରେ ୪୨ ବର୍ଷ ବନ୍ଦଥିଲା ବେଗୁନ୍‌କୋଦର ଷ୍ଟେସନ

**କୋଲକାତା:** ଗୋଟିଏ ରେଲ୍‌ୱେ ଷ୍ଟେଶନ ସାଧାରଣ ଜଣେ ମହିଳାଙ୍କ ପାଇଁ ଦୀର୍ଘ ୪୨ ବର୍ଷ ଧରି ବନ୍ଦ ରହିବା ଆଶ୍ଚର୍ଯ୍ୟଜନକ। ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ପଶ୍ଚିମବଙ୍ଗର ପୁରୁଲିଆ ଜିଲାରେ ରହିଛି ଏହି ଷ୍ଟେଶନ। ଯାହାର ନାମ ବେଗୁନ୍‌କୋଦର। ୧୯୬୦ ମସିହାରେ ଏହି ଷ୍ଟେଶନଟି ଆରମ୍ଭ ହୋଇଥିଲା। ସନ୍ଥାଳର ରାଣୀ ଲାଚନ କୁମାରୀ ସେତେବେଳେ ଏହାକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଶନ ଖୋଲିବାର କିଛିଦିନ ପର୍ଯ୍ୟନ୍ତ ଠିକ୍‌ଠାକ୍ ଥିଲା। ମାତ୍ର ଏହା ପରେ



ଅଦ୍ଭୁତ ଘଟଣାସବୁ ଘଟିଲା। ୧୯୬୭ ମସିହାରେ ରେଲ୍‌ୱେର ଜଣେ କର୍ମଚାରୀ ଷ୍ଟେଶନରେ ଭୂତ ଦେଖିଥିବା କହିଥିଲେ। ମହିଳାରୂପୀ ଭୂତଜଣକ ଉଡ଼ିଯିବାରୁ ଏକ ଟ୍ରେନ୍ ଦୁର୍ଘଟଣା ମଧ୍ୟ ଘଟିଥିଲା ବୋଲି କର୍ମଚାରୀ ଜଣକ କହିଥିଲେ। ମାତ୍ର ତାଙ୍କର ଏହି କଥାକୁ ସମସ୍ତେ ଅଣଦେଖା କରିଥିଲେ। ପ୍ରକୃତ କାରଣ ଜଣାପଡ଼ିଥିଲା ଯେତେବେଳେ ଷ୍ଟେଶନ ମାଷ୍ଟରଙ୍କ ପରିବାର ଲୋକଙ୍କ ମୃତଦେହ ଷ୍ଟାଫ୍ କ୍ୱାର୍ଟର୍ସରେ ଦେଖିବାକୁ ମିଳିଥିଲା। ଭୂତ ଯୋଗୁ ଏହି ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଏହି କଥା ରେଲ୍‌ୱେ ମନ୍ତ୍ରଣାଳୟ ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା। ଫଳରେ ଷ୍ଟେଶନଟିକୁ ପୂରା ବନ୍ଦ କରି ଦିଆଯାଇଥିଲା। ୨୦୦୯ ମସିହାରେ ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବାବେଳେ ଏହାକୁ ପୁନଃ ଚାଲୁ କରିଥିଲେ। ଏବେ ଏଠାରେ ୧୦/୧୨ଟି ଟ୍ରେନ୍ ଅଟକୁଛି। ମାତ୍ର ଲୋକଙ୍କ ମନରୁ ଆଜି ବି ଭୟ ଛାଡ଼ିନି। ଏହି ଷ୍ଟେଶନଟି ଭୂତ ଷ୍ଟେଶନ ନାମରେ ଜଣାଶୁଣା। ଏହି ଷ୍ଟେଶନ ବୁଲିବା ପାଇଁ ପର୍ଯ୍ୟଟକମାନେ ଆସିଥାନ୍ତି। କିନ୍ତୁ ସନ୍ଧ୍ୟା ପୂର୍ବରୁ ଫେରିଯାଇଥା'ନ୍ତି।



ମୁମ୍ବାଇ: ବଲିଉଡ୍ କପୁଲଙ୍କ ବିବାହ ଯେତିକି ଚର୍ଚ୍ଚାରେ ଥାଏ ତା'ଠାରୁ ଅଧିକ ଚର୍ଚ୍ଚାରେ ଥାଏ ଏମାନଙ୍କ ବିଚ୍ଛେଦ। ୨୦୧୭ରେ ବିବାହ କରିଥିବା ବଲିଉଡ୍ ନାୟିକା ଅମୃତା ପୁରୀ ଏବେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହେବାକୁ ଚାହୁଁଥିବା ଖବର ଆସିଛି। କାଇ ପୋ ଚେ, ଆୟଶା ଓ ଜଜ୍‌ମେଣ୍ଟାଲ ଭଳି ହିଟ୍ ଫିଲ୍ମ ଭେଟି ଦେଇଥିବା ଏହି ନାୟିକା ଏବେ ଡିଭୋର୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି। କିଛିଦିନ ହେବ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିବା ଶୁଣିବାକୁ ମିଳିଥିଲା। ସୂଚନାଯୋଗ୍ୟ, ୨୦୧୭ରେ ଅମୃତା ମୁମ୍ବାଇର ରେସ୍ତୋରାଁ ମାଲିକ ଇମରୁନ ସେଟ୍ଟିଙ୍କୁ ବିବାହ କରିଥିଲେ। ବ୍ୟାଙ୍କକ୍‌ରେ ଏକ ପ୍ରାଇଭେଟ୍ ସେରିମନିରେ ଏମାନେ ନିକଟ ସମ୍ପର୍କୀୟଙ୍କୁ ନେଇ ଏହି ବିବାହ ଆୟୋଜନ କରିଥିଲେ। କିଛିଦିନ ହେବ ଏମାନଙ୍କୁ ଏକାଠି ଦେଖିବାକୁ ମିଳୁ ନ ଥିବା ବେଳେ ଏବେ ଏମାନେ ଅଲଗା ହେବାକୁ ଚାହୁଁଥିବା ଜଣାପଡିଛି। ଅମୃତାଙ୍କ ସ୍ୱାମୀ ନିକଟରେ ଏକ ୟୁରୋପିଆନ ରେଷ୍ଟୁରାଣ୍ଟ ଖୋଲିଥିବା ବେଳେ ସେଠି ମଧ୍ୟ ଅମୃତା ନଜର ଆସି ନ ଥିଲେ।

# ସ୍ୱାମୀଙ୍କଠାରୁ ଅଲଗା ହେବାକୁ ଚାହୁଁଛନ୍ତି ଅମୃତା

# ଆଦିତ୍ୟଙ୍କୁ ବିବାହ କରିବେ ନେହା କକ୍କର

**ମୁମ୍ବାଇ:** କଣ୍ଠଶିଳ୍ପୀ ନେହା କକ୍କର 'ଇଣ୍ଡିଆନ୍ ଆଇଡଲ୍' ସିଜିନ ୧୧ର ବିଚାରପତି ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ସହିତ ହିମେଶ ରେଶମିୟା ଏବଂ ବିଶାଲ ଦଡ଼ଲାନି ମଧ୍ୟ ଅଛନ୍ତି। ଏହି ଶୋ'ର ହୋଷ୍ଟ କରୁଛନ୍ତି ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ। ବର୍ତ୍ତମାନ ନେହାଙ୍କ ବିବାହକୁ ନେଇ ଖବର ଶୁଣିବାକୁ ମିଳୁଛି। ତାଙ୍କ ନାଁ ଆଦିତ୍ୟ ନାରାୟଣଙ୍କ ସହ ଯୋଡ଼ା ଯାଇଛି। ଏହି କଥା 'ଇଣ୍ଡିଆନ୍ ଆଇଡଲ୍' ଶୋ'ରେ ଆରମ୍ଭ ହୋଇଥିଲା। ସେଟ୍‌ରେ ଆଦିତ୍ୟ ନାରାୟଣଙ୍କ ପୂରା ପରିବାର ନେହାଙ୍କୁ ଭେଟିଥିଲେ। ଖୋଦ୍ ଉଦିତ୍ ନାରାୟଣ ନେହାଙ୍କୁ ତାଙ୍କ ପୁଅଙ୍କ ନାଁ ନେଇ ଚିଡ଼ାଇଥିଲେ। ଉଦିତ୍ କହିଛନ୍ତି, ଏହି ଶୋ' ସେ ଦୁଇଟି କାରଣ ଯୋଗୁ ଦେଖନ୍ତି। ପ୍ରଥମ କାରଣ ହେଲା ଏଥିରେ ଭାଗ ନେଉଥିବା ପ୍ରତିଯୋଗୀ ବହୁ ଅଭିଜ୍ଞ। ଦ୍ୱିତୀୟ କାରଣ ହେଲା ନେହାଙ୍କୁ ନିଜର ବୋହୂ କରିବାକୁ ଚାହାନ୍ତି। କେବଳ ଉଦିତ୍ ନୁହନ୍ତି, ତାଙ୍କ ସ୍ତ୍ରୀ ଦୀପା ନାରାୟଣଙ୍କୁ ମଧ୍ୟ ଏହି ସେଟ୍‌ରେ ଦେଖିବାକୁ ମିଳିଥିଲା। ଦୀପା ସେଟ୍‌ରେ କହିଥିଲେ ନେହା ନାରାୟଣ ପରିବାରର ବୋହୂ ହେବାକୁ ଯାଉଛନ୍ତି। ନେହାଙ୍କ ମା' ବାପା ମଧ୍ୟ ସେଟ୍‌କୁ ଆସିଥିଲେ। ସେମାନେ ମଧ୍ୟ ରାଜି ହୋଇଯାଇଛନ୍ତି। ଆଦିତ୍ୟ ବହୁ ଖୁସି ଥିବା ଜଣା ପଡୁଥିଲେ। କିନ୍ତୁ ନେହା ଏତେ ଶୀଘ୍ର ବିବାହ କଲେ କିଛି ମଜା ରହିବନି ବୋଲି କହିଛନ୍ତି। କହିରଖୁଛୁ, ଏ ସମସ୍ତ କଥା ଥଟ୍ଟାମଜା ଥିଲା। ସମସ୍ତେ ଆଦିତ୍ୟ ଏବଂ ନେହାଙ୍କୁ ଚିଡ଼ାଇବା ପାଇଁ କହିଥିଲେ। ଏବେ ବି ଆଦିତ୍ୟ- ନେହା ସିଙ୍ଗଲ ଅଛନ୍ତି।





ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଆଞ୍ଚଳିକ ପରିବହନ ଅଫିସ ପକ୍ଷରୁ ରାଜ୍ୟସ୍ତରୀୟ ୱାକଥନ, କିଟ କ୍ୟାମ୍ପସ ନଂ.୬, ସକାଳ ୭ଟା।
- ଓଡ଼ିଶା ଅର୍ଥୋପେଡିକ ଆସୋସିଏଶନର ୪୪ତମ ବାର୍ଷିକ ସମ୍ମିଳନୀ, ମେ ଫେୟାର କନଭେନଶନ, ସକାଳ ୮ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ନିୟୁ ଗଭର୍ନମେଣ୍ଟ କଲୋନୀ(ଗଣେଶ ମନ୍ଦିର ପ୍ରାଙ୍ଗଣ), ସକାଳ ୮ଟା।
- ୟୁନିଟ-୮ସ୍ଥିତ ଷ୍ଟିୱାର୍ଟ ସ୍କୁଲର ବାର୍ଷିକ ବିଜ୍ଞାନମେଳା, ସ୍କୁଲ ପରିସର, ସକାଳ ୯ଟା ୩୦।
- ରିଜିଓନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ରାଜ୍ୟସ୍ତରୀୟ ଫୁଲ ପ୍ରଦର୍ଶନୀ, ବଟାନିକ ଗାର୍ଡନ୍ସ ପରିସର, ଏକାମ୍ରକାନନ, ପୂର୍ବାହ୍ନ ୧୦ଟା।
- ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ତୃତୀୟ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ, କଲେଜ ପରିସର, ଧଉଳି, ପୂର୍ବାହ୍ନ ୧୦ଟା ୩୦।
- 'ଆଇ ଏମ୍ବ୍ରେସ ନେଚର' ଚିତ୍ରକଳା ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ଇନ୍‌କମ ଟ୍ୟାକ୍ସ ଏମ୍ପ୍ଲଇଜ ଫେଡେରେଶନ ପକ୍ଷରୁ ଦ୍ୱିବାର୍ଷିକ ସମ୍ମିଳନୀ, ହୋଟେଲ ସ୍ୟାଣ୍ଡି ଟାୱାର, ଅପରାହ୍ନ ୪ଟା।
- ବଡ଼ଗଡ଼ ବ୍ରିଟ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ଅଲ ଓଡ଼ିଶା ଲ' ଅଫିସର୍ସ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ଇଡ୍‌କୋଲ ଅଡିଟୋରିୟମ ହଲ, ୟୁନିଟ-୨, ସନ୍ଧ୍ୟା ୬ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଞ୍ଚାଶତମ ବାର୍ଷିକ ଉତ୍ସବ, କେନ୍ଦ୍ର ପରିସର, ମାତୃବିହାର, ଖଣ୍ଡଗିରି, ସନ୍ଧ୍ୟା ୬ଟା।
- ମିଟ ଦ ଆର୍ଟିଷ୍ଟ, ଜେଡିସିଏ କ୍ୟାମ୍ପ ଅଫିସ, ଭିଆଇପି କଲୋନୀ, ନୟାପଲ୍ଲୀ, ଅପରାହ୍ନ ୬ଟା ୩୦।
- ଷ୍ଟାଣ୍ଡ ଅପ ଲାଇଭ୍ ଶୋ, ହୋଟେଲ ଦି କ୍ରାଉନ, ସନ୍ଧ୍ୟା ୭ଟା ୩୦।
- ଇଣ୍ଡିଆନ ସୁପର ଲିଗରେ ଓଡ଼ିଶା ଏଫ୍‌ସି ସହ ମୁମ୍ବାଇ ଏଫ୍‌ସି ମ୍ୟାଚ, କଳିଙ୍ଗ ଷ୍ଟାଡିୟମ, ସନ୍ଧ୍ୟା ୭ଟା ୩୦।

### କଟକ

- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ୩୨ତମ ସାମ୍ବିଧାନିକ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ, ସଚିନ ତେନ୍ଦୁଲକର ଇନଡୋର ହଲ୍, ବାରବାଟୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ମୁସଲିମ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ବିଶାଳ ପଦଯାତ୍ରା ଓ ସଭା, ବକ୍ସିବଜାର ପୋଷ୍ଟ ଅଫିସ ନିକଟ, ପୂର୍ବାହ୍ନ ୧୧ଟା।
- ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ବାରବାଟୀ ନୃତ୍ୟୋତ୍ସବ ଓ ସାହିତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୫ଟା ୩୦।
- ସଂଗ୍ରାମୀ ରାଜକିଶୋର ନାୟକଙ୍କ ସ୍ମୃତିସନ୍ଧ୍ୟା, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା ୩୦।



## ଓଡ଼ିଶା ହସ୍ତତନ୍ତରେ ଇଣ୍ଡୋ-ୱେଷ୍ଟର୍ନ କଲେକ୍ସନ

# ୫ ଡିଜାଇନରଙ୍କ ପରିବେଶ ଉପଯୋଗୀ ପୋଷାକ



ଭୁବନେଶ୍ୱର,୧୦।୧(ବ୍ୟୁରୋ)

ପାରମ୍ପରିକ ସହ ଫ୍ୟୁଜନ୍‌ର ଝଲକ। ପ୍ରତି ପୋଷାକରେ ଥିଲା ଏକ କାହାଣୀ। ପଟଚିତ୍ରରୁ ଆରମ୍ଭ କରି ସମ୍ବଲପୁରୀ ପର୍ଯ୍ୟନ୍ତ, ପ୍ରତ୍ୟେକ ଡିଜାଇନ୍‌ରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ କାରିଗରିର ଝଲକ ଦେଖିବାକୁ ମିଳିଥିଲା। ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏମ୍‌ଏସ୍‌ଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୦ରେ ଶୁକ୍ରବାର ସନ୍ଧ୍ୟାରେ ଏଭଳି ଏକ ନିଆରା ଫ୍ୟାଶନ ଶୋ ଆୟୋଜିତ ହୋଇଯାଇଛି। ଦେଶ ତଥା ଦେଶ ବାହାରୁ ଆସିଥିବା ପ୍ରତିନିଧିମାନଙ୍କୁ ଓଡ଼ିଶାର ଉତ୍କୃଷ୍ଟ ହସ୍ତତନ୍ତ ସମ୍ପର୍କରେ ଅବଗତ କରାଇବା ସହ ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଓଡ଼ିଶା ଆସୋସିଏଶନ୍ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍(ଓଏଏସ୍‌ଏମ୍‌ଇ) ଆପାରେଲ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ହୋଇଥିଲା ଓଡ଼ିଶା ଏଥ୍‌ନିକ୍ ଫ୍ୟାଶନ୍ ଶୋ। ମୋଟ ୫ଟି ରାଉଣ୍ଡରେ 'ଇକୋଫ୍ରେଣ୍ଡ୍‌ଲି ସଷ୍ଟେନେବୁଲ ଫ୍ୟାଶନ' ବା 'ପରିବେଶ ଉପଯୋଗୀ ଫ୍ୟାଶନ' ଥିମ୍ ଉପରେ ଏକାଧିକ ଆକର୍ଷଣୀୟ ପୋଷାକ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାର ହସ୍ତତନ୍ତକୁ ନେଇ ଆୟୋଜିତ ଏହି ଶୋ'ର ମୁଖ୍ୟ ଫୋକସ୍ ରହିଥିଲା ସମ୍ବଲପୁରୀ ପୋଷାକ। ଜ୍ୟୋତ୍ସ୍ନା ଦାସଙ୍କ 'ବିଭାବରୀ', 'ଉତ୍କଳ ଅମ୍ରିତା', 'ଶୁଚି ନନ୍ଦ ବୁଟିକ୍', 'ମ୍ରିଗିକା' ଏବଂ ଚୈତାଳୀ ମିଶ୍ରଙ୍କ 'ସାଥୀ' ଦ୍ୱାରା ପ୍ରସ୍ତୁତ ଇଣ୍ଡିଆନ୍ ଏବଂ ଇଣ୍ଡୋ ୱେଷ୍ଟର୍ନ ଡିଜାଇନ୍ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମୋଟ ୮ ମଡେଲ୍ ଇଣ୍ଡୋ ୱେଷ୍ଟର୍ନ କଲେକ୍ସନ ସହ ପଟଚିତ୍ର ଶାଢ଼ି ଓ ହ୍ୟାଣ୍ଡ୍ ପେଣ୍ଟେଡ୍ ଶାଢ଼ି ପିନ୍ଧି ର୍‍ୟାମ୍ପ୍‌ରେ ଚାଲିଥିଲେ।



## 'ତନ୍ତ୍ର'କୁ ଏଫ୍‌ପିଏସ୍ ଅନ୍ତର୍ଜାତୀୟ ଆନିମେଶନ ପୁରସ୍କାର

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ମାୟା ଏକାଡେମୀ ଅଫ୍ ଆଡ୍‌ଭାନ୍ସଡ୍ ସିନେମାଟିକ୍ସ(ମାକ୍) ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପିଲାଚୋରି ଉପରେ ନିର୍ମିତ ୬ ମିନିଟ୍‌ର କ୍ଷୁଦ୍ର ଚଳଚ୍ଚିତ୍ର 'ତନ୍ତ୍ର'କୁ '୨୪ ଏଫ୍‌ପିଏସ୍ ଅନ୍ତର୍ଜାତୀୟ ଆନିମେଶନ୍ ପୁରସ୍କାର' ପ୍ରଦାନ କରାଯାଇଛି। ନିକଟରେ ମୁମ୍ବାଇର ସାହାରା ଷ୍ଟାର୍‌ରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ ଉତ୍ସବରେ ଭୁବନେଶ୍ୱର ମାକ୍‌କୁ ଏହି ପୁରସ୍କାର ମିଳିଛି। ସମଗ୍ର ଦେଶରୁ ୫,୩୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିବାବେଳେ ୩,୫୦୦ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ଦେଶର ବହୁ ଖ୍ୟାତନାମା ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନେ ବିଚାରକଭାବେ ଯୋଗଦେଇଥିବା ବେଳେ ମାକ୍ ଭୁବନେଶ୍ୱର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ତନ୍ତ୍ର'କୁ ସ୍ୱର୍ଣ୍ଣ ପୁରସ୍କାର ମିଳିବା ଗୌରବର କଥା ବୋଲି ଆପ୍‌ଟେକ୍ ଲିମିଟେଡ୍‌ର ସିଇଓ ଅନିଲ୍ ପନ୍ତ କହିଛନ୍ତି। ଏନେଇ ସ୍ଥାନୀୟ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାକ୍ ଭୁବନେଶ୍ୱରର ନିର୍ଦ୍ଦେଶକ ସନ୍ଦୀପ ସାହା ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


ପୂର୍ଣ୍ଣେନ୍ଦୁ


ଭାସ୍କର


ସ୍ୱାଗତିକା


ସୁନିତା


ଅମୂଲ୍ୟ


ଦେବଶ୍ରୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ନିଜର ବ୍ୟବସାୟ ଆରମ୍ଭ କରନ୍ତୁ, ପାର୍ଟଟାଇମ୍ ରୋଜଗାର, ଫୁଲ୍ ଟାଇମ୍ କ୍ୟାରିୟର୍, କାମର ପୂରା ଟ୍ରେନିଂ, ତୁରନ୍ତ ଭଲ ରୋଜଗାର। ଦେଶ-ବିଦେଶ ବୁଲିବାର ସୁବର୍ଣ୍ଣ ସୁଯୋଗ।
6267660424

FINANCE

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ASTROLOGY

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

EDUCATION

Management Systems Certification Services, Pune
Training & Placement facilities for Diploma (Mech.).
Send your Career details to
mscertification services@gmail.com

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ଜାନୁୟାରୀ, ୨୦୨୦



ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ
ଶିଖର ଦେଶରେ ପହଞ୍ଚିଯାଏ।
- ସେକ୍ସପିଅର



## ସଂକ୍ଷେପରେ

### ଆଜିଠୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ଲୋକସେବା ଭବନ ଉଦ୍ୟାନ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ):** ଲୋକସେବା ଭବନ ଉଦ୍ୟାନ ଶନିବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲା ହେବ। ଶୀତଦିନିଆ ଫୁଲର ସମ୍ଭାରରେ ଲୋକସେବା ଭବନ ଉଦ୍ୟାନ ଅତ୍ୟନ୍ତ ମନୋରମ ରୂପ ଧାରଣ କରିଛି। ତେଣୁ ଉଦ୍ୟାନର ଶୋଭାକୁ ଯେଭଳି ସାଧାରଣ ଲୋକେ ଉପଭୋଗ କରିପାରିବେ ସେଥିପାଇଁ ଚଳିତ ମାସରେ ୫ଦିନ ଏହାକୁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୧୧ (ଦ୍ୱିତୀୟ ଶନିବାର), ୧୨(ରବିବାର), ୧୯ (ରବିବାର), ୨୫ (ଚତୁର୍ଥ ଶନିବାର) ଓ ୨୬ (ରବିବାର ତଥା ସାଧାରଣତନ୍ତ୍ର ଦିବସ) ତାରିଖରେ ଅପରାହ୍ଣ ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଏହା ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଲୋକସେବା ଭବନର ଏକ ନମ୍ବର ଗେଟ୍ ଦେଇ ଲୋକେ ପ୍ରବେଶ କରିପାରିବେ।

### ବାରବାଟୀ-କଟକ ନିର୍ବାଚନୀ ମାମଲା
### ବିଧାୟକଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

**କଟକ ଅଫିସ,୧୦।୧:** ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ମହମ୍ମଦ ମୋକିମଙ୍କ ମିଥ୍ୟା ସତ୍ୟପାଠକୁ ନେଇ ଆଗତ ମାମଲାରେ ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଓକିଲ ବିଦ୍ୟାଧର ମିଶ୍ର ଶୁକ୍ରବାର କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ଯୁକ୍ତି ଉପସ୍ଥାପନ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୭ ତାରିଖକୁ ଦିନଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ବିଧାୟକ ମୋକିମ ନିଜ ନିର୍ବାଚନୀ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ନେଇ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ୧.୫ କେଜି ଗଞ୍ଜେଇ ଜବତ: ବ୍ୟବସାୟୀ ଗିରଫ

**କଟକ ଅଫିସ, ୧୦।୧:** ମଙ୍ଗଳାବାଗ ପୋଲିସ ଶୁକ୍ରବାର ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର କାଳନ୍ଦୀ ସାହୁ (୫୫)। ତାଙ୍କ ନିକଟରୁ ୧.୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୫/୨୦) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ମଙ୍ଗଳାବାଗ ଥାନା ଏସ୍ଆଇ ମନ୍ଦାକିନି ଗୁରୁ ସ୍ଥାନୀୟ ରିଂରୋଡ ବୋସ୍ କଲେଜ ଗଡା ନିକଟରେ ପାଟ୍ରୋଲିଂ କରୁଥିବାବେଳେ କାଳନ୍ଦୀ ଗଞ୍ଜେଇ ନେଇ ଯୋବ୍ରାରୁ ମାଛୁଆବଜାର ଅଭିମୁଖେ ଯାଉଥିବା ଜାଣିବାକୁ ପାଇଥିଲେ। ପରେ ଏସ୍ଆଇ ସେଠାରେ ପହଞ୍ଚି ତାଙ୍କୁ ଯାଞ୍ଚ କରିବାରୁ ତାଙ୍କ ନିକଟରୁ ଗଞ୍ଜେଇ ବାହାରିଥିଲା। ତେବେ କାଳନ୍ଦୀ ମାଛୁଆବଜାରରେ ଦୀର୍ଘଦିନ ହେବ ଚୋରାରେ ଗଞ୍ଜେଇ ବ୍ୟବସାୟ କରୁଥିବା ପୋଲିସ କହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦେଖୁ ଦେଖୁ ଭାଙ୍ଗିଲେ, ପିଟିଲେ






**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଶୁକ୍ରବାର ସନ୍ଧ୍ୟାରେ କଳାମୁଖାଧାରୀ ଦୁର୍ବୃତ୍ତଙ୍କ ଅତର୍କିତ ଆକ୍ରମଣରେ ଖେଳିଯାଇଥିଲା ଭୟର ବାତାବରଣ। ରାସ୍ତାକଡ଼ କେତେକ ଦୋକାନ ସମେତ ଠେଲାରିକ୍ସାରେ ବିକ୍ରି କରୁଥିବା ଚାଟ, ଗୁପ୍‌ଚୁପ୍, ମୋମୋ, ଦହିବରା ସହ କସ୍‌ମେଟିକ, ଚୁଡ଼ି ଆଦି ଦୋକାନରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। ବହୁ ଦୋକାନୀ ଓ ଗ୍ରାହକ ଦୁର୍ବୃତ୍ତଙ୍କଠାରୁ ଅମାନୁଷିକ ଭାବେ ମାଡ଼ ଖାଇ ଆହତ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଚାଟ ବିକ୍ରି କରୁଥିବା ଦୀପୁ କୁମାର ମହାର କୁହନ୍ତି, ଆକ୍ରମଣକାରୀମାନେ ପ୍ରାୟ ୧୦ ହଜାର ଟଙ୍କାର ଚାଟ ରାସ୍ତାକୁ ଫିଙ୍ଗିଦେବା ସହ ମୋର ୨୦ ହଜାର ଟଙ୍କାର ଆସବାବପତ୍ର ନଷ୍ଟ କରିଦେଲେ। ମୋମୋ ବିକ୍ରି କରୁଥିବା ସୁବ୍ରତ ହାଲଦାରଙ୍କ ୫ହଜାର ମୋମୋ ଓ ୧୦ ହଜାର ଟଙ୍କାର ଆସବାବ ପତ୍ର ନଷ୍ଟ ହୋଇଛି। ଦହିବରା ଏବଂ ଗୁପ୍‌ଚୁପ୍ ଦୋକାନ କରୁଥିବା ସୁମନ୍ତ କୁମାର ମଣ୍ଡଳଙ୍କ ୨୦ ହଜାର ଟଙ୍କାର ସାମଗ୍ରୀ ଓ ଖାଦ୍ୟ ଜିନିଷ ଏହି ଆକ୍ରମଣରେ ନଷ୍ଟ ହୋଇଥିବା ସେ କହିଛନ୍ତି।

### ଆକ୍ରମଣକାରୀଙ୍କ ସହ ଲଢ଼ି କାବୁ କଲେ

ଧର୍ମେନ୍ଦ୍ର ସାହୁ ଓ ଶିବନାଥ କୁମାର ନାମକ ଦୁଇ ଦୋକାନୀ ସାହସିକତା ଦେଖାଇଥିଲେ। ମୁଣ୍ଡଫାଟି ରକ୍ତାକ୍ତ ହୋଇପଡ଼ିଥିଲେ ମଧ୍ୟ ସେମାନେ ୨ ଆକ୍ରମଣକାରୀଙ୍କ ସହ ଲଢ଼େଇ କରି ସେମାନଙ୍କୁ କାବୁ କରିଥିଲେ। କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ହେପାଜତକୁ ନେଇ ତଦନ୍ତ ଜୋରଦାର କରିଛି। ସେହିପରି କସ୍‌ମେଟିକ ଦୋକାନ କରିଥିବା ରାଜେଶ କୁମାର ନାଥଙ୍କ ଗ୍ରାହକଙ୍କୁ ଆକ୍ରମଣ ହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ପ୍ରତିରୋଧ କରିଥିଲେ। ଫଳରେ ଦୁର୍ବୃତ୍ତମାନେ ରାଜେଶଙ୍କୁ ନିସ୍ତୁକ ପିଟିବା ସହ ତାଙ୍କ ଦୋକାନରେ ବ୍ୟାପକ ଭଙ୍ଗାରୁଜା କରିଥିଲେ।

### ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଆବଶ୍ୟକ

ଘଟଣାକୁ ନେଇ ଶହୀଦନଗର ଅଞ୍ଚଳର ସାମାଜିକ କର୍ମୀ ଦୀପକ ବେହେରା କହିଛନ୍ତି, ଗତ ଡିସେମ୍ବର ୨୫ ବଡ଼ଦିନରେ ୧୫ରୁ ୨୦ ଯୁବକ ମହର୍ଷି କଲେଜ ନିକଟରେ ଆତଙ୍କ ଖେଳାଇଥିଲେ। ଚର୍ଚ୍ଚରୁ ଫେରୁଥିବା ଯୁବକମାନଙ୍କୁ ସେମାନେ ମାଡ଼ମାରିଲେ ଏବଂ ରାସ୍ତାରେ ବାଇକ, କାର ଭାଙ୍ଗିଲେ। ମାତ୍ର ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କର କୌଣସି ପତ୍ତା ପାଇଲା ନାହିଁ। ପୁଣି ଏବେ ମାର୍କେଟ ବିଲ୍ଡିଂର ଆତଙ୍କ ସୃଷ୍ଟି ହେଲା। ଏଥିରୁ ରାଜଧାନୀବାସୀ ନିଜକୁ ଅସୁରକ୍ଷିତ ମନେକରିବା ସ୍ୱାଭାବିକ। ପୋଲିସ ନିଷ୍କ୍ରିୟ ରହିଲେ ଆଗାମୀ ଦିନରେ ଅସାମାଜିକଙ୍କ ଦୌରାତ୍ମ୍ୟ ଆହୁରି ବଢ଼ିବ। ତେଣୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଦରକାର। ଏଥିସହ ଆକ୍ରମଣ ପଛର ସତ୍ୟାସତ୍ୟ ପୋଲିସ ବାହାର କରିବା ଗୁରୁତ୍ୱପୂର୍ଣ୍ଣ।

### ଧଉଳିରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର
## ନୃତ୍ୟ, ସଙ୍ଗୀତ, ଚିତ୍ରକଳାରେ ଗୁରୁକୁଳ ଢାଞ୍ଚାରେ ମିଳିବ ଶିକ୍ଷା

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଆଦି ବିଷୟରେ ପିଲାମାନଙ୍କୁ ସ୍ୱଳ୍ପ ଅବଧିର ପାଠ୍ୟକ୍ରମରେ ଶିକ୍ଷାଦେବା ଲାଗି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଏକ ଉତ୍କର୍ଷ କେନ୍ଦ୍ର। ଗୁରୁକୁଳ ଢାଞ୍ଚାରେ ଶିକ୍ଷାଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ସହଯୋଗରେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ର ପକ୍ଷରୁ ଧଉଳି ପାଦଦେଶରେ ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ରାଜ୍ୟ ତଥା ରାଜ୍ୟ ବାହାରର ପିଲାମାନେ ଏଠାରେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳା ଆଦିରେ ସାର୍ଟିଫିକେଟ୍ କୋର୍ସ କରିପାରିବେ। ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ପାଇଁ କୃଷ୍ଣପୁର ମୌଜାରେ ଜମି ଚିହ୍ନଟ ସରିଥିବାବେଳେ ଅଢ଼େଇ ଏକର ପରିମିତ ସ୍ଥାନରେ ଏହା ପ୍ରତିଷ୍ଠା ହେବ। ମାର୍ଚ୍ଚ ୩୧ ସୁଦ୍ଧା ଜମି ହସ୍ତାନ୍ତର ଶେଷ ହେବା ପରେ ମେ' ମାସରୁ କାମ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ୫ କୋଟି ଟଙ୍କାରେ ଭିତ୍ତିଭୂମିର ବିକାଶ କରାଯିବ ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ଏହାକୁ ରାଜ୍ୟର ଉନ୍ନତ



ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ ବୋଲି ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ସଚିବ ସଜଳ କୋଶର କହିଛନ୍ତି।

ଆସନ୍ତା ୧୨ ତାରିଖରେ ଭଞ୍ଜକଳା ମଣ୍ଡପଠାରେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କୋଶର କହିଥିଲେ, ନିର୍ମାଣ ହେବାକୁ ଥିବା ଉତ୍କର୍ଷ କେନ୍ଦ୍ରରେ ଗୁରୁଶିଷ୍ୟ ପରମ୍ପରାକୁ ଗୁରୁତ୍ୱ ଦିଆଯିବ। ପୁରାତନ ସମୟରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଯେଉଁଭଳି ସମ୍ପର୍କ ରହିଥିଲା ତାହା ଏଠାରେ ଦେଖିବାକୁ ମିଳିବ। ପ୍ରତିବର୍ଷ ପ୍ରାୟ ଏକ ହଜାର ଛାତ୍ରୀଛାତ୍ରଙ୍କ ପଢ଼ିବା ଲାଗି ବ୍ୟବସ୍ଥା କରାଯିବ। କ୍ୟାମ୍ପସକୁ ସବୁଜିମାରେ ପରିପୂର୍ଣ୍ଣ କରାଯିବ। ଏହା ମଧ୍ୟରେ ନଡ଼ା ଛପର ଘର ନିର୍ମାଣ କରାଯିବ। ପୁରାତନ ସମୟ ଭଳି ସମସ୍ତ ପ୍ରକାର ବୈଦ୍ୟୁତିକ ସାମଗ୍ରୀକୁ କ୍ୟାମ୍ପସରୁ ବାଦ୍ ଦିଆଯିବ। ଶିକ୍ଷାଦାନ ସାଙ୍ଗକୁ ଏଠାରେ ବିଭିନ୍ନ କର୍ମଶାଳା, ଆଲୋଚନାଚକ୍ର ଓ ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୧୨ରେ ହେବାକୁ ଥିବା ଦୀକ୍ଷାନ୍ତ ସମାରୋହରେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ଓଡ଼ିଶାରେ ଥିବା ୨୮୦ ସ୍ୱୀକୃତିପ୍ରାପ୍ତ କେନ୍ଦ୍ରରୁ ବିଶାରଦ(ସ୍ନାତକ) ଓ ଭାସ୍କର(ସ୍ନାତକୋତ୍ତର)ରେ ପ୍ରାୟ ୬୦୦ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯିବ ବୋଲି କଳାକେନ୍ଦ୍ରର ରେଜିଷ୍ଟ୍ରାର ଶୋଭା କୋଶର, ଆଞ୍ଚଳିକ କାର୍ଯ୍ୟାଳୟର ସଂଯୋଜକ ବସନ୍ତ କୁମାର ମିଶ୍ର, କଲିକତାସ୍ଥିତ ଉତ୍ତର ପୂର୍ବାଞ୍ଚଳ କର୍ଯ୍ୟାଳୟର ସହାୟକ ରେଜିଷ୍ଟ୍ରାର ଆନନ୍ଦ ରଞ୍ଜନ ବୋରୁଆ ପ୍ରମୁଖ ସୂଚନା ଦେଇଛନ୍ତି।

## ୮ ଜଣଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ସଂସ୍କୃତି ଓ ସଂସ୍କୃତି ଏବଂ ଶିକ୍ଷାବିତ୍ ହାଡିବନ୍ଧୁ ହାଲି ଫାଉଣ୍ଡେଶନ୍ ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ୫ମ ରାଜ୍ୟସ୍ତରୀୟ କଳିଙ୍ଗ ପ୍ରତିଭା ସମ୍ମାନ ଉତ୍ସବ-୨୦୨୦ ଓ ସଙ୍ଗୀତ ସନ୍ଧ୍ୟା 'ହୋପ୍ ୨୦୨୦' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ଓଡ଼ିଶା କ୍ଷୁଦ୍ର ଉଦ୍ୟୋଗ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ବାବା ସାଧକ ରାମ ନାରାୟଣ ଦାସ ମହାରାଜ, ହାଡ଼ିବନ୍ଧୁ ହାଲି ଫାଉଣ୍ଡେଶନ ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଡ. ମିନାକ୍ଷୀ ଦାଶ ଏବଂ ସଂସ୍କୃତି ଓ ସଂସ୍କୃତି ସମ୍ପାଦକ ଦିଲୀପ ହାଲି ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୮ ବ୍ୟକ୍ତିବିଶେଷଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।



ସେମାନେ ହେଲେ ସାହିତ୍ୟିକ ଭାଗୀରଥି ମହାସୁଆର, ଉଦ୍ୟୋଗୀ ସଞ୍ଜୟ ଲାଠ, ସିଦ୍ଧାନ୍ତ ମହାପାତ୍ର (ଚଳଚ୍ଚିତ୍ର), ପ୍ରଶାସକ ମନସ୍ୱିନୀ ସାହୁ, ପ୍ରେମାଞ୍ଜନ ପରିଡ଼ା(ମଞ୍ଚ), ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ସାମାଜିକକର୍ମୀ ପ୍ରତିଭାରାଣୀ ମହାନ୍ତି ଓ ଶିକ୍ଷାବିତ୍ ସ୍ନେହ ମିଶ୍ର। କାର୍ଯ୍ୟକ୍ରମରେ ଅତୀତର ଅଭୁଲା ସଙ୍ଗୀତ କାର୍ଯ୍ୟକ୍ରମ 'ହୋପ୍-୨୦୨୦' ଆୟୋଜିତ ହୋଇଥିଲା। ରାଜେଶ ବିଶ୍ୱାଳଙ୍କ ଭାଓଲିନ୍ ବାଦନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ଅଚ୍ୟୁତ ମିଶ୍ର, ଦେବୀପଦ ମିଶ୍ର, ଆଦ୍ୟାଶା ଦାସ, ପ୍ରତିଭା ପ୍ରଧାନ, ଅର୍ଣ୍ଣବ ପଣ୍ଡା, ଅଭିଷେକ ଦାସ ଓ ଆଶିଷ୍ ଦତ୍ତ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ଆଜି ମୁଁ ଶ୍ରାବଣୀ..., ଏ ଦିୱାନୀ ହେ ଦିୱାନୀ.., ରିମ୍‌ଝିମ୍ ଗୀରେ ସାବନ୍, ଏ ଶ୍ୟାମା.., ଓ ସାଥିରେ.., ଲଗଜା ଗଲେ.., ତେରେ ବିନା ଜିନ୍ଦେଗୀ...ଭଳି ଚିରସବୁଜ ଗୀତ ସଂଗୀତ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା।

### ଭାରତରେ ବଢ଼ୁଛି ଆତ୍ମହତ୍ୟା ସଂଖ୍ୟା
## ୧ ଲକ୍ଷରେ ୧୬.୫% ଯୁବଗୋଷ୍ଠୀ କରୁଛନ୍ତି ଆତ୍ମହତ୍ୟା

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଆତ୍ମହତ୍ୟା ଦୃଷ୍ଟିରୁ ଦକ୍ଷିଣ-ପୂର୍ବ ଏସିଆରେ ଭାରତର ସ୍ଥିତି ଅନ୍ୟ ଦେଶ ଅପେକ୍ଷା ବହୁ ଆଗରେ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରତି ୧ ଲକ୍ଷ ଲୋକଙ୍କ ମଧ୍ୟରେ ୧୬.୫% ଯୁବଗୋଷ୍ଠୀ ଆତ୍ମହତ୍ୟା କରୁଛନ୍ତି। ଜାତୀୟ ଅପରାଧ ସଂରକ୍ଷଣ ବ୍ୟୁରୋ ରିପୋର୍ଟ ଅନୁସାରେ, ୧୫ରୁ ୨୯ ବର୍ଷ ବୟସର ଯୁବଗୋଷ୍ଠୀ ଆତ୍ମହତ୍ୟା ଭଳି ଏକ ସାମାଜିକ ଅପରାଧକୁ ଆପଣାଇ ନେଉଛନ୍ତି। ତେବେ ପ୍ରତି ଏକ ଘଣ୍ଟାରେ ଭାରତରେ ଜଣେ ଛାତ୍ର ଆତ୍ମହତ୍ୟା କରୁଥିବା ଏହି ରିପୋର୍ଟ ଦର୍ଶାଇଛି। ସୋସିଆଲ ମିଡିଆର ବହୁଳ ବ୍ୟବହାର, ଆର୍ଥିକ ବିଶୃଙ୍ଖଳା, ପରିବାର ମଧ୍ୟରେ ଅସମାନତା, ଶିକ୍ଷା କ୍ଷେତ୍ରରେ ମାନସିକ ଚାପ ପ୍ରଭୃତି ସମସ୍ୟା ଯୁବଗୋଷ୍ଠୀଙ୍କ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ପଛର ପ୍ରମୁଖ କାରଣ ବୋଲି ଜଣାପଡ଼ିଛି। ତେବେ ଓଡ଼ିଶାରେ ମଧ୍ୟ ଏହି ଧାରା ବଢ଼ିବାରେ ଲାଗିଛି, ଯାହାକି ଅତ୍ୟନ୍ତ ଚିନ୍ତାର ବିଷୟ। ସାମାଜିକ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଆତ୍ମହତ୍ୟା ଭଳି ଏକ ପ୍ରବୃତ୍ତିର କାରଣ ଓ ନିରାକରଣ ଦିଗରେ ପିପୁଲ୍ସ ଫୋରମ୍ ପକ୍ଷରୁ ପ୍ରଚେଷ୍ଟା କରାଯାଇଛି। ଶୁକ୍ରବାର ଏନେଇ ସ୍ଥାନୀୟ ହୋଟେଲରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭେନ୍‌ସା, କିଟ୍, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ତଥା ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଛାତ୍ରୀଛାତ୍ରମାନେ ଉକ୍ତ ପ୍ରସଙ୍ଗରେ ସେମାନଙ୍କର ଲିଖିତ ମତାମତ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟ୍‌ବାନବେନ୍, ଡିଏଲ୍‌ସିଏ ସମ୍ପାଦକ ମାନସ ରଞ୍ଜନ ରାୟ, ଏନ୍‌ସିଡିଏସ୍ ନିର୍ଦ୍ଦେଶକ ପ୍ରଫେସର ସଞ୍ଜିତ ମିଶ୍ର, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ବିଶିଷ୍ଟ ହେତୁବାଦୀ ପ୍ରତାପ ରଥ ପ୍ରମୁଖ ଯୋଗଦେଇ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବା ନିମନ୍ତେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ତରଫରୁ ଆଗକୁ ଏ ଦିଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ୟାପକ ସଚେତନତା କର୍ମଶାଳା ଓ ଆଲୋଚନାଚକ୍ରମାନ କରାଯାଇ ଏହାକୁ ଏକ ମିଶନରେ ପରିଣତ କରାଯିବ ବୋଲି ପିପୁଲ୍ସ ଫୋରମ୍‌ର ପ୍ରତିଷ୍ଠାତା ତଥା ସଭ୍ୟ ସମ୍ପାଦକ ଗୋବିନ୍ଦ ପଟ୍ଟନାୟକ କହିଛନ୍ତି। ଦିବ୍ୟଜ୍ୟୋତି ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ଶୁକ୍ରବାର ଘନ କୁହୁଡ଼ିରେ ଆଚ୍ଛାଦିତ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥର ଦୃଶ୍ୟ।

# ଅଧ୍ୟାପିକାଙ୍କୁ ବଳାତ୍କାର ଅଭିଯୋଗ

### ଭିଡିଓ ଡିଲିଟ ନ କରିବାରୁ ବ୍ୟାଙ୍କ ମ୍ୟାନେଜରଙ୍କୁ ଅପହରଣ

- ୫ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ
- ଥାନାରେ ଉଭୟ ପକ୍ଷର ଏତଲା
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଡିସିପି

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ସୋସିଆଲ ମିଡିଆ ଜରିଆରେ ସମ୍ପର୍କ ସ୍ଥାପନ ପାଇଁ ଯୁବପୀଢି ପସନ୍ଦ କରୁଥିବା ବେଳେ ଏଥିଯୋଗୁ ଅନେକେ ଆପରାଧିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଏହାର ଏକ ଉଦାହରଣ ଶୁକ୍ରବାର ଦେଖିବାକୁ ମିଳିଛି। ଜଣେ ଅଧ୍ୟାପିକାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଡିଲିଟ ନ କରିବାରୁ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ଅପହରଣ କରିନିଆଯାଇ ୫ଲକ୍ଷ ଟଙ୍କା ଦାବି କରାଯାଇଥିଲା। ଅଧ୍ୟାପିକା ଜଣକ ୮ ସହଯୋଗୀଙ୍କ ସହ ଏଭଳି କାଣ୍ଡ ଭିଆଇଥିବା ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ମା' ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅଧ୍ୟାପିକା ଜଣକ ମଧ୍ୟ ବ୍ୟାଙ୍କ ମ୍ୟାନେଜରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ପୋଲିସ ଉଭୟଙ୍କ ଅଭିଯୋଗ ଭିତ୍ତିରେ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏକ ଘରୋଇ ବ୍ୟାଙ୍କରେ ବିଜନେସ୍ ଡେଭଲପମେଣ୍ଟ ମ୍ୟାନେଜର ଥିବା ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଜଣେ ଯୁବକ ସୋସିଆଲ ମିଡିଆ ଟିଣ୍ଡର ଆପ୍ ମାଧ୍ୟମରେ ସୋନପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଗଢିଉଠିଥିଲା। ଯୁବତୀ ଜଣକ ଭୁବନେଶ୍ୱରର ଏକ ଘରୋଇ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ମାତ୍ର ଦୁଇଦିନର ସମ୍ପର୍କ ପରେ ଶୁକ୍ରବାର ଉଭୟଙ୍କର ଏକ ହୋଟେଲରେ ଭେଟ ହୋଇଥିଲା। ପରେ ଦୁହେଁ ଏକ ବାଇକ୍‌ରେ ଶୈଳଶ୍ରୀବିହାର ରାସ୍ତାରେ ଯାଉଥିଲେ। ଏହି ସମୟରେ ଯୁବତୀ ଜଣକ ପର୍ସ ତଳେ ପଡ଼ିଯିବା ବାହାନାରେ ବାଇକ୍ ଅଟକାଇବାକୁ କହିଥିଲେ। ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ବାଇକ୍ ରଖିବା ପରେ ୪ଜଣ ଯୁବକ ହଠାତ ପହଞ୍ଚି ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ବାଇକରେ ସେମାନଙ୍କୁ ଏକ ଅଜ୍ଞାତ ରୁମକୁ ନେଇଯାଇଥିଲେ। ସେଠାରେ ଅନ୍ୟ ୪ରୁ ୫ଜଣ ଯୁବକ ଥିଲେ। ସମସ୍ତେ ମିଶି ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ମାଡ ମାରିବା ସହ ମୋବାଇଲ ଗୁଗୁଲ ପେ ମାଧ୍ୟମରେ ୧୦ହଜାର ଟଙ୍କା ନେଇ ପଳାଇଥିଲେ। ପରେ ସେମାନେ ତାଙ୍କ କ୍ରେଡିଟ କାର୍ଡକୁ ନେଇ ପାଣ୍ଟାଲୁନ ଓ ଲାଇଫ ଷ୍ଟାଇଲରୁ ୧୨ହଜାର ଟଙ୍କାର ଶପିଂ ମଧ୍ୟ କରିଥିଲେ। ଯୁବତୀଙ୍କର ସହଯୋଗୀମାନେ ଶୈଳଶ୍ରୀ ବିହାର ଅଞ୍ଚଳରେ ରହୁଥିବା ଉକ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ମା'ଙ୍କଠାରୁ ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏ ନେଇ ସେ ଥାନାକୁ ଆସି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଥାନାରେ ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ, ଉକ୍ତ ବ୍ୟାଙ୍କ ମ୍ୟାନେଜର ତାଙ୍କୁ କଥାବାର୍ତ୍ତା ପାଇଁ ଏକ ହୋଟେଲ ରୁମକୁ ଡାକି ମୃଦୁ ପାନୀୟରେ ନିଶା ଦେଇଥିଲେ। ଏହାକୁ ପିଇ ସେ ଅଚେତ ହୋଇ ପଡ଼ିଥିଲେ। ଏହାର ସୁଯୋଗରେ ବ୍ୟାଙ୍କ ମ୍ୟାନେଜର ତାଙ୍କୁ ବଳାତ୍କାର କରି ଭିଡିଓ ଶୁଟିଂ କରିଥିଲେ। ତାଙ୍କ ଚେତା ଫେରିବା ପରେ ଏ ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ। ଉକ୍ତ ଭିଡିଓକୁ ଉକ୍ତ ବ୍ୟାଙ୍କ ମ୍ୟାନେଜର ନିଜ ମୋବାଇଲ୍ ଫୋନ୍‌ରୁ ଡିଲିଟ ନ କରିବାରୁ ସେ କେତେଜଣ ବନ୍ଧୁଙ୍କୁ ଡାକି ସେସବୁକୁ ଡିଲିଟ କରିଥିଲେ। ଏ ନେଇ ଡିସିପି ଅନୁପ ସାହୁ ଥାନାରେ ପହଞ୍ଚି ଉଭୟ ପକ୍ଷଙ୍କୁ ପଚରାଉଚରା କରିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକୁ ତର୍ଜମା କରାଯାଉଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି କହିଛନ୍ତି।



ନିଷ୍ପାପର ଲୋକ ହିଁ ଅନ୍ୟର ନିଷ୍ପାକୁ ଚିହ୍ନିପାରେ।
-କାର୍ଲାଇଲ

## ସଂକ୍ଷେପରେ

### ଭୁବନେଶ୍ୱର ବିମାନବନ୍ଦରରେ କମୁଛି ପ୍ରଦୂଷଣ

ଭୁବନେଶ୍ୱର, ୧୦ା୧(ବ୍ୟୁରୋ): ବିମାନବନ୍ଦରଗୁଡ଼ିକ ନିର୍ଗତ କରୁଥିବା ଅଙ୍ଗାରକାମ୍ଳ ସର୍ବେକ୍ଷଣରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନବନ୍ଦର ଭଲ ପ୍ରଦର୍ଶନ କରିଛି। ଭୁବନେଶ୍ୱର ଏ କ୍ଷେତ୍ରରେ ଅର୍ନ୍ତଜାତୀୟ ମାନ୍ୟତା ସହ 'ରିଡକ୍ସନ-୨' ସ୍ତରରେ ପହଞ୍ଚିଛି। ବୁଧବାର ଏଏଆଇ(ଏୟାରପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ) ଟୁଇଟରରେ ଏହି ସୂଚନା ଦେଇଛି। ଭୁବନେଶ୍ୱର ସହ କୋଲକାତା, ତ୍ରିଭେନ୍ଦ୍ରମ ଓ ବାରଣାସୀ ମଧ ଅଙ୍ଗାରକାମ୍ଳ ନିର୍ଗତ କ୍ଷେତ୍ରରେ ଉପର ସ୍ତରକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଏହି ୪ଟି ବିମାନବନ୍ଦର ବେଶ୍ ଖରାପ ପ୍ରଦର୍ଶନ କରିଥିଲେ।

### କଳିଙ୍ଗ ଷ୍ଟାଡିୟମରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ

ଭୁବନେଶ୍ୱର,୧୦ା୧(ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ମାଉଣ୍ଟେନାରି ଫାଉଣ୍ଡେଶନର ଜଣେ ଅଧିକାରୀ ପ୍ରତିଯୋଗିତା ଚାଲିଥିବା ବେଳେ ଜଣେ ଯୁବତୀଙ୍କୁ ଅସଦାଚରଣ ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଶୁକ୍ରବାର ଇଣ୍ଡିଆନ ମାଉଣ୍ଟେନାରି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମରେ ଚାଲିଥିଲା। ଏଥିରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀଙ୍କ ସମ୍ପର୍କୀୟ ଭଉଣୀ ପ୍ରତିଯୋଗିତା ଦେଖିବାକୁ ଆସିଥିଲେ। ପ୍ରତିଯୋଗୀତା ଦେଖିବାକୁ ଆସିଥିବା ଯୁବତୀଙ୍କୁ ଇଣ୍ଡିଆନ ମାଉଣ୍ଟେନାରୀ ଫାଉଣ୍ଡେଶନର ଜଣେ ଅଧିକାରୀ ଗହଳିର ସୁଯୋଗ ନେଇ କ୍ଲାଇମ୍ବିଂ ୱାଲ ନିକଟରେ ଅସଦାଚରଣ କରିଥିଲେ। ଏ ନେଇ ପ୍ରତିଯୋଗୀ ଜଣଙ୍କ ତାଙ୍କ ଭଉଣୀଙ୍କୁ ହୋଇଥିବା ଅସଦାଚରଣ ନେଇ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାରୁ ସେମାନେ ତାଙ୍କୁ ଗାଳି ଗୁଲଜ ଦେଇ ବିଦା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଅଧିକାରୀ ସୁରକ୍ଷା ବଳୟରେ ସେଠାରୁ ଚାଲିଯାଇଥିଲେ। ସଂଧ୍ୟାରେ ନୟାପଲ୍ଲୀ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦେହ ପୋଡ଼ିଛି, ମନ ନୁହେଁ...

## ବୟକଟ୍ 'ଛପାକ୍' ଅର୍ଥ ଏସିଡ୍ ଆକ୍ରମଣକୁ ସମର୍ଥନ

ଭୁବନେଶ୍ୱର,୧୦ା୧(ବ୍ୟୁରୋ)

ଜଣେ ଝିଅ ଉପରେ ଯେତେବେଳେ ଏସିଡ୍ ଆକ୍ରମଣ ହୁଏ ସେତେବେଳେ ସମାଜ ତାକୁ ଗ୍ରହଣ କରେନା। ଏହାଦ୍ୱାରା ଏସିଡ୍ ଆକ୍ରମଣ କରିବାକୁ ଜଣକୁ ଅଧିକ ପ୍ରୋତ୍ସାହନ ମିଳେ। ସେହିଭଳି ଲୋକେ ଏବେ 'ଛପାକ୍' ଫିଲ୍ମକୁ ବୟକଟ୍ କରିବାକୁ କହୁଛନ୍ତି। ଜଣେ ଏସିଡ୍ ପୀଡ଼ିତାଙ୍କ ସଂଘର୍ଷର କାହାଣୀ ଉପରେ ନିର୍ମିତ ଏହି ଫିଲ୍ମକୁ ଯେଉଁମାନେ ନ ଦେଖିବାକୁ ଅନ୍ୟକୁ ଉସ୍କାଉଛନ୍ତି ସେମାନେ ବି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏସିଡ୍ ଆକ୍ରମଣ ଓ ଆକ୍ରମଣକାରୀମାନଙ୍କୁ ସମର୍ଥନ କରୁଛନ୍ତି। ଛପାକ୍ ତଥା ଲକ୍ଷ୍ମୀ ଅଗ୍ରୱାଲଙ୍କ ଭଳି ଏସିଡ୍ ଆକ୍ରମଣର ଶିକାର ହୋଇ ଏହା ବିରୋଧରେ ଲଢେଇ କରିଥିବା ଓଡ଼ିଶାର କିଛି ପରିଚିତ ଚେହେରା ଶୁକ୍ରବାର ରିଲିଜ ହୋଇଥିବା ଦୀପିକା ପାଦୁକୋନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଛପାକ୍' ଉପରେ ଏଭଳି ମତ ରଖିଛନ୍ତି।

### ୨୦୦୫ରୁ ସଂଘର୍ଷ ଜାରି ରଖିଛୁ



ଏସିଡ୍ ଆକ୍ରମଣ ପରେ ଜଣେ ପୀଡ଼ିତାଙ୍କୁ ଲୋକେ କିଭଳି ଘୃଣ୍ୟ ନଜରରେ ଦେଖନ୍ତି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି। ବାସ୍ତବ ଜୀବନରେ ଆମେ ସେମିତି ଘୃଣାର ଶିକାର ହୋଇଛୁ। ମୁଁ ଦୀପିକା ପାଦୁକୋନଙ୍କୁ ଧନ୍ୟବାଦ ଦେବି ଯେ, ସେ ନିଜ ପ୍ରଚେଷ୍ଟାରେ ଏଭଳି ଏକ ଫିଲ୍ମ କରିବାକୁ ଆଗେଇ ଆସିଛନ୍ତି। ଆମ ଦେହ ପୋଡ଼ିଯାଇଛି, ହେଲେ ମନ ପୋଡ଼ିନି। ସୌନ୍ଦର୍ଯ୍ୟ ବଡ଼ କଥା ନୁହେଁ। ହୃଦୟ ସବୁଠାରୁ ବଡ଼। ଆମେ ହାରିନୁ କି ହାରିବୁନି। ସମାଜର ଦୟାରେ ବଞ୍ଚିବା ଶିଖିନୁ। ନିଜେ ସଂଘର୍ଷ କରି ନିଜ ଅଧିକାର ପାଉଛୁ। ୨୦୦୫ରୁ ସଂଘର୍ଷ ଜାରି ରଖିଛୁ ଓ ଆଗକୁ ବି ରଖିବୁ। ଯିଏ ଆମକୁ ବିବାହ କରିଛନ୍ତି ସେମାନେ ଆମ ସୌନ୍ଦର୍ଯ୍ୟକୁ ଦେଖି ବିବାହ କରିନାହାନ୍ତି। ସେମାନଙ୍କ ଭଳି ଯଦି ସମସ୍ତେ ହୁଅନ୍ତେ ତାହେଲେ ଆମ ପାଇଁ ବଞ୍ଚିବା କଷ୍ଟକର ହୁଅନ୍ତାନି। ହେଲେ ଦୁର୍ଭାଗ୍ୟର କଥା ଯେ, ଆମକୁ ଚାକିରି ମିଳେନା। ଲୋକେ ଆମକୁ ଦେଖି ମୁହଁ ଫେରାଇ ନିଅନ୍ତି। ଝିଅ ଜୀବନ ନଷ୍ଟ ହୋଇଗଲା, ପୋଡ଼ିଗଲା, ଆଉ କେହି ବାହା ହେବେନି ବୋଲି କୁହନ୍ତି। ବହୁତ କଥା ଶୁଣିବାକୁ ମିଳେ। ସେଭଳି ନ କରି ଲୋକେ ସମର୍ଥନ କରିବା ଦରକାର। ଦୟାରେ ନୁହେଁ, ଆନ୍ତରିକତାର ସହ ଭଲ ପାଇବା ଦରକାର। ଶେଷରେ ଏତିକି କହିବି, ଫିଲ୍ମ ଦେଖିବାକୁ ଯାଆନ୍ତୁ। ବହୁତ କିଛି ଶିଖିବାକୁ ପାଇବେ।

- ମମତା ବେହେରା

### 'ଛପାକ୍' ପ୍ରତ୍ୟେକ ଏସିଡ୍ ପୀଡ଼ିତାଙ୍କ କାହାଣୀ



'ଛପାକ୍'ରେ କେବଳ ଲକ୍ଷ୍ମୀ ଅଗ୍ରୱାଲ ନୁହେଁ, ଦେଶର ପ୍ରତ୍ୟେକ ଏସିଡ୍ ପୀଡ଼ିତାଙ୍କ କାହାଣୀ ପ୍ରତିଫଳିତ ହୋଇଛି। ସେମାନଙ୍କ ସଂଘର୍ଷମୟ କାହାଣୀକୁ ଏହି ଫିଲ୍ମରେ ଦର୍ଶାଯାଇଛି। ଏସିଡ୍ ବିକ୍ରି ବନ୍ଦ ହେବା, ଆକ୍ରମଣକାରୀଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବା ଏବଂ ଲୋକଙ୍କୁ ଏହାର ଭୟାବହତା ସମ୍ପର୍କରେ ଫିଲ୍ମରେ ସଚେତନ କରାଯାଇଛି। ଆଶା କରୁଛି ସମାଜ ଉପରେ ନିଶ୍ଚୟ ଏହାର କିଛି ପ୍ରଭାବ ପଡ଼ିବ। ମୁଁ ଯଦି ମୋ' ଜୀବନକୁ ଆରମ୍ଭରୁ ଦେଖିବି ତାହେଲେ ଲକ୍ଷ୍ମୀ ଅଗ୍ରୱାଲଙ୍କଠାରୁ ବହୁତ ଅଧିକ କଷ୍ଟ ମୁଁ ପାଇଛି। ହେଲେ ତାଙ୍କଠାରୁ ଓ ଅନ୍ୟ ପୀଡ଼ିତାଙ୍କଠାରୁ ମୁଁ ଅନୁପ୍ରାଣିତ ହୋଇଛି। ଯେଉଁମାନେ ଫିଲ୍ମକୁ ବୟକଟ୍ କରିବାକୁ କହୁଛନ୍ତି ତାହା ସେମାନଙ୍କର ମୌଳିକ ଅଧିକାର। ସେଭଳି ଦୀପିକା ପାଦୁକୋନ ଜେଏନ୍‌ୟୁ ଯିବା ମଧ ତାଙ୍କ ମୌଳିକ ଅଧିକାର। ଦୀପିକା ଯେଉଁ ଚରିତ୍ରରେ ଅଭିନୟ କରିଛନ୍ତି ସେ ଚରିତ୍ରକୁ ଦେଖନ୍ତୁ ଓ କାହାଣୀରୁ ଶିଖନ୍ତୁ। ଏହି ଫିଲ୍ମକୁ ଘୃଣା କରିବାର ଅର୍ଥ ପରୋକ୍ଷ ଏବଂ ପ୍ରତ୍ୟକ୍ଷରେ ଏସିଡ୍ ଆକ୍ରମଣକାରୀମାନଙ୍କୁ ସମର୍ଥନ କରିବା। ଏସିଡ୍ ଆକ୍ରମଣ ଯାହା ଉପରେ ହୁଏ କେବଳ ସେ ହିଁ ତା'ର କଷ୍ଟ ଜାଣିପାରେ। ତେଣୁ ବୟକଟ୍ କରିବା ପାଇଁ କହିବା ବହୁତ ସହଜ। ମୁଁ ସରକାରଙ୍କୁ କହିବାକୁ ଚାହୁଁଛି, ଏସିଡ୍ ଆକ୍ରମଣକୁ ନେଇ ରହିଥିବା ଦଣ୍ଡବିଧାନକୁ କଡ଼ାକଡ଼ି କରାଯାଉ। ଆନ୍ଧ୍ରପ୍ରଦେଶରେ ଯେମିତି ଫାଷ୍ଟଟ୍ରାକ୍ କୋର୍ଟ ଗଠନ ହୋଇ ସଙ୍ଗେସଙ୍ଗେ ଆକ୍ରମଣକାରୀକୁ ଦଣ୍ଡ ଦିଆଯାଉଛି ଏଠାରେ ମଧ ସେମିତି କରାଯାଉ। ସମାଜକୁ କହିବାକୁ ଚାହୁଁଛି, ପୀଡ଼ିତାମାନଙ୍କୁ ସମର୍ଥନ କର। ତୁମପାଇଁ ସେମାନଙ୍କୁ ଆଜି ଘରେ ଲୁଚି ରହିବାକୁ ପଡୁଛି। ସେଭଳି ନ କରି ସେମାନଙ୍କ ସମର୍ଥନରେ ବାହାର ଓ ସେମାନଙ୍କ ଲଢେଇରେ ସାମିଲ ହୁଅ।

- ପ୍ରମୋଦିନୀ ରାଉଳ

### ପାଳନ ହେଉନି ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ



ଯାହାଙ୍କୁ ବାହା ହୋଇଥିଲି ମୋ ଉପରେ ସେ ହିଁ ଏସିଡ୍ ପକାଇ ଦେଇଥିଲେ। ମୋର ଛୋଟ ଝିଅଟିଏ ଅଛି। ତେଣୁ ବାଧହୋଇ ଏବେ ବି ଶାଶୁଘରେ ରହୁଛି। ଏସିଡ୍ ଆକ୍ରମଣ ପରେ ମୋର ମନୋବଳ ଭାଙ୍ଗିଯାଇଥିଲା। ହେଲେ ସଂଘର୍ଷ କରି ଆଗକୁ ବଢିଥିଲି। ପ୍ରତି ନକାରାତ୍ମକ ପରିସ୍ଥିତିରେ ସକାରାତ୍ମକ ଭାବନା ନେଇ ବଞ୍ଚିଥିଲି। ଏସିଡ୍ ଆକ୍ରମଣ କରିବା ପରେ ଦୋଷୀ ତ ଗିରଫ ହୋଇଯାଉଛି, ହେଲେ ଦଣ୍ଡ ପାଇବାକୁ ବର୍ଷ ବର୍ଷ ବିତିଯାଉଛି। ଏସିଡ୍ ବିକ୍ରିକୁ ନେଇ ଥିବା ସୁପ୍ରିମକୋର୍ଟଙ୍କ ଗାଇଡଲାଇନକୁ କଡ଼ାକଡି ଭାବେ ପାଳନ କରାଯାଉ ନାହିଁ। ସେଥିପାଇଁ ଆଜିପର୍ଯ୍ୟନ୍ତ ଆମେ ଲଢେଇ କରୁଛୁ। 'ଛପାକ୍'ରେ ତାହା ଦେଖିବାକୁ ମିଳିଛି। ଆମ ସହ କିଭଳି ଘଟେ ତାହା ଏହି ଫିଲ୍ମ ଦେଖିଲେ ହିଁ ଲୋକେ ଜାଣିପାରିବେ। ଓଡ଼ିଶାରେ ପ୍ରମୋଦିନୀ ଓ ମୋ' ଭଳି ଅନେକ ପୀଡ଼ିତା ଅଛନ୍ତି। ଆମ ଉପରେ ବି ଯଦି ଫିଲ୍ମ ହୁଅନ୍ତା ତାହେଲେ ଲୋକେ ଆମ କାହାଣୀ ସମ୍ପର୍କରେ ଅଧିକ ଜାଣିପାରନ୍ତେ।

- ରୋଜାଲିନ୍ ସାହୁ

## ବିଧାନସଭା ସଦାଚାର ଗୃହ କମିଟିର କଟକ ଗସ୍ତ

# ବ୍ଲକ୍ ସର୍କୁଲାର ୪୭ ଉପରେ ସମୀକ୍ଷା



ସମୀକ୍ଷା ବୈଠକରେ ବିଧାୟକମାନଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୧୦ା୧

ଶୁକ୍ରବାର ବିଧାନସଭା ସଦାଚାର ଗୃହ କମିଟି କଟକ ଗସ୍ତ କରିଥିଲା। କମିଟି ଅଧକ୍ଷ ତଥା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅନନ୍ତ ଦାସ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ ଅମାତ, ଭୂପିନ୍ଦର ସିଂ, ଅରବିନ୍ଦ ଢାଲି, ପ୍ରଶାନ୍ତ ମୁଦୁଲି, ଦେବୀ ପ୍ରସାଦ ମିଶ୍ର, ଶଙ୍କର ଓରାମ, ଗଣେଶ ରାମ ସିଂ ଖୁଣ୍ଟିଆ ଓ ବିଧାୟକ ମହମ୍ମଦ ମୋକିମ ପ୍ରମୁଖ ଏହି ଗସ୍ତରେ ଆସି କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଉକ୍ତ ବୈଠକରେ ବ୍ଲକ୍ ସର୍କୁଲାର ୪୭ର ଅନୁପାଳନ ଓ ନିର୍ବାଚନ ମଣ୍ଡଳୀ ୱାରି ଉନ୍ନୟନ କମିଟି ଗଠନ ସମ୍ପର୍କରେ ସମୀକ୍ଷା ହୋଇଥିଲା। ବିଧାୟକମାନେ ବ୍ଲକ୍ ସର୍କୁଲାର ୪୭ର ନିୟମ ଓ ଏହାର ଅନୁପାଳନ ସମ୍ପର୍କରେ ବୈଠକରେ ମତ ପ୍ରକାଶ କରିଥିଲେ। କମିଟି ଅଧକ୍ଷ ଶତପଥୀ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲାରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅଧୀନରେ ଥିବା ଜିଲା, ବ୍ଲକସ୍ତରୀୟ ଉନ୍ନୟନ କମିଟି ଗଠନ କରାଯାଇଛି କି ନାହିଁ ଏବଂ ବ୍ଲକ୍ ସର୍କୁଲାର ୪୭ ନିୟମ ଠିକ୍ ଭାବେ ଅନୁପାଳନ କରାଯାଉଛି କି ନାହିଁ, ସେ ସମ୍ପର୍କରେ ଉପସ୍ଥିତ ଜିଲାପାଳ, ପୋଲିସ କମିଶନର, ଡିଆଇଜି, ଡିସିପି ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ। ସେ ଆହୁରି କହିଥିଲେ, ଗଣତନ୍ତ୍ରରେ ନିର୍ବାଚିତ ଏମ୍‌ପି, ବିଧାୟକ ତଥା ଜନ ପ୍ରତିନିଧିମାନଙ୍କ ସହିତ ଜିଲା ଓ ପୋଲିସ ପ୍ରଶାସନର ସୁସମ୍ପର୍କ ରହିଲେ ଲୋକଙ୍କ ପାଇଁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଜନପ୍ରତିନିଧିମାନେ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ। ଲୋକଙ୍କ ସମସ୍ୟା ନେଇ ସେମାନେ ବିଭିନ୍ନ ସମୟରେ ଦେଉଥିବା ପ୍ରସ୍ତାବର ଉତ୍ତର ପ୍ରଶାସନ ଯଥାଶୀଘ୍ର ପ୍ରଦାନ କରିବା ଉପରେ ମଧ ସେ ଗୁରୁତ୍ୱ ଆରୋପ କରିଥିଲେ। ଜିଲାଠାରୁ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ନିଜ କାର୍ଯ୍ୟାଳୟରେ ବ୍ଲକ୍ ସର୍କୁଲାର ୪୭ ଅନୁପାଳନ ପାଇଁ ରେଜିଷ୍ଟର ରଖିବା, ଜନପ୍ରତିନିଧିମାନଙ୍କ ପ୍ରସ୍ତାବ ସେଥିରେ ଲିପିବଦ୍ଧ କରି ତତ୍‌ସମ୍ବନ୍ଧୀୟ ଉତ୍ତର ପ୍ରଦାନ ଓ କାର୍ଯ୍ୟ ସମ୍ପାଦନ ଠିକ୍ ସମୟରେ କରିବା ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ନିର୍ବାଚିତ ପ୍ରତିନିଧିମାନେ ସରକାରୀ କାର୍ଯ୍ୟାଳୟକୁ ଆସିବା ସମୟରେ ତାଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ କରିବା, ସରକାରୀ ଉତ୍ସବରେ ସରକାରୀ ଅଧିକାରୀମାନଙ୍କର ଯୋଗଦାନ ସମ୍ପର୍କରେ ଥିବା ନୀତି ନିୟମ ଉପରେ ମଧ ଆଲୋଚନା କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ କେନ୍ଦ୍ରାଞ୍ଚଳର ସମସ୍ତ ଜିଲାପାଳ, ବରିଷ୍ଠ ପୋଲିସ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ ଅଫିସ,୧୦ା୧

ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ।

ଗୁରୁବାର ଚନ୍ଦନଲାଗି ପରେ ୮୭ ଗରା ଜଳ ଏବଂ ୨୧ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ଶୁକ୍ରବାର ସକାଳଧୂପ ବଢି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଇଲମ ପରେ ପୂର୍ବଦିନ ଅଧିବାସ ହୋଇରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡରେ ଅଭିଷେକ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ବସି ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣ ବେଶ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର, ରୁପାଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୂଷଳ ଧାରଣ କରିଥିଲେ। ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିବା ବେଳେ ମହାଲକ୍ଷ୍ମୀ ମନ୍ଦିରରୁ ଫେରି ଶ୍ରୀଅଙ୍ଗ ଲାଗି ହୋଇଥିଲେ। ଭୋଗ ସମୟରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବାବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ଏହାପରେ ରାଜନୀତି ବନ୍ଦାପନା ହୋଇଥିଲା। ମୁଦିରସ୍ତ ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢିବା ପରେ ଶ୍ରୀରଘୁନାଥ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ପାଇ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ନୀତି ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ଶନିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ।

### ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି

# ମୁକ୍ତିଲାଭ କଲା 'ମୁଁ ପରଦେଶୀ ଚଢେଇ'

କଟକ ଅଫିସ,୧୦ା୧

ମା' ସିଙ୍ଘାସୀନି ଫିଲ୍ମ ବ୍ୟାନରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ମୁଁ ପରଦେଶୀ ଚଢେଇ' ଶୁକ୍ରବାର ମୁକ୍ତିଲାଭ କରିଛି। ଫିଲ୍ମଫ୍ରାଇଡେରେ କଟକ ବୃନ୍ଦାବନ ଟକିଜ୍‌ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଲଭଷ୍ଟୋରୀ ସାଙ୍ଗକୁ ଥ୍ରୀଲରରେ ଭରି ରହିଛି। ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଏଥିରେ ୬ଟି ଗୀତ ରହିଥିବା ଏହାର ନିର୍ଦ୍ଦେଶନା ଦେଇଛନ୍ତି ଆସାଦ ନିଜାମ। ବଲିଉଡ ଗାୟକ ସାନ, ଉଦିତ୍ ନାରାୟଣ, ହ୍ୟୁମାନ ସାଗର, ସ୍ୱଂୟ ପ୍ରଭାସ ପାଢୀ, ଅସୀମା ପଣ୍ଡା ଓ ଦୀପ୍ତିରେଖା କଣ୍ଠଦାନ କରିଛନ୍ତି। ତପୁ ନାୟକ ଗୀତ ରଚନା କରିଥିବାବେଳେ ନାୟକ ଭୂମିକାରେ ଅର୍ଦ୍ଧେନ୍ଦୁ ଓ ନାୟିକା ଭୂମିକାରେ ଅନୁଭା ରହିଛନ୍ତି। ସେହିପରି ଅନ୍ୟ ଭୂମିକାରେ ମିହିର ଦାସ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା, ହର ରଥ, ଇଲୁ ବାନାର୍ଜୀ ପ୍ରମୁଖ ରହିଛନ୍ତି।

# 'ଯୁବଶକ୍ତି ଭଗବାନଙ୍କ ସୁନ୍ଦର ଉପହାର'

ପୁରୀ ଅଫିସ,୧୦ା୧



କାର୍ଯ୍ୟକ୍ରମରେ ପୂର୍ବରୁ ହୋଇଥିବା ଗ୍ଲୋରିକୁଇନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯୁବଶକ୍ତି ହେଉଛନ୍ତି ଭଗବାନ ଶ୍ରୀଜଗନ୍ନାଥଙ୍କ ସୁନ୍ଦର ଉପହାର। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିବାର ସବୁଠୁ ବଡ଼ ଉପାଦାନ। ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବଗୋଷ୍ଠୀ ହିଁ ଚାହିଁଲେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଶୁକ୍ରବାର ବେଳାଭୂମିରେ ଆୟୋଜିତ ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଗୋଟିଏ ମଞ୍ଚରେ ଭାରତର ବିଭିନ୍ନ ଅଞ୍ଚଳରେ ୬୫୦ ପ୍ରତିଯୋଗୀ ଭାଗ ନେବା ନିଶ୍ଚିତ ବଡ଼ କଥା। ଏହିଭଳି ସାଂସ୍କୃତିକ ଉତ୍ସବ ଶାନ୍ତି, ମୈତ୍ରୀ ପ୍ରତିଷ୍ଠା ସାଙ୍ଗକୁ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବାର କ୍ଷମତା ରଖିଥାଏ। ବିବିଧତା ମଧ୍ୟରେ ଏକତା ଆଣିଥାଏ। ଯୁବଶକ୍ତିଙ୍କ ମନରେ ଉଦାର ଭାବ ଏବଂ ସକାରାତ୍ମକ ଚିନ୍ତାଧାରା ରହିଲେ ଦେଶ ଏକ ଆଦର୍ଶ ରାଷ୍ଟ୍ର ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଏଥିରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉତ୍ସବ କମିଟି ଅଧକ୍ଷ ଶଙ୍କର ପରିଡ଼ା ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ସମ୍ପାଦକ ରାଜେଶ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ମହାନ୍ତି ତାଙ୍କ ବକ୍ତବ୍ୟରେ ଅନୁଷ୍ଠାନ ପାଇଁ ପୁରୀରେ ଏକ ସରକାରୀ ଜାଗା ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ସୁପାରିସ କରିବା ନିମନ୍ତେ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ଫଳରେ ଗ୍ଲୋରିଫେଷ୍ଟ ଆହୁରି ସୁଦୂରପ୍ରସାରୀ ହୋଇପାରିବ ବୋଲି କହିଥିଲେ। ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଡ. ଭଗବାନ ଜୟସିଂହ, ହରପ୍ରସାଦ ବିଶ୍ୱାଳ, ଶ୍ରୀନିବାସ ସାହୁ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସଞ୍ଜୀବ ରଥଶର୍ମା, ଅଶ୍ୱିନ କୁମାର ସ୍ୱାଇଁ, ଦେବେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ଲୋରିଫେଷ୍ଟକୁ ୨୫ବର୍ଷରେ ପହଞ୍ଚାଇବାରେ ଯେଉଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ରହିଛି ସେମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ ଦେବାଶିଷ ରାୟ, ପ୍ରତିମା ମିଶ୍ର, ଦେବାଶିଷ କୁମାର, ଜଗଦୀଶ ରାଉତରାୟ, ଏ.ଏଲ୍, ଏନ୍ ନାଇଡୁ, ଗୌରହରି ପ୍ରଧାନ, ରାଜକିଶୋର ପ୍ରଧାନ, ଶୁଶାନ୍ତ କୁମାର ମିଶ୍ର, ଦେବାଶିଷ କୁମାର, ଜଗନ୍ନାଥ ସ୍ୱାଇଁ ମହାପାତ୍ର, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ବି.ଡି. ମହାପାତ୍ର, ବିନୋଦ ସିଂହ, ଶଙ୍କର ବାନାର୍ଜୀ, ବାମଦେବ ମହାନ୍ତି, ରାମକୃଷ୍ଣ ଦାସ, କୁମାର ଅରୋଜିତ, ଗୀତା ପଣ୍ଡା, ଚକ୍ରଧର ମହାପାତ୍ର, ରାଜକିଶୋର ପାତ୍ର ଓ ରବିନାରାୟଣ ଖୁଣ୍ଟିଆ। ଏମାନଙ୍କ ମଧ୍ୟରୁ କେତେଜଣ ଅନୁପସ୍ଥିତ ଥିଲେ। ସଭା ଏବଂ ସମ୍ବର୍ଦ୍ଧନା ପର୍ବ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମିର ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ କଣ୍ଠଶିଳ୍ପୀ ଅଭିଷେକ ରୟଚୌଧୁରୀ, ସୋନିଆ ତପଦାର, ମଧୁ। ସେହିପରି କଲିକତାର ମ୍ୟୁଜିକାଲ ବ୍ୟାଣ୍ଡ ମଧ ଧମାକାଦାର ପ୍ରଦର୍ଶନ କରିଥିଲେ। ସଙ୍ଗୀତର ତାଳେ ତାଳେ ଯୁବଗୋଷ୍ଠୀ ବେଳାଭୂମି ବାଲିରେ ବେଶ୍ ନାଚିଥିଲେ।





କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ

### ଆକର୍ଷଣ ସାଜିଲେ ପୂର୍ବତନ ଗ୍ଲୋରିକୁଇନ

ଗ୍ଲୋରିଫେଷ୍ଟର ପ୍ରମୁଖ ଆକର୍ଷଣ ହେଉଛନ୍ତି ଗ୍ଲୋରିକୁଇନ। ଜଣେ ସର୍ବଗୁଣସମ୍ପନ୍ନା ପ୍ରତିବର୍ଷ ଗ୍ଲୋରିକୁଇନ ହେବାର ସୌଭାଗ୍ୟ ଅର୍ଜନ କରିଥାନ୍ତି। ଚଳିତବର୍ଷ ଗ୍ଲୋରିକୁଇନ ପାଇଁ ଫାଇନାଲ ରାଉଣ୍ଡ ପ୍ରତିଯୋଗିତା ଶେଷ ହୋଇଛି। ୩ଜଣଙ୍କୁ ବନ୍ଦ ଲଫାପାରେ ସିଲ୍ କରି ଦିଆଯାଇଛି। ୧୨ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ଜଣେ ଗ୍ଲୋରିକୁଇନ୍ ହେବା ସହ ଅନ୍ୟ ଦୁଇଜଣ ରନର୍ସ ଅପ୍ ହେବେ। ତେବେ ଶୁକ୍ରବାର ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ ପୂର୍ବତନ ଗ୍ଲୋରିକୁଇନ୍। ଯେଉଁମାନେ କି ଏହି ମଞ୍ଚରେ ଗ୍ଲୋରିକୁଇନ ଟାଇଟଲ ପିନ୍ଧି ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଶୁକ୍ରବାର ପୂର୍ବତନ ଗ୍ଲୋରିକୁଇନ ଶେଫାଳୀ ଉଦ୍‌ଗାତା, ସୁଚିସ୍ମିତା ସ୍ୱାଇଁ, ମନୀଷା ନନ୍ଦ, ମଧୁମିତା ମହାନ୍ତି, ଉପାସନା ପାତ୍ର, ବିଷ୍ଣୁପ୍ରିୟା ନାୟକ, ଜୟନ୍ତୀ ବିଶ୍ୱାସ, ଦିବ୍ୟଶ୍ରୀ ସୁନନ୍ଦିନୀ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ଗ୍ଲୋରିକୁଇନମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରି ନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।

- ବାକନ୍



## ସଂକ୍ଷେପରେ

### ଜେଲ ଗଲେ ବ୍ରାଉନସୁଗାର ବେପାରୀ

୧୮.୪ ଗ୍ରାମ୍ ବ୍ରାଉନ ସୁଗାର, ୯ଲକ୍ଷ ଟଙ୍କା ଜବତ

**ଖୋର୍ଦ୍ଧା ଅଫିସ,୧୦।୧:** ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ଖୋର୍ଦ୍ଧା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ସ୍ଥାନୀୟ ଆଦର୍ଶ ଥାନା ପୋଲିସ ସହାୟତାରେ ଜଣେ ବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସାମନ୍ତରାପୁର ସ୍ୱପ୍ନେଶ୍ୱରସାହିର ମହେନ୍ଦ୍ର ବେହେରା ଓରଫ କଇନ(୪୫)। ତାଙ୍କ ନିକଟରୁ ୧୮.୪ ଗ୍ରାମ୍ ବ୍ରାଉନସୁଗାର ଓ ୯ଲକ୍ଷ ୨୧ ହଜାର ୮ଶହ ଟଙ୍କା ଜବତ ହୋଇଛି। ମହେନ୍ଦ୍ରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୦/୨୦)ରୁଜୁ ହୋଇଛି। ମହେନ୍ଦ୍ର ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରୁଥିବା ଜଣାପଡିଛି।

### କ୍ରିକେଟ: ସେମିରେ ନିରାକାରପୁର

**ନିରାକାରପୁର,୧୦।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତର ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଧ୍ରୁବଚରଣ ପଡିଆରେ ସପ୍ତମ ପରମେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ଶୁକ୍ରବାର ୨ୟ ଲିଗ୍‌ମ୍ୟାଚରେ ୟଙ୍ଗଷ୍ଟାର ନିରାକାରପୁର ୮୦ରନ୍‌ରେ ଜଙ୍କିଆ କ୍ରିକେଟ କ୍ଲବ୍‌କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ନିରାକାରପୁର ଦଳ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୩ରନ ସଂଗ୍ରହ କରିଥିଲା। ଜବାବରେ ଜଙ୍କିଆ ଦଳ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରି ମ୍ୟାଚ ହାରିଯାଇଥିଲା। ବିଜୟୀ ଦଳର ୭୦ ରନ କରିଥିବା ପ୍ରବୀନ୍ କୁମାର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଆଜିର ମ୍ୟାଚକୁ ରାମଚନ୍ଦ୍ର କୁମାର ଓ ସୋମନାଥ କୁମାର ପରିଚାଳନା କରିଥିଲେ। ଶୁକ୍ରବାର ଓଲସିଂହ କ୍ରିକେଟ କ୍ଲବ ଓ ରାଇମୂଳ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

### ବଜରଙ୍ଗୱାଲୀ କ୍ରିକେଟ ଉଦ୍‌ଘାଟିତ:ଚକ୍ରଧର ପ୍ରସାଦ ବିଜୟୀ

**ବୋଲଗଡ,୧୦।୧(ଡି.ଏନ.ଏ.)-** ବୋଲଗଡ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ବାଲାଜୀଉ ଖେଳ ପଡିଆରେ ବଜରଙ୍ଗୱାଲୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚ ଭାପୁର ବ୍ଲକ ଚକ୍ରଧରପ୍ରସାଦ କ୍ରିକେଟ ଟିମ ସହିତ ରଣପୁର ବ୍ଲକ ନରେନ୍ଦ୍ରପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଚକ୍ରଧରପ୍ରସାଦ ଟିମ ୧୧୯ରନରେ ବିଜୟୀ ହୋଇଛି । ଚକ୍ରଧର ପ୍ରସାଦ ଟିମ ପ୍ରଥମ ପାଳିରେ ବ୍ୟାଟିଂ କରି ୧୯.୪ ଓଭରରେ ୧୪୧ରନ ସଂଗ୍ରହ କରିଥିଲା। ଜବାବରେ ନରେନ୍ଦ୍ରପୁର କ୍ରିକେଟ ଟିମ ମାତ୍ର ୭ ଓଭରରେ ୨୩ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା । ଅତିଥିଭାବେ ଭାଜପାର ପାଞ୍ଚଗଡ ମଣ୍ଡଳ ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ମିଶ୍ର ଏବଂ ସାମାଜିକ କର୍ମୀ ସତ୍ୟବାଦୀ ଆଚାର୍ଯ୍ୟ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ।

କଣାସରେ କାଉ ମଡ଼କ ଘଟଣା

### ଡାକ୍ତରୀ ଟିମ୍‌ର ଅନୁଧ୍ୟାନ

**କଣାସ,୧୦।୧(ସ୍ୱ.ପ୍ର.):** ଚିଲିକା ଉତ୍ତରନାସୀର ଆଖପାଖ ଗ୍ରାମଗୁଡ଼ିକରେ ଶତାଧିକ କାଉ ମରିପଡୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଗଣମାଧମରେ ପ୍ରକାଶ ପାଇବା ପରେ ଶୁକ୍ରବାର ଏକ ଡାକ୍ତରୀ ଦଳ କଣାସ ବ୍ଲକର ଗୋପୀନାଥପୁର, କଳାପଦର, ଜାଗୁଲାଇପଦର, ପାଇକମରା, ବଡଓରା, ସାନଓରା, ଓଗାଳପୁର, ସାହସପୁର, କୌଡଖଣି ଗ୍ରାମକୁ ଯାଇ ମରିପଡିଥିବା କାଉଗୁଡିକୁ ପୋତିବା ସହିତ କୁକୁଡାଙ୍କଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଥିବା ଜଣାପଡିଛି। କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡା. ସାଗର କୁମାର ସାମଲ, ମୁରଲୀଧର ବେହେରା, ରାଜକିଶୋର ନାୟକ, ଗୋମିତ୍ର ତାରେଶ୍ୱର ପଲେଇ, ପବିତ୍ର ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ରକ୍ତ ସଂଗ୍ରହ କରିଥିଲେ। ଅତ୍ୟଧିକ ବର୍ଷା ଓ ଥଣ୍ଡା ପାଗ ଯୋଗୁ କାଉଙ୍କ ମୃତ୍ୟୁ ହୋଇଥିବା ଡା. ସାମଲ ପ୍ରକାଶ କରିଛନ୍ତି।

# ପୁନରୁଦ୍ଧାର ହେଉନି, କୂଅରେ ଆବର୍ଜନା ଭର୍ତ୍ତି

**ଜଟଣୀ,୧୦।୧(ଡି.ଏନ.ଏ):**

ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ୪ନଂ. ୱାର୍ଡ ବିବେକାନନ୍ଦ ସାହିରେ ଥିବା କୂଅ ଏବେ ଆବର୍ଜନାରେ ଭର୍ତ୍ତି ରହିଛି। କୂଅକୁ ପୁନରୁଦ୍ଧାର କରାଯାଉନାହିଁ। ଫଳରେ ପ୍ରାୟ ୪୦ବର୍ଷ ପୁରୁଣା ଏହି କୂଅ ଅଞ୍ଚଳବାସୀଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ଏହି କୂଅ ଉପରେ ବିବେକାନନ୍ଦ ସାହି ସମେତ ମାଛ ମାର୍କେଟ୍, ପରିବା ମାର୍କେଟ୍ ଏବଂ ବଡ଼ବଜାର ଅଞ୍ଚଳର ଶତାଧିକ ଲୋକ ନିର୍ଭର କରିଥାନ୍ତି। ହେଲେ ପ୍ରଶାସନ ପକ୍ଷରୁ ଦୀର୍ଘବର୍ଷ କୂଅକୁ ସଫା କରାଯାଉ ନ ଥିବା ଯୋଗୁ ପାଣି ଦୂଷିତ ହୋଇଗଲାଣି। ଅଳିଆ ଆବର୍ଜନାରେ କୂଅ ଭରି ରହିଛି। କୂଅ ଉପରେ ଜାଲି କିମ୍ବା ଗ୍ରୀଲ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଜଣେ କିମ୍ବା ଦୁଇଜଣ ଏହା ଭିତରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ମୁକୁଳା ଥିବାରୁ କୁକୁର, ବିଲେଇ ଓ ଅନ୍ୟ ପଶୁପକ୍ଷୀ ପଡ଼ି ମରୁଥିବା ମଧ୍ୟ ନଜିର ରହିଛି। ସର୍ବସାଧାରଣଙ୍କ ବ୍ୟବହାର ପାଇଁ ରହିଥିବା ଏହି କୂଅ ପ୍ରତି ମ୍ୟୁନିସିପାଲ୍‌ଟି କର୍ତ୍ତୃପକ୍ଷଙ୍କ



କୂଅରେ ଭର୍ତ୍ତି ହୋଇଥିବା ଅଳିଆ ଆବର୍ଜନା ।

ଦୃଷ୍ଟି ପଡୁ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପରିବା ଓ ମାଛମାର୍କେଟ କମିଟିର ପୂର୍ବତନ ସଭାପତି ବଳଦେବ ସାହୁ କୁହନ୍ତି, ଏ ନେଇ ବାରମ୍ବାର ପୌରପାଳିକାକୁ ଅବଗତ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନି। କୂଅରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇରହିବା ସହ ଏହି ଚାରିଦିନ ହେବ ଗୋଟିଏ କୁକୁର ପଡ଼ି ପାଣିରେ ଭାସୁଛି। ମାର୍କେଟ ପକ୍ଷରୁ ପଡ଼ିଯାଉଥିବା ଜୀବଜନ୍ତୁଙ୍କୁ ବାହାର କରିବା ବ୍ୟବସ୍ଥା କରାଯାଉଛି। ପଡ଼ିଯାଉଥିବା ମଣିଷଙ୍କୁ ଦମକଳ କେନ୍ଦ୍ରର କର୍ମଚାରୀମାନେ ବାହାର କରୁଛନ୍ତି ବୋଲି ସେ କହିଥିଲେ। ଜଟଣୀ ବଜରଙ୍ଗୀ ସେବା ସଂଘର ସଭାପତି ପ୍ରଶାନ୍ତ ସାହୁ କୁହନ୍ତି, ଏହି କୂଅ ସମେତ ମ୍ୟୁନିସିପାଲିଟି ଅଧୀନରେ ଥିବା ଅନ୍ୟ କେତେକ କୂଅ ଅବସ୍ଥା ଏହିପରି ରହିଛି । ଏନେଇ ଶନିବାର ନିର୍ବାହୀ ଅଧିକାରୀଙ୍କୁ ସଂଘ ପକ୍ଷରୁ ଲିଖିତ ଭାବେ ଅବଗତ କରାଯିବ। ୧୫ ଦିନ ମଧ୍ୟରେ କୌଣସି ପ୍ରତିକାର ନ ହେଲେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ କହିଛନ୍ତି।



ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ।

## ମାଲୁଦରେ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**କୃଷ୍ଣପ୍ରସାଦ,୧୦।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦସ୍ଥିତ ବାଲିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଡକ୍ଟର ମାୟାଧର ମାନସିଂହ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା । ଏହି ଅବସରରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମଗିରିର ଉଲ୍ଲାସ ଚନ୍ଦ୍ର ଜେନା, ପ୍ରଫେସର ଡାଏଟ୍ ପୁରୀ ପ୍ରଭାକର ତ୍ରିପାଠୀ, ମୁଖ୍ୟଯନ୍ତ୍ରୀ ବ୍ରଜ କିଶୋର ମହାପାତ୍ର, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ବନବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ପ୍ରଦୀପ କୁମାର ଦାସ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ମାଲୁଦ ସିଆରସିସି ରମାକାନ୍ତ ଜେନା, ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକ, ସହକାରୀ ଅନୀତା ଜେନା, ଜିତେନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ପାହାଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ପାକଶାଳା ବଗିଚାର ଉଦ୍‌ଘାଟନ କରାଯାଇଥିଲା।

## ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିଲେ ଉତ୍ତରାଖଣ୍ଡ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧୦।୧:**

ଉତ୍ତରାଖଣ୍ଡ ଧାରଚୁଲା ବିବେକାନନ୍ଦ ବିଦ୍ୟାଳୟର ୨୦ ଜଣ ଛାତ୍ରୀଛାତ୍ର ଓଡ଼ିଶା ଗସ୍ତରେ ଆସି ପୁରୀ ଶ୍ରୀମନ୍ଦିର, ସମୁଦ୍ରକୂଳ, କୋଣାର୍କ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର, ପ୍ଲାନେଟାରିୟମ, ସାଇନ୍ସ ପାର୍କ, ନନ୍ଦନକାନନ ପରି ଅନେକ ପର୍ଯ୍ୟଟନସ୍ଥଳୀ ଓ ଦର୍ଶନୀୟ ସ୍ଥାନ ବୁଲିଛନ୍ତି। ବିଭିନ୍ନ ପୀଠର ଐତିହ୍ୟ ସମ୍ପର୍କରେ ପଚାରି ବୁଝିବା ସହ ମଜା ନେଇଛନ୍ତି। ସପ୍ତମବାହିନୀ ଭାରତ ତିବ୍ବତ ସୀମା ପୋଲିସ ଉତ୍ତରାଖଣ୍ଡ ପକ୍ଷରୁ ଏହି ଶୈକ୍ଷଣିକ ଭ୍ରମଣକାରୀ ଦଳ ଗତ ୭ ତାରିଖରୁ ଆସି ୪୧ ବାହିନୀ ଭାରତ ତିବ୍ବତ ସୀମା ପୋଲିସ ତରତୁଆ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଜୟ ପ୍ରକାଶ ଉପସେନାନୀଙ୍କ ମାର୍ଗ ଦର୍ଶନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀ ମିଶି ୨୪ଜଣ ୩ଦିନ ଧରି ପରିଭ୍ରମଣରେ ଯାଇଥିଲେ। ଶେଷରେ ୯ ତାରିଖରେ ନିଜ ଅଞ୍ଚଳକୁ ଫେରି ଯାଇଛନ୍ତି।




ଉତ୍ତରାଖଣ୍ଡ ଧାରଚୁଲା ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## କୁଦିଆରୀ ଆର୍‌ଆଇ ସର୍କଲ କାର୍ଯ୍ୟାଳୟ ଖୋଲିବାକୁ ଦାବି

**ଜଟଣୀ,୧୦।୧(ଡି.ଏନ୍.ଏ.):**

ଜଟଣୀ ତହସିଲ ଅଧୀନରେ ନୂତନ ଭାବେ କୁଦିଆରୀ ରାଜସ୍ୱ ନିରୀକ୍ଷକ ସର୍କଲ ଖୋଲାଯିବା ନେଇ ୬ବର୍ଷ ପୂର୍ବେ ଘୋଷଣା ହୋଇଥିଲା। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରେ ରାଜସ୍ୱ ବିଭାଗ ପକ୍ଷରୁ ଏହି ଆର୍‌ଆଇ ସର୍କଲ ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲା । ଏହି ନୂତନ ସର୍କଲ ପାଇଁ ଜଣେ ଆର୍‌ଆଇଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ହେଲେ ଏଯାବତ୍ କୁଦିଆରୀରେ ଏହାର କାର୍ଯ୍ୟାଳୟ ଖୋଲିପାରି ନାହିଁ। ଜଟଣୀ ଆର୍‌ଆଇ କାର୍ଯ୍ୟାଳୟରେ କୁଦିଆରୀ ସର୍କଲର କାର୍ଯ୍ୟ ହେଉଛି। ଗୋଟିଏ କାର୍ଯ୍ୟାଳୟରେ ଦୁଇଟି ସର୍କଲର କାର୍ଯ୍ୟ କରାଯାଉଛି। ଲୋକଙ୍କ ନିକଟରେ ରାଜସ୍ୱ ବିଭାଗର ବିଭିନ୍ନ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ନୂତନ ଭାବେ ଆର୍‌ଆଇ ସର୍କଲ କରାଯାଇଥିବା ବେଳେ ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। କୌଣସି କାର୍ଯ୍ୟନେଇ କୁଦିଆରୀ ସର୍କଲ ଆର୍‌ଆଇଙ୍କ ପାଖକୁ ଯିବାକୁ ହେଲେ ଜଟଣୀ ଆର୍‌ଆଇ କାର୍ଯ୍ୟାଳୟ ଯିବାକୁ ପଡୁଛି। ଏ ନେଇ କୁଦିଆରୀ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏନେଇ ଗ୍ରାମର ବିଭୂତିଭୂଷଣ ମିଶ୍ର, ନିର୍ମଳ ମଙ୍ଗରାଜ, ସୁଦର୍ଶନ ସୁନ୍ଦରାୟ, ଶଶାଙ୍କ ରାୟ ଓ ଅନେକ ଗ୍ରାମବାସୀଙ୍କ ଦସ୍ତଖତରେ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଶୀଘ୍ର ଏଠାରେ ଆର୍‌ଆଇ ସର୍କଲ ପାଇଁ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁରୋଧ କରିଛନ୍ତି ।

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

**ଖୋର୍ଦ୍ଧା ଅଫିସ,୧୦।୧:**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୦୩ତମ ବାର୍ଷିକ ସାଧାରଣ ସଭା ଖୋର୍ଦ୍ଧା ବିଡିଏ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଶାନ୍ତ ଦାସ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର, ଡିଆରସିଏସ ରୋଜାଲିନ ସେନାପତି, ଏଆରସିଏସ୍, ଖୋର୍ଦ୍ଧା, ଭୁବନେଶ୍ୱର, ନୟାଗଡ ଓ ପୁରୀ, ଖୋର୍ଦ୍ଧା ଓ ପୁରୀର ସହକାରୀ ସମୀକ୍ଷା ନିରୀକ୍ଷକ ପରିଚାଳନା ପରିଷଦ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ସୁପରଭାଇଜିଂ ଅଫିସର ସୁଶାନ୍ତ ଖମାରୀ ଓ ପରିଚାଳନା ପରିଷଦର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଡିଜିଏମ୍ ସାରଥି ଶତପଥୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ସୁଧାଂଶୁ ଶେଖର ବଡଜେନା ଧନ୍ୟବାଦ ଦେଇଥିଲେ।



ସାଧାରଣ ସଭାରେ ଯୋଗ ଦେଇଥିବା ଅତିଥିମାନେ ।

## ସାରଳା ବିଶ୍ୱଭାଷା ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୧୦।୧:**

ଆଦି କବି ସାରଳା ଦାସଙ୍କ ସମ୍ମିଳନୀ ଅବସରରେ ରାଜ୍ୟର ବିଭିନ୍ନ ଜିଲାରେ ସାରଳା ବିଶ୍ୱଭାଷାଷା ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖୋର୍ଦ୍ଧାରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାକୁ ସାମାଜିକ କର୍ମୀ ରାମଶଙ୍କର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଖବରଦାତା ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି କଥାକାର ଡ. ପଦ୍ମଜ ପାଳ, ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ପତିତପାବନ ଦଳାଇ, ସମାଲୋଚକ ସସ୍ମିତା ପଟ୍ଟନାୟକ, ପ୍ରବୀଣ ମିଶ୍ର, ମିଥୁନ ଚନ୍ଦ୍ର ଦେ, ଗାଳ୍ପିକ ପ୍ରିୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାରଳା ସାହିତ୍ୟର ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଏକ ବୈଦ୍ୟୁତିକ ଗଣମାଧ୍ୟମର ମୁଖ୍ୟ ସମ୍ପାଦକ ବିଶ୍ୱନାଥ ଶତପଥୀ, ବାର୍ତ୍ତା ସମ୍ପାଦକ ଲିଙ୍ଗରାଜ ମିଶ୍ର ସାରା ରାଜ୍ୟରେ ଚାଲିଥିବା ସାରଳା ବିଶ୍ୱଭାଷା ଆଲୋଚନାଚକ୍ର ଓ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ସମ୍ପର୍କରେ ଅବତାରଣା କରିଥିଲେ। ଆଲୋଚନାରେ ବୃନ୍ଦାବନ ପଣ୍ଡା, ପ୍ରମୋଦ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ସାମନ୍ତରାୟ, ସମରଜିତ୍ ପଟ୍ଟନାୟକ, ଆରତୀ ମଞ୍ଜରୀ ଦାଶ, ଚପଳା ପଣ୍ଡା, ଲକ୍ଷ୍ମୀଧର ବଡ଼ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାଣନାଥ ରୋଭର ରେଂଜର, ମହିଳା ମହାବିଦ୍ୟାଳୟ, ଇନ୍ଦିରା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସାମରିକ କ୍ରୀଡ଼ା କୌଶଳ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ସଙ୍ଗଠନର ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

## ଫୁଟ୍‌ବଲ: ଫାଇନାଲରେ ଘାଟିକିଆ

**ନିରାକାରପୁର,୧୦।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଛଣଗିରି ଖେଳପଡିଆରେ ମା' ଭଗବତୀ ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ୬ଷ୍ଠ ବାର୍ଷିକ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମର୍ନିଂ ଷ୍ଟାର କ୍ଲବ୍ ଖୋର୍ଦ୍ଧା ଓ ବଜରଙ୍ଗୀ ସ୍ପୋର୍ଟିଂ କ୍ଲବ୍ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ଗୋଟିଏ ଲେଖାଏ ଗୋଲ କରିବାରୁ ଖେଳ ଅମୀମାଂସିତ ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଘାଟିକିଆ ଦଳ ୪-୩ଗୋଲରେ ଖୋର୍ଦ୍ଧାକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଶରତ ଛୋଟରାୟ, ସୁକାନ୍ତ ପ୍ରଧାନ, ଚିତ୍ତରଞ୍ଜନ ପରିଡା ଓ ଫକୀର ନିଶଙ୍କ ଖେଳ ପରିଚାଳନା କରିଥିଲେ । ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, କ୍ରୀଡାବିତ୍ ଭାଗୀରଥି ମଙ୍ଗରାଜ, ବିଶ୍ୱଭୂଷଣ ଛୋଟରାୟ, ଜଙ୍କିଆର ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ନରେନ୍ଦ୍ର ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଏନ୍ କ୍ଲବ୍ ଖୋର୍ଦ୍ଧା ଓ ବଜରଙ୍ଗୀ ସ୍ପୋର୍ଟିଂ ଘାଟିକିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ୧୯ତମ ବାର୍ଷିକ ନୀଳାଚଳ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

**ବୋଲଗଡ,୧୦।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ଚମ୍ପାଇଲୋସ୍ଥିତ ମା'ବଘେଇ ଠାକୁରାଣୀଙ୍କ ପୀଠରେ ଚାଲିଥିବା ୧୯ତମ ବାର୍ଷିକ ନୀଳାଚଳ ଭକ୍ତ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏହି ସମ୍ମିଳନୀ ସୋମବାରଠାରୁ ୫ଦିନ ଧରି ଚାଲିଥିଲା । ଏହି କାର୍ଯ୍ୟକ୍ରମ ମାଗୁରା, ସାନବାଡ ଓ ଚମ୍ପାଇଲୋ ନୀଳାଚଳ ଆଶ୍ରମର ଭକ୍ତ ମଣ୍ଡଳୀଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା । ଶୁକ୍ରବାର ଭକ୍ତମାନେ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିବା ପରେ ବ୍ରତ ଉଦ୍‌ଯାପନ କରିଥିଲେ । ଉଲ୍ଲେଖଥାଉ କି ଏହି କାର୍ଯ୍ୟକ୍ରମର ସୋମବାର ଉଦ୍‌ଘାଟନୀ ଦିବସରେ ଆଧ୍ୟାତ୍ମିକ ସଭାରେ ସର୍ବଧର୍ମ ସମନ୍ୱୟରେ ଦେବତା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ହୋଇଥିଲା। ସେହିପରି ମଙ୍ଗଳବାର ସଭାରେ ବିଶ୍ୱବୋଧର ଦେବତା ଶ୍ରୀଜଗନ୍ନାଥ ବିଷୟ ବସ୍ତୁକୁ ଆଲୋଚନା କରାଯାଇଥିଲା। ବୁଧବାର ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କର ସହସ୍ର ଅଶ୍ୱମେଧ ଯଜ୍ଞ, ଦାରୁଦର୍ଶନ ଓ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ପ୍ରତିଷ୍ଠା କରାଯାଇଥିଲା। ଗୁରୁବାର ଶ୍ରୀକ୍ଷେତ୍ରରେ ହରିହର ଉପାସନା ଶୀର୍ଷକ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମ ସ୍ୱାମୀ ଭାଗବତାନନ୍ଦପୁରୀଙ୍କ ମାର୍ଗ ଦର୍ଶନରେ ହୋଇଥିଲା ବେଳେ ଏଥିରେ ବିଭିନ୍ନ ଦିବସ ଓ ସନ୍ଧ୍ୟାରେ ଅତିଥି ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବାଗ୍ମୀ ଆଲୋଚକ ମାନେ ଯୋଗଦେଇଥିଲେ । ରାତ୍ର ୯ଟାରେ ଆଳତି ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ନୀଳାଚଳ ଭକ୍ତମାନଙ୍କ ସମେତ ବହୁସଂଖ୍ୟାରେ ମହିଳା ଏବଂ ପୁରୁଷ ଭକ୍ତମାନଙ୍କର ସମାଗମ ହୋଇଥିଲା ।

# ଜିଲାସ୍ତରୀୟ ପ୍ରଦର୍ଶନୀରେ ୬୭ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୧୦।୧:**

ଖୋର୍ଦ୍ଧା ବିଜେବି ହାଇସ୍କୁଲରେ ଇନ୍‌ସ୍ପାୟାରମାନଙ୍କ ଦ୍ୱାରା ଜିଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା-୨୦୨୦ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ କମ୍ ଦାମରେ ପାନୀୟ ଜଳ ମେଶିନ୍ ପ୍ରକଳ୍ପରେ ସ୍ଥାନ ପାଇଥିଲା। ଏହି ମେଶିନ୍‌ର ନାମ ପଲିଗ୍ଲୁଟାମିକ୍ ଟ୍ରିଟେଡ୍ ଇମ୍ପାକୁଲେ ଡ୍ରିଙ୍କିଂ ୱାଟର। ଏହା ୪୦୦ରୁ ୫୦୦ଟଙ୍କାରେ ଉପଲବ୍ଧ ହୋଇପାରିବ। ଏହି ପ୍ରକଳ୍ପକୁ ବିଜେଇଏମ ସ୍କୁଲ-୨ ସତ୍ୟଭାମାପୁରର ଆୟୁଷୀ କର ଉପସ୍ଥାପନ କରିଥିଲେ। ଦୂଷିତ ଜଳକୁ ସ୍ୱଚ୍ଛ କରିବାକୁ ହେଲେ ମୋରିଙ୍ଗା, ଚିଆ ମଞ୍ଜି, ଇସାବ୍‌ଗୋଲ, କାଇଟୋସାନ୍, ନିର୍ମାଲିନଟ୍, ପଲିଗ୍ଲୁଟାମିକ୍ ପକାଇ ୟୁଏଫ୍ ମେମ୍ବରେନ୍ ଦ୍ୱାରା ଛଣା ହେବା ପରେ ସ୍ୱଚ୍ଛ ଜଳ ମିଳେ। ଏହାକୁ ବ୍ୟବହାର କଲେ ରୋଗ କମିଯିବ। ସେହିଭଳି ରାଶନ ଡିଷ୍ଟ୍ରିବ୍ୟୁଶନ କାଉଣ୍ଟରରେ ସ୍ମାର୍ଟକାର୍ଡ ବ୍ୟବହାର କରି କଣ୍ଟ୍ରୋଲ ସାମଗ୍ରୀ କିରୋସିନ, ଚାଉଳ ମିଳିପାରିବ। ଲୋକଙ୍କୁ ଧାଡି କରିବାକୁ ପଡିବ ନାହିଁ କି ସମୟ ଅପଚୟ ହେବ ନାହିଁ। ବାଉଣ୍ଡ ଟୁ କ୍ଲିନ୍ ଟଏଲେଟ୍ ପ୍ରକଳ୍ପ ସ୍ୱଚ୍ଛ ଭାରତ ପାଇଁ ପ୍ରଯୁଜ୍ୟ। ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଡଙ୍ଗରପଡାର ପାଦଧୂଳି ଶ୍ରୀଚନ୍ଦନଙ୍କ ଏସ୍‌ଏମ୍‌ଏସ୍ ବେସ୍‌ଡ ଡଷ୍ଟବିନ୍ ଫୁଲ୍‌ଆଲେଟ୍ ପ୍ରକଳ୍ପ ପରିବେଶକୁ ସ୍ୱଚ୍ଛ ରଖିବାର ଅଭିନବ ପ୍ରୟାସ। ଫୁଲ ହେବା ମାତ୍ରେ ଡଷ୍ଟବିନ୍



ଆୟୁଷୀ କର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ନଂ ଓ ଲୋକେସନ୍‌ର ଠିକଣା ସହ ମ୍ୟୁନିସିପାଲିଟି ଓ ଏନଏସିକୁ ମେସେଜ୍ ଯିବ। ସୂଚନା ପାଇ କର୍ମଚାରୀ ଆସି ଆବର୍ଜନା ହଟାଇବେ। ନାରାୟଣ ମାନସିଂ ହାଇସ୍କୁଲ ବାଣପୁରର ପ୍ରତୀଶ ମଙ୍ଗରାଜଙ୍କ ଟ୍ରାଫିକ କଣ୍ଟ୍ରୋଲ ବ୍ୟବସ୍ଥାକୁ କଣ୍ଟ୍ରୋଲ କରିବ। ପୁଣି ଆଧୁନିକ ପ୍ରଣାଳୀରେ କୃଷିକ୍ଷେତ୍ରକୁ ଜଳ ସେଚିତ ପ୍ରକଳ୍ପ ଦେଖିବାକୁ ମିଳିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀର ସମ୍ପାଦକ ଇଞ୍ଜିନିୟର ଭଗତ ଚରଣ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ, ସଙ୍ଗଠନ ସମ୍ପାଦିକା ପ୍ରଭାସିନୀ ମହାନ୍ତି ଓ ବରିଷ୍ଠ ପ୍ରଧାନ ଶିକ୍ଷକ ଗୌରହରି ମିଶ୍ର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା ପ୍ରକଳ୍ପ ଅଧିକାରୀ ଅମିତା ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏନ୍ ଆଇ ଏଫ୍ ଓଡ଼ିଶାର ବୈଜ୍ଞାନିକ ବିବେକ କୁମାର, ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସିନୀ ମହାନ୍ତି, ବିଜ୍ଞାନ ସଂଯୋଜକ ସରୋଜ ସିଂହ, ତୋଫାନ୍ ରାଉତରାୟ ଓ ସୁଧୀର ସାହୁ ଯୋଗଦେଇଥିଲେ। ଚଳିତ ମାସ ୨୧ ଓ ୨୨ ତାରିଖରେ ୧ନଂ. ସରକାରୀ ଉଚ୍ଚ ବିଦ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାର ୭ ପ୍ରକଳ୍ପ ମନୋନୀତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ବି.ଆର.ସି.ସି. ସତ୍ୟବାନ୍ ଶ୍ରୀଚନ୍ଦନ, ସିଆର୍‌ସିସି ଯୁଧିଷ୍ଠିର ସାହୁ, ପ୍ରମୋଦ ଭଞ୍ଜ, ବିଚିତ୍ରା ନନ୍ଦ ମହାକୁଡ଼, ଜିତ୍ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ଜାନୁୟାରୀ, ୨୦୨୦



## ବିଭାଗୀୟ ସ୍ଥାୟୀ କମିଟି-୨ର ନବମ ବୈଠକ

ଭୁବନେଶ୍ୱର,୧୦।୧(ବ୍ୟୁରୋ): ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୨ର ନବମ ବୈଠକ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୫ରେ ଅନୁଷ୍ଠିତ ବୈଠକରେ ୧୨ ଜୁଲାଇ ୨୦୧୯ରେ ବିଧାନସଭାରେ ଉପସ୍ଥାପିତ ହୋଇଥିବା ଜଳସମ୍ପଦ ବିଭାଗ କମିଟିର ପ୍ରଥମ ରିପୋର୍ଟରେ ସୁପାରିସ ଓ ମନ୍ତବ୍ୟ ଉପରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କମିଟିର ସଭ୍ୟ, ଜଳସମ୍ପଦ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ବିଧାନସଭାର ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପେଟ୍ରୋଲିୟମ ରୋଡ୍ ଟ୍ୟାଙ୍କର ଲାଗି କାଗଜମୁକ୍ତ ଲାଇସେନ୍ସ

ନୂଆଦିଲ୍ଲୀ,୧୦।୧: ପେଟ୍ରୋଲିୟମ ସାମଗ୍ରୀର ପରିବହନ ଲାଗି ପେଟ୍ରୋଲିୟମ ରୋଡ ଟ୍ୟାଙ୍କରଗୁଡିକୁ କାଗଜମୁକ୍ତ ଲାଇସେନ୍ସ ପ୍ରଦାନ କରାଯିବା ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ଉଦ୍ୟୋଗ ପ୍ରୋତ୍ସାହନ ଏବଂ ଅନ୍ତରୀଣ ବ୍ୟବସାୟ ବିଭାଗ (ଡିପିଆଇଆଇଟି) ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପେଟ୍ରୋଲିୟମ ନିୟମ ୨୦୦୨ ଅନ୍ତର୍ଗତ ପେଟ୍ରୋଲିୟମ ଏବଂ ବିସ୍ଫୋରକ ସୁରକ୍ଷା ସଙ୍ଗଠନ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରାଯିବ। ଡିଜିଟାଲ ଇଣ୍ଡିଆ ଏବଂ ବ୍ୟବସାୟିକ ସୁଗମତା ସଂକଳ୍ପକୁ ଧ୍ୟାନରେ ରଖାଯାଇଛି। ନାଲିଫିତା ଏବଂ ଅମଲାତାନ୍ତ୍ରିକ ବାଧା ଉପରେ ଏହା ଅଙ୍କୁଶ ଲଗାଇବ। ନୂଆ ପଦକ୍ଷେପ ଦ୍ୱାରା ୧ ଲକ୍ଷ ପେଟ୍ରୋଲିୟମ ରୋଡ ଟ୍ୟାଙ୍କର ମାଲିକ ଲାଭବାନ ହୋଇପାରିବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ରହିଛି।

### ୧୬ରେ ସରକାରୀ ସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୦।୧ (ବ୍ୟୁରୋ): ରାଜ୍ୟରେ ଥିବା ସମସ୍ତ ସରକାରୀ ସ୍କୁଲରେ ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ ନେଇ ସଫଳତା ମିଳିବା ପରେ ପୁଣିଥରେ ବୈଠକ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଆସନ୍ତା ୧୬ ତାରିଖ ଏହି ବୈଠକ ଅନୁଷ୍ଠିତ ହେବ। ଦୁଇଘଣ୍ଟା ଧରି ହେବାକୁ ଥିବା ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯିବା ସହ ପ୍ରତି ପିଲାଙ୍କ ଉତ୍ତରଖାତା ଓ ରିପୋର୍ଟ କାର୍ଡ ଶ୍ରେଣୀ ଶିକ୍ଷକଙ୍କ ଦ୍ୱାରା ସେମାନଙ୍କ ଅଭିଭାବକଙ୍କୁ ଦେଖାଯିବ। ବୈଠକ ଆୟୋଜନ କରିବା ଲାଗି ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓସେପା) ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

### ଧରାପଡ଼ିଲେ ଆଉ ୯ ନକଲି ଶିକ୍ଷକ

ବ୍ରହ୍ମପୁର ଅଫିସ,୧୦।୧ : ଗଞ୍ଜାମ ଜିଲାରେ ପୁଣି ୯ ଜଣ ନକଲି ଶିକ୍ଷକ ଧରାପଡିଛନ୍ତି। ଏମାନେ ନିଯୁକ୍ତି ବେଳେ ନକଲି ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡିଛି। ଜିଲାରେ ଏପରି ନକଲି ଶିକ୍ଷକଙ୍କ ସଂଖ୍ୟା ଏବେ ୩୦ରେ ପହଞ୍ଚିଛି। ଧରାପଡ଼ିଥିବା ୯ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ଗଞ୍ଜାମ ଜିଲାର ୧୩ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିଏଡ୍ ସାର୍ଟିଫିକେଟ ଯାଞ୍ଚ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପଠାଯାଇଥିଲା। ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ଯାଞ୍ଚ ବେଳେ ସେମାନଙ୍କ ମଧ୍ୟରୁ ୮ଜଣଙ୍କ ସାର୍ଟିଫିକେଟର ରୋଲ ନମ୍ବର ତାଲିକା ମଧ୍ୟରେ ନ ଥିବା ଜଣାପଡ଼ିଥିଲା। ସେହିପରି ଅନ୍ୟ ଜଣେ ଶିକ୍ଷକ ବିଏଡ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଜଣାପଡିଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ପରେ ଶୁକ୍ରବାର ଗଞ୍ଜାମ ଜିଲା ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ୯ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେବାପାଇଁ ବିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ ସମୀକ୍ଷାକୁ ଗୁରୁତ୍ୱ ଦିଅ

## ଜିଲାପାଳଙ୍କୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଚିଠି

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍‌ଜିଏସ୍‌ୱାଇ) ଅନ୍ତର୍ଗତ ରାସ୍ତା କାର୍ଯ୍ୟ ଠିକ୍ ଭାବେ ହେଉ ନାହିଁ। ଗତବର୍ଷ ସାଧାରଣ ନିର୍ବାଚନ, ସାମୁଦ୍ରିକ ଝଡ ଫନୀ, ଠିକାଦାରଙ୍କ ବିକ୍ଷୋଭ ଯୋଗୁ ନିର୍ମାଣ ପ୍ରଭାବିତ ହୋଇଥିଲା। ସେହିପରି ତୃଣମୂଳସ୍ତରରେ ମାଟି, ବାଲି, ମୋରମ୍, ପଥର ଆଦି ସାମଗ୍ରୀ ସ୍ଥାନୀୟ ତହସିଲଦାର ଏବଂ ପୋଲିସ ଦ୍ୱାରା ଜବତ ହେଉଛି। ଏଥିସହ ଜରିମାନା ଅର୍ଥ ମଧ୍ୟ ନିୟମିତ ବ୍ୟବଧାନରେ ଦେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ଜିଲାସ୍ତରରେ ସମୀକ୍ଷାକୁ ଗୁରୁତ୍ୱ ଦେଇଛନ୍ତି।ଏହି ମର୍ମରେ ଶୁକ୍ରବାର ପ୍ରଦୀପ ଜେନା ରାଜ୍ୟର ସମସ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଚିଠି ମାଧ୍ୟମରେ ଉଲ୍ଲେଖ କରାଯାଇଛି ଯେ, ଜିଲାସ୍ତରରେ ନିୟମିତ ଭାବେ ସମସ୍ତ ଠିକାଦାର, ଯନ୍ତ୍ରୀଙ୍କ ବୈଠକର ଆବଶ୍ୟକତା ରହିଛି। ଯୋଜନାକୁ କାର୍ଯ୍ୟକାରୀ କରିବାରେ ହେଳା କରୁଥିବା ଠିକା ସଂସ୍ଥା, ସାମଗ୍ରୀଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଆବଶ୍ୟକ ପଡିଲେ ସଂସ୍ଥାକୁ କଳାତାଲିକାଭୁକ୍ତ କରି ଚୁକ୍ତି ବାତିଲ କରାଯାଉ। ଆବଶ୍ୟକ ହେଲେ କାର୍ଯ୍ୟ ବିଳମ୍ବ ପାଇଁ ଦାୟୀ ଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ସେହିଭଳି ନିର୍ମାଣ ସାମଗ୍ରୀ ବ୍ୟବସ୍ଥା ସହ ସଂସ୍ଥା ଆଲୋଚନା, ଆବଶ୍ୟକ ପ୍ରସଙ୍ଗରେ ରାଜସ୍ୱ ଏବଂ ଜଙ୍ଗଲ ଅଧିକାରୀଙ୍କ ସହ ସମନ୍ୱୟ ରଖି ଗ୍ରାମାଞ୍ଚଳରେ ଯାତାୟାତ ଭିତ୍ତିଭୂମି ତିଆରି ପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେହିପରି ଜିଲାସ୍ତରରେ ଯୋଜନା ସମ୍ପର୍କିତ ସମସ୍ତ ସମୀକ୍ଷା ଓ କାର୍ଯ୍ୟର ଅଗ୍ରଗତି ନେଇ ବିଭାଗରେ ରିପୋର୍ଟ ଦାଖଲ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଭୁବନେଶ୍ୱର ଆରଡବ୍ଲ୍ୟୁ ସର୍କଲ ୨୦୧୯-୨୦ ଆର୍ଥିକବର୍ଷରେ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପୂରଣ କରିପାରୁ ନ ଥିବା ଅନୁଭବ କରାଯାଇଛି। ଏ ସଂକ୍ରାନ୍ତରେ ମଧ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ପକ୍ଷରୁ ସଂପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ପିଏମ୍‌ଜିଏସ୍‌ୱାଇ ଅଧୀନରେ ୫୧୨.୬୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ତନ୍ମଧ୍ୟରୁ ମାତ୍ର ୩୬.୧୪ କିଲୋମିଟର କାର୍ଯ୍ୟ ହୋଇଛି। ଗତ ଡିସେମ୍ବର ମାସର ଅଗ୍ରଗତି ମଧ୍ୟ ନିରୁତ୍ସାହଜନକ। ଚଳିତ ମାସ ଶେଷ ସୁଦ୍ଧା ୧୨୫ କି.ମି. ନିର୍ମାଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ହେଲେ ସାପ୍ତାହିକୱାରି ଯୋଜନା ନ ରହିଲେ, ଏହା ହାସଲ ହୋଇପାରିବ ନାହିଁ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ହୃଦ୍‌ବୋଧ କରିଛନ୍ତି। ତେଣୁ ଏ ସମ୍ପର୍କିତ ଯୋଜନା, ସମୀକ୍ଷା ରିପୋର୍ଟ ପିଏମ୍‌ଜିଏସ୍‌ୱାଇର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପ୍ରଦାନ ପାଇଁ କୁହାଯାଇଛି। ଏଥିରେ ଖିଲାପ ହେଲେ ସଂପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ ବାର୍ଷିକ ବିବରଣୀ ରିପୋର୍ଟରେ ନକାରାତ୍ମକ ମନ୍ତବ୍ୟ କାରଣ ହେବ ବୋଲି କୁହାଯାଇଛି।

# ପାକ୍ ମସ୍‌ଜିଦରେ ବିସ୍ଫୋରଣ: ୧୩ ନିହତ



କରାଚି,୧୦।୧(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ରାଜଧାନୀ କ୍ୱେଟାସ୍ଥିତ ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ୧୩ ଜଣଙ୍କ ମୃତ୍ୟୁ ହେବା ସହ ୧୧ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଅଛନ୍ତି। ତାଙ୍କୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିବା କୁହାଯାଉଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପରେ ସହରର ସମସ୍ତ ହସ୍ପିଟାଲରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ତିନିଦିନ ପୂର୍ବରୁ ଉକ୍ତ ସହରରେ ଅନ୍ୟ ଏକ ବିସ୍ଫୋରଣରେ ୨ ଜଣ ପ୍ରାଣ ହରାଇଥିଲେ।

# ୬ ଜିଲାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ସମୀକ୍ଷା

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ସହରାଞ୍ଚଳରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥି ଭାଥନନ୍ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କିତ ଏକ ସମୀକ୍ଷା ବୈଠକ ବଲାଙ୍ଗୀରଠାରେ ନିକଟରେ ଅନୁଷ୍ଠିତ ହୋଇଛି। ଏଥିରେ ୬ ଜିଲାର ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଏହି ଜିଲାଗୁଡିକ ହେଉଛି- ବଲାଙ୍ଗୀର, କଳାହାଣ୍ଡି , ସୁବର୍ଣ୍ଣପୁର, ନୂଆପଡା, ବରଗଡ ଓ ବୌଦ୍ଧ ।

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନିୟମ ଅନୁଯାୟୀ ସମସ୍ତ ସହରାଞ୍ଚଳରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପୌରପରିଷଦକୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ଏତଦ୍‌ବ୍ୟତୀତ ଜାଗା ମିଶନ, ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ରଗୁଡିକୁ କାର୍ଯ୍ୟକ୍ଷମ କରାଯିବା, ସାମଗ୍ରୀ ଅସୁଲି ସୁବିଧା ଉପଲବ୍ଧ କରାଯିବା, ପାନୀୟଜଳ ଯୋଗାଣ, ସ୍ମାର୍ଟ ଷ୍ଟ୍ରିଟ୍ ଲାଇଟ ଏବଂ ଜୀବିକା ମିଶନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଛି । ବୈଠକରେ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ବିଭାଗୀୟ ଯୁଗ୍ମ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ ଉପଶାସନ ସଚିବ ସାରଦା ପଣ୍ଡା, ସଂପୃକ୍ତ ୬ ଜିଲାର ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସମେତ ଜିଲା ପ୍ରଶାସନ ଓ ପୌର ପରିଷଦଗୁଡିକର ପଦାଧିକାରୀମାନେ ଯୋଗଦେଇଥିଲେ ।

# ଗୁଣପୁର କୋର୍ଟରେ ହାଜର ହେଲେ ସବ୍ୟସାଚୀ

ଗୁଣପୁର, ୧୦।୧ (ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ହାଜର ହୋଇଛନ୍ତି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା । ତାଙ୍କର ଦୁଇ ଦିନ ଧରି ବିଚାରଣା ହୋଇଥିଲା । ଏଥିରେ ବିଭିନ୍ନ ମାମଲାରେ ୮ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଶୁକ୍ରବାର ଏଡିଜେ କୋର୍ଟରେ ୨୦୦୪ ଡାଙ୍ଗସୋରଡା ଫାଣ୍ଡି ବିସ୍ଫୋରଣ ଏବଂ ସିଆର୍‌ପିଏଫ୍ ଯବାନ ଆହତ ମାମଲାରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଏଡିଜେ ଅଜୟ କୁମାର ପ୍ରଧାନଙ୍କ ନିକଟରେ ସାକ୍ଷୀମାନେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା ବୟାନ ଦେଇଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ । ସରକାରଙ୍କ ପକ୍ଷରୁ ଉମାଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଆସନ୍ତା ୫ରେ ପୁଣି ସବ୍ୟସାଚୀଙ୍କୁ କୋର୍ଟରେ ହାଜର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ।

# ପିଲାଙ୍କୁ ନିଆଁରୁ ବଞ୍ଚାଇ ଜେଲ ଗଲେ ମା’

ପ୍ୟୋଙ୍ଗୟାଙ୍ଗ, ୧୦।୧



ପୃଥିବୀରେ ଗୋଟିଏ ଦେଶ ରହିଛି ଉତ୍ତର କୋରିଆ। କିମ ଜଙ୍ଗ୍ ଉନ ସେଠାକାର ସର୍ବୋଚ୍ଚ ଶାସକ। ଏହି ଦେଶରେ ଆଇନକାନୁନ ନାଁରେ କିଛି ବି ହୋଇପାରିବ। ନିକଟରେ ଜଣେ ମା’ଙ୍କୁ ଜେଲ ପଠାଯାଇଛି। ଏହା ପଛର କାରଣ ଆହୁରି ଚକିତ କରୁଛି। ମହିଳାଙ୍କ ଘରେ ନିଆଁ ଲାଗିଥିଲା ଆଉ ସେ ନିଜର ପିଲାଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। କିନ୍ତୁ ଘର କାନ୍ଥରେ ଲାଗିଥିବା କିମ୍‌ଙ୍କ ପରିବାର ଫଟୋକୁ ନିଆଁରୁ ବଞ୍ଚାଇ ପାରି ନ ଥିଲେ। ଏବେ ଏହି ଘଟଣା ପାଇଁ ଉକ୍ତ ମହିଳାଙ୍କ ବିରୋଧରେ ଯାଞ୍ଚ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁସାରେ ଏହି ମାମଲା ଚାଇନାର ସୀମାବର୍ତ୍ତୀ ଉତ୍ତର ହାମ୍‌ସଙ୍ଗ ପ୍ରାନ୍ତର ଅନ୍‌ସଙ୍ଗ କାଉଣ୍ଟିର। ଏଠାରେ ଗୋଟିଏ ଘରେ ଦୁଇଟି ପରିବାର ମିଶି ରହୁଥିଲେ। ନିଆଁ ଲାଗିବା ସମୟରେ ଘରେ ପିଲାମାନେ ଏକା ଥିଲେ। ଏପରି ସ୍ଥିତିରେ ପିଲାଙ୍କୁ ବଞ୍ଚାଇବା ପାଇଁ ପରିବାର ଲୋକେ ନିଆଁକୁ ଡେଇଁଥିଲେ। ଘର କାନ୍ଥରେ ଲାଗିଥିବା କିମ୍ ଜଙ୍ଗ୍ ଉନଙ୍କ ପରିବାର ଫଟୋ ନିଆଁରେ ଜଳି ପାଉଁଶ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଉତ୍ତର କୋରିଆର ନାଗରିକମାନଙ୍କୁ ଘରେ ପୂର୍ବତନ ନେତାଙ୍କ ଫଟୋ ଲଗାଇବାକୁ କୁହାଯାଇଛି । ମହିଳାଙ୍କ ଘରେ କିମ୍ ଇଲ-ସଙ୍ଗ ଏବଂ କିମ୍ ଜଙ୍ଗ୍ ଇଲଙ୍କ ଫଟୋ ଲାଗିଥିଲା। ଘରଗୁଡିକରେ ଫଟୋ ଲାଗିଛି କି ନାହିଁ ଏହାର ତଦନ୍ତ କରିବା ପାଇଁ ପୋଲିସ ଇନ୍ସପେକ୍ଟରଙ୍କୁ ପଠାଯାଇଛି। ନାଗରିକଙ୍କଠାରୁ ଏହା ମଧ୍ୟ ଆଶା କରାଯାଉଛି ଯେ, ସେମାନେ ଏହି ଫଟୋ ଗୁଡିକୁ ମଣିଷଙ୍କ ପରି ସମ୍ମାନ ଦେବେ। ଏହି ଫଟୋଗୁଡିକର ଅପମାନ ଅପରାଧ ଶ୍ରେଣୀରେ ଧରାଯାଉଛି।

ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ସମ୍ପୃକ୍ତ ମହିଳା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିପାରେ। ମହିଳାଙ୍କ ପିଲାମାନେ ଅଗ୍ନିକାଣ୍ଡରେ ଆହତ ହୋଇଛନ୍ତି ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବର୍ତ୍ତମାନ ତାଙ୍କ ମା’ ଚାହିଁଲେ ମଧ୍ୟ ନିଜ ପିଲାଙ୍କୁ ଭେଟିପାରୁନାହାନ୍ତି।

# ଯୁବ ସଙ୍ଗଠନ ସଜାଡ଼ିବା ଲକ୍ଷ୍ୟରେ କଂଗ୍ରେସ

ଭୁବନେଶ୍ୱର,୧୦।୧(ବ୍ୟୁରୋ): ଯୁବ କଂଗ୍ରେସକୁ ସୁଦୃଢ କରିବା ଲାଗି ବର୍ତ୍ତମାନ ଉପରସ୍ତରରୁ ଏକ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି। ଦଳର ଯୁବ ସଙ୍ଗଠନ କିପରି ସକ୍ରିୟ ଏବଂ ମଜଭୁତ ହେବ ସେଥିପାଇଁ ଦଳ ପାଦ ଆଗକୁ ବଢିଛି। ଆସନ୍ତା ୧୩ତାରିଖରେ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଡକାଇ ଏକ ବୈଠକ କରିବା ପାଇଁ ଓଡିଶା ଦାୟିତ୍ୱରେ ଥିବା ପ୍ରତିଭା ରଘୁବଂଶୀ ଓଡିଶା ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହାସହ ଯୁବ କଂଗ୍ରେସ ନେତା ଓ କର୍ମୀଙ୍କୁ ନେଇ ଦଳର ଭବିଷ୍ୟତ ରଣନୀତି କ’ଣ ହେବ ତା’ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୨ତାରିଖରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ କମିଟି ମଧ୍ୟ ଦଳୀୟ କାର୍ଯ୍ୟାଳୟଠାରେ ଏକ ବୈଠକ କରୁଛି। ବୈଠକରେ ସମସ୍ତ ଯୁବ କଂଗ୍ରେସର ସକ୍ରିୟ କର୍ମୀଙ୍କୁ ଆସି ଯୋଗଦେବା ଲାଗି କୁହାଯାଇଛି। ସେମାନେ ଦଳର ସଙ୍ଗଠନକୁ ଅଧିକ କ୍ରିୟାଶୀଳ ଏବଂ ସୁଦୃଢ଼ କରିବା ପାଇଁ କ’ଣ କରାଯିବା ଦରକାର ତା’ଉପରେ ନିଜର ମତ ରଖିବେ ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୂଚନା ଦେଇଥିଲେ।

# ସିଏଏ ବିରୋଧରେ ଅବସରପ୍ରାପ୍ତ ଅଧିକାରୀଙ୍କ ପ୍ରତିବାଦ ଶୋଭାଯାତ୍ରା

କୋଲକାତା,୧୦।୧(ପି.ଟି.)

ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଶତାଧିକ ଅବସରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ସିଭିଲ ସୋସାଇଟି ସଦସ୍ୟ ଶୁକ୍ରବାର କୋଲକାତାରେ ର୍‍ୟାଲି କରିଛନ୍ତି। ଏଭଳି ବିବାଦୀୟ ଆଇନକୁ କାର୍ଯ୍ୟକାରୀ ନ କରିବା ପାଇଁ ସେମାନେ ଅଣଭାଜପା ଶାସିତ ରାଜ୍ୟଗୁଡିକୁ ଅନୁରୋଧ କରିଛନ୍ତି। ଫୋରମ୍ ଫର୍ ଡେମୋକ୍ରାସି ଆଣ୍ଡ କମ୍ୟୁନାଲ ଆମିଟି (ଏଫ୍‌ଡିସିଏ) ବ୍ୟାନରରେ ପୂର୍ବତନ ଆଇଏଏସ୍ ଅଫିସର ହର୍ଷ ମନ୍ଦରଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏସ୍‌ପ୍ଲାନେଡ୍ ଅଞ୍ଚଳର ଷ୍ଟେଟ୍ସମ୍ୟାନ ହାଉସ୍ ନିକଟରୁ ର୍‍ୟାଲି ବାହାରି ମେୟୋ ରୋଡ୍‌ର ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା।

# ବିଦ୍ୟୁତ୍ କାଟିଲେ ଆନ୍ଦୋଳନ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକଙ୍କୁ ତୁରନ୍ତ ଦେୟ ପୈଠ ପାଇଁ ସେସୁ ପକ୍ଷରୁ ଚେତାବନୀ ଦିଆଯାଇଛି। ଯେଉଁମାନେ ବକେୟା ଅର୍ଥ ଆସନ୍ତା ୧୬ ତାରିଖ ସୁଦ୍ଧା ପୈଠ ନ କରନ୍ତି ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯିବ ବୋଲି ଘୋଷଣା ହେବାପରେ ଏହାକୁ ନେଇ ରାଜନୀତି ବଢିବାରେ ଲାଗିଛି। ବିରୋଧୀ ଦଳଗୁଡିକ ଏହାକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରିବା ସହ ଆନ୍ଦୋଳନ ଧମକ ଦେଇଛନ୍ତି। ଶୁକ୍ରବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଆଗରୁ କହିଛୁ, ଏବେ ମଧ୍ୟ ଜଣେଇ ଦେଉଛୁ ଲୋକଙ୍କ ବିଦ୍ୟୁତ୍ କାଟିଲେ ଆନ୍ଦୋଳନ ହେବ। ଗରିବ, ଖଟିଖିଆ, ମୂଲିଆ ଓ ଚାଷୀଙ୍କ ଘରୁ ବିଜୁଳି ଗଲେ ରାସ୍ତାକୁ ଓହ୍ଲାଇବୁ। ଏହି ଆନ୍ଦୋଳନକୁ କେହି ରୋକିପାରିବେ ନାହିଁ। ଶିଳ୍ପପତିମାନଙ୍କ ପାଖରେ ଶହଶହ କୋଟି ଟଙ୍କାର ବକେୟା ପଡି ରହିଛି। ସେମାନଙ୍କ ଠାରୁ ପ୍ରଥମେ ଆଦାୟ କରାଯାଉ। ସେମାନଙ୍କ ଠାରୁ ଅର୍ଥ ଆଦାୟ ହେଲାନି ବୋଲି କ’ଣ ଏହି ଗରିବ ଲୋକଙ୍କ ବିଦ୍ୟୁତ୍ କାଟି ଦିଆଯିବ। ଗରିବ ଓ ମୂଲିଆଙ୍କ ପାଇଁ ଆମେ ଆନ୍ଦୋଳନ କରିବୁ। ନିଷ୍ପତ୍ତିରେ ପରିବର୍ତ୍ତନ ହେବା ଜରୁରୀ। ଗରିବଙ୍କ

## ବିରୋଧୀଙ୍କ ଚେତାବନୀ

ଉପରେ ଏତେଟା ଅତ୍ୟାଚାର କାହିଁକି କରାଯାଉଛି? ରାଜ୍ୟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ମୁଣ୍ଡ ଉପରେ ଅଛି। ଏତିକିବେଳେ ଲାଇନ କାଟିବାକୁ ଆସିଲେ ଗାଁରେ ପୂରାଇ ଦିଆଯିବନାହିଁ। ବିଦ୍ୟୁତ୍ କାଟିଦେଲେ ସେମାନଙ୍କ ପାଠପଢ଼ାରେ ଅସୁବିଧା ହେବ। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସୁର କହିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ଜିଜିଆ କର ନୀତି ଆପଣାଉଛନ୍ତି। ଆମେ ଏହାକୁ ବିରୋଧ କରୁଛୁ। ସରକାର ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। କମ୍ପାନୀଗୁଡିକର ବୋଝ ଲୋକମାନଙ୍କ ଉପରେ ଲଦି ଦିଆ ନ ଯାଉ। ନଚେତ୍ ଭାଜପା ଆନ୍ଦୋଳନ କରିବ ବୋଲି ହରିଚନ୍ଦନ କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ସେସୁ ପକ୍ଷରୁ ଦିଆଯାଇଥିବା ଡେଡ୍ ଲାଇନକୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ। ବିଦ୍ୟୁତ୍ ସଂସ୍କାର ପରେ ଆଜି ପର୍ଯ୍ୟନ୍ତ ୨୫ବର୍ଷ ହେଲା ସେସୁ ନିରବଚ୍ଛିନ୍ନ, ଗୁଣାତ୍ମକ ବିଜୁଳି ସେବା ସୁଲଭ ମୂଲ୍ୟରେ ଯୋଗାଇବାରେ ବିଫଳ ହୋଇଛି। ତେଣୁ ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେସୁ ପକ୍ଷରୁ ଦିଆଯାଇଥିବା ଡେଡ୍ ଲାଇନ ବୃଦ୍ଧି କରାଯାଉ ବୋଲି ବେହେରା କହିଛନ୍ତି।

# ସ୍ୱଚ୍ଛ ଶାସନ ଦେବାରେ ଓଡ଼ିଶା ସବୁଠୁ ପଛରେ: କଂଗ୍ରେସ

ଭୁବନେଶ୍ୱର, ୧୦।୧ (ବ୍ୟୁରୋ): ରାଜ୍ୟ ସରକାର ବିଭିନ୍ନ ସମୟରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନଗୁଡିକ ଠାରୁ ରାଜ୍ୟ ସରକାର ସ୍ୱଚ୍ଛ ଶାସନରେ ପ୍ରଥମ ପୁରସ୍କାର ଗ୍ରହଣ କରୁଛନ୍ତି। ମାତ୍ର ବାସ୍ତବ କ୍ଷେତ୍ରରେ ରାଜ୍ୟ ସରକାର ଭାରତବର୍ଷରେ ସ୍ୱଚ୍ଛ ଶାସନ ଦେବାରେ ସର୍ବ ଶେଷରେ ଅଛନ୍ତି ବୋଲି କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି। ଜାତୀୟ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି) ଦ୍ୱାରା ସଦ୍ୟ ପ୍ରକାଶିତ ପୁସ୍ତକରେ ଯାହା ପ୍ରକାଶ ପାଇଛି ସେଥିରୁ ସବୁ ଜଣାପଡୁଛି। ଏନ୍‌ସିଆର୍‌ବି ଦ୍ୱାରା ପ୍ରକାଶିତ ତାଲିକାରେ ଜାତୀୟସ୍ତରରେ ହାରାହାରି ଦଣ୍ଡବିଧାନ ହାର ୪୯.୯ % ଥିବାବେଳେ ୨୦ ବର୍ଷ ଧରି ଶାସନ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୃହ ବିଭାଗ ଦୋଷୀକୁ ଦଣ୍ଡ ଦେବାରେ ଭାରତରେ ଶେଷରେ ଅଛି।

# ରବୀନ୍ଦ୍ର ମଣ୍ଡପରେ ପାଳନ ହେବ ଜାତୀୟ ମତଦାତା ଦିବସ

ଭୁବନେଶ୍ୱର,୧୦।୧(ବ୍ୟୁରୋ): ଆସନ୍ତା ୨୫ରେ ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ରାଜଧାନୀସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ପାଳନ କରାଯିବ। ଏ ସମ୍ପର୍କିତ ଏକ ସମୀକ୍ଷା ବୈଠକ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ପ୍ରସ୍ତୁତି ବୈଠକରେ ଜାତୀୟ ମତଦାତା ଦିବସ ପାଳନ ଅବସରରେ ଆଗାମୀ ପିଢ଼ିର ନୂତନ ଭୋଟରମାନଙ୍କୁ ମତଦାନ ଅଧିକାର ସଂପର୍କରେ ସଚେତନ କରାଇବା ସହ ଗଣତନ୍ତ୍ରକୁ ମଜଭୁତ୍ କରାଇବା ଲକ୍ଷ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ପୋଷ୍ଟର ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ବରିଷ୍ଠ ଓ କନିଷ୍ଠ ବିଭାଗରେ ଉଭୟ ଓଡ଼ିଆ ଏବଂ ଇଂଲିଶ ଭାଷାରେ ପ୍ରତିଯୋଗିତା ହେବ। କୁଇଜ୍ ପ୍ରତିଯୋଗିତା ଇଂଲିଶ ଭାଷାରେ ଅନୁଷ୍ଠିତ ହେବ । ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଉତ୍କଳ ବିଶ୍ୱବିଦ୍ୟାଳୟ ସହାୟତାରେ

ପ୍ରବନ୍ଧ, ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା ଓ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ସଂସ୍କୃତି ବିଶ୍ୱବିଦ୍ୟାଳୟ ସହାୟତାରେ ଅନୁଷ୍ଠିତ ହେବ । ଏହି ଅବସରରେ ଜାତୀୟ ସେବା ସଂସ୍ଥା, ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କର ଏକ ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ରବୀନ୍ଦ୍ର ମଣ୍ଡପଠାରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ମତଦାନ ଅଧିକାର ଓ ଗଣତନ୍ତ୍ରର ଦୃଢ଼ତା ସମ୍ପର୍କରେ ବ୍ୟାପକ ସଚେତନତା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ବିଏମ୍‌ସି ତରଫରୁ ବଡ଼ ବଡ଼ ହୋର୍ଡିଂ ଲଗାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଅଭୟ କୁମାର ନାୟକ, ଖୋର୍ଦ୍ଧା ଜିଲାପାଳ ରାଉତ, ଭୁବନେଶ୍ୱରର ଅତିରିକ୍ତ ଡିସିପି ଡି.ସି. ନନ୍ଦ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ନୀତିରଞ୍ଜନ ସେନ୍, ଭୁବନେଶ୍ୱର ମ୍ୟୁନିସିପାଲିଟିର ଡେପୁଟି କମିଶନର ସନ୍ତୋଷ ପ୍ରହରାଜ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଭୁବନେଶ୍ୱର ଏସିପି (ଟ୍ରାଫିକ୍) ସ୍ୱସ୍ତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ‘ପିଓକେ’ରେ ୩୦୦ ଆତଙ୍କବାଦୀ ସକ୍ରିୟ

ନୂଆଦିଲ୍ଲୀ,୧୦।୧(ପି.ଟି.)



ପ୍ରାୟ ୩୦୦ ଆତଙ୍କବାଦୀ ଭାରତରେ ଅନୁପ୍ରବେଶ ଲାଗି ସୀମା ସେପଟେ ଅପେକ୍ଷା କରିଛନ୍ତି। ପାକ୍ ଅଧିକୃତ କଶ୍ମୀରରେ ୫୦ ଆଫଗାନ୍ ଆତଙ୍କବାଦୀଙ୍କ ସହ ଏମାନେ ଜେଇଏମ୍ ଆତଙ୍କବାଦୀ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି। ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଓ ପାକ୍‌ସେନାର ସହଯୋଗକ୍ରମେ ଏହି ପ୍ରଶିକ୍ଷଣ ଚାଲିଛି। ପିଓକେରେ ଏବେ ପ୍ରାୟ ୫୦ ଆତଙ୍କବାଦୀ ଲଞ୍ଚ୍‌ପ୍ୟାଡ୍ ସକ୍ରିୟ ଥିବା ଜଣାପଡ଼ିଛି। ସୀମାକୁ ଲାଗିଥିବା ଜମ୍ମୁ-କଶ୍ମୀରର ନିଲମ୍, ଲିପା ଓ ଟଙ୍ଗଧର ଭ୍ୟାଲିରେ ଏହି ଆତଙ୍କବାଦୀ ଲଞ୍ଚ୍‌ପ୍ୟାଡ୍ ସବୁ ରହିଛି। ଭାରତୀୟ ଗୋଇନ୍ଦା ସଂସ୍ଥା ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦିଆଯାଇଛି।

ନିଲମ୍ ଭ୍ୟାଲିରେ ସେନା କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୬ରୁ ୧୦ ପାକ୍ ସମର୍ଥିତ ଆତଙ୍କବାଦୀ ନିହତ ହେବାର ୩ ମାସ ପରେ ଏଭଳି ଚିତ୍ର ସାମ୍ନାକୁ ଆସିଛି। ଭାରତରେ ଅନୁପ୍ରବେଶ କରି ଏମାନେ ଜମ୍ମୁ-କଶ୍ମୀର ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବଡ଼ ଆତଙ୍କବାଦୀ ଆକ୍ରମଣ କରିବାର ଆଶଙ୍କା ରହିଥିବା ଗୋଇନ୍ଦା ରିପୋର୍ଟରେ ସତର୍କ କରାଯାଇଛି। ସାଧାରଣତନ୍ତ୍ର ଦିବସ ପୂର୍ବରୁ ଏଭଳି ଗୋଇନ୍ଦା ରିପୋର୍ଟ ମିଳିବା ପରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତର ବିଭିନ୍ନ ସହରରେ ଏଥିଲାଗି ହାଇଆଲର୍ଟ ଜାରି କରାଯାଇଛି। ବାଲାକୋଟ୍ ଏୟାର୍‌ଷ୍ଟ୍ରାଇକ୍ ପରେ ‘ପିଓକେ’ର ଅନେକ ଆତଙ୍କବାଦୀ ଶିବିର ଭାରତ ଧ୍ୱଂସ କରିଥିବାବେଳେ ଏବେ ଏଗୁଡ଼ିକ ପୁଣି ସକ୍ରିୟ ହୋଇଉଠିଛି। କେରନ୍ ଓ ପୁଞ୍ଚ

## ଗୋଇନ୍ଦା ରିପୋର୍ଟ

ସେକ୍ଟର ନିକଟରେ ପାକ୍ କମାଣ୍ଡୋମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଜେଇଏମ୍ ମୁଖ୍ୟ ମାସୁଦ ଆଜହାରଙ୍କ ଭାଇ ମୁଫ୍ତି ରୌଫ୍ ଅସ୍‌ଗର ଭାରତରେ ଆକ୍ରମଣ କରିବା ଲାଗି ଯୋଜନା କରୁଥିବା ଗୋଇନ୍ଦା ରିପୋର୍ଟରୁ ପ୍ରକାଶ। ୩୭୦ ଅନୁଚ୍ଛେଦ ଉଠିଯିବା ପରେ ଏମାନେ ରକ୍ତମୁଖା ହୋଇପଡ଼ିଥିବା ଜଣାପଡ଼ିଛି।



ରାଜକୀୟ ପଦବୀ ତ୍ୟାଗ କରିବା ପାଇଁ ପ୍ରିନ୍ସ ହ୍ୟାରି ଓ ମେଘାନ ମାର୍କଲ ଘୋଷଣା କରିବା ପରେ ଏହାକୁ ନେଇ ବ୍ରିଟିଶ ପରିବାରରେ ସଙ୍କଟ ଦେଖାଦେଇଛି। ରାଣୀ ଏଲିଜାବେଥ୍‌ଙ୍କ ବିନା ଅନୁମତିରେ ସେମାନେ ଏଭଳି ନିଷ୍ପତ୍ତି ନେଇଥିବାରୁ ତାହା ରାଜ ପରିବାରକୁ ଆଘାତ ଦେଇଛି। ଡଚେସ୍ ଅଫ ସସେକ୍ସ ମେଘାନ କାନାଡାରେ ରହୁଥିବା ତାଙ୍କ ୮ ମାସର ପୁଅ ଆର୍ଚିଙ୍କ ପାଖକୁ ଶୁକ୍ରବାର ଯାଇଛନ୍ତି।

## ସଂକ୍ଷେପରେ

### ଜିଲା କାର୍ଯ୍ୟାଳୟରେ ଲାଞ୍ଚ ନେବା ମାମଲା

## ପୂର୍ବତନ ବରିଷ୍ଠ କିରାଣିଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ

**ଢେଙ୍କାନାଳ ଅଫିସ, ୧୦।୧:** ଏକ ବେସରକାରୀ ଶିକ୍ଷାନୁଷ୍ଠାନର ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପ୍ରଦାନ କରିବା ଲାଗି ଲାଞ୍ଚ ନେଉଥିବାବେଳେ ୨୦୦୭ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟର ତତ୍କାଳୀନ ବରିଷ୍ଠ କିରାଣି ଅନ୍ନପୂର୍ଣ୍ଣା ମହାକୁଡ଼। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରତିମା ପଣ୍ଡା ଅଭିଯୁକ୍ତା ଅନ୍ନପୂର୍ଣ୍ଣାଙ୍କୁ ୨ ଦଫାରେ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ନିକଟ ଚଟକାପଶି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ କରାଇଦେବାକୁ ସମିତିର କର୍ମକର୍ତ୍ତା ସଞ୍ଜୀବ ନାୟକଙ୍କଠାରୁ ଅନ୍ନପୂର୍ଣ୍ଣା ୨୧୦୦ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ୨୦୦୭ ଡିସେମ୍ବର ୧୮ରେ କଟକ ଭିଜିଲାନ୍ସ ଡିଭିଜନରେ କେସ୍ ନଂ. ୪୬/୨୦୦୭ରେ ମାମଲା ରୁଜୁ କରାଯାଇଥିଲା। ମାମଲାର ଭିଜିଆର୍ କେସ୍ ନଂ. ୪୬/୨୦୦୭ ଏବଂ ଡିକେଏଲ ଟିଆର ନଂ. ୧୭/୧୭ର ଶୁଣାଣି କରି କୋର୍ଟ ଦଫା-୭ ଓ ୧୩(୨), ୧୩(୧) (ଡି) ପିସି ଆକ୍ଟ-୧୯୮୮ରେ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ଏକ ଦଫା-୧୩(୨),୧୩(୧), ଡି ଓ ପିସି ଆକ୍ଟ-୧୯୮୮ରେ ଏକ ବର୍ଷ ଜେଲଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ୨ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ସମାନ୍ତରାଳ ଭାବେ ଏହି ଦଣ୍ଡାଦେଶ କାର୍ଯ୍ୟକ୍ଷମ ହେବ। ମାମଲାକୁ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୈଳାସ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

## ଆତ୍ମାହୁତି ନିଷ୍ପତ୍ତିରୁ ଓହରିଲେ ସୁର

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ଆତ୍ମାହୁତି ଦେବା ନିଷ୍ପତ୍ତିରୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓହରି ଯାଇଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀର ୨୭ଟି ଗ୍ରାମର ସ୍ଥିତିବାନ ସମ୍ପତ୍ତି ଭୁଲ୍‌ରେ ଜଗନ୍ନାଥଙ୍କ ଜମିରେ ପରିଣତ ହୋଇଛି। ସେସବୁର ମାଲିକାନାସ୍ୱତ୍ୱ ଅଞ୍ଚଳବାସୀଙ୍କୁ ଫେରାଇଦେବା ପାଇଁ ସୁର କିଛିଦିନ ତଳେ ଖବରଦାତା ସମ୍ମିଳନୀ ଜରିଆରେ ଦାବି କରିଥିଲେ। ଏହା ସହ ଦାରୁଠେଙ୍ଗରେ ଥିବା ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ଦାବି କରିଥିଲେ। ଏହି ଦାବି ଆସନ୍ତା ୨୬ତାରିଖ ସୁଦ୍ଧା ସରକାର ପୂରଣ ନ କଲେ ଆତ୍ମାହୁତି ଦେବେ ବୋଲି ସୁର ଘୋଷଣା କରିଥିଲେ। ଏହାସହ ୨୭ ଗ୍ରାମର ଲୋକେ ନବୀନ ନିବାସ ଘେରାଉ କରିବେ ବୋଲି ମଧ କହିଥିଲେ। ମାତ୍ର ଗୁରୁବାର ମୁଖ୍ୟମନ୍ତ୍ରୀ ଏସବୁ ଦାବିକୁ ବିଚାରକୁ ନେଇ କାର୍ଯ୍ୟ ସମ୍ପାଦନ ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ବିଭାଗୀୟ ସଚିବମାନଙ୍କୁ ଡକାଇ ସମସ୍ତ ଦାବି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୁର କହିଛନ୍ତି। ତେଣୁ ଆସନ୍ତା ୨୭ରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ସହ ଆତ୍ମାହୁତି ଆନ୍ଦୋଳନ ସ୍ଥଗିତ ରଖାଗଲା ବୋଲି ଶୁକ୍ରବାର ସୁର ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ଏହା ସହ ସୁର ଆହୁରି କହିଛନ୍ତି, ୨୭ ଗ୍ରାମବାସୀଙ୍କ ଜମି ଫେରାଇ ଦେବା ଲାଗି ସରକାର ପଦକ୍ଷେପ ନେବେ। ଦାରୁଠେଙ୍ଗ ଡମ୍ପିଂୟାର୍ଡ ସ୍ଥାନାନ୍ତର କରାଯାଇ ସେଠାରେ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଭୁବନେଶ୍ୱରରେ ପ୍ରତ୍ୟେକ ୱାର୍ଡରେ ଡମ୍ପିଂୟାର୍ଡ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି କପିଳେଶ୍ୱର ମନ୍ଦିରର ଚତୁଃପାର୍ଶ୍ୱର ଉନ୍ନତୀକରଣ ସହ କେନାଲ ରାସ୍ତାକୁ ଚାରିଧାଡ଼ିଆ ରୋଡ୍ କରାହେବ। ଏହାସହ କପିଳେଶ୍ୱରପୁର-ଜଟଣୀ, ଜଟଣୀ ତଳଖେତା ଠାରୁ ହରିଭାଇନା ଛକ, କେରଙ୍ଗ ଠାରୁ ହଳଦିଆ ଏବଂ ଜଟଣୀ ଥାନା ଛକଠାରୁ ତିରିମଲ ଭାୟା ବାଛେରା ପର୍ଯ୍ୟନ୍ତ ରାସ୍ତାକୁ ଚାରିଧାଡ଼ିଆ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ସୁର ସୂଚନା ଦେଇଛନ୍ତି।

# କଂସ ବଧ ସହ ସରିଲା ବରଗଡ଼ ଧନୁଯାତ୍ରା

**ମଥୁରାନଗରୀ,୧୦।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ କଂସବଧ ଦୃଶ୍ୟାଭିନୟ ମୁଖ୍ୟ ଆକର୍ଷଣ ଥିଲା। ଅନୁକୂଳ ପାଗ ଓ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ମଥୁରାନଗରୀ ଲୋକାରଣ୍ୟ ହୋଇ ପଡ଼ିଥିଲା। ମଥୁରା ପରିଭ୍ରମଣ ସାରି କଂସ ମହାରାଜା ସ୍ଥାନୀୟ ଲୋକମଣ୍ଡପ ପଡ଼ିଆସ୍ଥିତ ରାଜ ଦରବାରକୁ ଆସିଥିଲେ। ଶ୍ରୀକୃଷ୍ଣ ବଳରାମଙ୍କୁ ହତ୍ୟା କରିବା ପାଇଁ ସେ ନିଜର ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କ ସହିତ ରଣକୌଶଳ ପ୍ରସ୍ତୁତ କରିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ ହାଟପଦା ମଞ୍ଚରେ ଶିବଧନୁ ଭଙ୍ଗ କରିଥିବାବେଳେ ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ବେନିଭାଇଙ୍କୁ ହତ୍ୟା କରିବାରେ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସ ମହାରାଜଙ୍କ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଦରବାରରେ ନିଜ ପରାକ୍ରମ ଦେଖାଇଥିଲେ। ସେହିପରି କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ନିଜର ପରାକ୍ରମ ଦେଖାଇବାକୁ ରଣାଙ୍ଗନକୁ ଓହ୍ଲାଇଥିଲେ। ମାତ୍ର ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଏବଂ ବଳରାମଙ୍କ ହଳଧର ମୁଦଗରରେ କଂସଙ୍କ ନିଧନ ହୋଇଥିଲା ଏବଂ ମହାରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ସେହିପରି ଶ୍ରୀକୃଷ୍ଣ, ବଳରାମ ମଥୁରା କାରାଗାରକୁ ଯାଇ ବନ୍ଦୀ ଥିବା ଦେବକୀ ଓ ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଅନ୍ୟପଟେ କଂସ ଅଭିନେତା ବରଗଡ଼ ବ୍ଲକ ସରଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ବାହାରିଥିଲେ। ଶନିବାର ସକାଳେ ସେ ପୁରୀରେ ପହଞ୍ଚି ମହୋଦଧିରେ ସ୍ନାନ ଓ ଶ୍ରୀକ୍ଷେତ୍ର ଦର୍ଶନ ସହିତ ଶଙ୍କରାଚାର୍ଯ୍ୟଠାରୁ ଆଶିଷ ଲୋଡ଼ିବାର କାର୍ଯ୍ୟକ୍ରମ ରହିଛି।



ବରଗଡ଼ ଧନୁଯାତ୍ରାର ଶେଷ ସନ୍ଧ୍ୟାରେ କଂସ ବଧର ଦୃଶ୍ୟ।

### ଏସ୍‌ସିବି ମେଡିକାଲ, ଶିଶୁଭବନରେ କେନ୍ଦ୍ରୀୟ ପ୍ରତିନିଧି

# ଏସ୍‌ସିବି ମେଡିକାଲରେ ବଢ଼ିବ ଏସ୍‌ଏନ୍‌ସିୟୁ ବେଡ୍

**କଟକ ଅଫିସ, ୧୦।୧**

ଶୁକ୍ରବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ବର୍ତ୍ତମାନର କନସଲଟାଣ୍ଟ ଡା. ପି.କେ. ପ୍ରଧାନ ଏସ୍‌ସିବି ମେଡିକାଲ ଓ ଶିଶୁଭବନ ଗସ୍ତରେ ଆସିଥିଲେ। ଏହି ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୈନିକ ଶିଶୁ ରୋଗୀମାନଙ୍କ ସୁଅ ଛୁଟୁଛି। କେଉଁ କାରଣ ପାଇଁ ଅନ୍ୟ ଜିଲାରୁ ଏଠାକୁ ଏତେ ପରିମାଣର ଶିଶୁ ରୋଗୀ ଆସୁଛନ୍ତି ତାହା ଉପରେ ତର୍ଜମା କରାଯାଇଥିଲା। ତର୍ଜମାର ନିଷ୍କର୍ଷ ଅନୁଯାୟୀ, ବାଲେଶ୍ୱର, ଯାଜପୁର ଅଞ୍ଚଳରୁ ସର୍ବାଧିକ ଶିଶୁ ରୋଗୀ ଏସ୍‌ସିବି ମେଡିକାଲ ଓ ଶିଶୁଭବନକୁ ଆସୁଥିବା ଜଣାପଡ଼ିଛି। ମୁଖ୍ୟତଃ ପ୍ରାଥମିକ ଓ ଜିଲାସ୍ତରରେ ଶିଶୁ ରୋଗ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ ରୋଗୀମାନଙ୍କର ହାର ଏସ୍‌ସିବି ମେଡିକାଲ ଓ ଶିଶୁଭବନ ଉପରେ କମ୍ ପଡ଼ନ୍ତା ବୋଲି ଆଲୋଚନା କରାଯାଇଥିଲା। ଏ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ଡା. ପ୍ରଧାନ ମତ ଦେଇଥିବା ଜଣାପଡ଼ିଛି। ଏସ୍‌ସିବି ମେଡିକାଲ ଉପରେ ଶିଶୁ ରୋଗୀଙ୍କ ଭାର ବଢୁଥିବାରୁ ଏଠାରେ ଥିବା ୨୪ଟି ଏସ୍‌ଏନ୍‌ସିୟୁ (ସିକ୍ ନିଓନାଟାଲ କେୟାର ୟୁନିଟ୍) ବେଡ୍‌କୁ ୩୬କୁ ବଢାଯିବା ନିମନ୍ତେ ଆଲୋଚନା ହୋଇଥିଲା। ସେହିପରି ଶିଶୁଭବନରେ ଆବଶ୍ୟକ ଭିତ୍ତିଭୂମି ଓ ଉପଲବ୍ଧ ଭିତ୍ତିଭୂମି ଉପରେ ମଧ ଆଲୋଚନା ହୋଇଥିଲା। ଏହି ଟିମ୍‌ରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ କନସଲ୍‌ଟାଣ୍ଟ ଆର୍.ଏନ୍. ପଣ୍ଡାଙ୍କ ସହିତ ଏସ୍‌ସିବିର ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ପ୍ରମୁଖ ସାମିଲ ଥିଲେ।

# କୃତ୍ରିମ ଅଙ୍ଗ ତିଆରି ଉପରେ ଗୁରୁତ୍ୱ ଦେବେ ସରକାର

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଦିବ୍ୟାଙ୍ଗଙ୍କ ଲାଗି କୃତ୍ରିମ ଅଙ୍ଗ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେବେ ରାଜ୍ୟ ସରକାର। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏ ଦିଗରେ ବିଶେଷ ଧ୍ୟାନ ଦେବ। କୃତ୍ରିମ ଅଙ୍ଗ ନିର୍ମାଣ ହେବା ପରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଶିବିର ତଥା ‘କ୍ଷମତା ଏକ୍ସପ୍ରେସ୍’ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ପରୀକ୍ଷାକ୍ରମେ ନିର୍ଦ୍ଧାରିତ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଏନେଇ ବିବୃତି ଦେବା ଅସବରରେ ପଣ୍ଡା କହିଥିଲେ, ସମ୍ବଲପୁରଠାରେ କୃତ୍ରିମ ଅଙ୍ଗ ନିର୍ମାଣ ପାଇଁ କାର୍ଯ୍ୟ କରୁଥିବା ୱାର୍କଶପ୍‌କୁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଭାବରେ କମ୍ପ୍ୟୁଟରୀକରଣ କରାଯିବ। ଫଳରେ ଅତ୍ୟାଧୁନିକ ପ୍ରଣାଳୀରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀ ପଣ୍ଡା ଗୁରୁବାର ସମ୍ବଲପୁର ଗସ୍ତ କରି ହାତୀବାରିସ୍ଥିତ ହେଲଥ୍ ହୋମ୍ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀମାନଙ୍କୁ କମ୍ବଳ, ଲୁଗାପଟା ଓ ଛତା ସମେତ ୫ଟି ହୁଇଲ୍ ଚେୟାର, ୫ କୃତ୍ରିମ ଗୋଡ଼, ୩ ଟ୍ରେସାପେଡ୍, ୩ ୱାକର ବିତରଣ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ମଧ ବଣ୍ଟନ କରାଯାଇଥିଲା। ସମ୍ବଲପୁର ଜିଲା ହାତୀବାରିଠାରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ହେଲଥ୍ ହୋମ୍ ସହ ଏକ କୁଷ୍ଠାଶ୍ରମ ରହିଥିବାବେଳେ ବିଭାଗୀୟ ମନ୍ତ୍ରୀ ପରିଦର୍ଶନ ସମୟରେ ଅନ୍ତେବାସୀମାନଙ୍କ ସହିତ ମତ ବିନିମୟ କରିଥିଲେ। ଏହି ସମୟରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ସ୍ଥାନୀୟ ବିଡିଓ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୃତ୍ରିମ ଅଙ୍ଗ ପ୍ରସ୍ତୁତିକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରାଯିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ।

### ଜନଜାଗରଣ ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ

# ‘ବଳବତ୍ତର ରହିବ ସିଏଏ, ଉପକୃତ ହେବେ ସଂଖ୍ୟାଲଘୁ’

**ବ୍ରହ୍ମପୁର ଅଫିସ,୧୦।୧**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବାମପନ୍ଥୀ ଦଳ, କଂଗ୍ରେସ ଓ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଦେଶର ଅନ୍ୟମାନେ ସମର୍ଥନ କରୁଛନ୍ତି। ଯେତେ ଅପପ୍ରଚାର କରାଗଲେ ମଧ ସିଏଏ ବଳବତ୍ତର ରହିବ। ଏହାଦ୍ୱାରା ସଂଖ୍ୟାଲଘୁମାନେ ବିଶେଷ ଉପକୃତ ହେବେ। ଶୁକ୍ରବାର ବ୍ରହ୍ମପୁରରେ ସିଏଏ ସମ୍ପର୍କରେ ଜନଜାଗରଣ ଲାଗି ଆୟୋଜିତ ପଦଯାତ୍ରା ଓ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଏହା ସ୍ପଷ୍ଟ କରିଛନ୍ତି।

ସିଏଏକୁ ନେଇ ଗଞ୍ଜାମ ଜିଲାସ୍ତରୀୟ ଭାଜପାର ଜନଜାଗରଣ ପଦଯାତ୍ରା ଶୁକ୍ରବାର ମଧ୍ୟାହ୍ନରେ କମାପଲ୍ଲୀ ଛକରୁ ଆରମ୍ଭ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସାମିଲ ହୋଇ ସିଏଏକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ଦଳୀୟ ନେତା, କର୍ମୀ ଏବଂ ହଜାର ହଜାର ସମର୍ଥକ ଏଥିରେ ସାମିଲ ହୋଇଥିଲେ। ପରେ ରାମଲିଙ୍ଗମ ବନ୍ଧ ରୋଡରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ସୁପ୍ରିୟୋ ଓ ପୂର୍ବତନ ଏମ୍‌ପି ପଣ୍ଡା ଯୋଗଦେଇ ସିଏଏ ସମ୍ପର୍କରେ କହିଥିଲେ। ଗଞ୍ଜାମ ଭାଜପାର ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଧନ୍ୟବାଦ ଦେଇଥିଲେ।



ଦଳୀୟ ନେତା, କର୍ମୀ ଓ ସମର୍ଥକଙ୍କ ଗହଣରେ କେନ୍ଦ୍ରମନ୍ତ୍ରୀ।

### ଫ୍ଲାଟ ଦେବା ଆଳରେ ୨୫ ଲକ୍ଷ ଠକେଇ

# ରଘୁପତି ଇଷ୍ଟେଟ ଆଣ୍ଡ୍ ହୋଲ୍‌ଡିଂ ସଂସ୍ଥାର ଏମ୍‌ଡି ଗିରଫ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

କଟକ ଉପଖଣ୍ଡ ଅଞ୍ଚଳରେ ସୁଲଭ ମୂଲ୍ୟରେ ଫ୍ଲାଟ ଯୋଗାଇଦେବା ଆଳରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ରାଜ୍ୟ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ରଘୁପତି ଇଷ୍ଟେଟ ଆଣ୍ଡ୍ ହୋଲ୍‌ଡିଂ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପ୍ରଭାତ କୁମାର ନନ୍ଦ। ସୂଚନା ମୁତାବକ, ଅଭିଯୁକ୍ତ ପ୍ରଭାତ କଟକ ଉପଖଣ୍ଡ ଭାଣପୁର ଅଞ୍ଚଳରେ ୨୦୧୨ରୁ ପ୍ରିଷ୍ଟାଇନ ପାର୍କ ନାମରେ ଏକ ଆପାର୍ଟମେଣ୍ଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଫ୍ଲାଟ ବିକ୍ରି କରିବା ପାଇଁ ଗ୍ରାହକମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଅଗ୍ରୀମ ନେଇଥିଲେ। ସେହିପରି ଦେବଜ୍ୟୋତି ଦତ୍ତ ଏବଂ ମମତା ବାରିକଙ୍କୁ ଫ୍ଲାଟ ବିକ୍ରି କରିବା ଲାଗି ଉଭୟଙ୍କଠାରୁ ୨୦୧୨ ମସିହାରେ ୨୫ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଫ୍ଲାଟ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ପରବର୍ତ୍ତୀ ସମୟରେ ପ୍ରଭାତ ନିଜ ଫୋନ ନମ୍ବର ବଦଳାଇବା ସହ ସମସ୍ତ ଯୋଗାଯୋଗ ମଧ ବନ୍ଦ କରିଦେଇଥିଲେ। ଏ ନେଇ ୨୦୧୯ରେ ଦେବଜ୍ୟୋତି ଦତ୍ତ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ କେସ୍ ନଂ. ୪/୧୯ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଇଓଡବ୍ଲ୍ୟୁ ଶୁକ୍ରବାର ଅଭିଯୁକ୍ତ ପ୍ରଭାତଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସୌର, ପବନ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବ ରେଳୱେ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

ଭାରତୀୟ ରେଳପଥ ଆସନ୍ତା ୨୦୨୧-୨୨ ସୁଦ୍ଧା ବିଭିନ୍ନ ଜୋନ୍ ଓ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ଅକ୍ଷୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି, ଯାହା ରେଳପଥରେ ଆବଶ୍ୟକ ହେଉଥିବା ବିଦ୍ୟୁତ୍‌ର ଯଥେଷ୍ଟ ଖର୍ଚ୍ଚ କମାଇବା ସହ ପରିବେଶ ଉପଯୋଗୀ ରହିବ। ୧ହଜାର ମେଗାୱାଟ୍‌ର ସୌରଶକ୍ତି ଓ ୨୦୦ ମେଗାୱାଟ୍‌ର ପବନ ଶକ୍ତି ଉତ୍ପାଦନ କରିବ। ଜୋନ୍ ସ୍ତରରେ ଥିବା ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକରେ ଏହି ୟୁନିଟ୍ ଲାଗିବ। ୧ହଜାର ୟୁନିଟ୍‌ର ସୌରଶକ୍ତି ମଧ୍ୟରୁ ୫୦୦ ମେଗାୱାଟ୍ ଛାତରେ ଓ ୫୦୦ ମେଗାୱାଟ ଭୂମିରେ ଲାଗିବ। ବର୍ତ୍ତମାନ ଦେଶର ୧୬ଟି ଷ୍ଟେଶନ ଅକ୍ଷୟ ଶକ୍ତି ବଳରେ ସମ୍ପୂର୍ଣ୍ଣ ଭାବେ ଚାଲୁଛି, ଯେଉଁଗୁଡ଼ିକୁ ଗ୍ରୀନ୍ ଷ୍ଟେଶନ ଘୋଷଣା କରାଯାଇଛି। ସେହି ଷ୍ଟେଶନଗୁଡ଼ିକ ହେଉଛି ରୋହା, ପେନ୍, ଅପ୍ଟା, ନିମତପୁର ହଲ୍ଟ, କହ୍ନେଇପୁର ହଲ୍ଟ, ଟେକା ବିଘା ହଲ୍ଟ, ମଇ ହଲ୍ଟ, ଗରସଣ୍ଡା ହଲ୍ଟ, ନିୟାଜିପୁର ହଲ୍ଟ, ଧର୍ମଘାଟ ହଲ୍ଟ, ଶିମଲା, ଖଣ୍ଡେରୀ, ବଜୁଦ୍, ଅମ୍ବଲି ରୋଡ୍, ସଦନପୁରା, ସଚିନ୍। ଏହି ସବୁ ଷ୍ଟେଶନରେ ଶତ ପ୍ରତିଶତ ଅକ୍ଷୟ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇ କାର୍ଯ୍ୟ ଚାଲୁଛି।

**ସୌରଶକ୍ତିରୁ ୧୦୦୦ ମେଗାୱାଟ, ପବନରୁ ୨୦୦ ମେଗାୱାଟ**

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRE
Office Boy and Delivery Boy.
DTDC Courier, Maitri Vihar, Near New LIC Colony, Bhubaneswar.
Contact No.
9861289626, 9937887626

Job Opening in Warehouse
Location : Vijayawada, Hyderabad, Salary : Rs.10,000 + Room + ESI + PF
Qualification : 10th / ITI / Diploma
For Contact Call :
7008082387, 9040434671, 7381010101

No Consultancy !! No Fees
Direct Company Job
“ ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର ” କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ।
ଦରମା-୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ।
9938826988, 7064545450, 8338055696
www.demandbazaar.com & www.demandmasala.com

REQUIRED
Peon, Driver, Accountant, Parts Manager, Electrician, Sales Consultant for a 4 wheeler dealership.
Contact: 0674 6667709 / 0674 6668822, Email id: admin@capitalford.net, siddharth9909@gmail.com

REQUIRED
A reputed business house in Bhubaneswar requires the following experienced and dynamic personnel:
SALES EXECUTIVE:
Graduation with 3-5 year experience in Lubricants /Automobile / FMCG
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

Officially Staff
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

The Tattoo Galaxy
REQUIRES
Fine artists for its BBSR Branch. Fresher will be trained to become tatoo Artist. Qual : Matric Pass / Fail. Post : 20 Nos. Salary : 10k to 20k. Add : Sahidnagar, BBSR.
Cont : 8249383211 8270229250

SAI SMART SCHOOL
21st Century School
Near Puri Engineering School Campus, At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120
SAI SMART SCHOOL, an English medium school having classes from Preschool-I to Class-V with the aim to impart quality education based on 21st Century skills, invites online appliations through school website for various teaching and non-teaching posts. The recruitment will be made on the basis of performances in personal interview of the candidates. The schedule is as follows;

| POST | Date & Time of Interview | SALARY |
|---|---|---|
| Primary Teacher | 19.01.2020 & 20.01.2020 @ 10.00 a.m. | Rs.30,000/- p.m. |
| Nursery Teacher | 19.01.2020 & 20.01.2020 @ 10.00 a.m. | Rs.25,000/- p.m. |
| Abacus & Vedic Math Teacher Spoken English Teacher | 19.01.2020 & 20.01.2020 @ 10.00 a.m. | |
| Educational Counselor, Dance Teacher, Music Teacher, Drawing Teacher | 20.01.2020 @ 10.00 a.m. | |
| Marketing Executive, Manager, Receptionist, Nurse, Driver, Vehicle Helper, Ayah, Cook,Cooking Helper | 21.01.2020 @ 10.00 a.m. | |

No T.A./D.A. will be paid to attend the interview. The eligible candidates will have to submit a set of photocopy of Marksheets, Pass certificates along with all the original documents & a colour photograph along with application at the time of interview. The candidates have to report at 9 a.m. on the date of interview. For details of qualification and online application, please visit Career page of www.saismartschool.com
Secretary

REQUIRED
INDIAN, CHINESE, TANDOOR CHEFS WITH ASSISTANTS & ROOM SERVICE BOYS / DISH WASH BOYS FOR HOTEL AT BHUBANESWAR.
CALL :9438677331

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

COLOR CLASSIFIED DISPLAY ON EVERY TUESDAY AND FRIDAY

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

THE KOSALA SCHOOL, Estd- 1979
English Medium Residential Public School, At- Nuakhairpali, Po- Larasara, Via- Attabira, Dist- Bargarh, Pin- 768027, Mob- 7682032632
Email- thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| S.N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A/B.A/B.Sc, B.Ed/ Kobid/ Ratna, OTET/CTET | Salary will be paid on par with the State Govt. Sikshya Sahayak. |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A/ B.Sc, NTT, Kobid, CT/B.Ed, OTET/ CTET | |
| 3 | | Hostel Warden (Male & Female) Age- 35 to 40 yrs | +2 / B.A. | (Salary is not a constraint for deserving candidates) |
| 4 | | PET (Male & Female) | C.P.Ed./ B.P.Ed., OSSTET | |

* Candidates having teaching experience in English Medium Schools, good Spoken English, Computer Knowledge and not crossed 45 years of age will be preferred.
* Couples will be given preference and provided with rent free accommodation.
* Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
* Photo copies of all Certificates, Marksheets, Aadhaar Card, Filled up Biodata Form with recent passport size photo & Mobile Number should reach the undersigned in the above address latest by 25th January 2020.
* Original Certificates to be produced at the time of interview for verification.
* No TA/DA will be given for attending the interview.
* For any clarification candidates may call to the phone no. (given above) from 10.00 A.M. to 3.00 P.M.
Sd/- PRINCIPAL

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।



"ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।"
–କମଲ ବାଲି, ଭଲଭୋ ଏମ୍‌ଡି



"୧୯୭୪ରେ ସର୍ବିଆ ଏବଂ ବୁଲଗେରିଆ ସୀମାବର୍ତ୍ତୀ ସହର ନିସ୍‌ରେ ଟ୍ରେନ ଯାତ୍ରାର ଅନୁଭବ ଭ୍ରମିତ ବାମପନ୍ଥୀରୁ ଦୟାଳୁ ପୁଞ୍ଜିବାଦୀ ବନାଇଦେଲା।"
– ଏନ୍. ଆର୍. ନାରାୟଣ ମୂର୍ତ୍ତି, ଇନଫୋସିସ ସହ ପ୍ରତିଷ୍ଠାତା

## ସଂକ୍ଷେପରେ

### ହ୍ୱିସିଲ ବ୍ଲୋୟର ମାମଲାରେ ସଲିଲ ପାରେଖଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ,୧୦-୧ :** ଇନ୍‌ଫୋସିସ ସିଇଓ ସଲିଲ ପାରେଖ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିବା ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। ସିଇଓ ପାରେଖ ଏବଂ ସିଏଫ୍‌ଓ ନୀଳାଞ୍ଜନ ରାୟ୍‌ଙ୍କ ବିରୋଧରେ ଏହି ଅଭିଯୋଗରେ କୌଣସି ପ୍ରମାଣ ମିଳି ନ ଥିବା ଇନଫୋସିସ ପକ୍ଷରୁ ଶୁକ୍ରବାର କୁହାଯାଇଛି। ହ୍ୱିସିଲବ୍ଲୋୟର ଆଣିଥିବା ଅଭିଯୋଗ ଯାଞ୍ଚ ବେଳେ ବୋର୍ଡ ଅଫ ଡାଇରେକ୍ଟର୍ସଙ୍କୁ କୌଣସି ତଥ୍ୟ ପ୍ରମାଣର ଆଧାର ମିଳି ନ ଥିବାରୁ ସଲିଲ ପାରେଖଙ୍କୁ କ୍ଲିନଚିଟ୍ ମିଳିଛି। କମ୍ପାନୀର ଲାଭକୁ ଅଧିକ ଦେଖାଇବା ଲାଗି ସିଇଓ ପାରେଖ ବେଆଇନ କାର୍ଯ୍ୟକଳାପର ସାହାରା ନେବା ସହ ବିଭିନ୍ନ ହେରଫେର କରିଥିବା ଅଭିଯୋଗରେ କୁହାଯାଇଥିଲା। ସିଇଓ ପାରେଖ ଏବଂ ସିଏଫ୍‌ଓ ରାୟ୍ କମ୍ପାନୀକୁ ଆଗକୁ ନେବାରେ କାର୍ଯ୍ୟ କରୁଥିବା ଇନଫୋସିସ ଅଧ୍ୟକ୍ଷ ନନ୍ଦନ ନିଲେକାନୀ କହିଛନ୍ତି।

### ୨୦୧୯ ଅଟୋ ଶିଳ୍ପ ଲାଗି ୨ ଦଶନ୍ଧିରେ ସବୁଠାରୁ ଖରାପ



**ନୂଆଦିଲ୍ଲୀ,୧୦-୧:** ୨୦୧୯ ବର୍ଷ ଦେଶର ଅଟୋ ଉଦ୍ୟୋଗ ଲାଗି ସବୁଠାରୁ ଖରାପ ବର୍ଷ। ଏହି ସମୟରେ ମାନ୍ଦାବସ୍ଥାଯୋଗୁ ଅଟୋମୋବାଇଲ କମ୍ପାନୀଗୁଡିକ ଅଧିକ ହାରରେ କ୍ଷତି ସହିଥିବା ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ(ଏସ୍‌ଆଇଏଏମ୍) ପକ୍ଷରୁ ସୂଚନା ରହିଛି। ଶୁକ୍ରବାର ସଂଘ ପକ୍ଷରୁ ଜାରି କରାଯାଇଥିବା ଡାଟା ମୁତାବକ ସବୁ ସେଗମେଣ୍ଟରେ ଯାନ ବିକ୍ରି ଅଭିବୃଦ୍ଧି ନକାରାତ୍ମକ ରହିଛି। ଗ୍ରାହକଙ୍କ କ୍ରୟ ମନୋଭାବ, ଗ୍ରାମାଞ୍ଚଳରେ ମାନ୍ଦାବସ୍ଥା ସହ ଆର୍ଥିକ ମାନ୍ଦାବସ୍ଥା ଭଳି କାରଣ ଅଟୋମୋବାଇଲ ଶିଳ୍ପ ଲାଗି ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଇଛି। ସାରା ବର୍ଷ ବିଭିନ୍ନ ବର୍ଗରେ ଯାନର ମୋଟ ହୋଲସେଲ ବିକ୍ରି ୧୩.୭୭% ଖସିଥିବା ଜଣାପଡିଛି। ଡିସେମ୍ବରରେ କାର ବିକ୍ରି ୮.୪% ହ୍ରାସ ଘଟିଛି। ଏହି ସମୟରେ ଘରୋଇ ବଜାରରେ ଯାତ୍ରୀବାହି ଯାନବିକ୍ରି ୧.୨୪% ହ୍ରାସ ଘଟିଛି।

## ■ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ପାଇଁ ଆସିବ ବଡ ପଦକ୍ଷେପ

# ୫ ଦିନରେ ଆରମ୍ଭ ହେବ ବିଜ୍‌ନେସ

- ୧୦ ସେବା ଲାଗି କେବଳ ୨ ଫର୍ମ ଆସିବ
- ଅନ୍‌ଲାଇନରେ ମିଳିବ ଫର୍ମ
- ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସର ସୁଧାର ଆସିଛି
- ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ



**ନୂଆଦିଲ୍ଲୀ,୧୦-୧**

ସରକାର ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ବା ବାଣିଜ୍ୟ ସୁଗମତାକୁ ପ୍ରାଥମିକତା ଦେଉଛନ୍ତି। ଏହି ଧାରାରେ ବିଭିନ୍ନ ପ୍ରକ୍ରିୟାର ନିରନ୍ତର ସରଳୀକରଣ କରାଯାଉଛି। ଏହାକୁ ଧ୍ୟାନରେ ରଖି ବିଭିନ୍ନ କାଗଜପତ୍ର ସମ୍ପର୍କିତ ପ୍ରକ୍ରିୟାକୁ କମ୍ କରାଯିବା ସହ ୫ ଦିନ ମଧ୍ୟରେ ନୂଆ ବାଣିଜ୍ୟ ଆରମ୍ଭ କରିବାର ସୁବିଧା ସରକାର କରିବା ନେଇ ଯୋଜନା ରଖିଛନ୍ତି। ବର୍ତ୍ତମାନ ନୂଆ ବାଣିଜ୍ୟ ଆରମ୍ଭ କରିବା ଲାଗି ୧୦ ପ୍ରକ୍ରିୟା ଦେଇ ଯିବାକୁ ପଡୁଛି। ଏଥିଲାଗି ୧୮ ଦିନ ସମୟ ନିର୍ଦ୍ଧାରିତ କରାଯାଇଛି। ସରକାର ଏହି ପ୍ରକ୍ରିୟାକୁ କମ୍ କରି ୫କୁ ଆଣିବା ଏବଂ ୫ ଦିନକୁ ଖସାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ଏହି ପ୍ରକ୍ରିୟା ଅନ୍ତର୍ଗତ ୧୦ ସେବା ଲାଗି କେବଳ ୨ ଫର୍ମ ଭରିବାକୁ ପଡିବ। ନାମ ପଞ୍ଜୀକରଣ, ଇନ୍‌କର୍ପୋରେଶନ ବାଦ ଜିଏସ୍‌ଟି ଭଳି ବିଭିନ୍ନ ଟିକସ ପ୍ରଦାନ କ୍ଷେତ୍ରରେ ପଞ୍ଜିକରଣ ଲାଗି ୧୦ ପ୍ରମୁଖ ସେବା ଲାଗି ଶୀଘ୍ର ୨ଟି ଫର୍ମ ଉପଲବ୍ଧ ହେବ। ବର୍ତ୍ତମାନ ଏଥିଲାଗି ୬ ଅଲଗା ଅଲଗା ଫର୍ମ ପୂରଣ କରିବାକୁ ପଡୁଛି। ପ୍ରକ୍ରିୟା ସହ ଜଡିତ ସରକାରୀ ଅଧିକାରୀ କହିଛନ୍ତି ଯେ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଆଗାମୀ ଗୋଟିଏ ମାସରେ ୨ ଫର୍ମ ସ୍ପାଇସ ପ୍ଲସ ଏବଂ ଏଜିଲ ପ୍ରୋ ଜାରି କରିବ। ଏହି ୨ଟି ଫର୍ମରେ ଜିଏସ୍‌ଟିଇନ୍, ପ୍ୟାନ, ଟ୍ୟାନ, ଇଏସ୍‌ଆଇସି, ଇପିଏଫ୍‌ଓ, ଡିନ୍, ବ୍ୟାଙ୍କ ଆକାଉଣ୍ଟ ଏବଂ ପ୍ରଫେଶନାଲ ଟିକସର ଆକ୍‌ସେସ୍ କରାଯାଇପାରିବ। ଏହି ୨ଟି ଫର୍ମ ଅନ୍‌ଲାଇନରେ ଉପଲବ୍ଧ ହେବ। ଏହାର ବ୍ୟବହାର ମଧ୍ୟ ସହଜ ହେବ। ସ୍ପାଇସ ପ୍ଲସ କର୍ପୋରେଶନ ଫର୍ମ ଭାବେ କାର୍ଯ୍ୟକାରୀ କରାଯିବାକୁ ଥିବା ବେଳେ ବ୍ୟକ୍ତି ବିଶେଷ ନାମ ଏବଂ ଇନ୍‌କର୍ପୋରେଶନ ବାଦ ଅନ୍ୟ ସେବା ଲାଗି ମଧ୍ୟ ଆବେଦନ କରିପାରିବେ। ଅଧିକାରୀ ଜଣକ କହିଛନ୍ତି ଯେ, ଏବେ କମ୍ପାନୀଗୁଡିକର ଇନ୍‌କର୍ପୋରେଶନ ସମୟରେ ହିଁ ଏମ୍ପ୍ଲୟି ଷ୍ଟେଟ ଇନସ୍ୟୁରାନ୍ସ କର୍ପୋରେଶନ(ଇଏସ୍‌ଆଇସି) ଏବଂ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ (ଇପିଏଫ୍‌ଓ) ନିକଟରେ ଆବେଦନ କରିବାକୁ ପଡିବ। ସେହିଭଳି ଇନକର୍ପୋରେଶନ ସମୟରେ ଡାଇରେକ୍ଟର ଇନ୍‌ଫରମେଶନ ନମ୍ବର(ଡିନ)ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପ୍ୟାନ), ଟାକ୍ସ ଡିଡକସନ ଆଣ୍ଡ କଲେକ୍ସନ ଆକାଉଣ୍ଟ ନମ୍ବର(ଟ୍ୟାନ), ଗୁଡସ ଆଣ୍ଡ ସର୍ଭିସେସ ଆଇଡେଣ୍ଟିଫିକେଶନ ନମ୍ବର(ଜିଏସ୍‌ଟିଇନ୍) ସହ ପ୍ରଫେଶନାଲ ଟିକସ ଲାଗି ପଞ୍ଜୀକରଣ କରିବାକୁ ପଡିବ। ଏହା ଦ୍ୱାରା ଦେଶରେ ବାଣିଜ୍ୟ କରିବା ସୁଗମ ହେବ ବୋଲି କୁହାଯାଉଛି। ବିଶ୍ୱବ୍ୟାଙ୍କର ଇଜ ଅଫ ଡୁଇଙ୍ଗ ବିଜନେସ ର୍‍ୟାଙ୍କିଙ୍ଗରେ ଭାରତ ୧୯୦ ଦେଶ ମଧ୍ୟରେ ୬୩ତମ ସ୍ଥାନରେ ରହିଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଅର୍ଥମନ୍ତ୍ରଣାଳୟ ଏବଂ ଶ୍ରମ ମନ୍ତ୍ରଣାଳୟ ଏହି ର୍‍ୟାଙ୍କରେ ସୁଧାର ଆଣିବା ଲାଗି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଧାରାରେ ୮ ବ୍ୟାଙ୍କ ମଧ୍ୟ ମିଳିତ ହୋଇଛନ୍ତି ବୋଲି ଅଧିକାରୀ କହିଛନ୍ତି।

ସରକାରଙ୍କ ଏଭଳି ପଦକ୍ଷେପ ଆରମ୍ଭ ହେଲେ ବାଣିଜ୍ୟ ଆରମ୍ଭ କରିବା ଲାଗି ସମୟ କମିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଲ ଫାର୍ମ କର୍ପୋରେଟ ପ୍ରଫେଶନାଲର ପାର୍ଟନର ଆରିକ ସିଂଘି କହିଛନ୍ତି,ଜିଏସ୍‌ଟି ଏବଂ ଅନ୍ୟ ବିଜନେସ ରେଜିଷ୍ଟ୍ରେଶନକୁ କମ୍ପାନୀ ପଞ୍ଜୀକରଣ ପ୍ରକ୍ରିୟା ସହ ଯୋଡିବା ଦ୍ୱାରା ଦେଶ ମଧ୍ୟରେ ବାଣିଜ୍ୟ ଆରମ୍ଭ କରିବା ପ୍ରକ୍ରିୟା ବେଶ ସହଜ ହେବ। ଏହା ସହ ସମୟ ମଧ୍ୟ କମିବ। ଏହା ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ ବୋଲି କେପିଏମ୍‌ଜି ଇଣ୍ଡିଆର ପାର୍ଟନର ହିମାଂଶୁ ପାରେଖ କହିଛନ୍ତି।

## ମାନୁଫାକ୍ଚରିଂ କ୍ଷେତ୍ରରେ ସୁଧାର ଆସୁଛି



**ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ୧.୮% ବଢିଲା**

**ନୂଆଦିଲ୍ଲୀ,୧୦-୧**

ବଜେଟ ପୂର୍ବରୁ ଅର୍ଥବ୍ୟବସ୍ଥା ଏବଂ ସରକାରଙ୍କ ଲାଗି ଖୁସି ଖବର। ଦେଶର ମାନୁଫାକ୍ଚରିଂ କ୍ଷେତ୍ରରେ ସୁଧାର ଆସୁଥିବା ନଜରକୁ ଆସିଛି। ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ୧.୮% ବଢିଥିବା ଶୁକ୍ରବାର ସରକାର ଜାରି କରିଥିବା ତଥ୍ୟରୁ ସାମ୍ନାକୁ ଆସିଛି। ଲଗାତର ଭାବେ ୩ ମାସ ମାନୁଫାକ୍ଚରିଂ କାର୍ଯ୍ୟକଳାପ କମିବା ପରେ ଏଥିରେ ଉନ୍ନତି ଆସିଥିବା କୁହାଯାଉଛି। ମାନୁଫାକଚରିଂ କ୍ଷେତ୍ର ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରେ ମପାଯାଉଥିବା ବେଳେ ୨୦୧୮ ନଭେମ୍ବରରେ ଏହା ୦.୨% ରହିଥିଲା। ଏହା ୨୦୧୯ ଅକ୍ଟୋବରରେ ୩.୮% କମିଥିଲା। ଚଳିତ ବର୍ଷ ଅଗଷ୍ଟରୁ ଅକ୍ଟୋବର ଯାଏ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଲଗାତର ଭାବେ ହ୍ରାସ ହେଉଥିବା ଦେଖାଯାଇଥିଲା।

ଏନ୍‌ଏସ୍‌ଏସ୍‌ଓ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ନଭେମ୍ବରରେ ମାନୁଫାକ୍ଚରିଂ କ୍ଷେତ୍ର ଅଭିବୃଦ୍ଧି ୨.୭% ରହିଛି। ୨୦୧୮ ନଭେମ୍ବରରେ ଏହା ୦.୭% ହ୍ରାସ ଘଟିଥିଲା। ଏହି ସମୟରେ ବିଜୁଳି ଉତ୍ପାଦନ ୫.୧% ବଢିଥିଲା। ଏହା ଚଳିତ ବର୍ଷ ନଭେମ୍ବରରେ ୫% ହ୍ରାସ ଘଟିଛି। ଆଲୋଚ୍ୟ ଅବଧିରେ ଗତବର୍ଷ ସମାନ ସମୟରେ ୨.୭% କମିଥିବା ବେଳେ ଏହା ଚଳିତ ବର୍ଷ ୧.୭% ନିମ୍ନରେ ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ୦.୬% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ରେ ଏହା ସମାନ ସମୟରେ ୫% ଅଭିବୃଦ୍ଧି ହାସଲ କରିଥିଲା।

## ରେଲୱେ ସେବା ମିଶ୍ରଣକୁ ଅଧିକାରୀଙ୍କ ବିରୋଧ

**ନୂଆଦିଲ୍ଲୀ,୧୦-୧ :** ରେଲୱେର ବିଭିନ୍ନ ସେବା ମିଶ୍ରଣ ନେଇ ସରକାର ନିକଟରେ ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରେଲୱେର ଅଧିକାରୀ ଏବଂ କର୍ମଚାରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି ବିରୋଧ ପ୍ରଦର୍ଶନରେ ୧୩ ରେଳ ଜୋନ ଏବଂ ୬୦ ଡିଭିଜନର ଅଧିକାରୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ। ସରକାର ଏଭଳି ନିଷ୍ପତ୍ତି ଏକତରଫା ଭାବେ ନେଇଥିବା ବେଳେ ଏହା ରେଲୱେର ପରିଚାଳନା ଦିଗରେ ଖରାପ ପ୍ରଭାବ ପକାଇବ ବୋଲି କର୍ମଚାରୀମାନେ ଦାବିରେ କହିଛନ୍ତି। ରେଳପଥର ୮ ସର୍ଭିସ କ୍ୟାଡରକୁ ଏକ ସାଙ୍ଗରେ ମିଶ୍ରଣ ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ ମଞ୍ଜୁରୀ ପାଇଁ ରେଳ ବୋର୍ଡ ଅଧ୍ୟକ୍ଷ, ରେଳମନ୍ତ୍ରୀ, କ୍ୟାବିନେଟ ସଚିବ ଏବଂ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଏହି ନିଷ୍ପତ୍ତି କର୍ମଚାରୀଙ୍କ ସହମତି କ୍ରମେ ନିଆଯାଇଛି ବୋଲି ରେଳପଥ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଥିଲା। ଗତ ମାସ ୭ ଏବଂ ୮ ତାରିଖରେ ଏଥି ଲାଗି ଏକ ପରିବର୍ତ୍ତନ ସଂଗୋଷ୍ଠୀ ଆୟୋଜନ କରାଯାଇଥିବା କୁହାଯାଇଥିଲା। ଜେନେରାଲ ମ୍ୟାନେଜରଙ୍କ ରାୟକୁ ସମ୍ପୂର୍ଣ୍ଣ ଗ୍ରୁପର ରାୟ ବୋଲି ବିଚାର କରାଯାଇଛି ବୋଲି ଦାବି ହୋଇଛି। ଏଭଳି ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି ଅଧିକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ ରେଳ ମନ୍ତ୍ରଣାଳୟ ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ଷ୍ଟୋର, ପର୍ସୋନେଲ, ଟ୍ରାଫିକ, ସିଭିଲ ଇଞ୍ଜିନିୟରିଂ ଭଳି ସର୍ଭିସ କ୍ୟାଡରକୁ ମିଶ୍ରଣ ନିଷ୍ପତ୍ତି ନେଇଛନ୍ତି। ଏହାବାଦ ମେଡିକାଲ ଏବଂ ରେଲୱେ ପ୍ରୋଟେକସନ ଫୋର୍ସକୁ ସ୍ୱତନ୍ତ୍ର ରଖାଯାଇଛି।

## ଚନ୍ଦା କୋଚରଙ୍କ ୭୮ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧୦-୧**



ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଡିଓକନ କମ୍ପାନୀକୁ ପ୍ରଦାନ କରାଯାଇଥିବା ୩୨୫୦ କୋଟି ଟଙ୍କାର ଋଣ ମାମଲାରେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ଏହା ଅନ୍ତର୍ଗତ କୋଚରଙ୍କ ମୁମ୍ବାଇସ୍ଥିତ ଫ୍ଲାଟ, ତାଙ୍କ ସ୍ୱାମୀ ଦୀପକ କୋଚରଙ୍କର କିଛି ସମ୍ପତ୍ତି ଜବତ କରାଯାଇଛି। ଜବତ ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୭୮ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ମାମଲା ସହ ଜଡିତ ଜଣେ ଅଧିକାରୀ ଶୁକ୍ରବାର କହିଛନ୍ତି ଯେ, ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ)ରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ଆଇନ ଅନ୍ତର୍ଗତ ସମ୍ପତ୍ତି ଜବତ ନେଇ ନିର୍ଦ୍ଦେଶ ଦିଆଯାଇଛି। ଜବତ ସମ୍ପତ୍ତି ମଧ୍ୟରେ କୋଚରଙ୍କ ମୁମ୍ବାଇସ୍ଥିତ ବାସଭବନ ଏବଂ ତାଙ୍କ ସହ ଜଡିତ ଏକ କମ୍ପାନୀର ସମ୍ପତ୍ତି ରହିଛି। ଭିଡିଓକନ କମ୍ପାନୀକୁ ପ୍ରଦାନ କରାଯାଇଥିବା ଋଣ ମାମଲାରେ ଏବେ ଇଡି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି। ଭିଡିଓକନ୍ କମ୍ପାନୀ ଦ୍ୱାରା ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ କୋଚର ଅନୁକମ୍ପା ଲାଭ କରିଥିବା ଅଭିଯୋଗ ଆସିଥିଲା। ଏହା ପରେ ଚନ୍ଦା କୋଚର ୨୦୧୮ ଅକ୍ଟୋବରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

**କଣ ରହିଥିଲା ମାମଲା...**

୨୦୧୨ରେ ଭିଡିଓକନ ଗ୍ରୁପ ଆଇସିଆଇସିଆଇ ବ୍ୟାଙ୍କଠାରୁ ୩,୨୫୦ କୋଟି ଟଙ୍କାର ଋଣ ନେଇଥିଲା। ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହଙ୍କଠାରୁ ଭିଡିଓକନ ନେଇଥିବା ମୋଟ ୪୦ ହଜାର କୋଟି ଟଙ୍କାର ଋଣ ମଧ୍ୟରେ ଆଇସିଆଇସିଆଇର ଏହି ଋଣ ସାମିଲ ରହିଥିଲା । ଭିଡ଼ିଓକନ ଗ୍ରୁପ ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍ ୨୦୧୪ ରେ ୬୪ କୋଟି ଟଙ୍କା ନ୍ୟୁ ପାୱାର ରିନ୍ୟୁଏବଲ୍ ପ୍ରାଇଭେଟ ଲିମିଟେଡ (ଏନ୍‌ଆର୍‌ପିଏଲ୍)କୁ ପ୍ରଦାନ କରିଥିଲେ। ଏହି କମ୍ପାନୀକୁ ଧୂତ୍ ଚନ୍ଦା କୋଚରଙ୍କ ସ୍ୱାମୀ ଏବଂ ଅନ୍ୟ ୨ ଜଣ ଅଂଶୀଦାରଙ୍କ ସହ ମିଳିତ ହୋଇ ସ୍ଥାପନ କରିଥିଲେ। ଆଇସିଆଇସିଆଇ ବ୍ୟାଙ୍କରୁ ଋଣ ଯୋଗାଣ ଦ୍ୱାରା ଚନ୍ଦା କୋଚରଙ୍କ ପରିବାର ଆର୍ଥିକ ଫାଇଦା ନେଇଥିବା ଅଭିଯୋଗ ଆସିଛି।

**BHUBANESWAR MUNICIPAL CORPORATION**

No : 986 Dt.10.01.2020

**E-PROCUREMENT NOTICE**

1. Bid reference No : BMC-EED-II-18/2019-20 Dt.10.01.20
2. Tender Call Notice No : No. 986, Dt.10.01.2020
3. No. of work : 08 Nos.
4. Bid Value : Rs.74,907/- to Rs. 38,37,686/-
5. Period of completion : 30 to 60 Days

Date and time of schedule

| Start | End | Opening |
|---|---|---|
| 11.00 A.M of 13.01.20 | 5 P.M of 22.01.20 | 11.00 A.M. of 24.01.20 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,
BMC, Division No.II

Progress Through Partnership for a Better Bhubaneswar

**BHUBANESWAR MUNICIPAL CORPORATION**

No : 904 Dt.09.01.2020

**E-PROCUREMENT NOTICE**

1. Bid reference No: BMC-EED-II-07(EL.)/2019-20 Dt.09.01.20
2. Tender Call Notice No : No.904, Dt.09.01.2020
3. No. of work : 01 No.
4. Bid Value : Rs. 21,81,791.00
5. Period of completion : 6 (Six)Days

Date and time of schedule

| Start | End | Opening |
|---|---|---|
| 10 A.M of 10.1.2020 | 11 A.M of 15.1.2020 | 3.00 P.M. of 15.01.20 |

6. Tender details : can be seen for the procurement portal : https://www.tendersodisha.gov.in.

Executive Engineer, BMC, Division No.II

Progress Through Partnership for a Better Bhubaneswar

**INTEGRATED TRIBAL DEVELOPMENT AGENCY, NABARANGPUR**

No.75 /2020 Date: 09.01.2020

**e-Procurement Notice**

**Bid Identification No. ITDANBG-05/19-20**

Bids are invited from the eligible Contractors for Construction of Market Complex (1 nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 Hours of 09.01.2020 to 17.00 Hours of 22.01.2020 for online bidding. The bids received online shall be opened on 11.00 Hours of 29.01.2020 in this office. The original bid security, Demand Draft towards cost of Bid, GST Certificate, Work performance certificate and affidavit in original shall be submitted in this office on or before 17.00 Hours of 28.01.2020 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.

Sd./-
P.A., ITDA, Nabarangpur

**BHUBANESWAR MUNICIPAL CORPORATION**

No.286 Dt.04.01.2020

**1st Corrigendum to Tender Call Notice**

Bid Reference No.BMC-EED-II-06(EL.)/2019-20 Dt.27.12.19

The Tender for the work **"Provision of Heritage Lighting around Lingaraj Temple, Bhubaneswar"** is Cancelled due to technical reason.

On behalf of Commissioner, BMC, Bhubaneswar

Executive Engineer,
BMC Division No.II

Progress Through Partnership for a Better Bhubaneswar

**ORISSA STATE AIDS CONTROL SOCIETY (OSACS)**

**(Department of Health & Family Welfare), Government of Odisha**

Letter No.XV-43/2019: 141 /OSACS Date: 10.01.2020

**NOTICE INVITING TENDER FOR STERILE DISPOSABLE SYRINGE WITH NEEDLE FOR 2019-20**

Orissa State AIDS Control Society (OSACS) invites sealed tenders from manufacturers/ authorized distributors / dealers having valid GST registration for supply of 5ML Sterile Disposable Syringe with Needle for ICTC. The detailed terms and conditions are available in the website **www.osacs.nic.in** & **www.odisha.gov.in**, which can be downloaded for use. Interested parties may submit their tender superscribing as "Tender for 5ML Sterile Disposable Syringe with Needle for 2019 - 20" to the undersigned through speed post / Registered Post / Courier, which should reach on or before 11.00 A.M of 27.01.2020 positively and the same will be opened by a committee in presence of the bidders at 11.30 A.M of the same date i.e 27.01.2020. The undersigned reserves the right to reject any or all the tender without assigning any reason thereof.

Sd./- Project Director
Orissa State AIDS Control Society,
(Department of Health & Family Welfare),
Govt. of Odisha, 2nd Floor, Oil Orissa Building,
F-Nayapalli, Bhubaneswar-12.

2nd Floor, Oil Orissa Building, Nayapalli, Bhubaneswar,
Ph: 2395415/2393235, Fax : 2394560/ (0674),
Email : sacorissa@sify.com; sacs_orissa@nacoindia.org

ANNEXURE - I

**GOVERNMENT OF ODISHA**
**PLANNING & CONVERGENCE DEPARTMENT**
**QUOTATION CALL NOTICE**

No. X-40: Sealed quotations in Plain Paper/Letter Pad are invited from intending registered firms/suppliers having their office at Bhubaneswar, who are authorized dealers for the products and having valid GST Registration and uptodate Income Tax Clearance Certificate for **supply of a HP make All in One 22-C0028 IN Desktop and Canon Image Class MF264dw Printer** to Planning & Convergence Department, Odisha Lok Seva Bhawan for official use vide Quotation Call Notice No. 524/P, Dated 10.1.2020. The last date for receipt of quotation is 6th Feb. 2020 upto 5 P.M.
The details of the Quotation Call Notice is available in the website of the State Govt. i.e. **http://www.odisha.gov.in/portal**. All future addendums/corrigendum, if any, will be hosted in the above website only.

21001/11/0009/1920 Sd./- Deputy Secretary to Government

**OFFICE OF THE KORAPUT MUNICIPALITY, KORAPUT**

No. 130/MUN-2019 Dated: 07.01.2020

**"e" PROCUREMENT NOTICE**

**Bid Identification No.: KPTMUN-071/2020**

No. C-437: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of Works | : | 3 Nos. |
| 3. | Estimated Cost | : | Rs.2,13,000/- to Rs.10,00,000/- |
| 4. | Period of Completion | : | 30 Days to 45 Days |
| 5. | Date & Time of Bidding | : | From 11.00 A.M. of 10.01.2020 to 5.00 P.M. of 20.01.2020. |
| 6. | Last date & time for receipt of Bids in portal | : | 20.01.2020 at 5.00 P.M. |
| 7. | Bids received online shall be opened on | : | 03.00 P.M. of Dt.24.01.2020 |
| 8. | Name and address of the Officer Inviting Bid | : | Executive Officer, Koraput Municipality |

Further details can be seen from the procurement portal: **www.tenderorissa.gov.in**.

13074/11/0011/1920 Sd./- Executive Officer
Koraput Municipality

**OFFICE OF THE SUPERINTENDENT, PRM MEDICAL COLLEGE & HOSPITAL, BARIPADA, MAYUBHANJ**

Letter No.: 25/PRM MCH Date: 06.01.2020

**TENDER CALL NOTICE FOR HIRING OF ONE PRIVATE VEHICLE**

No. E-657: The Superintendent, PRM Medical College & Hospital, Baripada, Mayurbhanj invites sealed tenders from interested reputed travel Agencies/Tour Operators for providing 1 (One) No. of Tiago/Bolt/Celerio (Petrol) vehicle on monthly rent basis. The bid document with all information relating to the bidding process such as eligibility criteria, terms & conditions etc. are available on the website i.e. **www.mayurbhanj.nic.in**, which may be downloaded for reference. Interested parties may be submitted their tenders superscribing as tender for hiring of Vehicles on monthly rent basis in reference to Advertisement No. 15/PRM MCH Dt.06.01.2020 to the undersigned through Registered Post/Speed Post only, which should reach on or before 4 P.M. of Dt.28.01.2020 positively and tender will be opened on Dt.29.01.2020 at 11 A.M. Any tender paper received after due date & time will be rejected/referred to the sender unopened.

10120/11/0005/1920 Sd./- Superintendent
P.R.M. Medical College & Hospital
Baripada, Mayurbhanj

**ZILLA SWASTHYA SAMITI, KEONJHAR**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(NPCB KEONJHAR)**
**TENDER CALL NOTICE**

Advt. No.: 122 Date: 9.01.2020

No. E-660: Sealed tender is invited from Private Individual/ Tour Operator/Travel Agency/Society/Firm for providing vehicle to be engaged of vehicle under SUNETRA, Keonjhar for the year 2019-20. The interested supplier/firm/private may applied. The terms & condition of the tender may be downloaded from the website **www.kendujhar.nic.in**. The tender should reach to the Office of the undersigned by 27.01.2020 at 05.00 P.M. through Speed Post/Regd. Post/ Courier and which will be opened on 28.01.2020 at 11.00 A.M. at DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.
The undersigned reserves the right to reject any or whole tender without assignment any reason thereof.

10033/11/0039/1920 Sd./- Chief District Medical &
Public Health Officer, Keonjhar



" ବିରାଟ କୋହଲି ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ଭଳି କ୍ରିକେଟର ସମସ୍ତ ଫର୍ମାଟରେ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ ହେବାକୁ ମୋର ଅଭିଳାଷ ରହିଛି ।

–ମାର୍ନସ ଲାବୁସାନେ, ଅଷ୍ଟ୍ରେଲୀୟ କ୍ରିକେଟର

" ପାକିସ୍ତାନରେ ବିଦେଶୀ ଖେଳାଳିଙ୍କୁ ରାଷ୍ଟ୍ରପତିଙ୍କ ଭଳି ନିରାପତ୍ତା ଯୋଗାଇ ଦିଆଯାଉଥିବାରୁ ଏହା ବିଶ୍ୱର ଅନ୍ୟତମ ସୁରକ୍ଷିତ ସ୍ଥାନ ।

–କ୍ରିସ୍ ଗେଲ୍, ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ



## ତୀରମାଡ଼ରେ ତୀରନ୍ଦାଜ ଗୁରୁତର

ନୂଆଦିଲ୍ଲୀ,୧୦ା୧: ଆସାମର ୧୨ ବର୍ଷୀୟା ତୀରନ୍ଦାଜ ଶିଭାଙ୍ଗିନୀ ଗୋହେନ ତୀର ମାଡ଼ରେ ଆହତ ହୋଇଛନ୍ତି। ଦିବ୍ରୁଗଡ଼ସ୍ଥିତ ସାଇ କେନ୍ଦ୍ରରେ ଟ୍ରେନିଂବେଳେ ଦୁର୍ଘଟଣା ଘଟିଛି। ଏହି ସମୟରେ କେହି ପ୍ରଶିକ୍ଷକ ନ ଥିଲେ। ଅସାବଧାନତା କାରଣରୁ ଏଭଳି ଘଟଣା ଘଟିଛି ବୋଲି ରାଜ୍ୟର ତୀରନ୍ଦାଜ ଆସୋସିଏଶନ ପକ୍ଷରୁ କୁହାଯାଇଛି। ବୁଧବାର ଦୁର୍ଘଟଣା ପରେ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇ ଏମ୍ସ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇ ଥିବା ଆସାମ ତୀରନ୍ଦାଜ ଆସୋସିଏଶନର ଯୁଗ୍ମ ସମ୍ପାଦକ ଓ ରାଜ୍ୟ ଅଲିମ୍ପିକ୍ ଆସୋସିଏଶନର କାର୍ଯ୍ୟକାରୀ ସଦସ୍ୟ ପୁଲିନ ଦାସ କହିଛନ୍ତି। ସାଇର ଏକ୍ସଟେନଶନ ସେଣ୍ଟରରେ ୫ ବାଳିକାଙ୍କ ସମେତ ୧୧ ଟ୍ରେନି ଥିଲେ। ସେମାନେ ସାଇର ଚୁକ୍ତିଭିତ୍ତିକ କୋଚ୍ ମାର୍ସିଙ୍କ ନେତୃତ୍ୱରେ ଟ୍ରେନିଂ ନେଉଥିଲେ। କିନ୍ତୁ କୋଚ ମାର୍ସି ଏବେ ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଗୁଆହାଟୀ ଯାଇଛନ୍ତି। ଟ୍ରେନିଂ ଗ୍ରାଉଣ୍ଡର ସ୍ଥିତି ଭଲ ନାହିଁ। କାରଣ ସେଠାରେ ଫୁଟବଲ, କ୍ରିକେଟ ଓ ଅନ୍ୟ ଖେଳ ମଧ୍ୟ ଖେଳାଯାଏ। କିନ୍ତୁ ସବୁଠୁ ବଡ଼ କଥା ହେଲା କୋଚ୍‌ଙ୍କ ଅନୁପସ୍ଥିତିରେ ସେମାନଙ୍କୁ ଟ୍ରେନିଂ ନ କରିବାକୁ କୁହାଯାଇଥିଲା। ଜଣେ ବାଳକ ଅଭ୍ୟାସ କରୁଥିବାବେଳେ ଗୋହେନଙ୍କୁ ତୀର ଲାଗିଥିଲା। ତାଙ୍କୁ ପ୍ରଥମେ ଆସାମ ମେଡିକାଲ କଲେଜ ନିଆଯାଇଥିଲା। ସେଠାକାର ଡାକ୍ତର ଭଲ ମେଡିକାଲକୁ ନେବା ପାଇଁ ସୁପାରିସ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ଏମ୍ସର ଟ୍ରମା ସେଣ୍ଟରର ଜଣେ ଡାକ୍ତର କହିଛନ୍ତି, ତୀର ଗୋହେନଙ୍କ ହାଡର ହାଡ ଭିତରେ ପଶିଯାଇଛି। ଶୀଘ୍ର ତାଙ୍କର ଅସ୍ତ୍ରୋପଚାର କରାଯିବ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି। ଆସାମ ତୀରନ୍ଦାଜ ଆସୋସିଏଶନ ତାଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ସହାୟତା ରାଶି ଦେଇଛି।

# ସିରିଜ ବିଜୟ ସହ ବର୍ଷ ଆରମ୍ଭ

ପୁଣେ,୧୦ା୧(ପି.ଟି.)

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଘରୋଇ ଭାରତ ୨–୦ରେ ବିଜୟୀ ହୋଇଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ବୃହତ୍ ୭୮ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ସିରିଜ ହାତେଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୫.୫ ଓଭରରେ ୧୨୩ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ଦ୍ରୁତ ଅପରାଜିତ ୨୨ ରନ କରିବା ସହ କଞ୍ଜୁସ ବୋଲିଂ କରି ମୂଲ୍ୟବାନ ୨ଟି ଉଇକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନବଦୀପ ସଇନି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପ୍ରଥମ ଟି୨୦ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୫ଟି ବଲ ବାକି ରଖି ୭ ଉଇକେଟରେ ବିଜୟୀ ହୋଇଥିଲା।

୨୦୨ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଧନଞ୍ଜୟ ଡି ସିଲଭା ସର୍ବାଧିକ ୫୭ ରନ (୩୬ ବଲ, ୮ ଚୌକା, ୧ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅଭିଜ୍ଞ ଆଞ୍ଜେଲୋ ମାଥ୍ୟୁସ ୩୧ ରନକରି ଆଉଟ ହୋଇଥିଲେ। ବାକି ୯ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଦ୍ରୁତ ବୋଲର ନବଦୀପ ସଇନି ସର୍ବାଧିକ ୩, ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଭାରତ ଆରମ୍ଭରୁ ଦମ୍‌ଦାର ବ୍ୟାଟିଂ କରିଥିଲା। ଦୁଇ ଓପନର ଶିଖର ଧାୱନ ଓ ଲୋକେଶ ରାହୁଲ ଆଉଟ ହେବା ପୂର୍ବରୁ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୬୫ଟି ବଲ ଖେଳି ୯୭ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ୩୬ ବଲରୁ ୭ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଧାୱନ ବାମହାତୀ ଚାଇନାମ୍ୟାନ ଲକ୍ଷଣ ସନ୍ଦାକନଙ୍କ ବଲ୍‌କୁ ଜୋରରେ ସୁଇପ୍ କରି ମିଡ୍ ଉଇକେଟରେ ଦନୁଷ୍କା ଗୁଣତିଲକାଙ୍କ ହାତରେ ଧରାପଡିଥିଲେ। ଏହାପରେ ମାତ୍ର ୨୫ ରନ ମଧ୍ୟରେ ୩ଟି ଉଇକେଟର ପତନ ହୋଇଥିଲା। ଦୀର୍ଘଦିନ ପରେ ଖେଳିବାର ସୁଯୋଗ ପାଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ଛକା ମାରି ଇନିଂସ ଆରମ୍ଭ କରିଥିଲେ ମଧ୍ୟ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। ସେ ଲାଇନ ମିସ୍ କରି ଧନଞ୍ଜୟ ଡି ସିଲଭାଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରାହୁଲ ୩୬ଟି ବଲ୍ ଖେଳି ୫ ଚୌକା ଓ ୧ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସନ୍ଦାକନଙ୍କ ବଲ୍‌ରେ କୁଶଲ ପେରେରାଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଯୁବ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୪ ରନ କରି ସନ୍ଦକାନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଆୟାରଙ୍କ ପରେ ପାଳି ପଡିଥିଲା ଅଧିନାୟକ ବିରାଟ କୋହଲିଙ୍କର। ୧୭ଟି ବଲର ସମ୍ମୁଖୀନ ହୋଇ କୋହଲି ୨ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ଦୁଇ ରନ ନେବାକୁ ପ୍ରୟାସ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଡିପ୍ ସ୍କୋୟାର ଲେଗ୍‌ରୁ ଗୁଣତିଲକାଙ୍କ ଥ୍ରୋରେ ସେ ଉଇକେଟକିପର କୁଶଲ ପେରେରାଙ୍କ ଦ୍ୱାରା ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାର ଠିକ୍ ପର ବଲ୍‌ରେ ୱାଶିଂଟନ ସୁନ୍ଦର ଖାତା ଖୋଲିବା ପୂର୍ବରୁ ଲାହିରୁ କୁମାରାଙ୍କ ବଲ୍‌ରେ ଥାର୍ଡ ମ୍ୟାନ୍‌ରେ ସନ୍ଦାକନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ମନୀଷ ପାଣ୍ଡେ ଓ ଶାର୍ଦ୍ଦୁଳ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ସପ୍ତମ ଉଇକେଟରେ ମାତ୍ର ୧୪ଟି ବଲରୁ ଦ୍ରୁତ ୩୭ ରନକରି ଦଳର ସ୍କୋରକୁ ୨୦୦ ପାର କରାଇଥିଲେ। ପାଣ୍ଡେ ୧୮ ବଲରୁ ୪ ଚୌକା ସହ ୩୧ ଓ ଠାକୁର ୮ ବଲରୁ ୧ ଚୌକା ଓ ୨ ଛକା ସହ ୨୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ସନ୍ଦକାନ ୩, କୁମାରା ଓ ଡି ସଲଭା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶ୍ରୀଲଙ୍କା ବିପକ୍ଷରେ ସିରିଜ ଜିତିବା ପରେ ଟ୍ରଫି ସହ ଭାରତୀୟ ଖେଳାଳିମାନେ।

### ବୁମ୍‌ରାଙ୍କ ରେକର୍ଡ

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଯଶପ୍ରୀତ ବୁମ୍‌ରା ଭାରତର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ଶୁକ୍ରବାର ଏଠାରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ରେ ଓପନର ଦାନୁଷ୍କା ଗୁଣତିଲକାଙ୍କ ଉଇକେଟ ହାସଲ କରିବା ପରେ ସେ ଏହି ଗୌରବର ଅଧିକାରୀ ହୋଇଛନ୍ତି। ବୁମ୍‌ରା ବର୍ତ୍ତମାନ ୪୫ ଅନ୍ତର୍ଜାତୀୟ ଟି୨୦ରୁ ୫୩ ଉଇକେଟ ଅକ୍ତିଆର କରିଛନ୍ତି। ଏହି ତାଲିକାରେ ତାଙ୍କ ପଛକୁ ମିଳିତ ଦ୍ୱିତୀୟ ସ୍ଥାନରେ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ (୩୭ ମ୍ୟାଚରୁ ୫୨ ଉଇକେଟ) ଏବଂ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (୪୬ ମ୍ୟାଚରୁ ୫୨ ଉଇକେଟ) ରହିଛନ୍ତି।

### ଅଧିନାୟକ ଭାବେ କୋହଲିଙ୍କ ରେକର୍ଡ

ଅଧିନାୟକ ଭାବେ ବିରାଟ କୋହଲି ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ରେ ସେ ୨୬ ରନ କରିବା ଅବସରରେ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତ ୧୧,୦୦୦ ରନ ପୂରଣ କରିଛନ୍ତି। ବିଶ୍ୱର ୬ଷ୍ଠ ଏବଂ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ କୋହଲି ୧୧,୦୦୦ ରନ ପୂରଣ କରିଛନ୍ତି। ଦ୍ରୁତତମ ତାଲିକାରେ କୋହଲିଙ୍କ ପଛକୁ ରିକି ପଣ୍ଟିଂ, ଗ୍ରେମ୍ ସ୍ମିଥ, ଆଲାନ ବର୍ଡର ଓ ଷ୍ଟିଫେନ୍ ଫ୍ଲେମିଂ ରହିଛନ୍ତି।

### ସଂକ୍ଷିପ୍ତ ସ୍କୋର

- ଭାରତ ୨୦ ଓଭରରେ ୨୦୧/୬ (ରାହୁଲ-୫୪, ଧାୱନ- ୫୨, ପାଣ୍ଡେ- ୩୧*, କୋହଲି- ୨୬, ଠାକୁର- ୨୨*, ସନ୍ଦାକନ- ୩/୩୫, କୁମାରା- ୧/୪୬, ଡି ସିଲ୍‌ଭା- ୧/୨୭)।
- ଶ୍ରୀଲଙ୍କା ୧୫.୫ ଓଭରରେ ୧୨୩ ରନରେ ଅଲଆଉଟ (ଡି ସିଲଭା- ୫୭, ମାଥ୍ୟୁସ- ୩୧, ସଇନି- ୩/୨୮, ଠାକୁର- ୨/୧୯, ସୁନ୍ଦର- ୨/୩୭)।

# ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଉଦ୍‌ଘାଟିତ

ଗୁଆହାଟୀ, ୧୦ା୧ : ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବକୁ ଷ୍ଟାଡିୟମରେ ଉପସ୍ଥିତ ୨୫ ହଜାର ଦର୍ଶକଙ୍କ ସହିତ ଟେଲିଭିଜନ ଜରିଆରେ ଲକ୍ଷ ଲକ୍ଷ ଖେଳପ୍ରେମୀ ଉପଭୋଗ କରିଛନ୍ତି। ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଲେଜର ଲାଇଟ୍ ଶୋ ଦର୍ଶକଙ୍କ ମନ ମୋହିଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଉପସ୍ଥିତ ଥିଲେ। ଷ୍ଟାର ଧାବିକା ହିମା ଦାସଙ୍କ ଦ୍ୱାରା ଗେମ୍ସର ମଶାଲ ପ୍ରଜ୍ୱଳନ ପୂର୍ବରୁ ହୋଇଥିବା ୭ ଉତ୍ତର–ପୂର୍ବାଞ୍ଚଳ ରାଜ୍ୟର ଟପ୍ ଆଥଲେଟମାନେ ଅନ୍ତିମ ମଶାଲ ରାଲିରେ ଅଂଶଗ୍ରହଣ କରିଥିଲେ। ୧୩ଦିନ ଧରି ହେବାକୁଥିବା ଏହି ଗେମ୍ସରେ ୩୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୬,୮୦୦ ଆଥଲେଟ୍ ଭାଗ ନେଉଛନ୍ତି। ଗେମ୍ସରେ ହେବାକୁଥିବା ୨୦ ପ୍ରକାର ପ୍ରତିଯୋଗିତାର ଏକ ଝଲକ ଏକ ଡ୍ୟାନ୍ସିଂ ଗ୍ରୁପ୍ ଜରିଆରେ ଅଭିନବ ଉପାୟରେ ପ୍ରଦର୍ଶନ କରାଯାଇଥିଲା। ବଲିଉଡ୍‌ର ଲୋକପ୍ରିୟ ଗାୟକ ତଥା ସଙ୍ଗୀତନିର୍ଦ୍ଦେଶକ ଶଙ୍କର ମହାଦେବନ ତାଙ୍କର କେତେକ ହିଟ୍ ଗୀତ ପରିବେଷଣ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ। ଆସାମ ରାଇଫଲ୍ସ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗେମ୍ସର ଥିମ୍ ସଙ୍ଗୀତ ପରିବେଷଣ ବେଳେ ମାସ୍କଟର ପରିଚୟ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ବାର୍ତ୍ତା ଥିଲା 'ଭାରତ ଏକ'।


ଉଦ୍‌ଘାଟନୀ ଉତ୍ସବର ଝଲକ।

# ଫାଇନାଲରେ ନିମାପଡ଼ା


ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ରାଜ୍ୟସ୍ତରୀୟ କ୍ରିକେଟ**

ନିମାପଡ଼ା, ୧୦ା୧(ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ୧୧ତମ ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତାରେ ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ଫାଇନାଲକୁ ଉନ୍ନୀତ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ୨୩.୫ ଓଭରରେ ମାତ୍ର ୮୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମନିତେଶ କୁମାର ସର୍ବାଧିକ ୧୯, ନରେନ୍ଦ୍ର ଦାସ ୧୨ରନ କରିଥିଲେ। ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ସନ୍ତୋଷ ସେଠୀ ଓ ସତ୍ୟଜିତ ସାବତ ପ୍ରତ୍ୟେକ ୩ଟି ଲେଖାଏଁ ଏବଂ ସନ୍ତୋଷ ରାଉତ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୮୫ ରନର ବିଜୟ ଲକ୍ଷ୍ୟକୁ ଏସ୍.ପି ଫାଉଣ୍ଡେଶନ ୧୧.୩ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ଡି.ଏସ୍ ମହାନ୍ତି ସର୍ବାଧିକ ୩୬ ରନ କରିଥିବାବେଳେ ପିଣ୍ଟୁ ଶର୍ମା ୧୮ରନ କରିଥିଲେ। ରାମେଶ୍ୱର ଦଳ ପକ୍ଷରୁ ରାକେଶ ଶର୍ମା ଓ ଲାଲୁ ମହାନ୍ତି ପ୍ରତ୍ୟେକେ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ଏସପି ଫାଉଣ୍ଡେଶନ ଦଳର ସତ୍ୟଜିତ୍ ସାବତ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଡି.ଏସ୍ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଶୁକ୍ରବାର ମ୍ୟାଚରେ ଅତିଥିଭାବେ ସୋମନାଥ ଏଣ୍ଟରପ୍ରାଇଜର୍ସର ମାତୃକା ପ୍ରସାଦ ମିଶ୍ର, କାକଟପୁର ମଙ୍ଗଳା କ୍ଲବର ଉପସଭାପତି ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଶନିବାର ଆୟୋଜିତ ପ୍ରଦର୍ଶନୀ ମ୍ୟାଚରେ ଭୁବନେଶ୍ୱରର ଓସ୍କାର ସ୍ପୋର୍ଟିଂ ନିମାପଡ଼ା ଟାଉନ କ୍ଲବକୁ ଭେଟିବ। ରବିବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର କ୍ରାଉନ ସ୍ପୋର୍ଟିଂ ଏବଂ ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ମଧ୍ୟରେ ହେବ।

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର,୧୦ା୧(ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଦମ୍‌ଦାର ଆରମ୍ଭ କରିଛି। ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ଓଡ଼ିଶା ଶନିବାର ଶକ୍ତିଶାଳୀ ମୁମ୍ବାଇ ଏଫ୍‌ସିକୁ ଭେଟିବ। ମୁମ୍ବାଇକୁ ହରାଇ ଓଡ଼ିଶା କ୍ରମାଗତ ୩ଟି ବିଜୟ ହାସଲ କରିବା ସହ ହ୍ୟାଟ୍ରିକ୍ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ବିଜୟୀ ହେବା ସହ ଓଡ଼ିଶା ମୁମ୍ବାଇକୁ ହଟାଇ ଶ୍ରେଷ୍ଠ ୪ ବା ପ୍ଲେ ଅଫ୍‌ରେ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛି।

କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଜାମସେଦପୁରକୁ ୨–୧ ଗୋଲରେ ହରାଇବା ପରେ ଚେନ୍ନାଇନ୍‌କୁ ୨–୦ ଗୋଲରେ ପରାସ୍ତ କରିଥିଲା। ଏହାପୂର୍ବରୁ ଓଡ଼ିଶା ପୁଣେକୁ ତା'ର ହୋମ୍ ଗ୍ରାଉଣ୍ଡ ରୂପେ ବ୍ୟବହାର କରିଥିଲା ଓ ଏଠାରେ କେତୋଟି ମ୍ୟାଚ୍ ଖେଳିଥିଲା। ହେଡ୍ କୋଚ୍ ଜୋଶେପ୍ ଗାମ୍ବାଉଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ ଓ ସମାନ ସଂଖ୍ୟକ ପରାଜୟ ସହ ୩ଟି ମ୍ୟାଚ୍ ଡ୍ର ରଖି ମୋଟ୍ ୧୫ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନରେ ରହିଛି।

ଅପରପକ୍ଷରେ ମୁମ୍ବାଇ ସିଟି ସମାନ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ଓଡ଼ିଶା ଉପରକୁ ଗୋଟିଏ ସ୍ଥାନ ଉପରେ ରହି ଚତୁର୍ଥ ସ୍ଥାନରେ ରହିଛି। ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ୍ ଜିତି ବିଜୟ ଅବ୍ୟାହତ ରଖିଥିବା ବେଳେ ଗତ ମ୍ୟାଚ୍‌ରେ ଏଟିକେଠାରୁ ପରାସ୍ତ ହୋଇଥିଲା। ଗତ ୭ଟି ମ୍ୟାଚ୍‌ରେ ମୁମ୍ବାଇ ଗୋଟିଏ ମାତ୍ର ମ୍ୟାଚ୍‌ରେ ପରାସ୍ତ ହୋଇ ଟପ୍ ଫର୍ମରେ ରହିଛି।

ଗତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଓଡ଼ିଶାର ପ୍ରଦର୍ଶନରେ ସ୍ଥିରତା ଆସିନାହିଁ ଓ ଦଳ ଏପର୍ଯ୍ୟନ୍ତ ଲୟ ହାସଲ କରିପାରିନାହିଁ। ତେବେ ଦଳର ପ୍ରଦର୍ଶନ ମଧ୍ୟ ସେତେ ଖରାପ ହୋଇନାହିଁ। ବେଳେବେଳେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଛି। ଓଡ଼ିଶା କେତେ ସମୟରେ ଆକର୍ଷଣୀୟ ଫୁଟବଲ ଖେଳିବାରେ ସକ୍ଷମ ହୋଇଛି। ସ୍ପାନିସ୍ ଷ୍ଟ୍ରାଇକର ଆଡ୍ରିଆନ ସାଣ୍ଟାନ ଡବଲ୍ ଗୋଲ ବଳରେ ଓଡ଼ିଶା ପୂର୍ବରୁ ମୁମ୍ବାଇକୁ ଆୱେ ମ୍ୟାଚ୍ ୪–୨ ଗୋଲରେ ପରାସ୍ତ ହୋଇଥିଲା।

### ଘରୋଇ ଦର୍ଶକଙ୍କ ସମର୍ଥନ ଉତ୍ସାହିତ କରିବ: ଗୋମ୍ବାଓ

ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି ଓ ଏମାନଙ୍କ ସମର୍ଥନ ଓଡ଼ିଶା ଖେଳାଳିଙ୍କୁ ଆହୁରି ଭଲ ଖେଳିବାକୁ ପ୍ରେରଣା ଦେବ ବୋଲି କୋଚ୍ ଗୋମ୍ବାଓ କହିଛନ୍ତି। ଏହି ମ୍ୟାଚ୍ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଜୟୀ ହେଲେ ଆମେ ଶ୍ରେଷ୍ଠ ୪ରେ ସ୍ଥାନ ପାଇବୁ । ଏହି ମ୍ୟାଚ୍ ଖେଳାଯିବା ପରେ ଲିଗ୍ ଦୁଇ ତୃତୀୟାଂଶ ମ୍ୟାଚ୍ ଶେଷ ହେବ। ଆମେ କଠିନ ପରିଶ୍ରମ କରୁଛୁ ଓ ବିଜୟୀ ହେବା ପାଇଁ ଆମ ପାଖରେ ଆତ୍ମ ବିଶ୍ୱାସ ରହିଛି। ଖେଳାଳିମାନେ ସଫଳତା ପାଇଁ ବ୍ୟଗ୍ର ଅଛନ୍ତି। ଆମେ ଭଲ ପ୍ରଦର୍ଶନ କରି ପାରିବୁ ବୋଲି ସେ କହିଛନ୍ତି। ଦୀର୍ଘଦିନ ଧରି ଆମେ ଘରୋଇ ପରିବେଶରେ ଖେଳି ନ ଥିଲୁ। ବାହାରେ ଆମେ ୧୦ଟି ମ୍ୟାଚ୍ ଖେଳିବା ପରେ ଭୁବନେଶ୍ୱର ଆସିଥିଲୁ। ଏଠାରେ ଆମକୁ ବହୁତ ସମର୍ଥନ ମିଳିଛି ଓ ଏହା ଚମତ୍କାର।

### ଓଡ଼ିଶା ଦଳରେ କ୍ୱାଲିଟି ଖେଳାଳି ରହିଛନ୍ତି: ମାର୍କୋ

ମୁମ୍ବାଇ ଆସିଷ୍ଟାଣ୍ଟ କୋଚ୍ ମାର୍କୋ ଲେଇଟ୍ ମଧ୍ୟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ପ୍ରତିପକ୍ଷ ଦଳ କଥା ଅଧିକ ଚିନ୍ତା ନ କରି ନିଜ ଖେଳ କିପରି ଭଲ ହେବ ସେ ନେଇ ଫୋକସ କରୁଛୁ। ଶ୍ରେଷ୍ଠ–୪ ରେ ସ୍ଥାନ ବଜାୟ ରଖିବା ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ଓ ଆମେ ବିଜୟ ନେଇ ବେଶ୍ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି। ଓଡ଼ିଶା ଏକ ଭଲ ଦଳ। ବହୁତ ସରଳ ଭାବେ ଓଡ଼ିଶା ଖେଳାଳିମାନେ ସାଧାରଣ ଜିନିଷକୁ କାର୍ଯ୍ୟକାରୀ କରୁଛନ୍ତି। ଏହି ଦଳ ପାଖରେ ମ୍ୟାଚ ୱିନର ରହିଛନ୍ତି। ଏହି ଦଳରେ ଉଭୟ ଭଲ ବିଦେଶୀ ଓ ଭାରତୀୟ ଖେଳାଳି ରହିଛନ୍ତି। ସେହିପରି ଆମ ପାଖରେ ମଧ୍ୟ କ୍ୱାଲିଟି ଖେଳାଳି ରହିଛନ୍ତି। ପ୍ରତିପକ୍ଷର କୌଣସି ଖେଳାଳିଙ୍କୁ ନେଇ ଆମେ ଚିନ୍ତିତ ନୋହୁଁ କିନ୍ତୁ ପୂରା ଦଳକୁ ନେଇ ଆମେ ରଣନୀତି ପ୍ରସ୍ତୁତ କରିଛୁ ବୋଲି ମାର୍କୋ କହିଛନ୍ତି।


କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଦଳ।

# ଓଡ଼ିଶା–ଆନ୍ଧ୍ର କ୍ୱାର୍ଟର ମୁକାବିଲା

**ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୧୦ା୧(କ୍ରୀଡ଼ା ପ୍ରତିନିଧି)

ଗତଥରର ଚାମ୍ପିୟନ ଓଡ଼ିଶା ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନଗେଶ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ଆୟୋଜକ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଏହା ଗତ ସଂସ୍କରଣ ଫାଇନାଲର ରିମ୍ୟାଚ ସଦୃଶ ହେବ। ଗତବର୍ଷ କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧୨ ରନରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଚଳିତ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଉତ୍ତର ପ୍ରଦେଶ, ହରିୟାଣା, ଦିଲ୍ଲୀ ଓ ଗୋଆକୁ ହରାଇଥିବାବେଳେ କର୍ଣାଟକ ନିକଟରୁ ହାରି ପୁଲ୍–ଏରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ବୋଲି କୋଚ୍ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୧, ୨୦୨୦



ଭାରତ ବିପକ୍ଷ ଆସନ୍ତା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ସ୍ପିନରମାନଙ୍କର ବିଶେଷ ଭୂମିକା ରହିବ ।

–ପ୍ୟାଟ୍ କମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର



କୋଚ୍ ଅଲବର୍ଟୋ ସାଲାଜାର ଡୋପିଂ ସମ୍ପୃକ୍ତ ଥିବା ବିଷୟ ଯଦି ମୁଁ ଜାଣିଥାନ୍ତି ତେବେ ତୁରନ୍ତ ତାଙ୍କ କ୍ୟାମ୍ପ ପରିତ୍ୟାଗ କରିଥାନ୍ତି ।

–ମୋ ଫାରା, ବ୍ରିଟିଶ ଆଥଲେଟ



## ସଂକ୍ଷେପରେ

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ହକି ରାଜୀନ ଅମ୍ପାୟର



ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି): ଆସାମର ଗୁଆହାଟୀଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୧୭ ଓ ୨୧ ବର୍ଷରୁ କମ୍ ବାଳକ ହକି ପାଇଁ ଓଡ଼ିଶାର ରାଜୀନ ଏକ୍କା ଅମ୍ପାୟର ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ହକି ମ୍ୟାଚଗୁଡ଼ିକ ଚଳିତମାସ ୧୩ରୁ ୨୧ ପର୍ଯ୍ୟନ୍ତ ଗୁଆହାଟୀର ମୌଲାନା ମହମ୍ମଦ ତୟାବୁଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମ୍ୟାଚର ୨ ଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ରିପୋର୍ଟ କରିବାକୁ ହକି ଇଣ୍ଡିଆ ପକ୍ଷରୁ ରାଜୀନଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

### ବୋପାନ୍ନା-କୁଲହଫ୍ ଫାଇନାଲରେ

ଦୋହା, ୧୦।୧ (ପି.ଟି.)- ଭାରତର ରୋହନ ବୋପାନ୍ନା ଏବଂ ନେଦରଲାଣ୍ଡର ୱେସ୍ଲି କୁଲ୍ହଫ୍ ଏଠାରେ ଚାଲିଥିବା ୧,୪୬୫,୨୬୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କାତାର ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡ଼ି ୭-୫, ୬-୨ ସେଟ୍‌ରେ ଫିନ୍‌ଲାଣ୍ଡ-କ୍ରୋଏସିଆ ଯୋଡ଼ି ହେନ୍‌ରୀ କୋଣ୍ଟେନେନ୍ ଏବଂ ଫ୍ରାଙ୍କୋ ସ୍କୁଗୋର୍‌ଙ୍କୁ ହରାଇ ଦେଇଛନ୍ତି। ଇଣ୍ଡୋ-ଡଚ୍ ଯୋଡ଼ି ଶନିବାର ଫାଇନାଲ ମୁକାବିଲାରେ ବ୍ରିଟିଶ-ମେକ୍ସିକାନ ଯୋଡ଼ି ଲ୍ୟୁକ୍ ବାମ୍ବ୍ରିଜ୍ ଓ ସାଣ୍ଟିଆଗୋ ଗୋଞ୍ଜାଲେଜ୍‌ଙ୍କୁ ଭେଟିବେ। ବାମ୍ବ୍ରିଜ ଓ ଗୋଞ୍ଜାଲେଜ୍ ଅନ୍ୟ ସେମିଫାଇନାଲରେ ଡେନମାର୍କର ଫ୍ରେଡ୍ରିକ୍ ନିଲ୍‌ସେନ ଓ ଜର୍ମାନୀର ଟିମ୍ ପ୍ୟୁଜ୍‌ଙ୍କୁ ୨-୬, ୬-୨, ୧୦-୪ ସେଟ୍‌ରେ ପରାସ୍ତ କରିଛନ୍ତି।

# ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ: ପୂର୍ବାଞ୍ଚଳ ଚାମ୍ପିୟନ

ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)



ଚାମ୍ପିୟନ ପୂର୍ବାଞ୍ଚଳ ଦଳର ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଇଣ୍ଡିଆନ ମାଉଣ୍ଟେନରିଂ ଫେଡେରେଶନ(ଆଇଏମଏଫ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍‌ର ୨୫ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଏହି ରୌପ୍ୟ ଜୟନ୍ତୀ ସଂସ୍କରଣରେ ପୂର୍ବାଞ୍ଚଳ ମୋଟ ପଏଣ୍ଟ ସହିତ ଚାମ୍ପିୟନ ହୋଇଛି। ଦକ୍ଷିଣାଞ୍ଚଳ ୨୫ ପଏଣ୍ଟ ସହିତ ଦ୍ୱିତୀୟ ଓ ପଶ୍ଚିମାଞ୍ଚଳ ୨୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ପୂର୍ବାଞ୍ଚଳ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ସହିତ ମୋଟ ୧୫ଟି ପଦକ ପାଇ ଶୀର୍ଷରେ ରହିଛି। ଦକ୍ଷିଣାଞ୍ଚଳ ୪ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ବ୍ରୋଞ୍ଜ ସହ ୧୩ଟି ଏବଂ ପଶ୍ଚିମାଞ୍ଚଳ ୪ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହିତ ୧୨ଟି ପଦକ ପାଇ ପ୍ରତିଯୋଗିତା ଶେଷ କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଉତ୍ତରାଞ୍ଚଳ ୩ ସ୍ୱର୍ଣ୍ଣ, ୪ ରୌପ୍ୟ, ୩ ବ୍ରୋଞ୍ଜ, ଉତ୍ତର ପୂର୍ବାଞ୍ଚଳ ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ଏବଂ ସର୍ଭିସେସ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିବାବେଳେ ପୋଲିସ ଫୋର୍ସ ଦଳ ପଦକଶୂନ୍ୟ ରହିଛି। ଉତ୍ତରାଞ୍ଚଳ ୨୦, ଉତ୍ତର ପୂର୍ବାଞ୍ଚଳ ୪ ଓ ସର୍ଭିସେସ ୩ ପଏଣ୍ଟ ପାଇଛି। ଏସିଆନ ଗୋଲ୍ଡ ମେଡାଲିଷ୍ଟ ଶିବାନୀ ପନ୍ନୁଙ୍କ ସମେତ ଦେଶର ବିଭିନ୍ନ ଭାଗରୁ ପ୍ରତିଯୋଗୀମାନେ ଏହି ୫ ଦିନବିଶିଷ୍ଟ ପ୍ରତିଯୋଗିତାରେ ୩ଟି ବିଭାଗ ଲିଡ୍, ସ୍ପିଡ୍ ଓ ବୋଲ୍‌ଡରିଂରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନିଶା ବର୍ମା ୧୦.୪୧ ସେକେଣ୍ଡ ସମୟ ନେଇ ନୂଆ ସ୍ପିଡ୍ ରେକର୍ଡର ଅଧିକାରିଣୀ ହୋଇଥିଲେ।

**ବିବାଦଘେରରେ ଆରମ୍ଭରୁ ଶେଷ**

ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସଫଳତାର ସହ ଶେଷ ହୋଇଛି ଏବଂ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଭାରତର ଅଲିମ୍ପିକ୍ ପୋଡିୟମ ଫିନିଶ୍ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛି ବୋଲି ଆଇଏମ୍‌ଏଫ ପକ୍ଷରୁ ପ୍ରକାଶ କରାଯାଇଛି। ମାତ୍ର ପ୍ରତିଯୋଗିତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ବିବାଦଘେରରେ ରହିଛି। ପୂର୍ବାଞ୍ଚଳ ଦଳ ଚୟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ଆଣିଥିଲେ ଓଡ଼ିଶାର ଜାତୀୟସ୍ତରର ସ୍ପୋର୍ଟ୍ସ କ୍ଲାଇମ୍ବର ମନୋଜ କୁମାର ଡାକୁଆ। ଚୟନ ପ୍ରକ୍ରିୟା କରା ନ ଯାଇ ବ୍ରିଗେଡିୟର ଏମ୍.ପି. ଯାଦବ ପୂର୍ବାଞ୍ଚଳ ଦଳ ମନୋନୟନ କରିବା ଏବଂ ରାଜ୍ୟର ପ୍ରତିଷ୍ଠିତ ଖେଳାଳିଙ୍କୁ ଅଣଦେଖା କରାଯିବା ଆମକୁ ବିସ୍ମିତ କରିଛି ବୋଲି ମନୋଜ ଦର୍ଶାଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ଦ୍ୱିତୀୟ ଦିବସରେ ୱାଲ୍‌ରୁ ଖସିପଡ଼ି କୋଲକାତାର ଅନୁସ ଖାନ୍ନା ନାମକ ଜଣେ ବାଳିକାଙ୍କ ହାତ ଭାଙ୍ଗିଥିଲା। ଅନ୍ତିମ ଦିବସରେ ଯାଦବଙ୍କ ନାମରେ ସାନି ଅଭିଯୋଗ ଆଣିଛନ୍ତି ଚିନ୍ମୟ ମହାରଣା। ଚିନ୍ମୟଙ୍କ କହିବା ଅନୁସାରେ ମୁଁ କୋର୍ସ କରିବାପରେ କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ବିଲେୟର କାର୍ଯ୍ୟ କରିଆସୁଥିଲି। ତେଣୁ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ମୋତେ ସହକାରୀ ବିଲେୟର ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉ ବୋଲି ଯାଦବଙ୍କୁ ଅନୁରୋଧ କରିଥିଲି। ସେ ସମ୍ମତି ଜଣାଇଥିଲେ ହେଁ ପ୍ରକୃତରେ ତାହା କରା ନ ଯାଇ ମୋ ପ୍ରତି ଦୁର୍ବ୍ୟବହାର କରାଯାଇଛି ବୋଲି କ୍ଷୋଭର ସହ ଚିନ୍ମୟ ପ୍ରକାଶ କରିଛନ୍ତି।

### ପିବିଏଲ୍‌ର ଅନ୍ତିମ ଲେଗ୍ ହାଇଦ୍ରାବାଦକୁ ସ୍ଥାନାନ୍ତର

ବେଙ୍ଗାଲୁରୁ, ୧୦।୧(ପି.ଟି.)

ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ (ପିବିଏଲ୍)ର ଅନ୍ତିମ ଲେଗର ମ୍ୟାଚ୍‌ଗୁଡିକ ବେଙ୍ଗାଲୁରୁରୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଛି। ମ୍ୟାଚ୍ ଖେଳାଯିବା ପାଇଁ ଭେନ୍ୟୁ ଉପଲବ୍ଧ ନ ହେବାକୁ ବେଙ୍ଗାଲୁରୁ ରାପ୍ଟର୍ସ ଦ୍ୱିତୀୟ ଲେଗ୍‌ର ମ୍ୟାଚ୍‌ଗୁଡିକୁ ଆୟୋଜନ କରିବା ନେଇ ଅକ୍ଷମତା ପ୍ରକାଶ କରିଛି। ଫଳରେ ଏହାକୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

ପିବିଏଲ୍‌ର ୨୦୨୦ ସଂସ୍କରଣରେ ୨୪ଟି ଟାଇ ବା ମ୍ୟାଚ୍ ଖେଳାଯିବ। ଆସନ୍ତା ୨୦ ତାରିଖରୁ ଏହି ମ୍ୟାଚ୍‌ଗୁଡିକ ବିଭିନ୍ନ ସହରରେ ଆୟୋଜନ ହେବ। ଫେବୃୟାରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଲିଗ୍‌ର ଅନ୍ତିମ ଲେଗ ପୂର୍ବରୁ ବେଙ୍ଗାଲୁରୁରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ ହୋଇପାରିବ ନାହିଁ ବୋଲି ଟୁଇଟ୍ ବେଙ୍ଗାଲୁରୁ ରାପ୍ଟର୍ସ ସ୍ପଷ୍ଟ କରିଥିଲା। ଏବେ ଏହି ମ୍ୟାଚ୍‌ଗୁଡିକ ହାଇଦ୍ରାବାଦ୍‌ରେ ଖେଳାଯିବ।

## ଦିବ୍ୟାଂଶଙ୍କ ସ୍ଥାନରେ ସିଦ୍ଧେଶ

ନୂଆଦିଲ୍ଲୀ, ୧୦।୧(ପି.ଟି.)

ଆଘାତପ୍ରାପ୍ତ ହୋଇଥିବାରୁ ଭାରତର ୧୯ ବର୍ଷରୁ କମ୍ ଅଲରାଉଣ୍ଡର ଦିବ୍ୟାଂଶ ଯୋଶୀ ଆସନ୍ତା ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। ଦକ୍ଷିଣ ଆଫ୍ରିକାରେ ଦ୍ୱିପାକ୍ଷିକ ଦିନିକିଆ କ୍ରିକେଟ ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚରେ ସେ ଆହତ ହୋଇଛନ୍ତି। ଫିଲ୍ଡିଂ କରୁଥିବାବେଳେ ତାଙ୍କ ଡାହାଣ ହାତ ଖଣ୍ଡା ଖସିଯାଇଛି। ଅଲ୍‌ଇଣ୍ଡିଆ ଜୁନିୟର ସିଲେକ୍ସନ କମିଟି ଦିବ୍ୟାଂଶଙ୍କ ସ୍ଥାନରେ ମହାରାଷ୍ଟ୍ରର ସିଦ୍ଧେଶ ବୀର୍‌ଙ୍କୁ ଦଳରେ ସାମିଲ କରିଛି।

**୧୯ବର୍ଷରୁ କମ୍ କ୍ରିକେଟ**

**୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ:** ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ତିଳକ ବର୍ମା, ଦିବ୍ୟାଂଶ ସାକ୍‌ସେନା, ଧ୍ରୁବ ଚାନ୍ଦ ଜୁରେଲ୍ (ଉପଅଧିନାୟକ ଏବଂ ଉଇକେଟକିପର), ଶାଶ୍ୱତ ରାୱତ, ସିଦ୍ଧେଶ ବୀର୍, ସୁଭାଙ୍ଗ୍ ହେଗ୍‌ଡେ, ରବି ବିସ୍ନୋଇ, ଆକାଶ ସିଂ, କାର୍ତ୍ତିକ ତ୍ୟାଗୀ, ଅଥର୍ବ ଆଙ୍କୋଲେକର, କୁମାର କୁଶାଗ୍ରା (ଉଇକେଟକିପର), ସୁଶାନ୍ତ ମିଶ୍ର, ବିଦ୍ୟାଧର ପାଟିଲ।

## ଚାମ୍ପିୟନ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଯୋଗୀମାନେ।

**ଜାତୀୟ ହୋସ୍‌ଲା-୨୦୧୯**

ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)

ଦେଶର ବିଭିନ୍ନ ଶିଶୁଯତ୍ନ ଗୃହ ମାନଙ୍କରେ ରହୁଥିବା ପିଲାମାନଙ୍କୁ ନେଇ ଗତ ଡିସେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ହୋସ୍‌ଲା-୨୦୧୯ରେ ଓଡ଼ିଶା ଚାମ୍ପିୟନ ହୋଇଛି। ଓଡ଼ିଶା ପ୍ରତିଯୋଗୀମାନେ ମୋଟ ୩୦(୧୪ ସ୍ୱର୍ଣ୍ଣ, ୧୨ ରୌପ୍ୟ, ୪ ବ୍ରୋଞ୍ଜ) ପଦକ ହାସଲ କରିଛନ୍ତି। ଜାତୀୟସ୍ତରରେ ଓଡ଼ିଶା ପିଲାମାନଙ୍କର ଏହି ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ହୋସ୍‌ଲା-୨୦୧୯ରେ ସର୍ବାଧିକ ପଦକ ଜିତିଥିବା ରଞ୍ଜିତା ପାତ୍ରଙ୍କୁ ୧,୫୦,୦୦୦, ନନ୍ଦିତା ନାୟକଙ୍କୁ ୧,୨୦,୦୦୦, ଅର୍ଚ୍ଚିତା ଗୁପ୍ତାଙ୍କୁ ୯୫,୦୦୦, ପ୍ରସାଦ ଗମାଙ୍ଗଙ୍କୁ ୮୫,୦୦୦ ଏବଂ ବିରାମ ହେମ୍ବ୍ରମଙ୍କୁ ୭୫,୦୦୦ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ, ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଶ୍ରେଷ୍ଠ ଆଥଲେଟ୍ ପାଇଁ ରାଣୀଙ୍କ ନାମ ସୁପାରିସ

ନୂଆଦିଲ୍ଲୀ, ୧୦।୧(ପି.ଟି.)

ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମ୍‌ପାଲଙ୍କ ନାମ ଚଳିତବର୍ଷ ବିଶ୍ୱ କ୍ରୀଡ଼ାର ଶ୍ରେଷ୍ଠ ଆଥ୍‌ଲେଟ ପୁରସ୍କାର ପାଇଁ ହକିର ପରିଚାଳକ ସଂସ୍ଥା ଏଫ୍‌ଆଇଏଚ୍ ସୁପାରିସ କରିଛି। ବିଭିନ୍ନ କ୍ରୀଡ଼ାରୁ ମୋଟ ୨୫ ଆଥ୍‌ଲେଟଙ୍କ ନାମ ସୁପାରିସ କରାଯାଇଛି। ଚଳିତବର୍ଷ ଜବରଦସ୍ତ ପ୍ରଦର୍ଶନ ଓ ନେତୃତ୍ୱ ଦକ୍ଷତା ଯୋଗୁ ରାଣୀଙ୍କ ନାମ ଏଫ୍‌ଆଇଏଚ୍ ସୁପାରିସ କରିଥିବା ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୱାର୍ଲ୍ଡ ଗେମ୍ସ ଆଥ୍‌ଲେଟ୍ ଅଫ୍ ଦ ଇୟର ପାଇଁ ରାଣୀଙ୍କ ନାମ ସୁପାରିସ ହୋଇଥିବାରୁ ଆମେ ବହୁତ ଖୁସି। ଦେଶରେ ମହିଳା ହକି ଖେଳାଳିଙ୍କ ପାଇଁ ସେ ପ୍ରେରଣାର ଉତ୍ସ। କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆମେ ହକି ଫ୍ୟାନଙ୍କୁ ରାଣୀଙ୍କୁ ଭୋଟ ଓ ସମର୍ଥନ କରିବା ପାଇଁ ନିବେଦନ କରୁଛୁ ବୋଲି ଏଚ୍‌ଆଇ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ପୁରସ୍କାର ବିଜେତାଙ୍କ ନାମ ଜାନୁୟାରୀ ୩୦ ତାରିଖରେ ଅନଲାଇନ୍ ଭୋଟିଂ ଦ୍ୱାରା ନିର୍ଣ୍ଣୟ କରାଯିବ। କ୍ରମାଗତ ଦ୍ୱିତୀୟ ଥର ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ରାଣୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆର୍କେବାଟିକ ଜିମ୍ନାଷ୍ଟିକ୍ସ ଦମ୍ପତି ମାରିଆ ଚେର୍ନୋଭା ଓ ଗ୍ରେଓର୍ଗି ପାଟାରିଆ (ରୁଷିଆ) ପୁରସ୍କାର ଜିତିଥିଲେ। ସେମାନଙ୍କୁ ୧,୫୯୩୪୮ ଭୋଟ ମିଳିଥିଲା। ଦ୍ୱିତୀୟ ସ୍ଥାନରେ ରହିଥିଲେ ଆମେରିକାର ପାୱାରଲିଫ୍ଟର ଜେନିଫର ଥମସନ (୧,୫୨୮୬୫)।

# ଇଣ୍ଡିଆ 'ସି' ଚାମ୍ପିୟନ

କଟକ ଅଫିସ,୧୦।୧

**ମହିଳା ଟି୨୦ ଚ୍ୟାଲେଞ୍ଜର**

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ-ସି ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଇଣ୍ଡିଆ-ବି ଦଳକୁ ଫାଇନାଲରେ ୮ ଉଇକେଟରେ ହରାଇ ଇଣ୍ଡିଆ-ସି ଏହି ଟାଇଟଲ ଜିତିଛି। ସି ଦଳର ଓପନର ତଥା ହରିୟାଣାର ୧୬ବର୍ଷୀୟ ପ୍ରତିଭାବାନ ଖେଳାଳି ଶେଫାଳି ବର୍ମା ୮୯ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

ଫାଇନାଲ ମୁକାବିଲାରେ ଉଭୟ ଦଳରେ ଓଡ଼ିଆ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ଇଣ୍ଡିଆ-ବି ଦଳ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ସି ଦଳ ପକ୍ଷରୁ ମାଧୁରୀ ମେହେଟାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଅଧିନାୟିକା ସ୍ମୃତି ୩ ରନରେ ଆଉଟ ହେବାସହ ଦଳ ୬୪ ରନରେ ୫ଟି ଉଇକେଟ ହରାଇଥିଲା। ଅଲରାଉଣ୍ଡର ପୂଜା ବସ୍ତ୍ରକାରଙ୍କ ଧୂଆଁଧାର ବ୍ୟାଟିଂ କରି ୨୨ ବଲରୁ ୩ଟି ଲେଖାଏ ଚୌକା ଓ ଛକା ବଳରେ ୪୩ରନ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଭେଲାସ୍ୱାମୀ ଭନିଥା ୨୫ରନ କରିଥିଲେ। ଇଣ୍ଡିଆ-ବି ୬ ଉଇକେଟ ହରାଇ ୧୩୧ରନ କରିଥିଲା। ସୁଶ୍ରୀଙ୍କୁ ବ୍ୟାଟିଂ ସୁଯୋଗ ମିଳି ନ ଥିଲା। ଇଣ୍ଡିଆ-ସି ପକ୍ଷରୁ ମନାଲି ଦକ୍ଷିଣୀ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରାଜେଶ୍ୱରୀ ଗାଏକ୍ୱାଡ ଓ ଦୟଲାନ ହେମଲତା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୨ ରନର ବିଜୟ ଲକ୍ଷ୍ୟକୁ ଇଣ୍ଡିଆ-ସି ୧୫.୨ ଓଭରରେ ୨ ଉଇକେଟ ହରାଇ ହାସଲ କରିଥିଲା। ଓପନର ତଥା ଓଡ଼ିଆ ଖେଳାଳି ମାଧୁରୀ ଓ ଶେଫାଳି ପ୍ରଥମ ଉଇକେଟ ଭାଗୀଦାରିରେ ୭୭ରନ ସଂଗ୍ରହ କରିଥିଲେ। ୩ଟି ଚୌକା ବଳରେ ୨୦ରନ କରିଥିବାବେଳେ ମାଧୁରୀ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ଅଧିନାୟିକା ବେଦ କ୍ରୀଷ୍ଣାମୂର୍ତ୍ତି ୧୫ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଆରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିବା ଶେଫାଳି(୮୯ରନ) ଓ ଦୟଲାନ ହେମଲତା(୬ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ। ଶେଫାଳିଙ୍କ ଇନିଂସରେ ୧୫ ଚୌକା ଓ ୨ଟି ଛକା ସାମିଲ ଥିଲା। ଇଣ୍ଡିଆ-ବି ପକ୍ଷରୁ ଶିଖା ପାଣ୍ଡେ ଏକମାତ୍ର ଉଇକେଟ ହାସଲ କରିଥିଲେ। ଇଣ୍ଡିଆ-ବି ଅଧିନାୟିକା ସ୍ମୃତି ସେଫାଳିଙ୍କ ବ୍ୟାଟିଂକୁ ପ୍ରଶଂସା କରିବା ସହ ତାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ 'ସି' ଦଳ ଚାମ୍ପିୟନ ହୋଇଥିଲା ବୋଲି କହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


ଚାମ୍ପିୟନ ଇଣ୍ଡିଆ 'ସି' ଦଳର ଖେଳାଳିମାନେ ଟ୍ରଫି ସହ।

### ତମାଣ୍ଡୋ କପ୍ ଫୁଟବଲ: ସଂଘର୍ଷ କ୍ଲବ ସେମିରେ

ଭୁବନେଶ୍ୱର,୧୦।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ୨୬ତମ ତମାଣ୍ଡୋ କପ୍ ଫୁଟବଲ ଟୁର୍ନାମେଣ୍ଟରେ ସଂଘର୍ଷ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସଂଘର୍ଷ ୧-୦ ଗୋଲରେ ଯାଜଦାନୀ କ୍ଲବ ୭୩କୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିକୁ ଉଠିଛି। ମ୍ୟାଚ୍‌ର ୬୩ତମ ମିନିଟରେ ସଂଘର୍ଷ ତରଫରୁ ରାଜେଶ ନାଏକ ଏକମାତ୍ର ଗୋଲ ଦେଇ ଦଳକୁ ଜିତାଇଥିଲେ। ଶିବ ପ୍ରସାଦ ଦାସ, ପ୍ରିୟବ୍ରତ ବାହିନୀପତି, ଚନ୍ଦ୍ରକାନ୍ତ ବାରିକ, ଲକ୍ଷ୍ମୀ ପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଖଦି ଓ ଗ୍ରାମୋଦ୍ୟୋଗ ନିଗମ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଓ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଦୀପ କୁମାର ବଳିୟାରସିଂ ରାଜେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଫୁଲବାଣୀ ଫୁଟବଲ କ୍ଲବ ଓ ଅନୁଗୋଳର ଏ.କେ. କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ସେରେନା, ଓଜନିଆକି ସେମିରେ

ଅକ୍‌ଲାଣ୍ଡ, ୧୦।୧ (ଏଏଫ୍‌ପି)- ସେରେନା ୱିଲିୟମ୍ସ ଓ କାରୋଲିନ୍ ଓଜନିଆକି ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଲାଉରା ସିଜମଣ୍ଡଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୨୩ ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୩ ବର୍ଷରେ ତାଙ୍କ ପ୍ରଥମ ଟାଇଟଲ ସନ୍ଧାନରେ ଅଛନ୍ତି। ଅନ୍ୟ ସେମିଫାଇନାଲଟି କାରୋଲିନ୍ ଓଜନିଆକି ଏବଂ ଜେସିକା ପେଗୁଲାଙ୍କ ମଧ୍ୟରେ ହେବ। ପୂର୍ବତନ ବିଶ୍ୱର ନମ୍ବର ୱାନ ଓଜନିଆକି ୬-୧, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଜୁଲିଆ ଜର୍ଜେସଙ୍କୁ ପରାସ୍ତ କରିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ରତ୍ନାମଣି ଜେନା
ମହୁଲ ଗଡିଆ, ବନ୍ତ, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୬୨
ତିରୋଧାନ: ୦୧।୦୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:
ସ୍ୱାମୀ: ଘଣ୍ଟେଶ୍ୱର, ସମୁଦି: ଦେବେନ୍ଦ୍ର କୁମାର ଜେନା (ବନ୍ତ ବ୍ଲକ ଅଧ୍ୟକ୍ଷ), ପୁତ୍ର-ପୁତ୍ରବଧୂ- ଡା. ନିରାକାର, ଇଂ. ଅଣାକାର, ରଶ୍ମିତା, ଜୟନ୍ତୀ ଓ ଇଂ. ଜନ୍ମେଜୟ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା, ନାତି-ନାତୁଣୀ- କାହ୍ନା, ଆଶୁ, ଖୁସି ଓ ସାଇନା।
ଧ-୧୬୧୨୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ସ୍ୱର୍ଣ୍ଣଲତା ସୁନ୍ଦରାୟ
ସ୍ୱାମୀ: ସ୍ୱର୍ଗତ ଜଗନ୍ନାଥ ସୁନ୍ଦରାୟ
ଗୁରୁଜଙ୍ଗ, ନନ୍ଦସାହି, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୦୧।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୪୬୨୭୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ସୁପ୍ରଭା ସ୍ୱାଇଁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ: ୨୮।୦୮।୧୯୪୦
ତିରୋଧାନ: ୦୨।୦୧।୨୦୧୮ (ପ୍ରତିପଦା)
ଆଜିକୁ ଠିକ୍ ଦୁଇବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତି ହୋଇରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣ ଯେଉଁଠିବି ଥାଆନ୍ତୁ ସୁଖ ଓ ଶାନ୍ତିରେ ଥାଆନ୍ତୁ। ତୁମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ: ନରେନ୍ଦ୍ର, ପୁତ୍ର: ଆଦିତ୍ୟ, ଆଲୋକ, ପୁତ୍ରବଧୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ବେଦ୍, ଅସୀମ, ନାତୁଣୀ: ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷୀ, ଅନନ୍ୟା ଓ ଆତ୍ମୀୟସ୍ୱଜନ।
ଧ-୧୬୧୩୩



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେହି ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଦଧିବାମନଙ୍କ ରାଜରାଜେଶ୍ୱର ବେଶ



**ନିଶ୍ଚିନ୍ତକୋଇଲି,୧୦।୧(ସ୍ୱ.ପ୍ର.):** ପବିତ୍ର ପୌଷ ପୂର୍ଣ୍ଣିମା ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମ ପଞ୍ଚାୟତ କୋଇଲୋ ପ୍ରସିଦ୍ଧ ଦଧିବାମନ ଜୀଉଙ୍କ ରାଜାରାଜେଶ୍ୱର ବେଶ ଦେଖିବା ନିମନ୍ତେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ମନ୍ଦିରରେ ଶ୍ରୋତୀୟ ବ୍ରାହ୍ମଣ, ପୂଜକ ଏବଂ ମନ୍ଦିର ପୁରୋହିତଙ୍କ ଦ୍ୱାରା ମଧ୍ୟାହ୍ନରେ ପୁଷ୍ପାଭିଷେକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ପ୍ରାୟ ୧କୁଇଣ୍ଟାଲ ଚାନ୍ଦି ଅଳଙ୍କାରରେ ପାରମ୍ପରିକ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀମନ୍ଦିର ରତ୍ନ ସିଂହାସନରେ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ଧ୍ୟା ଆଳତୀରେ ଚାନ୍ଦି ବେଶରେ ଦର୍ଶନ କରି କୃତାର୍ଥ ହୋଇଥିଲେ। ଏହି ଉତ୍ସବ ପାଳନ ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ଦୋକାନ ପୋଡ଼ି ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୦।୧(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମ ପଞ୍ଚାୟତ ରାମରାଙ୍ଗ ଗ୍ରାମରେ ଜଣେ ବ୍ୟବସାୟୀଙ୍କ ଦୋକାନକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ରାମରାଙ୍ଗ ଗ୍ରାମର ସନ୍ତୋଷ କାଣ୍ଡି ସ୍ଥାନୀୟ ବିଦ୍ୟାଳୟ ନିକଟରେ ଏକ କ୍ୟାବିନ ପକାଇ ବ୍ୟବସାୟ କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ କ୍ୟାବିନରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଦୋକାନରେ ଥିବା ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଏସମ୍ପର୍କରେ ସନ୍ତୋଷ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ପାରିବାରିକ କଳହକୁ କେନ୍ଦ୍ର କରି ଛୁରା ମାଡ଼: ଜଣେ ଗିରଫ

**ନିଶ୍ଚିନ୍ତକୋଇଲି,୧୦।୧(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ଛୁରା ମାଡ଼ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ସାଲେପୁର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨ଜଣ ଫେରାର ରହିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଖଣ୍ଡଗାଁର ଦେବେନ୍ଦ୍ର ମଲିକଙ୍କ ଘରକୁ ସେହି ଗ୍ରାମର ପ୍ରଭାତ ଭୋଇ ଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରତିହିଂସା ପରାୟଣ ହୋଇ ଦେବେନ୍ଦ୍ର, ତାଙ୍କ ପିତା ଓ ଭାଇ ମାରଣାସ୍ତ୍ର ସାହାଯ୍ୟରେ ପ୍ରଭାତଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଆହତ ପ୍ରଭାତଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଏସମ୍ପର୍କରେ ପ୍ରଭାତଙ୍କ ଅଭିଯୋଗକୁ ଭିତ୍ତି କରି ସାଲେପୁର ଥାନା ଏକ ମାମଲା(ନଂ-୧୨/୨୦)ରୁଜୁ କରିଛି।

### ବାଙ୍କୀ ମୁଖ୍ୟ ରାସ୍ତାରୁ ତୋରଣ ହଟାଇବା ପ୍ରସଙ୍ଗ

# ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

**ବାଙ୍କୀ,୧୦।୧(ସ୍ୱ.ପ୍ର.)**



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ଫୋରମ୍ ସଦସ୍ୟଙ୍କ ସହ ଆଲୋଚନା।

- ବୁଦ୍ଧିଜୀବୀ ଫୋରମ ସହ ପ୍ରଶାସନର ଆଲୋଚନା
- ଆସନ୍ତା ବର୍ଷ ଠାରୁ ତୋରଣ ନିର୍ମାଣ ପୂର୍ବରୁ ନିଆଯିବ ଅନୁମତି
- ମୁଖ୍ୟରାସ୍ତା ଅତିକ୍ରମ କରି ହୋଇପାରିବନି ତୋରଣ ନିର୍ମାଣ
- ଶିଶୁଆଠାରେ ନୂଆ ବସ୍ ଷ୍ଟାଣ୍ଡ ନିର୍ମାଣ ଉପରେ ଗୁରୁତ୍ୱ

ନବବର୍ଷର ଅଭିନନ୍ଦନ ଜଣାଇବା ନିମନ୍ତେ ବାଙ୍କୀ ସହରର ମୁଖ୍ୟ ରାସ୍ତାରେ ବିଭିନ୍ନ ଦଳ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ତୋରଣମାନ ଲାଗିଛି। ରାସ୍ତା ମଝିରେ ଏହିସବୁ ତୋରଣ ଯୋଗୁ ଯାନବାହନ ଓ ଜନସାଧାରଣଙ୍କ ଯାତାୟତରେ ବିଶେଷ ଭାବରେ ଅସୁବିଧା ପରିଲକ୍ଷିତ ହେଉଛି। ଏସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଙ୍କୀ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ୨୭।୧୨।୧୯ରେ ଏକ ସ୍ମାରକପତ୍ର ବାଙ୍କୀ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ତୁରନ୍ତ ଏହି ସବୁ ତୋରଣକୁ ଉଠାଇବା ପାଇଁ ଉପଜିଲାପାଳ ଅମୀୟ କୁମାର ସାହୁ ବାଙ୍କୀ ଏନ୍ଏସି ଓ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର କୌଣସି ଫଳ ମିଳି ନ ଥିଲା। ନବବର୍ଷ ଠାରୁ ଆଜକୁ ୧୦ଦିନ ବିତି ଯାଇଥିଲେ ମଧ ଟାଉନର ମୁଖ୍ୟ ରାସ୍ତାରୁ ଏପର୍ଯ୍ୟନ୍ତ ତୋରଣଗୁଡ଼ିକ ହଟାଯାଇ ନାହିଁ। ତେଣୁ ଶୁକ୍ରବାର ପୁର୍ନବାର ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତହସିଲଦାର ପଦ୍ମଚରଣ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ତୋରଣଗୁଡିକୁ ତୁରନ୍ତ ହଟାଇବା ନିମନ୍ତେ ବିଭିନ୍ନ ଦଳକୁ ନିର୍ଦ୍ଦେଶ ଦେବା ପାଇଁ ବାଙ୍କୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦିଆଯାଇଛି। ଆସନ୍ତା ବର୍ଷ ନବବର୍ଷ ପୂର୍ବରୁ ବିଭିନ୍ନ ଦଳର ପ୍ରତିନିଧି ଓ ବ୍ୟକ୍ତି ବିଶେଷଙ୍କ ଏକ ବୈଠକ ଡକାଯାଇ ନବବର୍ଷର ତୋରଣଗୁଡ଼ିକ ରାସ୍ତାପାର୍ଶ୍ୱରେ ଲଗାଇବା ସହ ରାସ୍ତାକୁ ଅତିକ୍ରମ ନ କରିବାକୁ କୁହାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏପରି କି ଏହି ତୋରଣ ନିର୍ମିତ ପାଇଁ ବାଙ୍କୀ ଏନ୍ଏସି ତଥା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣାଯିବା ପାଇଁ ବିଭିନ୍ନ ଦଳର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଛି।

ଏହା ସହିତ ବାଙ୍କୀସହରର ମୁଖ୍ୟ ରାସ୍ତା ଉପରେ ବାଙ୍କୀ କଟକ ବସ୍ ଓ ବାଙ୍କୀ ଭୁବନେଶ୍ୱର ବସ୍ ଠିଆ ହୋଇ ଯାତ୍ରୀଙ୍କୁ ନେବା ଆଣିବା କରୁଥିବାରୁ ବିଭିନ୍ନ ସମସ୍ୟାମାନ ଦେଖାଦେଉଛି। ତେଣୁ ବାଙ୍କୀ କଟକ ବସ୍ କଚେରୀପଡ଼ିଆ ନିକଟବର୍ତ୍ତୀ ଷ୍ଟାଡିୟମ୍ ନିକଟରେ ରଖାଯିବା ସହିତ ବାଙ୍କୀ -ଭୁବନେଶ୍ୱର ବସ୍ ଏଚଡିଏଫ୍ସି ବ୍ୟାଙ୍କ ଠାରୁ ପଥରତୁଠ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ରଖାଯିବା ପାଇଁ ଘରୋଇ ବସ୍ ମାଲକ ସଂଘକୁ ପରାମର୍ଶ ଦିଆଯାଇଛି। ଶିଶୁଆଠାରେ ସ୍ଥାୟୀ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ବାଙ୍କୀ ଏନ୍ଏସିକୁ ଜାଗା ହସ୍ତାନ୍ତର କରାଯାଇଥିବାରୁ ତୁରନ୍ତ ସେହି ସ୍ଥାନରେ ବସ୍ଷ୍ଟାଣ୍ଡ ନିର୍ମାଣ କରାଯାଇ ଯାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ଓ ବନ୍ଦୋବସ୍ତ କରିବାକୁ ଏନ୍ଏସି କାର୍ଯ୍ୟ ନିର୍ବାହି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ବୁଦ୍ଧିଜୀବୀ ଫୋରମ୍‌ର ସଭାପତି ଆଡ୍‌ଭୋକେଟ୍ ବିଶ୍ୱୋଦ୍ୱୟ ମହାପାତ୍ର, ଉପସଭାପତି ଉତ୍କଳମଣି ମନ୍ତ୍ରୀ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକ, ଆଡ୍‌ଭୋକେଟ ଶିବପ୍ରସାଦ ପାଢୀ, ଘରୋଇ ମାଲିକ ସଂଘ ସଭାପତି ଗୋପୀନାଥ ବେହେରା, ସଂପାଦକ ଅମୀୟ କୁମାର ନାୟକ, ସଭ୍ୟ ପ୍ରଶାନ୍ତ କୁମାର ସ୍ୱାଇଁ, କାର୍ଯ୍ୟାଳୟ ସମ୍ପାଦକ ବିପିନି ବିହାରୀ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ଏନ୍ଏସି କାର୍ଯ୍ୟ ନିର୍ବାହି ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ବଜୟ କୁମାର ସାହୁ ଓ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ୩୧ରୁ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟ

**ବାଙ୍କୀ,୧୦।୧(ବି.ପ୍ର.)**

ଚଳିତବର୍ଷ ଜାନୁୟାରୀ ୩୧ତାରିଖରେ ରାଜ୍ୟସ୍ତରୀୟ ୩୨ତମ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ପଥୁରୀପଡ଼ା ମହାବେରେଣା କ୍ଲବର ସମ୍ପାଦକ ସଦାଶିବ ଦାସ ସୂଚନା ଦେଇଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ ମହାବେରେଣା କ୍ଲବ ପଥୁରୀପଡ଼ା ଦ୍ୱାରା ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ଚଳିତବର୍ଷ ଉଦ୍‌ଘାଟନୀ ମ୍ୟାଚ୍ କାଇପଦର ସତ୍ୟପୀର ସ୍ପୋର୍ଟିଂ ବନାମ ଦିଶା ବୈଦେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଫେବୃଆରୀ ୧ ତାରିଖରେ କୁମାରବସ୍ତ ରାଇଜିଂ ଷ୍ଟାର ଓ ଷ୍ଟାର ଆଠଗଡ, ୨ତାରିଖରେ ପ୍ରଥମ ସେମିଫାଇନାଲ ୩୧ ତାରିଖ ଏବଂ ୧ ତାରିଖର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୩ତାରିଖରେ ବାଙ୍କୀ ଆଥିଲେଟିକ ଆସୋସିଏଶନ ସହିତ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା, ୪ତାରିଖରେ ଟିଏଫ୍ସି ଭୁବନେଶ୍ୱର ସହିତ ବ୍ଲୁ ରକ୍ ଷ୍ଟାର ଜାଆଁଳା ମଧ୍ୟରେ ମଧ୍ୟରେ ଅନୁଷ୍ଠିତ ହେବ। ୨ୟ ସେମିଫାଇନାଲ ୫ତାରିଖ ଦିନ ୩ ଓ ୪ ତାରିଖର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ୯ତାରିଖରେ ଅନୁଷ୍ଠିତ ହେବ ବୋଲି ମହାବେରେଣା କ୍ଲବ ପକ୍ଷରୁ ସୂଚନା ମିଳିଛି।

### ଟ୍ରାକ୍ଟର ଚକା ତଳେ ଗଲା ଛାତ୍ର ଜୀବନ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ନରସିଂହପୁର,୧୦।୧(ଡି.ଏନ୍.ଏ.)**



ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

ନରସିଂହପୁର ଥାନା ଅନ୍ତର୍ଗତ କମଳାଡିହ-ନରସିଂହପୁର ମୁଖ୍ୟରାସ୍ତାର ମର୍ଦ୍ଦମେଖ ଛକ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣାରେ ଜଣେ ୧୨ବର୍ଷୀୟ ଛାତ୍ରଙ୍କ ଜୀବନ ଯାଇଛି। ଘରୋଇ କମ୍ପାନୀ ଏଲ୍ ଆଣ୍ଡ ଟିରେ କାର୍ଯ୍ୟକରୁଥିବା ଏକ ଟ୍ରାକ୍ଟର ଧକ୍କାରେ ଶରଧାପୁର ଗ୍ରାମର ୭ମ ଶ୍ରେଣୀ ଛାତ୍ର ଅମର ନାୟକ ସାଇକେଲରୁ ପଡି ମୃତ୍ୟୁବରଣ କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମର ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଙ୍କ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପ୍ରଥମେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଫୋର୍ସ ସହିତ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଭାରପ୍ରାପ୍ତ ତହସିଲଦାର ଆକାଶ ରଞ୍ଜନ ସାହୁ ପହଞ୍ଚି ଉକ୍ତ ପରିବାରକୁ ରେଡକ୍ରସ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏପରି କି ଏଲ୍ଆଣ୍ଡଟି କମ୍ପାନୀ ପକ୍ଷରୁ ୨ଲକ୍ଷ ୨୦ ହଜାର ଟଙ୍କା କ୍ଷତି ପୂରଣ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପରେ ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରାସ୍ତା ଅବରୋଧ ଯୋଗୁ ପ୍ରାୟ ୩ଘଣ୍ଟା ଧରି ଯାତାୟତରେ ବାଧା ସୃଷ୍ଟି ହୋଇଥିଲା।

ମିଳିଥିବା ଖବର ଅନୁସାରେ ଶରଧାପୁର ଗ୍ରାମର ପବିତ୍ର ନାୟକଙ୍କ ପୁଅ ଅମର ସ୍ଥାନୀୟ ଶରଧାପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢନ୍ତି। ଶୁକ୍ରବାର ସକାଳେ ୯ଟାରେ ଅମର ଭଉଣୀ ସହିତ ସାଇକେଲ୍‌ରେ ଘରକୁ ଫେରୁଥିବାବେଳେ ମର୍ଦ୍ଦମେଖ ଛକରେ ଭାରସାମ୍ୟ ହରାଇ ହଠାତ ତଳେ ପଡ଼ିଯାଇଥିଲେ। ଠିକ୍ ଏହି ସମୟରେ ନରସିଂହପୁରରୁ କମଳାଡିହ ଆଡ଼କୁ ଯାଉଥିବା ଟ୍ରାକ୍ଟର ଅମରଙ୍କ ମୁଣ୍ଡ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଅମରଙ୍କ ମୃତ୍ୟୁ ଘଟିଥିବାବେଳେ ଭଉଣୀ ରୂପାଲୀ(୧୦) ସୌଭାଗ୍ୟବଶତଃ ବର୍ତ୍ତି ଯାଇଥିଲେ।

### ବିଦ୍ୟୁତ୍ ମିଟର ରିଡିଂ ନେଇ ପ୍ରଶିକ୍ଷଣ ନେଲେ ସ୍ୱୟଂ ସହାୟକ ଗୋଷ୍ଠୀ

**ବାଙ୍କୀ,୧୦।୧(ସ୍ୱ.ପ୍ର)**

ଡମପଡ଼ା ବ୍ଲକ ସଭାଗୃହରେ ମିଶନ ଶକ୍ତି ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଦ୍ୟୁତ ମିଟର ରିଡିଂ ନେବା ସମ୍ପର୍କରେ ଏକ ପ୍ରଶିକ୍ଷଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଡମପଡ଼ା ବ୍ଲକ ମହିଳା ଶିଶୁ ବିକାଶ ଅଧିକାରୀ ନିର୍ମଳା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟୁତ୍ ଫେଡ୍‌କୋ ବିଭାଗର ମୁଖ୍ୟକିରାଣୀ ଶରତ ଚନ୍ଦ୍ର ମିଶ୍ର, ମିଶନ ଶକ୍ତି ସଂଯୋଜିକା ହରପ୍ରିୟା ସାହୁ, ଜୀବିକା ମିଶନ ପ୍ରଗତି ସହାୟିକା ସୁଚିସ୍ମିତା ନାୟକ, ମହିଳା କ୍ଷେତ୍ର ପରିଦର୍ଶିକା ଛିତ୍ରା ହେମ୍ବ୍ରମ୍, ଜ୍ୟୋର୍ତିମୟୀ ପ୍ରଧାନ, ଆରତୀ ସାମଲ, ବନଲତା ମହାନ୍ତି, ଶାନ୍ତିଲତା ଶତପଥୀ ଓ କର୍ମଚାରୀ ପ୍ରଜ୍ଞା ସାମନ୍ତରାୟ, ରଶ୍ମୀବାଳା ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ ମିଟର ରିଡିଂ ନେବାର ପ୍ରଣାଳି ସମ୍ପର୍କରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଅବଗତ କରାଇଥିଲେ। ସରକାରଙ୍କ ଘୋଷଣାନାମା ଅନୁସାରେ ଗ୍ରାମୀଣ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯେପରି ନିଜସ୍ୱ ରୋଜଗାରରେ ଚଳିପାରିବେ ଏବଂ ଏଥିପାଇଁ ବିଦ୍ୟୁତ ବିଭାଗ ସହିତ ସମନ୍ୱୟ ରକ୍ଷାକରି କିପରି କାର୍ଯ୍ୟ କରାଯିବ ସେନେଇ ମହିଳାଙ୍କୁ ଏକତ୍ର କରାଯାଇ ତାଲିମ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୫୦ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ୧୫୦ଜଣ ମହିଳା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ମିଶନ ଶକ୍ତି ଦ୍ୱାରା ସମସ୍ତ ଗ୍ରାମର ମହିଳାଙ୍କୁ ରୋଜଗାରକ୍ଷମ କରିବା ସରକାରଙ୍କ ପ୍ରଥମ ପ୍ରାଥମିକତା ବୋଲି ପଣ୍ଡା ପ୍ରକାଶ କରିଥିଲେ।

### ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ଘଟଣା

# ସୁସ୍ଥ ହୋଇ ଫେରିଲେ ୫୮ ଛାତ୍ରୀଛାତ୍ର

**ନରାଜ,୧୦।୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ଖାଇ ଅସୁସ୍ଥ ହୋଇଥିବା ୫୮ ଛାତ୍ରୀଛାତ୍ର ସୁସ୍ଥ ହୋଇ ବିଳମ୍ବିତ ରାତିରେ ଘରକୁ ଫେରିଛନ୍ତି। ଶୁକ୍ରବାର ସ୍କୁଲରେ ଅସୁସ୍ଥ ପିଲାଙ୍କ ମଧ୍ୟରୁ କିଛିପିଲା ଅନୁପସ୍ଥିତ ଥିବାରୁ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ଘରକୁଯାଇ ତାଙ୍କର ସ୍ୱାସ୍ଥାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଅପରପକ୍ଷରେ ଏହି ଘଟଣା ପରେ ଅନୁଧାନ କରିଥିଲେ। ଏପରି କି ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଥମେ ମଧ୍ୟାହ୍ନ ଭୋଜନ ଖାଇବା ପରେ ପିଲାମାନେ ଖାଇଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ଗୁରୁବାର ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାଉତ୍ସବ ଅନୁଷ୍ଠିତ ହୋଉଥିଲା। ପିଲାମାନେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ଜଣେ ଛାତ୍ରୀଙ୍କ ଖାଦ୍ୟରୁ ଏକ ବୁଢିଆଣୀ ବାହାରିବାରୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ନ ଦେଇ ଘରକୁ ପଠାଇଦେଇଥିଲେ।



ପ୍ରଶାସନିକ ଅଧିକାରୀଙ୍କ ବିଦ୍ୟାଳୟ ପରଦର୍ଶନ।

- ବିଦ୍ୟାଳୟ ପରିଦର୍ଶନ କଲେ ବିଇଓ
- ପ୍ରଥମେ ମଧ୍ୟାହ୍ନ ଭୋଜନ ଖାଇଲେ ପ୍ରଧାନଶିକ୍ଷକ

ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା,ଏବିଓ ସରୋଜିନି ସାହୁ, ସିଆର୍‌ସିସି ବାବୁଲି ଚରଣ ଜେନା ଶୁକ୍ରବାର ବିଭିନ୍ନ ସ୍କୁଲ ପରିଦର୍ଶନ କରିବା ସହିତ ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟକୁ ଯାଇ ଖାଦ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ। ମଧ୍ୟାହ୍ନ ଭୋଜନ ସମୟରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର ଓ ଅକ୍ଷୟ ଫାଉଣ୍ଡଶେନର ଏକ ଟିମ୍ ଆସି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ପୂର୍ବର ପ୍ରସ୍ତୁତି ଓ ଖାଇବାର ଶୈଳି ଉପରେ ମାତ୍ର ସ୍କୁଲର ଜଣେ ଛାତ୍ରୀବାନ୍ତି କରିବା ପରେ ଅନ୍ୟପିଲାମାନେ ମଧ ସମାନ ଧରଣର କଥାକହିଥିଲେ। ପିଲାଙ୍କ ମଧ୍ୟରୁ କିଛି ପିଲାଙ୍କର ମୁଣ୍ଡ ବୁଲାଇବା ଓ ପେଟ ଟାଣିବା ଭଳି ଘଟଣା ଘଟିଥିଲା। ଏହି ଘଟଣା ଘଟିବା ପରେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ବେହେରା ସ୍କୁଲର କମିଟିକୁଜଣାଇବା ସହିତ ବାରଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ସ୍କୁଲ କମିଟି, ସିଆରସିସି ଓ ଏବିଓ ପହଞ୍ଚି ୩ଟି ପର୍ଯ୍ୟାୟରେ ମୋଟ ୫୮ ପିଲାଙ୍କୁ ଶିଶୁଭବନ ପଠାଇଥିଲେ।

### ସେବାସମବାୟ ସମିତି ନୂତନଗୃହ ଉଦ୍‌ଘାଟିତ

**ଟିଗିରିଆ,୧୦।୧(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ସେବାସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହକୁ ଶୁକ୍ରବାର ରାଜ୍ୟ ଖାଦ୍ୟଯୋଗଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ୮.୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ନୂତନ ଗୃହକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ, ଡିଆରସିଏସ୍ କଟକ ଲକ୍ଷ୍ମୀଧର ସୁବୁଦ୍ଧି, ଏଆରସିଏସ୍, ଆଠଗଡ଼ ବିରଜାନନ୍ଦ ଦାଶ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନୂଆପାଟଣାର ଶାଖା ପରିଚାଳକ ରମେଶ କୁମାର ସାହୁ, ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା ପ୍ରମୁଖ ଯୋଗ ଦେଇଥିବାବେଳେ ସମିତିର ସଭାପତି ପ୍ରକାଶ କୁମାର ରାଉତ, ସମ୍ପାଦକ ଚନ୍ଦନ ଜେନା ଓ ପରିଚାଳନା କମିଟିର ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଡମପଡ଼ା ବନଖଣ୍ଡରେ ପକ୍ଷୀଗଣନା, ୧୬୦୧୩ ପକ୍ଷୀ ଚିହ୍ନଟ

**ବାଙ୍କୀ,୧୦।୧(ବି.ପ୍ର/ସ୍ୱ.ପ୍ର.)**

ଚଳିତ ବର୍ଷ ଡମପଡ଼ା ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। ବନଖଣ୍ଡ ଅନ୍ତର୍ଗତ ମହାନଦୀର ତଳ ଓ ଉପର, ଗୟଳବାଙ୍କ ପାଟ, ପାଥପୁର ଓ ଝରିଆନାଳରେ ପକ୍ଷୀ ଗଣନା କରାଯାଇ ମୋଟ ଦେଶୀ ଓ ବିଦେଶୀ ୧୬୦୧୩ ପକ୍ଷୀ ଥିବା ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ଡମପଡ଼ାରେ ୫ଟି ୟୁନିଟ ଏହି ପକ୍ଷୀ ଗଣନା କାର୍ଯ୍ୟରେ ସ୍ୱତନ୍ତ୍ର ଭାବରେ ନିୟୋଜିତ ଥିଲେ। ନର୍ଦନ ପିଣ୍ଟେଲ, ଟଫଟେଲ ଡକ୍, ଗାର୍ଡୱାଲ୍, ରେଡ୍ କେଷ୍ଟେଡ୍ ପୋଚାର୍ଡ, ରିଭର ଲ୍ୟାପିଂ ଗ୍ରେ ହେଡେଡ୍ ଲ୍ୟାପିଂ, ବ୍ଲାକବେଲି ଟର୍ମ, ଇଣ୍ଡିଆନ୍ ସ୍କିମର, ରିଭର ଟର୍ମ, ଗ୍ରେଟ୍ ଠିକ୍ନି, ବାର ହେଡେଡ୍ ଗସ୍, ଡାଟର, ଗ୍ରେଟ୍ କ୍ରେଷ୍ଟଡ୍ ଗ୍ରେଭ୍ ଏବଂ ପ୍ରଜାଇନ୍ ଫାଲକନ୍ ଆଦି ୧୪ପ୍ରଜାତିର ବିଦେଶୀଏହି ଆଦ୍ର ଭୂମିରେ ତଥା ଜଳାଶୟକୁ ଆସିଥିବା ଜଣାପଡିଛି। ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ଏସିଏଫ ରମାକାନ୍ତ ନାୟକ, ବନାଞ୍ଚଳ ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି, ଡେପୁଟି ରେଞ୍ଜର ନିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ତ୍ରିପାଠୀ, ରାକେଶ ଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ପରିଡା, କଇନ ପ୍ରଧାନ ପ୍ରମୁଖ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ।



ଡମପଡ଼ା ବନଖଣ୍ଡ ଆକାଶରେ ଉଡୁଥିବା ପକ୍ଷୀ।

### ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ବଳରାଜ କ୍ଲବକୁ ପରାସ୍ତ କରି ୟୁନାଇଟେଡ କ୍ଲବ ଚାମ୍ପିୟନ

**ଟିଗିରିଆ,୧୦।୧(ଡି.ଏନ୍.ଏ.)**




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟିମ୍‌ର ଖେଳାଳି।

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ ଠାର ଆସୋସିଏଶନ ଦିବ୍ୟଜ୍ୟୋତି ଆନୁକୂଲ୍ୟରେ ଚାଲିଥିବା ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ୟୁନାଇଟେଡ କ୍ଲବ, ଭୁବନେଶ୍ୱର ୬-୫ ସଡନଡେଥ ଗୋଲରେ ବଳରାଜ କ୍ଲବ୍ ଭଞ୍ଜନଗରକୁ ପରାସ୍ତକରି ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ କରିବାକୁ ସକ୍ଷମ ନ ହେବାରୁ ଟାଇବ୍ରେକର ମାଧ୍ୟମରେ ଉଭୟଦଳ ୫-୫ ଗୋଲରେ ସମାନ ସ୍ଥିତିରେ ରହିଲେ। ପରେ ସଡନଡେଥ ମାଧ୍ୟମରେ ୟୁନାଇଟେଡ କ୍ଲବ ୬-୫ ଗୋଲରେ ବିଜୟୀ ହୋଇ ୨ୟ ଅକ୍ଷୟ ମଲ୍ଲୀକ ସ୍ମାରକୀ ରାଜ୍ୟସ୍ତରୀୟ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ଖେଳରେ ମୁଖ୍ୟଅତିଥିଭାବେ ରାଜସ୍ୱ ନୀରିକ୍ଷକ ଗୁରୁଚରଣ ପ୍ରଧାନ, ସମ୍ମାନିତ ଅତିଥିରୂପେ ସମବାୟବିତ୍ ଲଳିତେନ୍ଦୁ ସେନାପତି, ଆଇନଜୀବୀ ରଘୁନାଥ ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ ୟୁନାଇଟେଡ କ୍ଲବକୁ ୧୫୦୦୦ ଟଙ୍କା ଟ୍ରଫି ଓ ରନର୍ସଅପ ବଳରାଜକ୍ଲବକୁ ରନର୍ସ ଟ୍ରଫି ସହିତ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳକୁ ରେଫରି ସଞ୍ଜିବ ଦାଶ ପରିଚାଳନା କରିଥିବାବେଳ ତାଙ୍କୁ ଲାଇନରେ ଅନୀଲ ନନ୍ଦ ଓ ପ୍ରଭାକର ବେହେରା ସହଯୋଗ କରିଥିଲେ। ୪ର୍ଥ ରେଫରୀ ଭାବେ ପ୍ରତାପ ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳର ଧାରାବିବରଣୀ ସତ୍ୟଜିତ ଦାଶ ପ୍ରଦାନ କରିଥିଲେ।



“ ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରି ନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ବାକନ୍



## ସଂକ୍ଷେପରେ

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୦।୧-** ବାଦାମବାଡି ଥାନା ଅଧୀନ ମଲାଦଣ୍ଡିଆ ଛକରୁ ଝାଞ୍ଜିରିମଙ୍ଗଳା ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଜବରଦଖଲରେ ଥିବା ପ୍ରାୟ ୩୫ଟି ଉଠାଦୋକାନକୁ ଶୁକ୍ରବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଅଞ୍ଚଳରେ ରାସ୍ତାର ଉଭୟପାର୍ଶ୍ୱରେ ଉଠାଦୋକାନ ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା। ସିଏମ୍‌ସି ଡେପୁଟି କମିଶନର୍ ଡ. ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଜବରଦଖଲ ଉଚ୍ଛେଦ ସମୟରେ ବାଦାମବାଡି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ, ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବିଜ୍ଞାନ ସମାଜର ବାର୍ଷିକ ସମାରୋହ

**କଟକ ଅଫିସ, ୧୦।୧-** ସ୍ଥାନୀୟ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ବିଜ୍ଞାନ ସମାଜର ବାର୍ଷିକ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ସରୋଜ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଡ. ସଞ୍ଜୀବ ସାହୁ, ଅନ୍ୟତମ ଅତିଥି ଭାବେ ଡ. ଭବନାଥ ପ୍ରସାଦ ବସ୍ତିଆ, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇଥିଲେ। ଅଧାପକ ବିଭୁତି ଭୂଷଣ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଅମ୍ରିତା ଲେଙ୍କା ଧନ୍ୟବାଦ ଦେଇଥିଲେ।

### ଦୁଃଖର ମୂଳ କାରଣ ମୋହ

**କଟକ ଅଫିସ, ୧୦।୧-** ସିଡିଏ ସେକ୍ଟର-୬ସ୍ଥିତ ଉଇଣ୍ଡସର ପ୍ଲେସଠାରେ ଶୁକ୍ରବାର ଭାଗବତ ଗୀତା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରମହଂସ ପ୍ରଜ୍ଞାନନ୍ଦଜୀ ଯୋଗଦେଇ କହିଥିଲେ, ଦୁଃଖର ମୂଳ କାରଣ ହେଉଛି ମୋହ। ଗୀତାରେ ଭଗବାନ ମୋହଶୂନ୍ୟ ହେବା ପାଇଁ ଉପଦେଶ ଦେଇଛନ୍ତି। ମୋହରୁ ମୁକ୍ତ ହେବା ହିଁ ମୁକ୍ତି। ଅନ୍ୟପକ୍ଷରେ ତ୍ୟାଗ ହେଉଛି ଜୀବନର ଆଦର୍ଶ। ମୋହରୁ ମୁକ୍ତି ପାଇବା ପାଇଁ ଆମକୁ ତ୍ୟାଗମୟ ଜୀବନଯାପନ କରିବାକୁ ପଡିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏ. ମହେଶ୍ୱର ରାଓ ଓ ହେମନ୍ତ କୁମାର ପରିଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

### ଆଇନଜୀବୀଙ୍କ ପରଲୋକ
### ବଡମ୍ବା ଓକିଲ ସଂଘର ଦିନିକିଆ କାର୍ଯ୍ୟବନ୍ଦ

**ବଡମ୍ବା,୧୦/୧(ଡି.ଏନ୍.ଏ.)-** ନରସିଂହପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଗୋଲୋକ ବିହାରୀ ମିଶ୍ରଙ୍କର ଗୁରୁବାର ପରଲୋକ ହୋଇଯାଇଛି। ଉକ୍ତ ଖବର ପ୍ରଚାରିତ ହେବା ପରେ ବଡମ୍ବା ଓକିଲସଂଘ ତରଫରୁ ଏକ ଶୋକସଭା କରାଯାଇ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓକିଲ ସଂଘ ସଭାପତି କୈଳାସଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ସଂଘର ବହୁ ସଦସ୍ୟ ଯୋଗଦେଇଥିଲେ। ଶୁକ୍ରବାର ସଂଘ ତରଫରୁ ଦିନିକିଆ କୋର୍ଟ କାର୍ଯ୍ୟ ବନ୍ଦ କରାଯାଇଥିଲା। ଗୋଲୋକଙ୍କ ଘର ନରସିଂହପୁର ଥାନା ଅନ୍ତର୍ଗତ ଜେମାଦେଈପୁରରେ ହୋଇଥିବାବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ପଦ୍ମବନ ପୀଠରେ ଅଚ୍ୟୁତାନନ୍ଦଙ୍କ ପୁଷ୍ପାଭିଷେକ

**ନେମାଳ,୧୦।୧(ଡି.ଏନ.ଏ.)**

ପୌଷ ପୂର୍ଣ୍ଣମା ଅବସରରେ ଶୁକ୍ରବାର ନେମାଳ ପଦ୍ମବନପୀଠରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ପାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରୀ ଶ୍ରୀକ୍ଷେତ୍ରର ନୀତିକାନ୍ତି ଅନୁଯାୟୀ ଏଠାରେ ମହାପୁରୁଷଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇ ପୁଷ୍ପାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ପଞ୍ଚସଖା ପୀଠଗୁଡ଼ିକରୁ ଆଜ୍ଞାମାଳ ଅଣାଯାଇ ମହାପୁରୁଷଙ୍କ ପୂଜାକାର୍ଯ୍ୟରେ ଅର୍ପଣ କରାଯାଇଥିଲା। ପ୍ରଭାତରୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ବେଢା ଶୋଧନ ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ମଙ୍ଗଳଆଳତୀ, ମହାସ୍ନାନ, ନିତ୍ୟାନୀ ଭୋଗ, ପୁଷ୍ପ ଚନ୍ଦନ ଲାଗି କରାଯାଇ ରୂପାର ମୁକୁଟ ପିନ୍ଧା ଯାଇଥିଲା। ପହଡ ଖୋଲାଯିବା ପରେ ଭକ୍ତମାନେ ଦର୍ଶନର ସୁଯୋଗ ପାଇଥିଲେ। ବେଢା ଚତୁଃପାର୍ଶ୍ୱକୁ ବିଭିନ୍ନ ଫୁଲରେ ସୁସଜ୍ଜିତ କରାଯାଇଥିଲା। ମଧ୍ୟାହ୍ନରେ ସେବାୟତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପଗଡ଼ିଯାତ୍ରା ଆୟୋଜନ କରାଯାଇଥିଲା। କୁଞ୍ଜବିହାରୀ ମଠର ଅଧିଶ୍ୱର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ସୁସଜ୍ଜିତ ପାଲିଙ୍କିରେ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଘଣ୍ଟଘଣ୍ଟା ସଂକୀର୍ତ୍ତନ, ହରିବୋଲ, ହୁଳହୁଳୀ ଧ୍ୱନୀ ମଧ୍ୟରେ ଦଧିବାମନଜୀଉ ମନ୍ଦିର, ମା'ତାରିଣୀ ପୀଠ, ମଙ୍ଗଳା ମନ୍ଦିର ପରିକ୍ରମା କରି ଶେଷରେ ମହାପୁରୁଷଙ୍କ ପୀଠରେ ପହଞ୍ଚିଥିଲା। ସେବାୟତଙ୍କ ଦ୍ୱାରା ଏହି ପଗଡ଼ିକୁ ମହାପୁରୁଷଙ୍କଠାରେ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମହାପୁରୁଷଙ୍କ ନୀତିନିର୍ଘଣ୍ଟ ଅନୁଯାୟୀ ମହାଆଳତୀ କରାଯାଇ ସରଣ ପଞ୍ଜର, ଅଷ୍ଟ ଗୁଜରୀ, ନବ ଗୁଜରୀ, ଭଜନ, ଭାଗବତ ପାଠ କରାଯାଇଥିଲା। ଏହାପରେ ମହାପୁରୁଷଙ୍କୁ ଫୁଲର ଟାହିଆ ଲାଗି କରାଯାଇଥିଲା। ସଂଧ୍ୟାରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଆଧାତ୍ମିକ କାର୍ଯ୍ୟକମ୍ରରେ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ, ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର କୁମାର ପାତ୍ର, ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ଏହି ଉତ୍ସବକୁ ବ୍ରହ୍ମଚାରୀ ବ୍ରହ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ଶତ୍ରୁଘ୍ନ ଦାସ, ଆଇନଜୀବୀ ଶିଶିର ଦାସ, ସେବାୟତ ଧରଣୀଧର ପୂଝାରୀ, ହରେକୃଷ୍ଣ ପୂଝାରୀ, ସୁବାସ ଚନ୍ଦ୍ର ଦାସ, ଅମୂଲ୍ୟ କୁମାର ମହାନ୍ତି, ଅଚ୍ୟୁତାନନ୍ଦ ଦାସ, ପ୍ରସନ୍ନ ବେଉରିଆ, ଅଜୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ।



ଅଚ୍ୟୁତାନନ୍ଦଙ୍କୁ ପଗଡ଼ିଯାତ୍ରାରେ ନଗର ପରିକ୍ରମା କରାଯାଉଛି।

## ରାଜାଧିରାଜ ବେଶରେ ଦର୍ଶନ ଦେଲେ ମହାପୁରୁଷ ଅଚ୍ୟୁତାନନ୍ଦ

### ମ୍ୟୁଜିକାଲ ଚ୍ୟାରିଟି ଶୋ 'କାରଭାନ-୨'

**କଟକ ଅଫିସ, ୧୦।୧**

କଟକ ଶହୀଦ ଭବନଠାରେ ଏସ୍‌ଏସ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ମ୍ୟୁଜିକାଲ ଚ୍ୟାରିଟି ଶୋ 'କାରଭାନ-୨' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସାଇ ଭଜନରୁ। ପରେ ଏ ଫୁଲ କହ ଥରେ, କିଛି ଲୁହ ବହିଯାଏ, ମନର ଦେଶରେ ପ୍ରେମର ସହର, ମନ ମୋର ଏକ ଓଡ଼ିଆ ଗୀତକୁ ଦର୍ଶକମାନେ ବେଶ ପସନ୍ଦ କରିଥିଲେ। କଣ୍ଠଶିଳ୍ପୀ ସଂଗ୍ରାମ ମହାନ୍ତି, ସସ୍ମିତା ବିଶ୍ୱାଳ, ଗୁଲ୍‌ସନ ନଦିମ, ଏନଜୋଲା ମିଶ୍ର, ମଲାନି ମହାନ୍ତି ଓ ରବିଶଙ୍କରଙ୍କ ସମେତ ବହୁ କଣ୍ଠଶିଳ୍ପୀ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସଞ୍ଜୟ ସାହୁ ଓ ଅକ୍ଟୋପ୍ୟାଡ ବାଦକ ଶ୍ରୀନିବାସ ଆଚାର୍ଯ୍ୟଙ୍କ ପରିବାରବର୍ଗଙ୍କୁ ଅର୍ଥରାଶି ପ୍ରଦାନ ସହ କଣ୍ଠଶିଳ୍ପୀ ମହମ୍ମଦ ନରସିରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ଶ୍ୟାମାପ୍ରସାଦ ମିଶ୍ର, ଡ. ଅନୁରାଗ ମିଶ୍ର, ଡ. ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

■ ବାରବାଟୀ ନୃତ୍ୟୋତ୍ସବ ଉଦ୍‌ଘାଟିତ

# 'ନୃତ୍ୟ ବିଭିନ୍ନ ସଂସ୍କୃତିକୁ ଏକତାସୂତ୍ରରେ ବାନ୍ଧି ରଖେ'

**କଟକ ଅଫିସ, ୧୦।୧**

କଟକ ବାଲିଯାତ୍ରା ଉପରପଡ଼ିଆଠାରେ ଓଡ଼ିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ୧୯ତମ ବାରବାଟୀ ନୃତ୍ୟୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜଷ୍ଟିସ ଏ.ଏସ୍. ନାଇଡୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ବିଭିନ୍ନ ସଂସ୍କୃତିକୁ ନୃତ୍ୟ ଏକତା ସୂତ୍ରରେ ବାନ୍ଧି ରଖେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ, ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ସଞ୍ଜୟ ଶତପଥୀ ଓ ବିଜୟ ପଡ଼ିଆରୀ ଯୋଗଦେଇଥିଲେ। ଅରୁଣ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବ୍ରଜକିଶୋର ନନ୍ଦ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ମଣ୍ଡଳ ଓ ନୃତ୍ୟ ଉପାସନା ପୀଠର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଜୟ ମଲ୍ଲ କାର୍ଯ୍ୟକ୍ରମ ସଂଯୋଜନା ଓ ଅମିୟାଂଶୁ କୁମାର ଦାସ, କାଜଲ ରାଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ସୁଧାକର ସାହୁଙ୍କୁ ବାରବାଟୀ ନୃତ୍ୟ ସମ୍ମାନ ଏବଂ ସଙ୍ଗୀତ ଗୁରୁ ନବୀନ ପଟ୍ଟନାୟକଙ୍କୁ ସିଦ୍ଧାର୍ଥ ଟିଭି ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଥିଲା।



ଓଡ଼ିଶୀ ନୃତ୍ୟ ମଣ୍ଡଳ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

### ସିଏମ୍‌ସି କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ
## ୧୩ ପଦବୀ ପାଇଁ ୨୬ ପ୍ରାର୍ଥିପତ୍ର ଦାଖଲ

**କଟକ ଅଫିସ,୧୦।୧**

ଆସନ୍ତା ୨୪ ତାରିଖରେ କଟକ ମହାନଗର ନିଗମ(ସିଏମ୍‌ସି) କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଶେଷ ହୋଇଛି ପ୍ରାର୍ଥୀପତ୍ର ଦାଖଲ। ଚଳିତବର୍ଷ ୧୩ଟି ପଦବୀ ପାଇଁ ୨୬ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ସେଥିମଧ୍ୟରୁ ଦୁଇଜଣ ପ୍ରାର୍ଥୀ ଏକାଧିକ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। ଆସନ୍ତା ୩ବର୍ଷ ପାଇଁ ହେବାକୁ ଥିବା ଏହି ନିର୍ବାଚନରେ ସଭାପତି ପଦବୀ ସଂରକ୍ଷଣ ରହିଥିବାବେଳେ ଅନ୍ୟ ପଦ ପାଇଁ ମତଦାନ ହେବ। କାର୍ଯ୍ୟକାରୀ ସଭାପତି ପଦବୀ ପାଇଁ ବନମାଳୀ ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ଲେଙ୍କା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ୨ଜଣ, ୩ଟି ଉପସଭାପତି ପଦବୀ ପାଇଁ ୮ଜଣ, ୩ଟି ସମ୍ପାଦକ ପଦବୀ ପାଇଁ ୭ଜଣ, ୪ଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ୫ଜଣ, କୋଷାଧକ୍ଷ ପଦବୀ ପାଇଁ ଦୁଇ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଯୁଗଳ କିଶୋର ନାୟକ କହିଛନ୍ତି। ଏହି ନିର୍ବାଚନକୁ ଅଧିକାରୀ ଭାବେ ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରମୋଦ କୁମାର ମହାପାତ୍ର, ରତ୍ନାକର ମୁଖୀ ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନା କରିଆସୁଛନ୍ତି।

## ଅଜୟ ବିନୟ ଯାନ୍ତ୍ରିକ ମହାବିଦ୍ୟାଳୟ ପକ୍ଷରୁ କର୍ମଶାଳା




**କଟକ,୧୦।୧**

ଅଜୟ ବିନୟ ଯାନ୍ତ୍ରିକ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠାନ ପରିସରରେ ଟିଇକ୍ୟୁଆଇପି-୩ ଏଫ୍‌ଡିପି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧକ୍ଷା ଡ.ଲୀନା ସାମନ୍ତରାୟ, ବିପିୟୁଟି କୁଳପତି ଡ.ଚିତ୍ତରଞ୍ଜନ ତ୍ରିପାଠୀ, ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ସତ୍ୟଦର୍ଶୀ ମିଶ୍ର ଶୁଭାରମ୍ଭ କରିଥିଲେ। ୫ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ବିଜ୍ଞାନର ଉଦ୍ଦେଶ୍ୟ, ପ୍ରୟୋଗ ସହ ଅନ୍ୟ ପ୍ରମୁଖ ଦିଗ ଉପରେ ଆଲୋଚନା ହୋଇଥିଲା। ସ୍ମାର୍ଟ ଗ୍ରୀଡ ଚ୍ୟାଲେଞ୍ଜେସ ଆଣ୍ଡ ଅପରଚୁନିଟି ଶୀର୍ଷକ ଏଫ୍‌ଡିପି କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଏବଂ ଫାକଲଟିଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିରେ ଅନୁଷ୍ଠାନର ଡିନ୍ ବି.ଏନ୍.ଗୁରୁ, ଆଇଆଇଟି ପ୍ରଫେସର ଡ. ଦେବପ୍ରିୟ ଦାସ, ପ୍ରିନ୍ସିପାଲ କନସଲଣ୍ଟାଣ୍ଟ ଇଂ ସୁନୀଲ କୁମାର ମହାନ୍ତି, ଏକାଡେମିକ ଡିନ ଡ. ପ୍ରଶାନ୍ତ କୁମାର ପାଣି, ପ୍ରଫେସର ଶିବ କୁମାର ମିଶ୍ର, ଆବାହିକା ପ୍ରଶାନ୍ତିନୀ ସାମଲ, ଇଲେକ୍ଟ୍ରିକାଲ ବିଭାଗୀୟ ମୁଖ୍ୟ ଦୁର୍ଗାମାଧବ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଅବକାରୀ ଚଢ଼ାଉ: ୪ ଚୋରା ମଦ ବ୍ୟବସାୟୀ ଗିରଫ

**ମାହାଙ୍ଗା/ନିଶ୍ଚିନ୍ତକୋଇଲି: ୧୦।୧(ସ୍ୱ.ପ୍ର.)**

କଟକ ଜିଲା ଅବକାରୀ ବିଭାଗ ଅଧିକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗପକ୍ଷରୁ ମାହାଙ୍ଗାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରାମଦ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୪ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ ଲଳିତଗିରି ଗ୍ରାମର ଗଙ୍ଗାଧର ନାୟକ ଘରେ ଚୋରା ମଦ ବ୍ୟବସାୟ କରୁଥିବା ଖବର ପାଇ ତାଙ୍କଠାରୁ ୨୨ବୋତଲ ଦେଶୀ ମଦ ଜବତ କରାଯାଇଛି। ସେହିପରି କୋଠପଦାବଜାରରେ ତେଜରାତି ଦୋକାନରେ ଚୋରା ମଦ ବିକୁଥିବାବେଳେ ନଳିନୀକାନ୍ତ ମଲିକଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୨୫ ବୋତଲ ବିଦେଶୀ ମଦ ଜବତ କରାଯାଇଛି । ଅନୁରୂପଭାବେ ମଧୁପୁର ଗ୍ରାମର ପହଲି ଜେନାଙ୍କ ଘରେ ଚଢ଼ାଉ କରାଯାଇ ୬ ଲିଟର ଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ଭାବେ ତ୍ରିବେଣୀଶ୍ୱର ଛକ ନିକଟରେ ଅରୁଣ ରାଉତ ଚୋରାମଦ ବିକ୍ରି କରୁଥିବାବେଳେ ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଠାରୁ ୧୦.୪ଲିଟର ବିୟର ଜବତ କରାଯାଇଛି। ଏହି ଚଢାଉରେ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ସବଇନିସପେକ୍ଟର ଏସ୍.ଏସ୍. ରାଓ, ଏଏସ୍‌ଆଇ ଶରତ ଜେନା ଏବଂ କନଷ୍ଟେବଳ ପୂର୍ଣ୍ଣେଶ୍ୱର ମାଝି ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ପୃଥକ୍ ଭାବେ ୪ଟି ମାମଲା ରୁଜୁ ହୋଇଛି।

### ଇପିଏଫ୍‌ଧାରୀଙ୍କ ପେନ୍‌ସନ ବୃଦ୍ଧି ଦାବି

**ଚୌଦ୍ୱାର,୧୦।୧(ଡି.ଏନ୍.ଏ.)** ଚୌଦ୍ୱାରସ୍ଥିତ ଓଟିଏମ୍ ପେନ୍‌ସନଧାରୀଙ୍କ ଏକ ସଭା ଶୁକ୍ରବାର ଓଟିଏମ କଲୋନୀସ୍ଥିତ ବିରଜା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ସିଂଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଆସୋସିଏଶନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ମାନଗୋବିନ୍ଦ ମହାନ୍ତି, ବିକ୍ରମ ଛୋଟରାୟ, ମାୟାଧର ମଲ୍ଲିକ, ରବୀନ୍ଦ୍ର ନାଥ ବାରିକ ପ୍ରମୁଖ ଯୋଗଦେଇ ଇପିଏଫ୍ ପେନ୍‌ସନଧାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପେନ୍‌ସନଭୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରିଥିଲେ। ପ୍ରମୋଦ ପଣ୍ଡା ସ୍ୱାଗତ ଭାଷଣ, ଅଚ୍ୟୁତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ନିଆଳି ମହାବିଦ୍ୟାଳୟର ବାର୍ଷିକୋତ୍ସବ



ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

**ନିଆଳି,୧୦।୧(ଡି.ଏନ୍.ଏ.)**

ନିଆଳି ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ବସନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, କବି ଡ.ହୃଷୀକେଶ ମଲ୍ଲିକ ମୁଖ୍ୟ ବକ୍ତା ଓ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲେଖକ ଡ. ଅବଦୁଲ ଓସିଦ୍ ଖାଁଙ୍କୁ 'ପ୍ରାଚୀ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ପଙ୍କଜ ବାସିନୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧକ୍ଷ ରାଉତ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରଦୀପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ଡ. ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସନ୍ତୋଷ କାମି ମଲ୍ଲିକ, ଅଧ୍ୟାପିକା ଈପ୍‌ସିତା ଷଡ଼ଙ୍ଗୀ ଓ ପୁଷ୍ପଲତା ନାୟକ ମଞ୍ଚ ପରିଚାଳନା କରିଥିଲେ।

### ଗାଦି ଗୋସାଇଁ ପୀଠରେ ପୁଷ୍ୟାଭିଷେକ

**କଟକସଦର,୧୦।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ଗାଦିଗୋସାଇଁ ପୀଠରେ ଶୁକ୍ରବାର ପୁଷ୍ପାଭିଷେକ ଅନୁଷ୍ଠିତ ହୋଇଛି। ସକାଳେ ମହାସ୍ନାନ ସହ ହୋମ କରାଯାଇଥିଲା। ୪୮ ମଣ୍ଡଳ ସଂକୀର୍ତ୍ତନ ଦଳ ହରିନାମ ଜପ କରିଥିଲେ। କାର୍ଯ୍ୟକ୍ରମକୁ ତାପସ ପଣ୍ଡା, ବୃନ୍ଦାବନ ଦାଶ, ରତିକାନ୍ତ ପଣ୍ଡା, ଭାବଗ୍ରାହୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ,୧୦।୧(ସ୍ୱ.ପ୍ର.)**

ଉପଖଣ୍ଡସ୍ତରୀୟ ଆଗାମୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଶୁକ୍ରବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। 'ଭାରତୀୟ ଗଣତନ୍ତ୍ରରେ ନାଗରିକ ଦାୟିତ୍ୱ ବୋଧ' ବିଷୟ ବସ୍ତୁ ଉପରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷ କଳା ଛାତ୍ରୀ ଓମ୍ ଈଶ୍ୱରୀ ମହାପାତ୍ର ପ୍ରଥମ, ଡମପଡ଼ା ଜୁନିୟର ଆଞ୍ଚଳିକ ମହାବିଦ୍ୟାଳୟର ଯୁକ୍ତ୨ୟବର୍ଷ କଳାଛାତ୍ରୀ ଶୁଭଶ୍ରୀ ବେହେରା ୨ୟ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩କଳାଛାତ୍ର ଅନୀଲ ଦଳେଇ ୩ୟ ସ୍ଥାନ ଅଧିକାର କରିଛନ୍ତି। କଳାପଥର-ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରଭାସିନୀ ନାୟକ ଓ ଆଞ୍ଚଳିକ ଡମପଡ଼ା ଡିଗ୍ରୀ ମହାବିଦ୍ୟାଳୟର ଯାଜ୍ଞସେନୀ ନାୟକଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି। ବିଚାରକ ଭାବେ ଶିକ୍ଷାବିତ୍ ପବନୀ ଜେନା, ଅଖିଳ ବୀରବର ହରିଚନ୍ଦନ ଯୋଗଦେଇ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକୁ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ବରିଷ୍ଠ କର୍ମଚାରୀ କାଳୀଚରଣ ତ୍ରିପାଠୀ ଓ ସୁଦର୍ଶନ ବେହେରା ପ୍ରମୁଖ ପରିଚାଳନା କରୁଥିଲେ।



ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

■ ମାହାଙ୍ଗା ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟ

# ଦୀର୍ଘଦିନ ଧରି ଅଫିସ୍‌ରେ ଝୁଲୁଛି ତାଲା

■ କାଗଜ କଲମରେ ଚାଲିଛି କାମ
■ ଏଠାରେ ନିଯୁକ୍ତ କର୍ମଚାରୀଙ୍କୁ ଜାଣି ନାହାନ୍ତି କହିଲେ ବିଡିଓ

**ମାହାଙ୍ଗା,୧୦।୧(ସ୍ୱ.ପ୍ର.)**

ପ୍ରାକୃତିକ ଦୈବଦୁର୍ବିପାକ ସମୟରେ ଚାଷୀମାନଙ୍କ ଫସଲ ଅମଳର କ୍ଷୟକ୍ଷତି ଆକଳନ କରି ପରିସଂଖ୍ୟାନ ବିଭାଗ ସରକାରଙ୍କୁ ରିପୋର୍ଟ ଦେଇଥାଏ। ଆଉ ଏହି ରିପୋର୍ଟକୁ ଆଧାର କରି ସମ୍ପୃକ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥାଏ। ଏଣୁ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ପରିସଂଖ୍ୟାନ ବିଭାଗର କାର୍ଯ୍ୟାଳୟ ଖୋଲାଯିବା ସହ କେତେକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ। ଏହି କ୍ରମରେ ମାହାଙ୍ଗା ବ୍ଲକ ଅଞ୍ଚଳରେ ପରିସଂଖ୍ୟାନ ବିଭାଗର ଏକ କାର୍ଯ୍ୟାଳୟ ରହିଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଏହି କାର୍ଯ୍ୟାଳୟଟିରେ ଦୀର୍ଘଦିନ ହେବ ତାଲାପଡ଼ିଛି। ଏପରିକି ଏହି ବିଭାଗରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଖୋଦ ବ୍ଲକର ବିଡିଓଙ୍କଠାରୁ ଆରମ୍ଭ କରି ତହସିଲଦାର ଓ କୃଷି ଅଧିକାରୀ ପର୍ଯ୍ୟନ୍ତ କେହି ହେଲେ ଜାଣି ନାହାନ୍ତି। ଯାହାଫଳରେ ଏହି କାର୍ଯ୍ୟାଳୟରେ କେବଳ କାଗଜ କଲମରେ ସବୁ ଜିନିଷ ଚାଲିଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଗତ କିଛିବର୍ଷ ତଳେ ବ୍ଲକ ପ୍ରଶାସନ ନିକଟକୁ ସରକାରଙ୍କ ପକ୍ଷରୁ ପରିସଂଖ୍ୟାନ ବିଭାଗକୁ ଏକ କାର୍ଯ୍ୟାଳୟ ଗୃହ ଯୋଗାଇ ଦେବାକୁ ନିର୍ଦ୍ଦେଶ ଆସିଥିଲା। ଏନେଇ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଥିବା ରାଜୀବ ସେବା କେନ୍ଦ୍ରରେ ଥିବା ଏକ ଗୃହକୁ ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟ ଭାବେ ଦିଆଯାଇଥିଲା। ଏହି କାର୍ଯ୍ୟାଳୟ ଖୋଲିବା ପରେ ଦୁଇତିନି ଜଣ କର୍ମଚାରୀ ଆସି ଦିନେ କି ଦୁଇ ଦିନ କାମ କରିଥିଲେ। ପରେ ଦୀର୍ଘ ଦିନ ହେବ ଏହି କର୍ମଚାରୀଙ୍କ ଦେଖା ନାହିଁ କି କାର୍ଯ୍ୟାଳୟ ମଧ ଖୋଲୁନାହିଁ। ଏପରିକି ଏହି କାର୍ଯ୍ୟାଳୟ ସମ୍ମୁଖରେ ସାଇନବୋର୍ଡ ଖଣ୍ଡେ ଲେଖା ଯାଇ ନାହିଁ। ଏ ସମ୍ପର୍କରେ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ପରିସଂଖ୍ୟାନ ବିଭାଗ କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ଆମେ ଏକ ଗୃହ କାର୍ଯ୍ୟାଳୟ ପାଇଁ ଯୋଗାଇ ଦେଇଛୁ। କିନ୍ତୁ ଏହି କାର୍ଯ୍ୟାଳୟକୁ କେହି ଆସୁ ନ ଥିବାବେଳେ ଏଠାକାର କର୍ମଚାରୀଙ୍କୁ ଜାଣି ନାହିଁ ବୋଲି ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ସେହିପରି ବ୍ଲକ କୃଷି ଅଧିକାରୀ ଶଶାଙ୍କ ଶେଖର ଦାସଙ୍କୁ ପଚାରିବାରୁ ପରିସଂଖ୍ୟାନ ବିଭାଗ କର୍ମଚାରୀଙ୍କୁ ସେ କେବେ ଦେଖି ନାହିଁ କି ଜାଣି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୁର, ସେହି ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ



### ରାଜାଧିରାଜ ବେଶ ହେଲେ ଅଲାରନାଥ

ବ୍ରହ୍ମଗିରି,୧୦।୧(ଡି.ଏନ.ଏ.): ପୌଷ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀ ଅଲାରନାଥ ଶୁକ୍ରବାର ପୁଷ୍ପାଭିଷେକ ହୋଇ ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଖୋଲାଯିବା ପରେ ସମସ୍ତ ନୀତିକାନ୍ତି ସମାପନ ପରେ ଶ୍ରୀ ଜିଉଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ଏଠାରେ ଚତୁର୍ଭୂଜ ନାରାୟଣ ବର୍ଷତମାମ ମନ୍ତ୍ରସ୍ନାନ ହେଉଥିବା ସମୟରେ ପୌଷ ପୂର୍ଣ୍ଣମୀରେ ମହାସ୍ନାନ ହୋଇଥାନ୍ତି। ଏହି ଆଧାରରେ ପୁଷ୍ପାଭିଷେକ ପାଇଁ ଗୁରୁବାରଠାରୁ ପଞ୍ଚତିର୍ଥ ଜଳ ସଂଗ୍ରହ କରାଯାଇଛି। ମନ୍ଦିର ସେବାୟତମାନେ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚତିର୍ଥ ଅର୍ଥାତ ତ୍ରିବେଣୀ ସଙ୍ଗମ, ମହୋଦଧି, ଅର୍ଜୁନଙ୍କ ଶରପୋଖରୀ ଏବଂ ମନ୍ଦିର ମଧରେ ରହିଥିବା ଯମୁନା କୂଅରୁ ଜଳ ସଂଗ୍ରହ କରି ମନ୍ଦିରର ଗର୍ଭଗୃହରେ ସଂରକ୍ଷିତ ରଖାଯାଇଥିଲା। ଏହି ଅଭିଷେକ ପରେ ଶ୍ରୀଜିଉଙ୍କୁ ରାଜାଧିରାଜ ବେଶ କରାଯାଇଥିଲା। ଏହି ବେଶରେ ରାଜପୋଷାକ, ସୁନାକିରଟି, ସୁନା ଚିତା, ସୁନାହାର, ରୁପା ବାହୁଟି, ବାଜୁ, ବଟଫଳ ଓ ରୁପା ପାଉଁଜି ଦ୍ୱାରା ବେଶ କରାଯାଇଥାଏ। ଶୀତୁଆ ସନ୍ଧ୍ୟାରେ ମହାପ୍ରଭୁଙ୍କ ଏହି ଦିବ୍ୟବେଶ ଦେଖିବା ପାଇଁ ଭକ୍ତଙ୍କ ସମାଗମ ଲାଗିରହିଥିଲା।

### ୫ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ,୧୦।୧ :** ପୁରୀ ଅବକାରୀ ପୋଲିସ ବ୍ରହ୍ମଗିରି ସାତପଡା ନିକଟ ସୁନାମୁହିଁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁନାମୁହିଁ ଅଞ୍ଚଳରେ ରହୁଥିବା ଅଶୋକ ସାହୁ(୨୪)। ପୋଲିସ ତାଙ୍କ ଠାରୁ ୫ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି। ଅଶୋକ ଦୀର୍ଘ ଦିନ ଧରି ନିଶା କାରବାର ଚଲାଇଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। କୌଣସି ସୂତ୍ରରୁ ଖବରପାଇ ଅବକାରୀ ପୋଲିସ ଶୁକ୍ରବାର ସୁନାମୁହିଁ ଛକରେ ଗ୍ରାହକ ବେଶରେ ଜଗି ତାଙ୍କୁ ଧରିଥିଲେ।

### ମଦ ବ୍ରିକି ଅଭିଯୋଗରେ ୫ ଗିରଫ

**ପୁରୀ ଅଫିସ,୧୦।୧ :** ବେଆଇନ ଭାବେ ମଦ ବ୍ରିକି ଅଭିଯୋଗରେ ଅବକାରୀ ପୋଲିସ ଶୁକ୍ରବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିନୋଲିଆ ସାହି ଏସ.ରାମ ବେହେରା, ଜି.ରାଜା ରାଓ(୩୨), ପିପିଲିର କବିରାଜ ପଲାଇ ଓ ପ୍ରଭାସ ସାମନ୍ତରାୟ। ପୋଲିସ ସେମାନଙ୍କଠାରୁ ଦେଶୀ ମଦ ଓ ରନ୍ଧାମଦ ଜବତ କରିଛନ୍ତି। ଆଇଆଇସି ବିକାଶ କୁମାର ନାୟକ ଏବଂ ପିପିଲି ଅବକାରୀ ଭାରପ୍ରାପ୍ତ ଅଧିକାରୀ ଆର.ମଲିକଙ୍କ ନେତୃତ୍ୱରେ ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ଧରିଥିଲା।

### ଥାନାରେ ମାମଲାକୁ ନେଇ ଗାଳିଗୁଲଜ

**ପୁରୀ ଅଫିସ,୧୦।୧ :** ପୁରୀ ସଦର ଥାନା ଅଧୀନ ଖଣ୍ଡିଆବନ୍ଧରେ ରତ୍ନାକାର ନାୟକଙ୍କୁ କଙ୍ଗାରୀ କୋର୍ଟରେ ବାସନ୍ଦ କରାଯାଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ଥାନାରୁ ଏତଲା ପ୍ରତ୍ୟାହାର କରିବା ଲାଗି ଉକ୍ତ ଗ୍ରାମର କେତେଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଶୁକ୍ରବାର ଥାନାରେ ପୁଣି ଅଭିଯୋଗ କରିଛନ୍ତି। ତାଙ୍କ ଜୀବନକୁ ବିପଦ ରହିଥିବା ମାମଲାରେ ଦର୍ଶାଯାଇଛି।

# 'ଅହଙ୍କାର ଛାଡ଼ି ରାଷ୍ଟ୍ର ଲାଗି ସମର୍ପିତ ହୁଅ'

## ତୀର୍ଥରାଜ ମହୋଦଧି ଆରତି ବାର୍ଷିକୋତ୍ସବ

- ମହୋଦଧି ଆରତି କଲେ ଶଙ୍କରାଚାର୍ଯ୍ୟ, ଗଜପତି ଓ ରାଜ୍ୟପାଳ
- ଶ୍ରୀକ୍ଷେତ୍ର ବିଶ୍ୱରେ ସର୍ବୋଚ୍ଚ ଆଧାତ୍ମିକ ପୀଠଭାବେ ସ୍ଥାନିତ ହେଉ : ଗଜପତି
- ଭାରତ, ନେପାଳ ଓ ଭୁଟାନକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିଲେ ଶଙ୍କରାଚାର୍ଯ୍ୟ



ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା ଏବଂ ରାଜ୍ୟପାଳ ମହୋଦଧି ଆଳତୀ କରୁଛନ୍ତି।

**ପୁରୀ ଅଫିସ,୧୦।୧**

ଭାରତ ଏକ ପ୍ରାଚୀନ ରାଷ୍ଟ୍ର। ବିଶ୍ୱକୁ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇ ଆସୁଥିବା ଭାରତ ପୁଣି ବିଶ୍ୱଗୁରୁ ସ୍ଥାନରେ ଆସିତ ହେବ। ଦେଶରେ ବଢୁଥିବା ଆଧାତ୍ମିକ ଉର୍ଜାର ବାହକ ହୁଅନ୍ତୁ ବୋଲି ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୩ତମ ବାର୍ଷିକ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ବେଦମନ୍ତ୍ର ପାଠରେ ପ୍ରକମ୍ପିତ ହୋଇଥିଲା ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରତଟ।

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ ସମେତ ରାଜ୍ୟପାଳ ମହୋଦଧିରେ ପୁଷ୍ପ ଅର୍ପଣ କରିବନ୍ଦନା କରିଥିଲେ। ପରେ ଆୟୋଜିତ ମଞ୍ଚରେ ସେମାନେ ମହୋଦଧିର ଆରତି କରିଥିଲେ। ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ହୁଳହୁଳି, ମନ୍ତ୍ରଧ୍ୱନିରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭକ୍ତଙ୍କୁ ସମ୍ବୋଧିତ କରି ଗଜପତି ମହାରାଜ କହିଲେ ଯେ, ଭାରତୀୟ ସଂସ୍କୃତି ପରମ୍ପରାରେ ଧର୍ମଗୁରୁଙ୍କ ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ସ୍ଥାନ ରହିଛି। ଧର୍ମଗୁରୁଙ୍କ ମାର୍ଗଦର୍ଶନରେ ସମାଜରେ ଶାନ୍ତି,ମୈତ୍ରୀ, ସଦ୍‌ଭାବ ପ୍ରତିଷ୍ଠିତ ହୋଇପାରିବ। ଆହୁରି ସେ କହିଛନ୍ତି, ଉଚ୍ଚ ନ୍ୟାୟାଳୟ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ପରିଚାଳନାରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ ନିଅନ୍ତୁ ବୋଲି ଏକ ଐତିହାସିକ ରାୟ ଦେଇଛନ୍ତି। ପରିବର୍ତ୍ତନ ଧର୍ମମାର୍ଗରେ ହେଉ। ଶ୍ରୀକ୍ଷେତ୍ର ବିଶ୍ୱରେ ସର୍ବୋଚ୍ଚ ଆଧାତ୍ମିକ ପୀଠଭାବେ ସ୍ଥାନିତ ହେଉ ବୋଲି ଗଜପତି କହିଥିଲେ। ଏହି ଅବସରରେ ବ୍ରହ୍ମପୁର ଜଣେ ଯୁବ ଚିତ୍ରଶିଳ୍ପୀ ପେନ୍‌ସିଲରେ ଗଜପତି ମହାରାଜଙ୍କ ଚିତ୍ରିତ ତୈଳ ଫଟୋ ଚିତ୍ର ଗଜପତି ମହାରାଜଙ୍କୁ ଅର୍ପଣ କରିଥିଲେ।

ଶ୍ରଦ୍ଧାଳୁ ଭକ୍ତଙ୍କୁ ସମ୍ବୋଧିତ କରି ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଲେ ଯେ, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ଐତିହ୍ୟ କରିଡର ନେଇ ସାରା ବିଶ୍ୱରେ ଓଡ଼ିଶାର ଚର୍ଚ୍ଚା ହେଉଛି। ଅନ୍ୟ ରାଜ୍ୟରେ ଥିବା ତୀର୍ଥକ୍ଷେତ୍ର ଏବଂ ଐତିହ୍ୟ ପୀଠସ୍ଥଳୀ ବିକାଶ ହେଉ। ପୁରୁଷୋତ୍ତମ କ୍ଷେତ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ଆଧାତ୍ମିକ କ୍ଷେତ୍ରରେ ପରିଣତ ହେଉ। ଶଙ୍କରାଚାର୍ଯ୍ୟ ପୀଠ ଦେବୋତ୍ତର ବିଭାଗରୁ ମୁକ୍ତ ହେବା ସହ ଅନ୍ୟ ପୀଠଗୁଡିକ ମୁକ୍ତ ହେଉ ବୋଲି ସେ କହିଥିଲେ। ଏହି ଅବସରରେ ଶଙ୍କରାଚାର୍ଯ୍ୟ ନିଶ୍ଚିଳାନନ୍ଦ ସରସ୍ୱତୀ ଭାରତ, ନେପାଳ ଓ ଭୁଟାନକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧରେ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ, ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ମହନ୍ତ ବଂଶୀଧର ଗୋସ୍ୱାମୀ, ମୁକ୍ତି ମଣ୍ଡପ ପଣ୍ଡିତ ସଭା ଉପସଭାପତି ଅଶୋକ ମହାପାତ୍ର, ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର, ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ସଭାପତି ହେମନ୍ତ କୁମାର ଦାଶ, ସଚ୍ଚିଦାନନ୍ଦ ସରସ୍ୱତୀ, ଇଂ.ପ୍ରଶାନ୍ତ ଆଚାର୍ଯ୍ୟ, ଆଦିତ୍ୟ ବାହିନୀର ମହାମନ୍ତ୍ରୀ ଜିତେନ୍ଦ୍ର ମହାପାତ୍ର, ଡ.ପ୍ରଫୁଲ୍ଲ ରଥ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସ୍ୱାମୀ ନିର୍ବିକାଳ୍ପାନନ୍ଦ, ସ୍ୱାମୀ ଜୀବନ୍ମୁକ୍ତାନନ୍ଦୀ ମହାରାଜ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

## ପୁଷ୍ପାଭିଷେକ ବେଶରେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ,୧୦।୧(ଡି.ଏନ୍.ଏ.)**

ପୌଷ ପୂର୍ଣ୍ଣମୀ ଉପଲକ୍ଷେ ଶୁକ୍ରବାର ଅପରାହ୍ନରେ ସାକ୍ଷୀଗୋପାଳ ଠାକୁରଙ୍କ ପୁଷ୍ପାଭିଷେକ ବେଶ ଅନୁଷ୍ଠିତ ହୋଇଥିଲା। ଦୈନନ୍ଦିନ ଦେବ ନୀତି ସହିତ ସୁଗନ୍ଧିତ ଜଳ କଳସ ପାଣିପୂଜା କରାଯିବା ପରେ ରତ୍ନ ସିଂହାସନ ଉପରେ ସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କୁ ନଅ ଘର ପୁଷ୍ପାଳକ ପୂର୍ଣ୍ଣସ୍ନାନ କରାଇଥିଲେ। ନୂତନ ବସ୍ତ୍ରଲାଗି, ଅଳଙ୍କାର, ସୁବର୍ଣ୍ଣବଂଶୀ, ଫୁଲରେ ପ୍ରସ୍ତୁତ ଟୋପି, ଚାଦର, ଫୁଲହାର, ଟାହିଆ, ଛତି ଓ ତ୍ରାସ ଲାଗି କରାଯାଇଥିଲା। ଯାତ ଭୋଗ ଆଳତି ଉପଚାର ନୀତି ସରିବା ପରେ ଶ୍ରଦ୍ଧାଳୁମାନେ ମନ୍ଦିର ଗମ୍ଭୀରାକୁ ଯାଇ ଠାକୁରଙ୍କ ପୁଷ୍ପାଭିଷେକ ବେଶ ଦର୍ଶନ କରିଥିଲେ। କୁସୁମ, ମାଣିକ ଚାନ୍ଦି, ରଜନୀଗନ୍ଧା, ସେବତୀ ଓ ଗୋଲାପ ଆଦି ଫୁଲରେ ମାଳି ସେବକମାନେ ଠାକୁରଙ୍କ ଫୁଲଘୋଡ, ଛତିତ୍ରାସ, ଫୁଲମାଳ ପ୍ରସ୍ତୁତ କରିଥିଲେ। ଠାକୁରଙ୍କ ସର୍ବାଙ୍ଗ ଶରୀର ଫୁଲରେ ଆଚ୍ଛାଦିତ କରାଯାଇଥିବାରୁ କେବଳ ଶ୍ରୀମୁଖ ଦର୍ଶନ ମିଳିଥିଲା। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ଆଖପାଖ ଶ୍ରଦ୍ଧାଳୁଙ୍କ ସହିତ ଗଙ୍ଗାସାଗର ଯାତ୍ରୀମାନଙ୍କ ଭିଡ ଲାଗିଥିଲା। କେତେଜଣ ଶ୍ରଦ୍ଧାଳୁ ଠାକୁରଙ୍କ ବେଶ ପାଇଁ ଫୁଲ, ଫୁଲମାଳ, ଟୋପି, ଟାହିଆ ଆଦି ଆଣିଥିବା ଦେଖାଯାଇଥିଲା।



'ରୂପ ଆଣ୍ଡ ଟ୍ରୁପ୍'ର ବାର୍ଷିକ ଉତ୍ସବରେ ଶୁକ୍ରବାର ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## କୁଣ୍ଡିସ ଗ୍ରାମରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଗୋପ,୧୦।୧(ଡି.ଏନ.ଏ.)**

ଗୋପ ଥାନା ଅଧୀନ କୁଣ୍ଡିସ ଗ୍ରାମର ସୁବ୍ରତ କୁମାର ସ୍ୱାଇଁ(୩୬) ଗୁରୁବାର ଅଚେତ ଅବସ୍ଥାରେ ପଡିଥିବାବେଳେ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡ୍ୟୁଟିରେ ଥିବା ଡା.ସତ୍ୟବ୍ରତ ସାହୁ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଯୁବକଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ନେଇ କେତେକ ଯୁବକ ଜୋର ଜବରଦସ୍ତି ମୃତଦେହ ନେବାକୁ ଚେଷ୍ଟା କରିବା ସହ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଡାକ୍ତର ସାହୁ ଗୋପ ଥାନାକୁ ଅବଗତ କରାଇବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ପୋଲିସ ଥାନାରେ ନଂ.୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସୁବ୍ରତ ଗୁରୁବାର ସନ୍ଧ୍ୟାରେ ଗୋପ ବଜାରର ରାସ୍ତାକଡ଼ରେ ଅଚେତ ଅବସ୍ଥାରେ ପଡିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ନିକଟସ୍ଥ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସାହୁ ଦେଖିବା ପରେ ଅତ୍ୟାଧିକ ନିଶା ସେବନ ଲାଗି ସୁବ୍ରତଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ କହୁଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି।

## ■କଣାସରେ କାଉ ମଡ଼କ ଘଟଣା
## ଡାକ୍ତରୀ ଟିମର ଅନୁଧ୍ୟାନ



କାଉ ମଡ଼କ ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ଡାକ୍ତରୀ ଟିମ୍‌ର ସଦସ୍ୟମାନେ।

**କଣାସ,୧୦।୧(ସ୍ୱ.ପ୍ର.)**

ଚିଲିକା ଉତ୍ତରନାସୀର ଆଖପାଖ ଗ୍ରାମଗୁଡ଼ିକରେ ଶତାଧିକ କାଉ ମରିପଡୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶୁକ୍ରବାର ଏକ ଡାକ୍ତରୀ ଦଳ କଣାସ ବ୍ଲକର ଗୋପୀନାଥପୁର, କଳାପଦର, ଜାଗୁଲାଇପଦର, ପାଇକମରା, ବଡଓରା, ସାନଓରା, ଓଗାଳପୁର, ସାହସପୁର, କୌଡଖଣି ଗ୍ରାମକୁ ଯାଇ ମରିପଡିଥିବା କାଉଗୁଡିକୁ ପୋତିବା ସହିତ କୁକୁଡାଙ୍କଠାରୁ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଥିବା ଜଣାପଡିଛି। କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡା. ସାଗର କୁମାର ସାମଲ, ମୁରଲୀଧର ବେହେରା, ରାଜକିଶୋର ନାୟକ, ଗୋମିତ୍ର ତାରେଶ୍ୱର ପଲେଇ, ପବିତ୍ର ବେହେରା ପ୍ରମୁଖ ଘଟଣାସ୍ଥଳକୁ ଯାଇ ରକ୍ତ ସଂଗ୍ରହ କରିଥିଲେ। ଅତ୍ୟଧିକ ବର୍ଷା ଓ ଥଣ୍ଡା ପାଗ ଯୋଗୁ କାଉଙ୍କ ମୃତ୍ୟୁ ହୋଇଥିବା ଡା. ସାମଲ ପ୍ରକାଶ କରିଛନ୍ତି।

## ଦୟା ନଦୀରେ ବୁଡ଼ି ଶିଶୁ ମୃତ

**କଣାସ,୧୦।୧(ସ୍ୱ.ପ୍ର.)**

ଦୟା ନଦୀରେ ବୁଡ଼ି ଗୁରୁବାର ଜଣେ ୩ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ କଣାସ ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମର ବୁଧିଆ ଦଳାଇ। ସୂଚନା ଅନୁଯାୟୀ, ବୁଧିଆ ଗୁରୁବାର ମଧ୍ୟାହ୍ନରେ ଘରୁ କେଉଁଆଡେ ପଳାଇଯାଇଥିଲେ। ଘରକୁ ଫେରିବାରୁ ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ନଦୀରେ ଜାଲ ପକାଉଥିବା ବେଳେ ବୁଧିଆର ମୃତଦେହ ଦେଖିବାକୁ ପାଇଥିଲେ। ଏହା ପରେ ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ପ୍ରଥମେ କଣାସ ଓ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିମାପଡ଼ାରେ ସାରଳା ବିଶ୍ୱଭାଷା ପଦଯାତ୍ରା

**ନିମାପଡ଼ା,୧୦।୧(ଡି.ଏନ୍.ଏ.)**



ସହର ପରିକ୍ରମା ପାଇଁ ବାହାରିଥିବା ପଦଯାତ୍ରା।

ଆଦିକବି ସାରଳା ଦାସଙ୍କ ସମ୍ମିଳନୀ ଅବସରରେ ରାଜ୍ୟର ବିଭିନ୍ନ ଜିଲାରେ ଅନୁଷ୍ଠିତ ହେଉଛି ସାରଳା ବିଶ୍ୱ ଭାଷା ପଦଯାତ୍ରା। ଶୁକ୍ରବାର ନିମାପଡ଼ାରେ ସାରଳା ବିଶ୍ୱ ଭାଷା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରାରେ ନିମାପଡ଼ା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରାୟ ୫ଶହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ, ପିଙ୍ଗଳାକ୍ଷୀ ୱେଲଫେୟାର ଅର୍ଗାନାଇଜେଶନର କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସାହିତ୍ୟିକ ଓ ଗାଳ୍ପିକମାନେ ଯୋଗଦେଇଥିଲେ। ପଥପ୍ରାନ୍ତ ସଭାରେ ମନ୍ତ୍ରୀଙ୍କ ସମେତ ନିମାପଡ଼ା କଲେଜ ଅଧ୍ୟାପକ ଜଗତ୍ ପ୍ରସାଦ ସାବୁତ, କୃଷ୍ଣଚନ୍ଦ୍ର ସାବୁତ, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ଇନ୍ଦିରାଗାନ୍ଧୀ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଅନୁପମା ସ୍ୱାଇଁ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟକୁ ବିଶ୍ୱବିଦିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପଦଯାତ୍ରା ଜୟଶ୍ରୀ ଛକଠାରୁ ବାହାରି ନିମାପଡ଼ା ସହର ପରିକ୍ରମା କରିଥିଲା।



ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ଥିବା ଭାଜପା କର୍ମୀମାନେ।

## ନାଗରିକତ୍ୱ ସଂଶୋଧନ ଆଇନ ସଚେତନା ଅଭିଯାନ

**କୋଣାର୍କ,୧୦।୧(ଡି.ଏନ.ଏ)**

ପୁରୀ ଜିଲା ଭାଜପା ପକ୍ଷରୁ ୧୨ ନଂ ଜୋନ ବାଲିକପିଳେଶ୍ୱର ମଣ୍ଡଳର କର୍ମକର୍ତ୍ତାମାନଙ୍କୁ ନେଇ ନୂତନ ଭାବେ ପ୍ରଣୟନ ହୋଇଥିବା ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସପକ୍ଷରେ ଜନସଚେତନତା ଅଭିଯାନ ସୁତନ ଗ୍ରାମ ରୁଦ୍ରାଣିପୀଠରେ ଆୟୋଜନ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ପ୍ରକାଶ କୁମାର ପାଇକରାୟ, ସାଧାରଣ ସମ୍ପାଦକ ଅକ୍ଷୟ ପ୍ରଧାନ, ସଞ୍ଜୟ ବେହେରା ଓ ଜିଲା ଭାଜପା କାର୍ଯ୍ୟକର୍ତ୍ତା ତପସ୍ୱିନୀ ବେହେରା ପ୍ରମୁଖ ଯୋଗଦେଇ ଏହି ନୂଆ ଆଇନ ବିଷୟରେ କର୍ମକର୍ତ୍ତାଙ୍କୁ ବୁଝାଇବା ସହ ଏହା ଉପରେ ପରାମର୍ଶ ଦେଇଥିଲେ। ଏହି ଆଇନର ସାରମର୍ମ ଓ ସମସ୍ତ ପଞ୍ଚାୟତର କର୍ମକର୍ତ୍ତାମାନେ କିଭଳି ଜନସାଧାରଣଙ୍କୁ ବୁଥ ସ୍ତରରେ ଏହି ଆଇନ ବିଷୟରେ ସଚେତନ କରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଲୋକମାନେ ଭୟଭୀତ ନ ହୋଇ ପ୍ରକୃତ ଆଇନର କାର୍ଯ୍ୟଧାରାକୁ ବିଶ୍ୱାସ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୁତନ ପଞ୍ଚାୟତ ନିମନ୍ତେ ନୂତନ କାର୍ଯ୍ୟକର୍ତ୍ତା ଭାବେ ପ୍ରମୁଖ ବେଣୁଧର ସାହୁ, ସହପ୍ରମୁଖ ଜଗଦୀଶ ବେହେରା ଓ ବୁଥ ସଭାପତି ଭାବେ ଦେବୀପ୍ରସାଦ ନାୟକ, ଦେବେନ୍ଦ୍ର ସାହୁ, ବୁଲୁ ବେହେରାଙ୍କୁ ମନୋନୀତ କରାଯାଇଥିଲା।

## ବିଭିନ୍ନ ଦାବିରେ କଲେଜ ଆଗରେ ଛାତ୍ରଙ୍କ ଧାରଣା

**ନିମାପଡ଼ା,୧୦।୧(ଡି.ଏନ.ଏ)**

ବିଭିନ୍ନ ଦାବି ନେଇ ଶୁକ୍ରବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶତାଧିକ ଛାତ୍ର କଲେଜର ମୁଖ୍ୟ ଫାଟକ ବନ୍ଦ ରଖିବା ସହ ଧାରଣା ଦେଇଥିଲେ। ଖେଳପଡ଼ିଆର ପୁନରୁଦ୍ଧାର, ତୁରନ୍ତ ବାର୍ଷିକ ଉତ୍ସବ ଆୟୋଜନ କରିବା, ନାକ୍ କମିଟି ଦ୍ୱାରା ମାନ୍ୟତା ହ୍ରାସ କାହିଁକି ହେଲା ଆଦି ଦାବିନେଇ ପୂର୍ବାହ୍ନ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ଏକ ଘଣ୍ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପକ ପ୍ରଣବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ଅଧ୍ୟକ୍ଷ କାର୍ଯ୍ୟରେ ଯୋଗଦେବା ପରେ ଦାବିଗୁଡ଼ିକ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଛାତ୍ରନେତା ଗୌରବ ଘୋଷାଲ୍, ଆଶୁତୋଷ ପ୍ରଧାନ, ଅଜୟ ସାହୁ, ରାକେଶ ସାହୁ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶନିବାର ଯଦି ଦାବିଗୁଡ଼ିକ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆ ନ ଯାଏ, ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।




ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ଆଗରେ ଛାତ୍ରମାନେ ଧାରଣା ଦେଇଛନ୍ତି।



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା
ହାସଲ କରିପାରି ନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ବାକନ୍



## ସଂକ୍ଷେପରେ

### ୧୨ରେ ନେଚର ଲଭର୍ସ କ୍ଲବ ପକ୍ଷରୁ ଡଗ୍ ଶୋ

ପୁରୀ ଅଫିସ,୧୦।୧: ଆସନ୍ତା ୧୨ ତାରିଖରେ ନେଚର ଲଭର୍ସ କ୍ଲବ ପକ୍ଷରୁ ଡଗ୍ ଶୋ ଅନୁଷ୍ଠିତ ହେବ। ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ଡଗ୍ ଶୋ କରାଯିବ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ପ୍ରଜାତିର କୁକୁର ଭାଗ ନେବେ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି କ୍ଲବ ପକ୍ଷରୁ ଗାନ୍ଧୀ ପାର୍କରେ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ୧୯ ତାରିଖ ସନ୍ଧ୍ୟା ୭ଟାରେ ପୁରସ୍କାର ବିତରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ପୂର୍ତ୍ତ ବିଭାଗ ଜମିରେ ଘରୋଇ ଶିକ୍ଷାନୁଷ୍ଠାନ

ଗୋପ,୧୦।୧(ଡି.ଏନ.ଏ): ଗୋପ ଅଞ୍ଚଳର ପୂର୍ତ୍ତ ବିଭାଗର ରାସ୍ତା ପାର୍ଶ୍ୱରେ ଥିବା ଏକର ଏକର ସରକାରୀ ଜମିକୁ ଏକ ଘରୋଇ ଶିକ୍ଷାନୁଷ୍ଠାନ କାବୁ କରି ବେଆଇନ ଭାବେ ଶିକ୍ଷାନୁଷ୍ଠାନ ଚଲାଉଥିବା ଅଭିଯୋଗ ହୋଇଛି। ପରେ ଏହାକୁ ଉଚ୍ଛେଦ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ ସ୍ଥାନୀୟ ପ୍ରଶାସନ ଉଚ୍ଛେଦ କରିବାକୁ ଭୟ କରୁଥିବା ଚର୍ଚ୍ଚା ହେଉଛି। ଏହି ଘରୋଇ ଶିକ୍ଷାନୁଷ୍ଠାନଟି ରାଜନୈତିକ ବାହୁଛାୟା ତଳେ ରହିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗୋପ-ବାଲିଘାଇ ରାସ୍ତାର ଗଣେଶ୍ୱରପୁର ନିକଟରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ଦୀର୍ଘ ବର୍ଷ ଧରି ପୂର୍ତ୍ତ ବିଭାଗର ଜମିକୁ ଜବରଦଖଲ କରି ଶିକ୍ଷାନୁଷ୍ଠାନ ନିର୍ମାଣ କରିବା ନେଇ ୨୦୧୯ ମସିହା ଅକ୍ଟୋବରରେ ପୁରୀ ଜିଲାପାଳ ବଲୱନ୍ତ ସିଂ ସମେତ ଗୋପ ତହସିଲଦାରଙ୍କୁ ଏକ ଚିଠି ଯୋଗେ ଅଭିଯୋଗ କରିଥିଲେ। ଏହି ଘରୋଇ ଶିକ୍ଷାନୁଷ୍ଠାନ ମାତ୍ର ୮ ଡିସିମିଲି ଜାଗା କିଣି ସ୍କୁଲ କରିଥିବାବେଳେ ପୂର୍ତ୍ତ ବିଭାଗରେ ଥିବା ଗଣେଶ୍ୱରପୁର ମୌଜାର ଖାତା ନଂ୧୩୧୨ରେ ଥିବା ଦୁଇଟି ପ୍ଲଟ୍‌ର ସମୁଦାୟ ୫ଏକର ୩ ଡିସିମିଲି ଜମିର କେତେକ ଅଂଶକୁ ଜବରଦଖଲ କରି ସ୍କୁଲ କରିଛନ୍ତି। ଏପରି ଘଟଣାକୁ ନେଇ ଅଭିଯୋଗ ଆସିବା ପରେ ପୁରୀ ଜିଲାପାଳ ସିଂ ପୂର୍ତ୍ତ ବିଭାଗ, ଗୋପ ତହସିଲକୁ ତୁରନ୍ତ ମାପଚୁପ କରି ଜବରଦଖଲ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ୯ତାରିଖ ଦିନ ଏହି ଜବରଦଖଲ ଜମିକୁ ତହସିଲଦାରଙ୍କ ନିର୍ଦ୍ଦେଶରେ ମାପଚୁପ କରାଯାଇଥିଲେ ମଧ ତାହା ଏପର୍ଯ୍ୟନ୍ତ ଉଚ୍ଛେଦ ହୋଇପାରି ନାହିଁ। ଅନ୍ୟପଟେ ଏହି ଶିକ୍ଷାନୁଷ୍ଠାନ କରିବା ପଛରେ କେତେକ ରାଜନୈତିକ ଲୋକଙ୍କ ହାତଥିବା ସରକାରୀ କର୍ମଚାରୀମାନେ ଜାଣିବା ପରେ ଚୁପ ହୋଇ ରହିଯାଇଛନ୍ତି। ସାଧାରଣରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଶୁଣୁ ନ ଥିବା ଭଳି ଅଭିଯୋଗ ହେଉଛି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କୁହନ୍ତି, ମାପଚୁପ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଜମି ଦଖଲରେ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ସରକାରୀ ଖାତାକୁ ଜମି ଫେରିବ।

### ହୃଦ୍‌ଘାତରେ ସିଡିପିଓଙ୍କ ମୃତ୍ୟୁ

ପିପିଲି,୧୦।୧(ଡି.ଏନ.ଏ): ପିପିଲି ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କଳ୍ପନା ଜେନାଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ୨୦୧୫ ଜୁନରୁ ପିପିଲି ସିଡିପିଓ ଭାବେ କାର୍ଯ୍ୟରତ ଥିଲେ। ଶୁକ୍ରବାର ସେ ସବୁଦିନ ଭଳି କାର୍ଯ୍ୟାଳୟକୁ ଆସିଥିଲେ। ପିପିଲି ଏନଏସିର ୨ନଂ. କେନ୍ଦ୍ରକୁ ଯାଇ ସେଠାରେ ନିର୍ମାଣାଧୀନ ଅଙ୍ଗନୱାଡି ଗୃହ ପରିଦର୍ଶନ କରି ଭାରତୀପୁର ପଞ୍ଚାୟତର ଜମ୍ୱିଲା କେନ୍ଦ୍ରକୁ ଯାଇଥିଲେ। ତେବେ ସେଠାରେ ଗାଡିରୁ ଓହ୍ଲାଉଥିବା ବେଳେ ହଠାତ୍ ତଳେ ପଡ଼ି ଅଚେତ୍ ହୋଇଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପିପିଲି ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି । ତାଙ୍କ ପରଲୋକରେ ପିପିଲି ବିଧାୟକ ପ୍ରଦୀପ ମହାରଥୀ, ବିଡିଓ ଡ. ଗୌରବମୟ ପ୍ରଧାନ ଓ ତହସିଲଦାର ସପନ ନନ୍ଦଙ୍କ ସମେତ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ଭାଜପା ନେତା ଆଶ୍ରିତ ପଟ୍ଟନାୟକ, ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟ, ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ଆମ୍ବା ଅଧକ୍ଷ ଧରଣୀଧର ସାହୁ, ଯୁବ ନେତା କୁନା ସାମନ୍ତରାୟ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ତାଙ୍କ ମୃତଦେହ ପିପିଲି ବ୍ଲକ ପରିସରରେ ପହଞ୍ଚିବା ପରେ ସେଠାରେ ଶେଷଦର୍ଶନ କରାଯାଇଥିଲା।

■ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଶିଶୁଙ୍କୁ ସ୍ନେହ, ଭଲପାଇବା ଶିଖାଅ

ଡେଲାଙ୍ଗ,୧୦।୧(ଡି.ଏନ.ଏ):

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ନହ ଓ ଭଲପାଇବା ହେଉଛି ସୁସ୍ଥ ସମାଜ ଗଠନ ପାଇଁ ଜରୁରୀ ବୋଲି କହିଥିଲେ। ଶିଶୁଙ୍କୁ ଉଚିତ୍ ଶିକ୍ଷାଦାନ ସହ ସେମାନଙ୍କୁ ସ୍ନେହ କରିବା ଓ ଭଲପାଇବା ଶିଖାଇଲେ, ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ପ୍ରଦୀପ ମହାରଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ହିଁ ପ୍ରତ୍ୟେକ ପିଲାଙ୍କୁ ସମାଜରେ ପ୍ରତିଷ୍ଠିତ ମଣିଷ କରାଇବାରେ ସହାୟକ ହେବ ବୋଲି କହିଥିଲେ। ବିଧାୟକ ମହାରଥି ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତୀକରଣ ନିମନ୍ତେ ୧୦ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଶତାଧିକ ଛାତ୍ରୀଛାତ୍ର ଏକ ବିଶାଳ ଶୋଭାଯାତ୍ରାରେ ବେରବୋଇ ଗାନ୍ଧୀ ପୀଠରେ ପହଞ୍ଚିଥିଲେ। ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ ଘନଶ୍ୟାମ ପ୍ରଧାନ, ନୃସିଂହ ଚରଣ ଜେନା, ସଞ୍ଜୟ ଜେନା, ସନ୍ତୋଷ ଭଞ୍ଜ, ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କସ୍ତୁରବା ସେବାଶ୍ରମ ସଞ୍ଚାଳିକା କବିତା ରାଣୀ ପରିଡ଼ାଙ୍କ ରାମଧ୍ୱନି ଗାନ କରାଯିବା ପରେ ଏହି ମଶାଲ ଶୋଭାଯାତ୍ରା ବାହାରି ଡେଲାଙ୍ଗ ହାଟ ବଜାର ପରିକ୍ରମା କରି ବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିଲା। ମଧ୍ୟାହ୍ନରେ ଗାନ୍ଧୀ ଜୀବନ ଓ ଦର୍ଶନ ପାଠ୍ୟଚକ୍ର ଲେଖକ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ନେତ୍ରାନନ୍ଦ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହିତ ନେତ୍ରାନନ୍ଦ ପାଠାଗାର ଉଦ୍‌ଘାଟନ କରିବା ସହ ବୃକ୍ଷରୋପଣ କରାଯାଇଥିଲା। ବାଲୁକା ଶିଳ୍ପୀଙ୍କ ଦ୍ୱାରା ବାଲୁକା କଳା, ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ସ୍ୱର୍ଣ୍ଣାକ୍ଷରୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡ଼ା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଡ.ପ୍ରଦ୍ୟୋତ କେଶରୀ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଘନଶ୍ୟାମ ପ୍ରଧାନ, ସଭାପତି ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଚ୍ଚିଦାନନ୍ଦ ପ୍ରଧାନ, ସ୍ୱାଧୀନ ପ୍ରଧାନ, ବିଳାସିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।




ପୁରୀ ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ଆୟୋଜିତ ଶିଶୁ ଶିବିରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯାଉଛି ।

■ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

# ଇନ୍‌ଡୋର ଷ୍ଟାଡିୟମ୍‌ରେ ହେବ ପରେଡ

ପୁରୀ ଅଫିସ,୧୦।୧:

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଶୁକ୍ରବାର ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣତନ୍ତ୍ର ଦିବସକୁ ସୁଚାରୁ ରୂପେ ପାଳନ ଲାଗି ଆଲୋଚନା ହୋଇଥିଲା। ତେବେ ପ୍ରତିବର୍ଷ ଶରଧାବାଲିଠାରେ ସାଧାରଣତନ୍ତ୍ର ଦିବସର ପରେଡ ଏବଂ ସଭା କାର୍ଯ୍ୟ ହେଉଥିଲା। କିନ୍ତୁ ଚଳିତଥର ପରେଡ ଏବଂ ସଭାସ୍ଥଳ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ କରାଯିବା ଲାଗି ଆପାତତଃ ସ୍ଥିର ହୋଇଛି।

ଆସନ୍ତା ୨୬ ତାରିଖ ସକାଳ ସାଢେ ୮ଟାରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଗାନ୍ଧୀ ସ୍ମୃତି ପୀଠ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏଥିସହ ସହରର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହେବ। ପ୍ରାତଃ ସମୟରେ ରାମଧୂନ ଓ ପ୍ରଭାତ ଫେରି ହେବ । ପରେଡ ପୂର୍ବାଭ୍ୟାସ ୨୨, ୨୩ ଓ ୨୪ ତାରିଖରେ କରାଯିବ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୧୩ ତାରିଖରେ ଚିତ୍ରାଙ୍କନ ଓଡ଼ିଆ ପ୍ରବନ୍ଧ ଏବଂ ବନାଟି ପ୍ରତିଯୋଗିତା କରାଯିବ। ୧୪ ତାରିଖରେ ଦେଶାତ୍ମବୋଧକ ସଙ୍ଗୀତ ଓ ୧୫ରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା କରାଯିବ। ପରେଡରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରାଯିବ। ସକାଳେ ପରେଡ ପଡିଆରେ ଏବଂ ସନ୍ଧ୍ୟାରେ ପୌରସଦନ ପ୍ରେକ୍ଷାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟା ୩୦ରେ ରକ୍ତଦାନ ଶିବିର ଏବଂ ନରେନ୍ଦ୍ରକୋଣ ଉତ୍କଳ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟାଯିବ। ୨୬ ତାରିଖ ଅପରାହ୍ନ ୨ଟାରେ ଏସ୍‌ସିଏସ୍ କଲେଜ ଖେଳପଡ଼ିଆରେ ଜିଲା ପ୍ରଶାସନ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଖେଳାଯିବା ଲାଗି ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଆଲୋକସଜ୍ଜା, ତୋରଣ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଚଳିତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଜିଲାର ବ୍ୟକ୍ତିବିଶେଷଙ୍କୁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଡିଆଇଜି ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କୋଣାର୍କ,୧୦।୧(ଡି.ଏନ.ଏ)

ପୁରୀର ନେହେରୁ ଯୁବକେନ୍ଦ୍ର ପକ୍ଷରୁ କୋଣାର୍କ ନିକଟସ୍ଥ ଅର୍ବାନ ହାଟ ପରିସରରେ ଇଡ୍‌କୋ ପ୍ରଶିକ୍ଷଣ କେନ୍ଦ୍ରରେ ୧୫ଦିନିଆଁ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲାର ଯୁବ ସଂଯୋଜକ ଜୟଶଙ୍କର ଯୋଶୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅରୁଣ କୁମାର ଜେନା, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ନିମାପଡ଼ା ଏସ୍‌ଡିପିଓ ଅଶୋକ ବେହେରା, ଆଇନଜୀବୀ ଦିଗାମ୍ବର ବେହେରା, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇ ଯୁବସମାଜ ଚାକିରି ପଛରେ ନ ଗୋଡ଼ାଇ ସ୍ୱାବଲମ୍ବନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକରୁ ୬୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦେଇଥିଲେ। ରାମକୃଷ୍ଣ ମହାନ୍ତି, ନିରଞ୍ଜନ ତ୍ରିପାଠୀ, ପ୍ରତାପ କାଣ୍ଡି, ଦିଗାମ୍ବର ବେହେରା, ଦିଲୀପ ଜେନା, ଯଶସ୍ୱୀ ରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି

ପୁରୀ ଅଫିସ,୧୦।୧:

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି ମଧ୍ୟରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ୩ଟି ଘରୋଇ ପ୍ଲଟରୁ କୋଠା ଭଙ୍ଗା ଯାଇଥିବାବେଳେ ପଶ୍ଚିମ ଦ୍ୱାର ପାର୍ଶ୍ୱରେ ୩ଟି ପ୍ଲଟରୁ ଉଚ୍ଛେଦ ହୋଇଛି । ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଉଚ୍ଛେଦ ସମୟରେ ଭକ୍ତଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା । ତେବେ ଉତ୍ତର ଦ୍ୱାର ନିକଟରେ ଘରୋଇ କୋଠା ଉଚ୍ଛେଦ ସମୟରେ ରେବସା ମଠ ପାଚେରି ଭାଙ୍ଗିଥିଲା । ଏହି ମଠ ମଧ ସୁରକ୍ଷା ଜୋନରେ ଥିବାରୁ ଆଗାମୀ ଦିନରେ ଏହାକୁ ମଧ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।



ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ରେବସା ମଠକୁ ଭଙ୍ଗାଯାଉଛି ।

# ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ

ପୁରୀ ଅଫିସ,୧୦।୧:

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟ ପରିସରରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିଗୁଆଳି ପଞ୍ଚାୟତ ଓ ନାଗପାଟଣା ଗ୍ରାମର ଗରିବ, ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ଦିଆଯାଇଥିଲା। ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ର, ରୋଟାରି କ୍ଲବ ଓ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ମିଳିତ ସହଯୋଗରେ କମ୍ବଳ ବଣ୍ଟାଯାଇଥିଲା। ଚିନ୍ତନଚକ୍ରର ସଭ୍ୟ କ୍ଷେତ୍ରବାସୀ ରଥ, ମହେଶ ପ୍ରସାଦ ରଥ, ରୋଟାରୀ କ୍ଲବ ସମ୍ପାଦକ ଏସ୍. ଲେଙ୍କା, ରୋଟାରିଆନ ଶୈଳେଶ ଓ ଫାର୍ମାସୀ ମହାବିଦ୍ୟାଳୟ ସଭାପତି ଅନିମା ଦାସ, ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ, ନିର୍ଦ୍ଦେଶକ ବି.ବି. ବାରିକ, ଫାର୍ମାସୀ କଲେଜ ଉପାଧକ୍ଷ ସଞ୍ଜୟ କୁମାର ନାୟକ, ଅଧାପକ ସିଦ୍ଧେଶ୍ୱର ପାଢ଼ଯୋଶୀ ଉପସ୍ଥିତ ଥିଲେ ।




ଜଣେ ବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି ।

■ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଷଷ୍ଠ ଦିବସ

# ଶରଧାବାଲିରେ ମିଳୁଛି ଜ୍ଞାନର ଆଲୋକ

ପୁରୀ ଅଫିସ,୧୦।୧:

**ଜମୁଛି ନୃତ୍ୟ, ପ୍ରଶ୍ନମଞ୍ଚ ଓ ସାହିତ୍ୟ ଆସର**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଚାଲିଥିବା ୨୬ତମ ପୁସ୍ତକ ମେଳା ଶୁକ୍ରବାର ଷଷ୍ଠ ଦିନ ବିତିଛି। ଶରଧାବାଲିରେ ଜ୍ଞାନର ଆଲୋକ ବାଣ୍ଟୁଛି ଶ୍ରୀକ୍ଷେତ୍ର ପୁସ୍ତକ ମେଳା। ଓଡ଼ିଶା ସମେତ ଦିଲ୍ଲୀ, କୋଲକତା ପ୍ରଭୃତି ପ୍ରକାଶନ ସଂସ୍ଥା ଯୋଗଦାନ କରିଛନ୍ତି। ପୁସ୍ତକ ମେଳାର ଦିନ ସରି ଆସୁଥିବାବେଳେ ଗ୍ରାହକ ଓ ପାଠକମାନଙ୍କ ଭିଡ଼ ଜମିବାରେ ଲାଗିଛି। ବିଶେଷତଃ ଯୁବପିଢ଼ି ଏବଂ ପିଲାଙ୍କ ଲାଗି ରହିଛି ଭଳିକି ଭଳି ପାଠ୍ୟପୁସ୍ତକ, ଛବି ଓ ଗପ ବହି। ଏଥିସହିତ ହସ୍ତତନ୍ତ ଓ ପଟଚିତ୍ର, ଘରକରଣା ସାମଗ୍ରୀ ସମେତ ବ୍ରହ୍ମପୁର ଆଚାର ପାମ୍ପଡ଼ର ଚାହିଦା ରହିଛି। ପୁସ୍ତକ ମେଳାରେ ବହି କିଣା ସହ ଯୁବପିଢ଼ି ସେଲ୍ଫି, ମିନାବଜାରରେ ବୁଲିବା ଏବଂ ଚାଟ୍ ଖାଇବାର ମଜା ନେଉଛନ୍ତି। ଅପରାହ୍ନରେ ପୁସ୍ତକ ମେଳା ମଣ୍ଡପରେ ପିଲାଙ୍କ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ କଲେଜର ବିଦ୍ୟାର୍ଥୀ ଯୋଗଦାନ କରୁଛନ୍ତି।

ଟିଁକିଟାରା ଷ୍ଟଲରେ ବିପିନ ବିହାରୀ ଦଲାଇଙ୍କ ନେତୃତ୍ୱରେ ଚାଲିଥିବା ପଠନ ଚୁଙ୍ଗିରେ ବହି ପଢ଼ିବା ଲାଗି ଛାତ୍ରୀଛାତ୍ରଙ୍କ ଭିଡ ଜମୁଛି। ଶୁକ୍ରବାର ଭଗବତୀ ବିଦ୍ୟା ନିକେତନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ବିପିନ ଦଲାଇ କୁହନ୍ତି, ୬ଷ୍ଠ ଦିନରେ ବିଭିନ୍ନ ସ୍କୁଲର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମହାପୁରୁଷଙ୍କ ଜୀବନୀ ପଢିଛନ୍ତି। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟୀ ମିଶ୍ରଙ୍କ କୁଇଜ୍ ପ୍ରତିଯୋଗିତାରେ ପିଲାଙ୍କ ଭିଡ ଜମୁଛି। ଚାରୁକାରୁ କଳା ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚିତ୍ର ପ୍ରଦର୍ଶନୀ ଦର୍ଶକଙ୍କ ଆକର୍ଷିତ କରୁଛି। ଶୁକ୍ରବାର ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ସଙ୍ଗୀତ ପରିଷଦର ନୃତ୍ୟଶିଳ୍ପୀମାନେ ଗୋଟିଏ ପରେ ଗୋଟିଏ ଓଡ଼ିଶୀ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ନୁପୂରର ରୁଣୁଝୁଣୁ ଝଙ୍କାରରେ ଝଙ୍କରିତ ହୋଇଥିଲା ଶରଧାବାଲି। ଏହି ଅବସରରେ ନେପଥ୍ୟ ପରିଚୟ ଓ ହରିବୋଲ ହୁଳହୁଳି ପକ୍ଷରୁ ସାହିତ୍ୟ ଆସର ଆୟୋଜିତ ହୋଇଥିଲା। ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି, ମହେନ୍ଦ୍ର ତ୍ରିପାଠୀ, ଭୀମସେନ ମହାପାତ୍ର, ମୀନକେତନ ପାଢ଼ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ଚନ୍ଦ୍ର ପଟ୍ଟନାୟକ ଓ ପଦ୍ମାଳୟା ମିଶ୍ର ପରିଚାଳନା କରିଥିଲେ।



ପୁସ୍ତକ ମେଳାରେ ଯୁବତୀ ଯୁବକ ଏକ ଷ୍ଟଲରେ ପତ୍ରପତ୍ରିକା ଦେଖୁଛନ୍ତି ।